# ଧରିତ୍ରୀ
DHARITRI

ବ୍ରହ୍ମପୁର, ବୁଧବାର, ଡିସେମ୍ବର ୧୬/୨୦୨୦ (୧୬ ପୃଷ୍ଠା) | Berhampur, Wednesday, December 16/2020 | ★★★

୧୬ଶ ଭାଗ ୨୩୯ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-




**ଫିଟ୍‌ନେସ୍‌କୁ ନେଇ ଚର୍ଚ୍ଚାରେ ଜ୍ୟାକ୍‌ଲିନ**

ବଲିଉଡ୍ ଅଭିନେତ୍ରୀ ଜ୍ୟାକ୍‌ଲିନ ଫର୍ନାଡିଜ୍ ନିଜ ଫିଟନେସ୍‌କୁ ନେଇ ବେଶ୍ ଚର୍ଚ୍ଚାରେ। ନିକଟରେ ଜ୍ୟାକଲିନ ତାଙ୍କ ଜିମ୍ ଲୁକ୍‌ର ଏକ ଫଟୋ ଶେୟାର କରିଛନ୍ତି।

୧୪

୧୩

**ର୍‍ୟାଙ୍କିଂ ତାଲିକା ଦ୍ୱିତୀୟ ସ୍ଥାନରେ କୋହଲି**

ଆଇସିସି ଟେଷ୍ଟ ବ୍ୟାଟ୍ସମ୍ୟାନ ର୍‍ୟାଙ୍କିଙ୍ଗ୍ ତାଲିକାରେ ଭାରତୀୟ କ୍ରିକେଟ ଅଧିନାୟକ ବିରାଟ କୋହଲି ଦ୍ୱିତୀୟ ସ୍ଥାନକୁ ଉନ୍ନୀତ ହୋଇଛନ୍ତି।



# ୨୭ରୁ ଖୋଲିବ ଲିଙ୍ଗରାଜ

- ପ୍ରଥମ ପର୍ଯ୍ୟାୟରେ ସେବାୟତଙ୍କ ପରିବାର
- ୭ରୁ ସର୍ବସାଧାରଣଙ୍କ ଦର୍ଶନ
- ୩ରୁ ରାଜଧାନୀର ଅନ୍ୟ ମନ୍ଦିର ଖୋଲିବ



ଭୁବନେଶ୍ୱର,୧୫।୧୨(ବ୍ୟୁରୋ)

ପୁରୀ ଶ୍ରୀଜଗନ୍ନାଥ ମନ୍ଦିର ପରେ ଭୁବନେଶ୍ୱରରେ ଲିଙ୍ଗରାଜ ମନ୍ଦିରକୁ ଭକ୍ତଙ୍କ ଦର୍ଶନ ପାଇଁ ଖୋଲିବାକୁ ନିଷ୍ପତ୍ତି ନିଆଯାଇଛି। କରୋନା ସଂକ୍ରମଣ ଲାଗି ଗତ ମାର୍ଚ୍ଚ ମାସଠାରୁ ବନ୍ଦ ଥିବା ଲିଙ୍ଗରାଜ ମନ୍ଦିର ଡିସେମ୍ବର ୨୭ ତାରିଖରୁ ଖୋଲିବ ବୋଲି ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) କମିଶନର ପ୍ରେମଚନ୍ଦ୍ର ଚୌଧାରୀ ସୂଚନା ଦେଇଛନ୍ତି। ମନ୍ଦିର ଖୋଲିବା ପରେ ପ୍ରଥମ ପର୍ଯ୍ୟାୟରେ କେବଳ ସେବାୟତଙ୍କ ପରିବାର ଠାକୁର ଦର୍ଶନ କରିପାରିବେ। ଦ୍ୱିତୀୟ ପର୍ଯ୍ୟାୟରେ ଭୁବନେଶ୍ୱର ବାସିନ୍ଦା ଏବଂ ଏହାପରେ ରାଜ୍ୟବାସୀ ଶ୍ରୀଲିଙ୍ଗରାଜଙ୍କ ଦର୍ଶନ କରିପାରିବେ। ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

## ୨୦ ଲକ୍ଷ ଚର

# ଏମ୍‌ଏସ୍‌ଏମ୍‌ଇକୁ ସହାୟତା

## ୨୮୯.୪୨ କୋଟିର କୋଭିଡ୍ ପ୍ୟାକେଜ

ଭୁବନେଶ୍ୱର,୧୫।୧୨(ବ୍ୟୁରୋ)

**ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ**

- ଉପକୃତ ହେବେ ୭୦ ହଜାର ଏମ୍‌ଏସ୍‌ଏମ୍‌ଇ
- ଋଣ ସୁଧ, ଟପ୍-ଅପ୍, ଜିଏସ୍‌ଟି ଉପରେ ମିଳିବ ରିହାତି

କୋଭିଡ୍-୧୯ ଯୋଗୁ ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ(ଏମ୍‌ଏସ୍‌ଏମ୍‌ଇ)ଗୁଡ଼ିକ ଆର୍ଥିକ ଦୁର୍ଗତି ଦେଇ ଗତି କରୁଛନ୍ତି। ଏଥିରୁ ମୁକାଳିବା ପାଇଁ ରାଜ୍ୟ ସରକାର ୨୮୯.୪୨ କୋଟି ଟଙ୍କାର ପ୍ୟାକେଜ୍ ଘୋଷଣା କରିଛନ୍ତି। ମଙ୍ଗଳବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାକୁ ଅନୁମୋଦନ କରିଛନ୍ତି। ଏହାଦ୍ୱାରା ବିଶେଷ କରି ମହିଳା ଉଦ୍ୟୋଗୀ, ଦୁର୍ବଳ ଶ୍ରେଣୀର ଲୋକ, ଏମ୍‌ଏସ୍‌ଏମ୍‌ଇଉଦ୍ୟୋଗୀଉପକୃତହୋଇପାରିପାରିବେ।

ଏଥିରେ ଋଣ ସୁଧ, ଟପ୍-ଅପ୍ ଉପରେ ରିହାତି, ରାଜ୍ୟ ଜିଏସ୍‌ଟିର ପୁନଃଭରଣା ଏବଂ ବାର୍ଷିକ ଇନ୍‌ଷ୍ଟିଚ୍ୟୁଶନାଲ ☞ପୃଷ୍ଠା-୪

# ନିଖୋଜର ଦୁଃଖଦ ଅନ୍ତ

## ପରୀ ପରେ ସ୍ୱାତୀକୁ ହତ୍ୟା

ନୟାଗଡ଼ ଅଫିସ/ରଣପୁର,୧୫।୧୨(ସ୍ୱ.ପ୍ର.)

- ଗାଡ଼ିଆରୁ ମିଳିଲା ମୃତଦେହ
- ୧୧ରୁ ନିଖୋଜ ଥିଲେ
- ହତ୍ୟାକାରୀଙ୍କୁ ଗିରଫ ଦାବି ଜୋର୍ ଧରିଲା
- ପୋଲିସ ପାଇଁ ନୂଆ ଚ୍ୟାଲେଞ୍ଜ

ପରୀ ଅପହରଣ ଓ ହତ୍ୟା ଘଟଣାକୁ ନେଇ ରାଜ୍ୟବ୍ୟାପୀ ଆନ୍ଦୋଳନ, ଅନଶନ ଚାଲିଥିବା ବେଳେ ପୁଣି ସେମିତି ଏକ ଘଟଣା ନୟାଗଡ଼ ଜିଲାରେ ଘଟିଛି। ୫ଦିନ ନିଖୋଜ ପରେ ସ୍ୱାତୀ ନାମ୍ନୀ ୩ ବର୍ଷୀୟା ଝିଅର ମୃତଦେହ ମଙ୍ଗଳବାର ଏକ ପରିତ୍ୟକ୍ତ ଦଳଭର୍ତ୍ତି ଗାଡ଼ିଆରୁ ଜବତ କରାଯାଇଛି। ପରୀ ପରି ସ୍ୱାତୀକୁ ବି ଅପହରଣ କରାଯାଇ ହତ୍ୟା କରାଯାଇଥିବା ତାଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି। ନୟାଗଡ଼ ଜିଲା ରଣପୁର ଥାନା ସୁନାଖଳା ଫାଣ୍ଡି ଅଧୀନ ବଧିପାଟଣା ଗାଁରେ ଏହି ହୃଦୟବିଦାରକ ଘଟଣା ଘଟିଛି। ଶିଶୁକନ୍ୟାକୁ କେହି ☞ପୃଷ୍ଠା-୪

# ଚାଷୀଙ୍କୁ ବୀମା ପ୍ରହାର

ପ୍ରେମାନନ୍ଦ ଖମାରୀ
ବରଗଡ଼ ଅଫିସ୍,୧୫।୧୨

- ଭୁଆଁ ବୁଲାଉଛନ୍ତି ସରକାର
- ୧୬ଦିନ ଆଗରୁ ସରିଲା ବୀମା ଅବଧି
- ପ୍ରିମିୟମ ଦେବାରୁ ଚାଷୀ ବଞ୍ଚିତ
- ବିପର୍ଯ୍ୟୟ ହେଲେ ମିଳିବନି କ୍ଷତିପୂରଣ



ପ୍ରାକୃତିକ ବିପର୍ଯ୍ୟୟରେ କ୍ଷତିଗ୍ରସ୍ତ ଚାଷୀଙ୍କୁ ବୀମା କ୍ଷତିପୂରଣ ଯୋଗାଇ ଦେବା ପାଇଁ କେନ୍ଦ୍ର ସରକାର ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନା କାର୍ଯ୍ୟକାରୀ କରିଛନ୍ତି। ଏଥିରେ ରବି ଫସଲ ପାଇଁ ଚାଷୀମାନେ ଡିସେମ୍ବର ୩୧ ତାରିଖ ସୁଦ୍ଧା ବୀମା ପ୍ରିମିୟମ ରାଶି ଜମା କରିବା କଥା। କିନ୍ତୁ କେନ୍ଦ୍ର ସରକାର ଏହି ଅବଧି ବଢ଼ାଇବା ପରିବର୍ତ୍ତେ ୧୬ଦିନ ପଛକୁ ଫେରାଇ ଆଣିଛନ୍ତି। ବୀମାରାଶି ଜମା କରିବା ସମୟ ଡିସେମ୍ବର ୧୫ରେ ଶେଷ ହୋଇଯିବାରୁ ବହୁ ଚାଷୀ ସେମାନଙ୍କ ପ୍ରିମିୟମ ଦେଇପାରିନାହାନ୍ତି। ଫଳରେ ଆଗକୁ ପ୍ରାକୃତିକ ବିପର୍ଯ୍ୟୟ ହେଲେ ସେମାନେ ଆଉ କ୍ଷତିପୂରଣ ପାଇପାରିବେ ନାହିଁ। କରୋନା କାଳରେ କେନ୍ଦ୍ର ସରକାର ୩ ନୂଆ କୃଷି ଆଇନ ଆଣି ବିବାଦ ଘେରକୁ ଆସିଛନ୍ତି। ବର୍ତ୍ତମାନ ବୀମା ରାଶି ଭରିବା ଅବଧି କମ୍ କରିବା ଯୋଗୁ ପୁଣି ଏକ ନୂଆ ବିବାଦ ସୃଷ୍ଟି ହୋଇଛି। ଏହା ଚାଷୀଙ୍କୁ ସରକାରଙ୍କ ହତାଦରର ନମୁନା ବୋଲି ଆଲୋଚନା ହେଉଛି।

ବରଗଡ଼ ଜିଲା ମୁଖ୍ୟ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ଅନୁଯାୟୀ, ୨୦୨୦-୨୧ରେ ଏଚ୍‌ଡିଏଫ୍‌ସି ଆଗ୍ରୋ ବୀମା କମ୍ପାନୀ ଫସଲବୀମା ଦାୟିତ୍ୱରେ ରହିଛି। ୨୦୧୯-୨୦ ରବିଋତୁରେ ବରଗଡ଼ ଜିଲାର ୩୭୧୮ ଅଣଋଣୀ ଏବଂ ୧୭୮୨୦ ଋଣୀ ଚାଷୀ ଅର୍ଥାତ୍ ସମୁଦାୟ ୨୧ହଜାର ୫୩୮ ଚାଷୀ ପ୍ରିମିୟମ ଭରି ବୀମା ପାଇଁ ଆବେଦନ କରିଥିଲେ। ସେତେବେଳେ ଜିଲାର ୮୫୦୫.୬୭ ହେକ୍ଟର ଜମି ବୀମାଭୁକ୍ତ ହୋଇଥିଲା। ଚଳିତ ବର୍ଷ ଗତ ୯ତାରିଖ ସୁଦ୍ଧା ସମୁଦାୟ ୧୭ହଜାର ୯୯୭ଜଣ (୧୬ହଜାର ୨୧୧ ଋଣୀ, ୧୭୮୬ ଅଣଋଣୀ ଚାଷୀ) ପ୍ରିମିୟମ ଭରି ବୀମା ପାଇଁ ଆବେଦନ କରିଥିବାବେଳେ ମାତ୍ର ୩୬୦୯.୩୫ ହେକ୍ଟର ଜମି ବୀମାଭୁକ୍ତ ହୋଇ ପାରିଛି, ଯାହାକି ଗତ ରବିଋତୁ ବୀମାଭୁକ୍ତ ଫସଲଠାରୁ ବହୁ ଦୂରରେ ରହିଛି। ଗତ ନଭେମ୍ବରରୁ ରବିଋତୁ ଫସଲ ପାଇଁ ଏହି ବୀମା କମ୍ପାନୀ ପ୍ରିମିୟମ ରାଶି ସଂଗ୍ରହ କରୁଛି। ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନାର ଗାଇଡ୍‌ଲାଇନ୍ ଅନୁଯାୟୀ, ରବି ଫସଲ ପାଇଁ ଚାଷୀମାନେ ଡିସେମ୍ବର ୩୧ ତାରିଖ ପର୍ଯ୍ୟନ୍ତ ବୀମା ପ୍ରିମିୟମ ଭରି ପାରିବେ। ମାତ୍ର ଏବେ ଏହି ଅବଧିକୁ ଡିସେମ୍ବର ୧୫ ପର୍ଯ୍ୟନ୍ତ ରଖାଯାଇ ମଙ୍ଗଳବାର ବୀମା ପ୍ରିମିୟମ ଜମା କରିବା ଅବଧି ଶେଷ ହୋଇଛି । ୧୬ ଦିନ ଆଗରୁ ଏହା ସରିଯାଇଥିବାରୁ ବରଗଡ଼ ସମେତ ଅନ୍ୟ ଜିଲାର ଚାଷୀମାନେ ସେମାନଙ୍କ ବୀମା ପ୍ରିମିୟମ ରାଶି ଜମା କରି ପାରିନାହାନ୍ତି। ଧାନବିକ୍ରି ସରି ନ ଥିବାରୁ ଚାଷୀମାନଙ୍କୁ ବିକ୍ରିଧାନର ପ୍ରାପ୍ୟ ମିଳିପାରିନାହିଁ। ଫଳରେ ସେମାନେ ଋଣ ପରିଶୋଧ ସହିତ ବୀମା ପ୍ରିମିୟମ ଭରିପାରିନାହାନ୍ତି। ବାରମ୍ବାର ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହେଉଥିବା ଯୋଗୁ ଚାଷୀମାନେ ବୀମା ପ୍ରିମିୟମ ଜମା କରିବା ପାଇଁ ମଧ୍ୟ ଆଗ୍ରହ ପ୍ରକାଶ କରୁଛନ୍ତି। ମାତ୍ର ବୀମା ପ୍ରିମିୟମ ଜମା ଅବଧି ହ୍ରାସ କରାଯାଇଥିବାରୁ ତାହା ଚାଷୀଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି। ଏଥିପାଇଁ ଅନେକ ଚାଷୀ ବୀମା ପ୍ରିମିୟମ ରାଶି ଜମା କରିବାରୁ ବଞ୍ଚିତ ହେବେ । ଏହାକୁ ନେଇ ଚାଷୀ ଅସନ୍ତୋଷ ବଢ଼ିବାରେ ଲାଗିଛି।

'ଜୟ କିଷାନ' ଆନ୍ଦୋଳନର ଉପଦେଷ୍ଟା ରମେଶ ମହାପାତ୍ର କହିଛନ୍ତି, କରୋନା କଟକଣା ସମୟରେ କେନ୍ଦ୍ର ☞ପୃଷ୍ଠା-୪






ସରକାରଙ୍କୁ ସମାଲୋଚନା କରିବା ଅଭିଯୋଗରେ ଭିଏତନାମର ଜଣେ ଲେଖକ ଟ୍ରାନ ଡକ୍ ଥାଚ୍‌ଙ୍କୁ ୧୨ ବର୍ଷ ଜେଲ ଦଣ୍ଡାଦେଶ ହୋଇଛି। ୬୯ ବର୍ଷୀୟ ଏହି ଲେଖକ ତାଙ୍କ ଫେସ୍‌ବୁକ୍ ପେଜରେ ସରକାର ବିରୋଧୀ ଏକ ପ୍ରବନ୍ଧ ଲେଖି ପୋଷ୍ଟ କରିଥିଲେ। ୨୦୦୯ରେ ସମାନ ଅଭିଯୋଗରେ ଟ୍ରାନଙ୍କୁ ୩ ବର୍ଷ ଜେଲ ହୋଇଥିଲା। ତେବେ ୨୦୧୧ରେ ଦେଶରେ ଜାତୀୟ ଦିବସ ପାଳନ ଅବସରରେ କ୍ଷମା ପାଇଥିବା ୧୦ ହଜାର କଏଦୀଙ୍କ ମଧ୍ୟରେ ଟ୍ରାନଙ୍କ ନାମ ସାମିଲ ଥିଲା।

## ସଂକ୍ଷେପରେ

### ୟୁପିରେ ନିର୍ବାଚନ ଲଢ଼ିବ ଏଏପି

**ନୂଆଦିଲ୍ଲୀ, ୧୫।୧୨:** ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କ ଦଳ ଆମ୍ ଆଦ୍‌ମୀ ପାର୍ଟି (ଏଏପି) ୨୦୨୨ ଉତ୍ତରପ୍ରଦେଶ ବିଧାନସଭା ନିର୍ବାଚନ ଲଢ଼ିବ। ଏ ନେଇ କେଜରିୱାଲ ମଙ୍ଗଳବାର ଏକ ଖବରଦାତା ସମ୍ମିଳନୀରେ ଘୋଷଣା କରିଛନ୍ତି। ଆଜି ପର୍ଯ୍ୟନ୍ତ ଉତ୍ତରପ୍ରଦେଶ ଏକ ବିକଶିତ ରାଜ୍ୟ ହୋଇପାରି ନାହିଁ ବୋଲି କେଜରିୱାଲ କହିଛନ୍ତି। କେଜ୍‌ରିୱାଲଙ୍କ ଏହି ଘୋଷଣା ପରେ ୟୁପି ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ତାଙ୍କୁ ସମାଲୋଚନା କରିଛନ୍ତି। କେଜ୍‌ରିୱାଲ ଦିଲ୍ଲୀର ବିକାଶ ପାଇଁ ବିଫଳ ହୋଇଥିବା ଯୋଗୀ ଅଭିଯୋଗ କରିଛନ୍ତି। ଏଥିସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିପକ୍ଷରେ ୨୦୧୪ରେ କେଜରିୱାଲ ବାରଣାସୀ ଲୋକ ସଭା ନିର୍ବାଚନ ଲଢ଼ି ପରାସ୍ତ ହୋଇଥିବା କଥା ମନେ ପକାନ୍ତୁ ବୋଲି ଯୋଗୀ କହିଛନ୍ତି।

### ଟୁଇଟର ଯୁଦ୍ଧରେ ପ୍ରଣବଙ୍କ ଝିଅ-ପୁଅ

**ନୂଆଦିଲ୍ଲୀ, ୧୫।୧୨:** ରାଷ୍ଟ୍ରପତି ଥିବାବେଳର ଅଭିଜ୍ଞତା ଓ କଂଗ୍ରେସର ନେତୃତ୍ୱକୁ ନେଇ ଭାରତର ପୂର୍ବତନ ରାଷ୍ଟ୍ରପତି ସ୍ୱର୍ଗତ ପ୍ରଣବ ମୁଖାର୍ଜୀଙ୍କ ପୁସ୍ତକ 'ଦି ପ୍ରେସିଡେନ୍ସିଆଲ ଇୟର୍ସ' ପ୍ରକାଶନ ପୂର୍ବରୁ ବିବାଦୀୟ ହେବାରେ ଲାଗିଛି। ପୁସ୍ତକକୁ ପବ୍ଲିଶ ନ କରିବାକୁ ତାଙ୍କ ପୁଅ ଅଭିଜିତ୍ ମୁଖାର୍ଜୀ ପ୍ରକାଶକ 'ରୁପା-ବୁକ୍ସ'କୁ ନିବେଦନ କରିଥିବାବେଳେ ଏହାକୁ ବିରୋଧ କରିଛନ୍ତି ଅଭିଜିତ୍‌ଙ୍କ ଭଉଣୀ ଶର୍ମିଷ୍ଠା ମୁଖାର୍ଜୀ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ଟୁଇଟର ଯୁଦ୍ଧ ଚାଲିଥିବା ଦେଖିବାକୁ ମିଳିଛି। ୨୦୧୨ରେ ରାଷ୍ଟ୍ରପତି ନିର୍ବାଚିତ ହେବା ପରେ କଂଗ୍ରେସ ତାର ରାଜନୈତିକ ଏକାଗ୍ରତା ହରାଇଥିଲା। ଦଳର ଅଧକ୍ଷା ସୋନିଆ ଗାନ୍ଧୀ ସଙ୍ଗଠନକୁ ମଜଭୁତ କରିପାରି ନ ଥିଲେ। ଫଳରେ ଲଗାତର ଦୁଇଟି ନିର୍ବାଚନରେ କଂଗ୍ରେସକୁ ପରାଜୟର ମୁହଁ ଦେଖିବାକୁ ପଡିଥିଲା ବୋଲି ପ୍ରଣବ ଉକ୍ତ ପୁସ୍ତକରେ ଉଲ୍ଲେଖ କରିଥିଲେ। ଏହାକୁ ନେଇ କଂଗ୍ରେସରେ ବିବାଦ ସୃଷ୍ଟି ହୋଇଛି। ଅଭିଜିତ୍ ଓ ଶର୍ମିଷ୍ଠା କଂଗ୍ରେସର ସଦସ୍ୟ ଥିବାବେଳେ ସେମାନଙ୍କ ମଧ୍ୟରେ ମତଭେଦ ଦେଖିବାକୁ ମିଳିଛି। ପୁସ୍ତକ ପ୍ରକାଶନରେ କୌଣସି ବାଧା ନ ଉପୁଜାଇବାକୁ ଶର୍ମିଷ୍ଠା ତାଙ୍କ ଭାଇଙ୍କୁ ଟୁଇଟ ମାଧମରେ କହିଛନ୍ତି।

### ଜାନୁୟାରୀ ୨୬ରେ ବୋରିସ୍ ମୁଖ୍ୟଅତିଥି

**ନୂଆଦିଲ୍ଲୀ, ୧୫।୧୨:** ଜାନୁୟାରୀ ୨୬ରେ ସାଧାରଣତନ୍ତ୍ର ଦିବସ ପାଳନ ଅବସରରେ ବ୍ରିଟେନ ପ୍ରଧାନମନ୍ତ୍ରୀ ଜନସନ୍ ବୋରିସ୍ ଭାରତର ମୁଖ୍ୟଅତିଥି ହେବେ। ନିମନ୍ତ୍ରଣ ରକ୍ଷାକରି ସେ ଦିଲ୍ଲୀ ଆସିବେ ବୋଲି ତାଙ୍କ କାର୍ଯ୍ୟାଳୟ ପକ୍ଷରୁ ସ୍ପଷ୍ଟ କରାଯାଇଛି। ଗତବର୍ଷ ବୋରିସ୍ ପ୍ରଧାନମନ୍ତ୍ରୀ ନିର୍ବାଚିତ ହେବା ପରେ ଏହା ତାଙ୍କର ପ୍ରଥମ ଭାରତ ଗସ୍ତ। ଏ ନେଇ ବୋରିସ୍ କହିଛନ୍ତି, ତାଙ୍କ ପାଇଁ ଏହା ଅତି ସମ୍ମାନର କଥା ଏବଂ ଭାରତ ଯିବାକୁ ସେ ଉତ୍ସାହିତ। ଏହି ଗସ୍ତ ଦ୍ୱାରା ଉଭୟ ଦେଶ ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କ ମଜଭୁତ ହେବ। ଏଥିସହ ବୋରିସ୍ ଆସନ୍ତା ବର୍ଷ ବ୍ରିଟେନରେ ହେବାକୁ ଥିବା ଜି-୭ ବୈଠକକୁ ମୋଦିଙ୍କୁ ଆମନ୍ତ୍ରଣ କରିଛନ୍ତି।

# ପୃଷ୍ଠା ଲେଉଟାଇବା ସମୟ

**ଆମେରିକା ନିର୍ବାଚନରେ ରିପବ୍ଲିକାନ୍ ଡୋନାଲ୍ଡ ଟ୍ରମ୍ପଙ୍କୁ ହରାଇ ୭୮ ବର୍ଷୀୟ ଡେମୋକ୍ରାଟ ଜୋ ବାଇଡେନ୍ ବିଜୟୀ ହୋଇଛନ୍ତି। ଇଲେକ୍ଟୋରାଲ କଲେଜ ସୋମବାର ଏହି ବିଷୟ ଘୋଷଣା କରିଛି। ୫୩୮ ସଦସ୍ୟ ବିଶିଷ୍ଟ ଇଲେକ୍ଟୋରାଲ କଲେଜ ନିର୍ବାଚିତ ରାଷ୍ଟ୍ରପତି ବାଇଡେନ୍ କୁହୁକ ସଂଖ୍ୟା ୨୭୦ ଅତିକ୍ରମ କରିଥିବା ସ୍ପଷ୍ଟ କରିଛି। ତାଙ୍କୁ ୩୦୬ ଭୋଟ ମିଳିଥିବାବେଳେ ଟ୍ରମ୍ପ ୨୩୨ରେ ସୀମିତ ରହିଛନ୍ତି। ବାଇଡେନ୍‌ଙ୍କ ବିଜୟର ଆନୁଷ୍ଠାନିକ ଘୋଷଣା ସହ ତାଙ୍କ ନିକଟକୁ ଅଭିନନ୍ଦନର ସୁଅ ଛୁଟିବାରେ ଲାଗିଛି। ଏହି ଅବସରରେ ବାଇଡେନ୍ କହିଛନ୍ତି, ଏବେ ପୃଷ୍ଠା ଲେଉଟାଇବାର ସମୟ ଉପନୀତ।**

ୱାଶିଂଟନ,୧୫।୧୨



ହ୍ୱାଇଟ୍ ହାଉସ୍ ଦୌଡ଼ରେ ଡୋନାଲ୍ଡ ଟ୍ରମ୍ପ ପୁନର୍ବାର ବିଜୟୀ ହେବା ପାଇଁ ନାନା ଫନ୍ଦିଫିକର କରିଥିଲେ। ହେଲେ ତାଙ୍କର ସବୁ ଉଦ୍ୟମ ପାଣିରେ ପଡ଼ିଯାଇଛି। ବିଶେଷକରି ବାଇଡେନ୍‌ଙ୍କ ବିଜୟକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିବା ଟ୍ରମ୍ପଙ୍କ ପିଟିଶନ୍ ଶୁକ୍ରବାର ଖାରଜ ହୋଇଯିବା ପରେ ଏହି ଆଇନଗତ ଲଢ଼େଇରେ ପୂର୍ଣ୍ଣଚ୍ଛେଦ ପଡ଼ିଥିଲା। ଏହାସହ ଜାନୁୟାରୀ ୨୦ରେ ବାଇଡେନ୍ ଆମେରିକାର ୪୬ତମ ରାଷ୍ଟ୍ରପତି ଭାବେ ଶପଥ ନେବା ପାଇଁ ପଥ ପରିଷ୍କାର ହୋଇଥିଲା। ଏଥିସହ ତାଙ୍କ ରନିଂମେଟ୍ କମଲା ହାରିସ୍ ଉପରାଷ୍ଟ୍ରପତି ହେବା ନିଶ୍ଚିତ ହୋଇଥିଲା। ଏବେ ଇଲେକ୍ଟୋରାଲ କଲେଜ ଭୋଟଗୁଡ଼ିକୁ ଆସନ୍ତା ମାସରେ ଆନୁଷ୍ଠାନିକ ଗଣତି ପାଇଁ କଂଗ୍ରେସକୁ ପଠାଯିବ। କେତେଜଣ ହାଉସ୍ ରିପବ୍ଲିକାନ୍ କେତେକ ଗୁରୁତ୍ୱପୂର୍ଣ୍ଣ ରାଜ୍ୟରେ ଫଳାଫଳକୁ ବିରୋଧ କରିବା ନେଇ ସଙ୍କେତ ଦେଇଛନ୍ତି। ଫଳରେ ଜାନୁୟାରୀ ୬ରେ ହେବାକୁ ଥିବା କଂଗ୍ରେସର ମିଳିତ ଅଧିବେଶନ ସାମାନ୍ୟ ବିଳମ୍ବିତ ହୋଇପାରେ।

ସେପଟେ ଇଲେକ୍ଟୋରାଲ କଲେଜର ଘୋଷଣା ପରେ ବାଇଡେନ୍ ନିଜ ସହର ୱିଲମିଂଟନର ଦେଲାୱେରରେ ସୋମବାର କହିଛନ୍ତି, ଆମେରିକାର ଗଣତନ୍ତ୍ରକୁ ଧମକ ଦିଆଯାଇଥିବା ସତ୍ତ୍ୱେ ଏହା ନିଜର ଦୃଢ଼ତାକୁ ପ୍ରମାଣିତ କରିଛି। ଟ୍ରମ୍ପଙ୍କ ଅସାଧୁ ଉଦ୍ୟମ ଉପରେ ଆଇନର ଶାସନ, ଆମ ସମ୍ବିଧାନ ଓ ଲୋକଙ୍କ ଇଚ୍ଛାର ବିଜୟ ହୋଇଛି। ଆମେରିକାର ଆତ୍ମାକୁ ନେଇ ଏହି ଯୁଦ୍ଧରେ ଗଣତନ୍ତ୍ର ଜିତିଛି। ବର୍ତ୍ତମାନ ପୃଷ୍ଠା ଲେଉଟାଇବା ସମୟ ଆସିଛି। ସମସ୍ତଙ୍କୁ ଏକତ୍ରିତ ଓ ଉପଶମ କରିବାର ବେଳ ଆସିଛି।

## ବାଇଡେନ୍‌ଙ୍କୁ ଅଭିନନ୍ଦନ ଜଣାଇଲେ ପୁଟିନ

ମସ୍କୋ,୧୫।୧୨

ଶେଷରେ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ ଆମେରିକାର ନବ ନିର୍ବାଚିତ ରାଷ୍ଟ୍ରପତି ଜୋ ବାଇଡେନଙ୍କୁ ତାଙ୍କ ବିଜୟ ପାଇଁ ଅଭିନନ୍ଦନ ଜଣାଇଛନ୍ତି। ବାଇଡେନ୍‌ଙ୍କ ବିଜୟର ୬ ସପ୍ତାହ ପରେ ମଙ୍ଗଳବାର ଇଲେକ୍ଟୋରାଲ କଲେଜ ଏନେଇ ଆନୁଷ୍ଠାନିକ ଘୋଷଣା କରିଛି। ପୂର୍ବରୁ କ୍ରେମ୍‌ଲିନ୍ ପକ୍ଷରୁ କୁହାଯାଇଥିଲା ଯେ, ବିଧିବଦ୍ଧ ଭାବେ ତାଙ୍କ ବିଜୟ ନେଇ ଘୋଷଣା କରାଯିବା ପରେ ହିଁ ଶୁଭେଚ୍ଛା ଜଣାଇବା ଉଚିତ ହେବ। ତେଣୁ ବିଜେତାଙ୍କୁ ପୁଟିନ ଅଭିନନ୍ଦନ ଜଣାଇବା ପୂର୍ବରୁ ଅପେକ୍ଷା କରିବେ। ମଙ୍ଗଳବାର ପୁଟିନ



ପ୍ରେସିଡେଣ୍ଟ ଇଲେକ୍ଟ ବାଇଡେନଙ୍କ ସଫଳତା କାମନା କରିଛନ୍ତି। ତାଙ୍କ କାର୍ଯ୍ୟକାଳରେ ରୁଷିଆ ଓ ଆମେରିକାର ସମ୍ପର୍କ ସୁଦୃଢ଼ ହେବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି।


### ଅଷ୍ଟମ ଜନ୍ମଦିନ ଶୁଭେଚ୍ଛା



ଜ୍ୟୋତିଷ୍କା ଶତପଥୀ (ଡୁଡୁଲ)
ପୋଖରୀପୁଟ, ଭୁବନେଶ୍ୱର

ଶ୍ରୀ ଜଗତରନାଥ ଶ୍ରୀଜଗନ୍ନାଥଙ୍କ କୃପାରୁ ତୋର ଜୀବନ ସୁଖମୟ ହେଉ।

-:ଶୁଭେଚ୍ଛା ସହ:-
ନନା, ବୋଉ, ଆଇ, ମାମୁ, ଜିନୁ ଆଇ, ପପୁ ମାମୁ, ବାବା, ମମି, ଖୁସି ଦିଦି, ଲୁସି ଦିଦି, ନାନୀ, ପିଇସା, ପାପା, ମାମା।

ଧ-୧୯୨୩୮

### ପ୍ରଥମ ଜନ୍ମଦିବସ ଶୁଭେଚ୍ଛା



ଶ୍ରଦ୍ଧା
ଅନ୍ୱେଷା ପଣ୍ଡା
ବ୍ରହ୍ମପୁର

ଆଜି ତୋର ପ୍ରଥମ ଶୁଭ ଜନ୍ମଦିନ ଅବସରରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କଠାରେ ଏତିକି ପ୍ରାର୍ଥନା ତୋତେ ଦୀର୍ଘାୟୁ ଓ ଯଶସ୍ୱୀ କରାନ୍ତୁ। ଭଲ ମଣିଷ କରି ଗଢ଼ି ତୋଳନ୍ତୁ। ତୋର ଭବିଷ୍ୟତ ଜୀବନ ଉଜ୍ଜ୍ୱଳମୟ ଓ ଚଲାପଥ କୁସୁମିତ ହେଉ।

-:ଶୁଭେଚ୍ଛା ସହ:-
ମାମା, ପାପା, ମା', ବାପା, ଅଜା, ଆଇ, ବନ୍ଧୁ ଓ ପରିବାରବର୍ଗ।

ଧ-୧୯୨୪୩


## ଏଥର ହେବନି ଶୀତ ଅଧିବେଶନ

ନୂଆଦିଲ୍ଲୀ,୧୫।୧୨(ପି.ଟି.)

**ଜାନୁୟାରୀରେ ବଜେଟ ଅଧିବେଶନ**



ଏବର୍ଷ ପାର୍ଲାମେଣ୍ଟର ଶୀତ ଅଧିବେଶନ ହେବ ନାହିଁ। କୋଭିଡ୍-୧୯ ମହାମାରୀକୁ ଦୃଷ୍ଟିରେ ରଖି ଏପରି ନିଷ୍ପତ୍ତି ନିଆଯାଇଛି। ୨୦୨୧ ଜାନୁୟାରୀରେ ବଜେଟ ଅଧିବେଶନ ଡକାଯିବ ବୋଲି କେନ୍ଦ୍ର ସରକାରଙ୍କ ପକ୍ଷରୁ ମଙ୍ଗଳବାର ସୂଚନା ଦିଆଯାଇଛି।

ସଂସଦୀୟ ବ୍ୟାପାର ମନ୍ତ୍ରୀ ପ୍ରହ୍ଲାଦ ଜୋଷୀ ଲୋକ ସଭାରେ କଂଗ୍ରେସ ନେତା ଅଧୀର ରଞ୍ଜନ ଚୌଧୁରୀଙ୍କ ନିକଟକୁ ଏନେଇ ଏକ ପତ୍ର ଲେଖିଛନ୍ତି। ଏଥିରେ ସେ କହିଛନ୍ତି, କରୋନା ମହାମାରୀ ମୁକାବିଲା ପାଇଁ ଶୀତ ଋତୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ନିକଟରେ ସଂକ୍ରମଣ ବୃଦ୍ଧି ପାଇଛି। ବିଶେଷକରି ଦିଲ୍ଲୀରେ ସଂକ୍ରମିତଙ୍କ ସଂଖ୍ୟା ଅଧିକ ରହିଛି। କୋଭିଡ୍ ଭାକ୍ସିନ ଖୁବ୍‌ଶୀଘ୍ର ଆସିବ ବୋଲି ଆଶା କରାଯାଉଛି। ତେଣୁ ସରକାର ୨୦୨୧ ବଜେଟ ଅଧିବେଶନ ଆସନ୍ତା ଜାନୁୟାରୀରେ ଡାକିବାକୁ ଚାହୁଁଛନ୍ତି। ଶୀତ ଅଧିବେଶନ ନ ଡକାଯିବା ନେଇ ସରକାରଙ୍କ ନିଷ୍ପତ୍ତି ସମ୍ପର୍କରେ ସଂସଦୀୟ ଦଳ ନେତାମାନଙ୍କୁ ଅବଗତ କରାଯାଇଛି। ପ୍ରକାଶ ଯେ, ପାର୍ଲାମେଣ୍ଟର ଶୀତ ଅଧିବେଶନ ସାଧାରଣତଃ ନଭେମ୍ବର ଶେଷ ସପ୍ତାହ କିମ୍ବା ଡିସେମ୍ବର ମାସର ପ୍ରଥମ ସପ୍ତାହରେ ଆୟୋଜିତ ହୋଇଥାଏ। ଦୁଇଟି ଅଧିବେଶନ ମଧ୍ୟରେ ୬ ମାସର ବ୍ୟବଧାନ ରହିବ ନାହିଁ ବୋଲି ସମ୍ବିଧାନରେ ଉଲ୍ଲେଖ ରହିଛି। ସେହିପରି ପ୍ରତିବର୍ଷ ବଜେଟ, ମୌସୁମୀ ଓ ଶୀତ ଅଧିବେଶନ ଆୟୋଜନର ମଧ୍ୟ ବ୍ୟବସ୍ଥା ରହିଛି। କରୋନା ଭାଇରସ୍ ସଂକ୍ରମଣ ଯୋଗୁ ଗତ ମୌସୁମୀ ଅଧିବେଶନ ଅବଧିରେ କାଟଛାଣ୍ଟ କରାଯାଇଥିଲା। ଏହା ସତ୍ତ୍ୱେ ସମସ୍ତ ରାଜନୈତିକ ଦଳର ସହଯୋଗ ଯୋଗୁ ଏହି ଅଧିବେଶନ ଫଳପ୍ରଦ ହୋଇପାରିଥିଲା ବୋଲି ସଂସଦୀୟ ବ୍ୟାପାର ମନ୍ତ୍ରୀ ଜୋଷୀ ଗୃହର ସମସ୍ତ ସଦସ୍ୟଙ୍କୁ ଧନ୍ୟବାଦ ଦେଇଛନ୍ତି।



## କର୍ଣ୍ଣାଟକ ବିଧାନ ପରିଷଦରେ ହାଇଡ୍ରାମା

ବେଙ୍ଗାଲୁରୁ,୧୫।୧୨(ପି.ଟି.); କର୍ଣ୍ଣାଟକ ବିଧାନ ପରିଷଦରେ ମଙ୍ଗଳବାର ହାଇଡ୍ରାମା ଦେଖିବାକୁ ମିଳିଛି। ଅନାସ୍ଥା ପ୍ରସ୍ତାବକୁ ନେଇ ଶାସକ ଭାଜପା ସହ ବିରୋଧୀ ଧର୍ମନିରପେକ୍ଷ ଜନତା ଦଳ (ଜେଡିଏସ୍) ଏବଂ କଂଗ୍ରେସ ସଦସ୍ୟମାନେ ପରସ୍ପରକୁ ଟଣାଓଟରା କରି ଧସ୍ତାଧସ୍ତି ହୋଇଥିଲେ। ବିରୋଧୀ ସଦସ୍ୟମାନେ ଉପବାଚସ୍ପତିଙ୍କୁ ତାଙ୍କ ଆସନରୁ ତଳକୁ ଟାଣିଥିଲେ। ହଟ୍ଟଗୋଳ ଓ ଅଚଳାବସ୍ଥା ମଧ୍ୟରେ ପରିଷଦର ଅନେକ ବରିଷ୍ଠ ସଦସ୍ୟ ଏହାକୁ ଅଭୂତପୂର୍ବ କଳଙ୍କିତ ଅଧ୍ୟାୟ ଭାବେ ଅଭିହିତ କରିଥିଲେ। ଶେଷରେ ଗୃହକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ମୁଲତବୀ ଘୋଷଣା କରାଯାଇଛି। ଉଭୟ ଭାଜପା ଏବଂ ଜେଡିଏସ୍ ରାଜ୍ୟପାଳ ଭଜୁଭାଇ ଭାଲାଙ୍କ ହସ୍ତକ୍ଷେପ ଲୋଡ଼ିଛନ୍ତି। ପ୍ରକାଶ ଯେ, ଭାଜପା ସଦସ୍ୟମାନଙ୍କ ପକ୍ଷରୁ ଆଗତ ଅନାସ୍ଥା ପ୍ରସ୍ତାବ ମଙ୍ଗଳବାର କାର୍ଯ୍ୟସୂଚୀରେ ସ୍ଥାନ ପାଇ ନ ଥିଲା। ଗୃହର ଅଧ୍ୟକ୍ଷ କେ. ପ୍ରତାପଚନ୍ଦ୍ର ସେଟ୍ଟି ପ୍ରସ୍ତାବରେ ତାଙ୍କ ବିରୋଧରେ ନିର୍ଦ୍ଦିଷ୍ଟ ଭାବେ କିଛି ଅଭିଯୋଗ ନ ଥିବା ଦର୍ଶାଇ ଏହାକୁ ଖାରଜ କରିଦେଇଥିବାରୁ ଏଭଳି ଅଚଳାବସ୍ଥା ସୃଷ୍ଟି ହୋଇଥିଲା।

## ୧୭ରେ ମୋଦି-ହାସିନା ଆଲୋଚନା

ନୂଆଦିଲ୍ଲୀ, ୧୫।୧୨

ଭାରତ ଓ ବାଂଲାଦେଶ ମଧ୍ୟରେ ଆସନ୍ତା ଗୁରୁବାର ଦ୍ୱିପାକ୍ଷିକ ଆଲୋଚନା ହେବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ବାଂଲାଦେଶ ପ୍ରତିପକ୍ଷ ଶେଖ ହାସିନାଙ୍କ ମଧ୍ୟରେ ଏହି ଭର୍ଚୁଆଲ ବୈଠକରେ କେତେକ ଗୁରୁତ୍ୱପୂର୍ଣ୍ଣ ଚୁକ୍ତି ସ୍ୱାକ୍ଷର ହୋଇପାରେ। ଆସନ୍ତା ବର୍ଷ ଶେଷ ହେବାକୁ ଥିବା ଏକ ତେଲ ପାଇପଲାଇନ ପ୍ରକଳ୍ପ, ୩ଟି ସୀମାପାର ରେଳ ସଂଯୋଗ ନିର୍ମାଣ ସମେତ ଅନ୍ୟ ଦ୍ୱିପାକ୍ଷିକ ପ୍ରକଳ୍ପଗୁଡିକର ଅଗ୍ରଗତିର ସମୀକ୍ଷା କରାଯାଇପାରେ। ଏହା ପୂର୍ବରୁ ବାଂଲାଦେଶ ବହିର୍ବ୍ୟାପାର ସଚିବ ମାସୁଦ ବିନ୍ ମୋମେନ ନୂଆଦିଲ୍ଲୀ ଗସ୍ତ କରି ଭାରତର ବହିର୍ବ୍ୟାପାର ସଚିବ ହର୍ଷବର୍ଦ୍ଧନ ଶ୍ରିଙ୍ଗଲାଙ୍କ ସମେତ ଅନ୍ୟ ପ୍ରମୁଖ ଅଧିକାରୀଙ୍କୁ ଭେଟିବା କାର୍ଯ୍ୟକ୍ରମ ରହିଛି। ଜାତୀୟ ନାଗରିକ ପଞ୍ଜିକା (ଏନ୍‌ଆର୍‌ସି) ଏବଂ ନାଗରିକତ୍ୱ ସଂଶୋଧନ ଆକ୍ଟ (ସିଏଏ)କୁ ନେଇ ଦୁଇ ଦେଶ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ବୈଠକ ପରେ ପୁଣି ଉଭୟ ଦେଶ ମଧ୍ୟରେ ସମ୍ପର୍କ ସୁଧୁରିପାରିବ ବୋଲି ଆଶା କରାଯାଉଛି। ଅନ୍ୟପକ୍ଷରେ ବାଂଲାଦେଶ ସ୍ୱାଧୀନ ହେବାର ୫୦ ବର୍ଷ ପୂର୍ତ୍ତି ଅବସରରେ ମୋଦିଙ୍କୁ ଅତିଥି ଭାବେ ଢାକା ଆମନ୍ତ୍ରଣ କରିଛି। ଗତ ମାର୍ଚ୍ଚରେ ଶେଖ ମୁଜିବୁର ରହମାନଙ୍କ ଜନ୍ମ ଶତବାର୍ଷିକୀ ପାଳନ ଉତ୍ସବରେ ଯୋଗଦେବା ପାଇଁ ମୋଦିଙ୍କ ବାଂଲାଦେଶ ଗସ୍ତ କାର୍ଯ୍ୟକ୍ରମ ଥିଲେ ମଧ୍ୟ କୋଭିଡ୍ ମହାମାରୀ ଯୋଗୁ ତାହାକୁ ବାତିଲ କରାଯାଇଥିଲା। ଗତ ଜୁଲାଇରେ ଭାରତ ବାଂଲାଦେଶକୁ ୧୦ଟି ରେଳ ଇଞ୍ଜିନ ଯୋଗାଇ ଦେଇଥିଲା। ଏହାପୂର୍ବରୁ ପ୍ରଥମ କଣ୍ଟେନର ଟ୍ରେନ୍ ବାଂଲାଦେଶରେ ପହଞ୍ଚିଥିଲା ଏବଂ ଚାଟ୍ଟୋଗ୍ରାମ୍ ବନ୍ଦର ଦେଇ କୋଲକାତାରୁ ତ୍ରିପୁରାକୁ ପଠାଯାଇଥିଲା। ଗତ ବର୍ଷ ଅକ୍ଟୋବରରେ ବାଂଲାଦେଶ ପ୍ରଧାନମନ୍ତ୍ରୀ ଭାରତ ଗସ୍ତରେ ଆସିଥିଲେ।

## 'ବୃହତ୍ ଖଣ୍ଡପୀଠରେ ଅପିଲ ଅଧିକାର ରହୁ'

ନୂଆଦିଲ୍ଲୀ,୧୫।୧୨(ପି.ଟି.)

ଅଦାଲତ ଅବମାନନା ଅଭିଯୋଗରେ ଦୋଷୀ ସାବ୍ୟସ୍ତ ହୋଇଥିବା ବରିଷ୍ଠ ଆଇନଜୀବୀ ପ୍ରଶାନ୍ତ ଭୂଷଣ ଦୁଇଟି ରିଭ୍ୟୁ ପିଟିଶନକୁ ବିଚାରକୁ ନିଆଯିବା ପୂର୍ବରୁ ତାଙ୍କ ପିଟିଶନର ଶୁଣାଣି କରିବା ପାଇଁ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ପ୍ରଶାନ୍ତ ଭୂଷଣ ନ୍ୟାୟପାଳିକା ବିରୋଧରେ ଦୁଇଟି ଟୁଇଟ୍ କରି ବିବାଦୀୟ ହୋଇଥିଲେ। ନ୍ୟାୟପାଳିକାକୁ କେତେଜଣ ପୂର୍ବତନ ପ୍ରଧାନ ବିଚାରପତି ଧ୍ୱଂସ କରିଦେଇଛନ୍ତି ବୋଲି ପ୍ରଥମ ଟୁଇଟ୍‌ରେ ସେ ସମାଲୋଚନା କରିଥିଲେ।



ପ୍ରଶାନ୍ତ ଭୂଷଣ

ସେହିପରି ସିଜେଆଇ ଏସ୍.ଏ. ବୋବ୍‌ଡେ ସୁପ୍ରିମକୋର୍ଟକୁ ଲକ୍‌ଡାଉନ୍ କରି ହାର୍ଲି ଡେଭିଡ୍‌ସନ ବାଇକ୍‌ରେ ବସିଛନ୍ତି ବୋଲି ଅନ୍ୟ ଏକ ଟୁଇଟ୍ କରିଥିଲେ। ଏହାକୁ ନେଇ ସୁପ୍ରିମକୋର୍ଟ ନିଜ ଆଡୁ ମାମଲା ରୁଜୁ କରି ପ୍ରଶାନ୍ତ ଭୂଷଣଙ୍କୁ ଗତ ଅଗଷ୍ଟ ୩୧ରେ ଦୋଷୀ ସାବ୍ୟସ୍ତ କରିଥିଲେ। ଟଙ୍କାଏ ଜରିମାନା ଦେବାକୁ ନଚେତ୍ ୩ ମାସ ଜେଲ୍‌ଦଣ୍ଡ ଭୋଗିବା ସହ ୩ ବର୍ଷ ପାଇଁ ଓକିଲାତି କରିବାରୁ ବାସନ୍ଦ ପାଇଁ ଅଦାଲତଙ୍କ ନିର୍ଦ୍ଦେଶ ରହିଥିଲା। ପ୍ରଶାନ୍ତ ଭୂଷଣ ସେପ୍ଟେମ୍ବର ୧୪ରେ ୧ ଟଙ୍କା ଜରିମାନା ପଇଠ କରି ଦୁଇଟି ସ୍ୱତନ୍ତ୍ର ରିଭ୍ୟୁ ପିଟିଶନ ଦାଏର କରିଛନ୍ତି। ଏହାବାଦ ସେପ୍ଟେମ୍ବର ୧୨ରେ ଅନ୍ୟ ଏକ ପିଟିଶନ ଦାଏର କରିଛନ୍ତି। ଆପରାଧିକ ଅବମାନନା ମାମଲାରେ ସୁପ୍ରିମକୋର୍ଟ ଦ୍ୱାରା ଦୋଷୀ ସାବ୍ୟସ୍ତ ହେଉଥିବା ବ୍ୟକ୍ତିଙ୍କ ବୃହତ୍ ଖଣ୍ଡପୀଠରେ ଅପିଲ କରିବା ଅଧିକାର ରହୁ ବୋଲି ଏଥିରେ ସେ ଅନୁରୋଧ କରିଛନ୍ତି।

## ଅଭିଯୋଗକାରିଣୀ ହେଲେ ଜିଲାପାଳ

ଭୋପାଳ, ୧୫।୧୨

ମଧ୍ୟପ୍ରଦେଶ ରାଜ୍ୟ ଶିବପୁରୀ ଜିଲାପାଳଙ୍କ ନିକଟକୁ ଅଭିଯୋଗ ନେଇ ଆସିଥିବା ଜଣେ ଛାତ୍ରୀ ଗୋଟିଏ ଦିନ ପାଇଁ ଜିଲାପାଳ ହେବା ଘଟଣା ଜିଲାରେ ଚର୍ଚ୍ଚାର ବିଷୟ ପାଲଟିଛି। ଘଟଣାରୁ ପ୍ରକାଶ, ପରୀକ୍ଷା ଦେବାରୁ ବଞ୍ଚିତ ହୋଇଥିବା ଜାହ୍ନବୀ ନାମ୍ନୀ ଛାତ୍ରୀ ମଙ୍ଗଳବାର ଜିଲାପାଳଙ୍କ ନିକଟକୁ ସମସ୍ୟା ଜଣାଇବାକୁ ଆସିଥିଲେ। ଅଭିଯୋଗ ଶୁଣିବା ପରେ ଜିଲାପାଳ ଅକ୍ଷୟ କୁମାର ସିଂ ଜାହ୍ନବୀଙ୍କୁ ନିଜ ଚେୟାରରେ ବସିବାକୁ କହିବା ସହ ଲୋକଙ୍କ ଅଭିଯୋଗର ଶୁଣାଣି କରିବାର ଅଭିଜ୍ଞତା ନେବାକୁ କହିଥିଲେ।

# ପିଲାଙ୍କୁ ଶିକ୍ଷା ପାଇଁ ମାସକୁ ୨ ହଜାର ଦିଅ

ନୂଆଦିଲ୍ଲୀ,୧୫।୧୨(ପି.ଟି.)

**ରାଜ୍ୟଗୁଡ଼ିକୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ**



**କେବଳ ସିସିଆଇରୁ ଘରକୁ ଯାଇଥିବା ଶିଶୁଙ୍କୁ ମିଳିବ ସହାୟତା**

ମହାମାରୀ କରୋନା ସମୟରେ ଚାଇଲ୍ଡ କେୟାର ଇନ୍‌ଷ୍ଟିଚ୍ୟୁଶନ (ସିସିଆଇ)ରୁ ଘରକୁ ଯାଇ ପରିବାର ସହ ଥିବା ଶିଶୁମାନଙ୍କୁ ଜଣ ପିଛା ମାସକୁ ୨ ହଜାର ଟଙ୍କା ଲେଖାଏ ଆର୍ଥିକ ସହାୟତା ଯୋଗାଇ ଦେବା ପାଇଁ ସୁପ୍ରିମକୋର୍ଟ ମଙ୍ଗଳବାର ରାଜ୍ୟଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି। ଏହାସହ ରାଜ୍ୟ ସରକାରଗୁଡ଼ିକ ସିସିଆଇଗୁଡ଼ିକୁ ପିଲାଙ୍କ ଅନ୍‌ଲାଇନ୍ କ୍ଲାସ୍ ପାଇଁ ଆବଶ୍ୟକ ପାଠ୍ୟପୁସ୍ତକ ଓ ଆନୁଷଙ୍ଗିକ ଉପକରଣ ଯୋଗାଇଦେବେ। ଜିଲା ଶିଶୁ ସୁରକ୍ଷା ୟୁନିଟଗୁଡ଼ିକ ସୁପାରିସ କରିବାର ୩୦ ଦିନ ମଧ୍ୟରେ ଏସବୁ ବ୍ୟବସ୍ଥା କରିବାକୁ ସର୍ବୋଚ୍ଚ ଅଦାଲତଙ୍କ ନିର୍ଦ୍ଦେଶ ରହିଛି।

ଜଷ୍ଟିସ୍ ଏଲ୍. ନାଗେଶ୍ୱର ରାଓଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ କହିଛନ୍ତି, ସିସିଆଇରେ ପିଲାଙ୍କୁ ପାଠ ପଢ଼ାଇବା ପାଇଁ ଆବଶ୍ୟକ ସଂଖ୍ୟକ ଶିକ୍ଷକ ଯୋଗାଇବା ନେଇ ରାଜ୍ୟଗୁଡ଼ିକ ସୁନିଶ୍ଚିତ କରିବା ଉଚିତ। କୋଭିଡ୍-୧୯ ମହାମାରୀ ଆରମ୍ଭ ହେବାବେଳେ ସିସିଆଇଗୁଡ଼ିକରେ ୨,୨୭,୫୧୫ ପିଲା ଥିବାବେଳେ ବର୍ତ୍ତମାନ ସୁଦ୍ଧା ୧,୪୫,୭୮୮ ଜଣଙ୍କୁ ସେମାନଙ୍କ ପରିବାର କିମ୍ବା ଅଭିଭାବକଙ୍କ ନିକଟକୁ ପଠାଇ ଦିଆଯାଇଛି ବୋଲି ଜଷ୍ଟିସ୍ ହେମନ୍ତ ଗୁପ୍ତା ଓ ଅଜୟ ରସ୍ତୋଗୀ ସାମିଲ ଥିବା ଏହି ଖଣ୍ଡପୀଠଙ୍କୁ ଅବଗତ କରାଯାଇଛି। ଏନେଇ ଖଣ୍ଡପୀଠ କହିଛନ୍ତି, ପିଲାଙ୍କ ପାରିବାରିକ ଆର୍ଥିକ ସ୍ଥିତିକୁ ଦୃଷ୍ଟିରେ ରଖି ଜିଲା ଶିଶୁ ସୁରକ୍ଷା ୟୁନିଟଗୁଡ଼ିକ ସୁପାରିସ କରିବେ। ଏହାର ୩୦ ଦିନ ମଧ୍ୟରେ ରାଜ୍ୟ ସରକାର ସମ୍ପୃକ୍ତ ଶିଶୁମାନଙ୍କୁ ମାସକୁ ୨,୦୦୦ ଟଙ୍କା ଲେଖାଏ ଦେବେ। ଗତ ମାର୍ଚ୍ଚରୁ ମହାମାରୀ ସାଧାରଣ ଜୀବନଯାତ୍ରାକୁ ପ୍ରଭାବିତ କରିଥିବାରୁ ପିଲାମାନେ ଶ୍ରେଣୀଗୃହକୁ ଯାଇ ପାଠ ପଢ଼ିପାରୁ ନାହାନ୍ତି। ଏହାକୁ ଦୃଷ୍ଟିରେ ରଖି ଶିକ୍ଷକମାନେ ସେମାନଙ୍କୁ ପଢ଼ାଇବା ବ୍ୟବସ୍ଥା କରିବେ। ମହାମାରୀ ସମୟରେ ଶିଶୁ ସୁରକ୍ଷା ଗୃହ, ଜୁଭେନାଇଲ୍ ଓ କିନ୍‌ଶିପ୍ ହୋମଗୁଡ଼ିକରେ ପିଲାଙ୍କ ସ୍ଥିତି ପ୍ରସଙ୍ଗରେ ଶୀର୍ଷ ଅଦାଲତ ନିଜ ଆଡୁ ରୁଜୁ କରିଥିବା ମାମଲାର ଶୁଣାଣି କରି ଏହି ରାୟ ଦେଇଛନ୍ତି। ଏହା ପୂର୍ବରୁ ସୁପ୍ରିମକୋର୍ଟ ରାଜ୍ୟ ସରକାର ଓ ଅନ୍ୟ କର୍ତ୍ତୃପକ୍ଷମାନଙ୍କୁ ପିଲାଙ୍କୁ ସୁରକ୍ଷା ଯୋଗାଇବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଭିଡିଓ କନ୍‌ଫରେନ୍ସ ଜରିଆରେ ଶୁଣାଣି ବେଳେ ଆଇନଜୀବୀ ଗୌରବ ଅଗ୍ରୱାଲ ଆମିକସ୍ କ୍ୟୁରି ଭାବେ ଖଣ୍ଡପୀଠଙ୍କୁ ସହଯୋଗ କରିଥିଲେ।


## ମନେ ପଡ଼ନ୍ତି

### Shradhanjali on the eve of 11th day



Late Bimbadhar Rout

Sadly missed along life's way, Lovingly remembered everyday.. No longer in our life to share, But in our hearts you're always there.

Complete Rout Family

D-19242

### ଚତୁର୍ଥ ଶ୍ରାଦ୍ଧବାର୍ଷିକୀ



ସ୍ୱର୍ଗତା ଶ୍ରୀମତୀ ଉଷାକିରଣ ମହାନ୍ତି
ମାଉସୀମା ଛକ, ଭୁବନେଶ୍ୱର
ଆବିର୍ଭାବ: ୧୦।୦୮।୧୯୪୪
ତିରୋଧାନ: ୦୧।୧୨।୨୦୧୬
(ମାର୍ଗଶିର ମାସ ମାଣବସା ଗୁରୁବାର ଦିନ)

ବୋଉ ଲୋ, ତୁ ଆମ୍ଭମାନଙ୍କୁ ଛାଡ଼ି ୪ବର୍ଷ ହେଲା ମା' ଲକ୍ଷ୍ମୀଙ୍କ ନିକଟକୁ ଚାଲିଗଲୁ। ତୋର ସେଇ ଅଭୁଲା ସ୍ମୃତିକୁ ଆମେମାନେ ପ୍ରତ୍ୟେକ ମୁହୂର୍ତ୍ତରେ ଝୁରି ହେଉଛୁ। ତୋର ଠାକୁରଙ୍କ ପ୍ରତି ନିଷ୍ଠାର ସହିତ ପୂଜା ଆମ୍ଭମାନଙ୍କର ସବୁବେଳେ ମନେପଡୁଛି। ତୋର ପ୍ରତିଟି ସ୍ନେହ, ସରଳତା, ନିଷ୍ଠାପରତାରେ ଆମ୍ଭେମାନେ ସର୍ବଦା ଅନୁପ୍ରାଣିତ ହେଉ ଏହା ଆମ୍ଭମାନଙ୍କର ଭଗବାନଙ୍କ ନିକଟରେ ପ୍ରାର୍ଥନା। ତୁ ଆମ୍ଭମାନଙ୍କର ସ୍ମୃତିରେ ସର୍ବଦା ରହିଥା। ପ୍ରଭୁ ଶ୍ରୀଜଗନ୍ନାଥ ତୋର ଆତ୍ମାକୁ ଶାନ୍ତି ଦିଅନ୍ତୁ।

ତୋର:- ପୁଅ- ବୋହୂ, ଝିଅ, ଝିଅ-ଜ୍ୱାଇଁ, ଓ ନାତୁଣୀମାନେ।

ଧ-୧୯୨୩୩

### ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ଭରତ କୁମାର ସାହୁ
ରାଜଜଙ୍କିଆ, ଚାନ୍ଦପୁର, ରଣପୁର, ନୟାଗଡ଼
ଆବିର୍ଭାବ: ୧୧।୦୪।୧୯୬୮
ତିରୋଧାନ: ୦୬।୧୨।୨୦୨୦

ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଅଛୁ। ତୁମର ସ୍ନେହ, ଶ୍ରଦ୍ଧା ଏବଂ ପରୋପକାରିତା ଆମ ମନ ଓ ହୃଦୟରେ ସର୍ବଦା ପ୍ରତିଫଳିତ ହେଉ।

-:ଶୋକସନ୍ତପ୍ତ:-
ବଡ଼ଭାଇ: ସୁରେଶ ଚନ୍ଦ୍ର ସାହୁ, ସହ ପରିବାରବର୍ଗ ଓ ବନ୍ଧୁବାନ୍ଧବ।

ଧ-୧୯୨୪୧

### ଏକାଦଶାହ ଉପଲକ୍ଷେ



ସ୍ୱର୍ଗତ ବୈକୁଣ୍ଠନାଥ ପରିଡ଼ା
(ଅବସରପ୍ରାପ୍ତ ଶିକ୍ଷକ)
ପୋଥାପଡ଼ା, ପଲ୍ଲୀ, ଜଗତ୍‌ସିଂହପୁର
ଆବିର୍ଭାବ: ୦୯।୧୧।୧୯୪୩
ତିରୋଧାନ: ୦୬।୧୨।୨୦୨୦

ହେ ଦିବଂଗତ ଆତ୍ମା, ଆଜି ଆପଣଙ୍କର ଏକାଦଶାହ ପୁଣ୍ୟ ତିଥିରେ ଆମ୍ଭମାନଙ୍କର ଅଶ୍ରୁପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛୁ। ଆପଣଙ୍କର ସ୍ନେହ, ଶ୍ରଦ୍ଧା, କର୍ତ୍ତବ୍ୟନିଷ୍ଠା, ପରୋପକାରିତା, ତ୍ୟାଗ ତଥା ନୀତି ଆଦର୍ଶ ଆମ୍ଭମାନଙ୍କ ପାଇ ସଦା ସର୍ବଦା ଚିର ସ୍ମରଣୀୟ ହୋଇ ରହିବ। ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।

-:ଶୋକସନ୍ତପ୍ତ:-
ତପନ କୁମାର ପରିଡ଼ା, ବନ୍ଧୁ ଓ ପରିବାରବର୍ଗ।

ଧ-୧୯୨୦୨

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୭,୩୪,୫୨,୭୦୬ | ୧୬,୩୩,୯୩୭ | ୫,୧୫,୪୨,୪୫୩ |
| ଭାରତ | ୯୯,୨୫,୦୬୨ | ୧,୪୩,୯୮୫ | ୯୪,୪୪,୨୨୯ |
| ଓଡ଼ିଶା | ୩,୨୪,୩୮୯ | ୧୮୧୫(+୫୩) | ୩,୧୯,୮୫୦ |

ମଙ୍ଗଳବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର




# ବଡ଼ଦିନ ପାଇଁ ଅନୁମତି, ଜିରୋ ନାଇଟ୍‌କୁ ନା

## ଭୁବନେଶ୍ୱରରେ ଫିକା ପଡ଼ିବ ନୂଆବର୍ଷ




**ଭୁବନେଶ୍ୱର,୧୫।୧୨(ବ୍ୟୁରୋ)**

ଆସନ୍ତା ଜାନୁୟାରୀ ୩ ପରଠୁ ରାଜ୍ୟର ସମସ୍ତ ମନ୍ଦିର ଓ ଅନ୍ୟାନ୍ୟ ଧର୍ମାନୁଷ୍ଠାନ ଖୋଲିବ। ତେବେ ଏହା ପୂର୍ବରୁ ଅର୍ଥାତ୍ ଡିସେମ୍ବର ୨୫ରେ ବଡ଼ଦିନ ପାଳନ ପାଇଁ ରାଜଧାନୀରେ ଥିବା ଚର୍ଚ୍ଚଗୁଡ଼ିକୁ ଅନୁମତି ଦିଆଯିବ। ଏଥିପାଇଁ ଆବେଦନ କରିବାକୁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ସୂଚନା ଦିଆଯାଇଛି। ତେବେ କଟକଣା ମଧ୍ୟରେ ଖ୍ରୀଷ୍ଟମାସ ପାଳନକୁ ଅନୁମତି ମିଳିବ। କୋଭିଡ୍ ଗାଇଡ୍‌ଲାଇନ ପାଳନ ସହ ଯେପରି ଅଧିକ ଲୋକ ଏକତ୍ରିତ ନ ହୁଅନ୍ତି ସେଥିପତି ଧ୍ୟାନ ଦିଆଯିବ। କେତେ ଲୋକଙ୍କୁ ନେଇ ଚର୍ଚ୍ଚଗୁଡ଼ିକ ବଡ଼ଦିନ ପ୍ରାର୍ଥନା କାର୍ଯ୍ୟକ୍ରମ କରିବେ ଏବଂ କେତେ ଲୋକଙ୍କ ପାଇଁ ସେଠାରେ ସ୍ଥାନ ରହିଛି ସେ ନେଇ କର୍ତ୍ତୃପକ୍ଷ ବିଏମସିକୁ ସବିଶେଷ ତଥ୍ୟ ଲିଖିତ ଭାବେ ଦାଖଲ କରିବେ। ଅନୁମତି ମିଳିବା ପରେ ଚର୍ଚ୍ଚରେ ବଡ଼ଦିନ ପାଳନ ହୋଇପାରିବ। ଏଥିସହ ପରସ୍ପର ମଧ୍ୟରେ ୨ ମିଟର ଦୂରତା ରକ୍ଷା କରି ଚର୍ଚ୍ଚରେ ପ୍ରାର୍ଥନା କରିବା ନେଇ ସତ୍ୟପାଠ ଦାଖଲ କରିବାକୁ ପଡ଼ିବ। କୋଭିଡ୍ ନିର୍ଦ୍ଦେଶାବଳୀ ବା ସାଧାରଣ ପ୍ରଶାସନ ଉଲ୍ଲଂଘନଜନିତ ଘଟଣାର ପ୍ରମାଣ ମିଳିଲେ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ବିଏମ୍‌ସି କମିଶନର ପ୍ରେମଚନ୍ଦ୍ର ଚୌଧାରୀ କହିଛନ୍ତି।

ଅନ୍ୟପକ୍ଷରେ ରାଜଧାନୀ ଭୁବନେଶ୍ୱରରେ ଏଥର ଜିରୋ ନାଇଟ୍ ସେଲିବ୍ରେଶନ ହେବ ନାହିଁ। ଏଥିପାଇଁ ଅନୁମତି ଦିଆଯିବ ନାହିଁ। ଅଧିକ ଭିଡ଼ ଯୋଗୁ କୋଭିଡ୍ ସଂକ୍ରମଣ ବ୍ୟାପିବା ଆଶଙ୍କା କରି ବିଏମ୍‌ସି କର୍ତ୍ତୃପକ୍ଷ ଏଭଳି ନିଷ୍ପତ୍ତି ନେଇଛନ୍ତି। ନୂଆବର୍ଷ ପାଇଁ ୩୧ ତାରିଖ ରାତିରେ ସହରରେ କୌଣସି ପ୍ରକାର ଉତ୍ସବ ପାଳନ କରାଯିବ ନାହିଁ। ପ୍ରତିବର୍ଷ ହୋଟେଲ, କ୍ଲବ ଓ ବିଭିନ୍ନ ବାର୍‌ରେ ଧୁମ୍‌ଧାମରେ ନୂଆବର୍ଷ ପାଇଁ ଉତ୍ସବ ପାଳନ କରାଯାଇଥାଏ। ନାଚଗୀତର ଆସର ସହ ଶତାଧିକ ଲୋକଙ୍କୁ ନେଇ ନୂଆବର୍ଷ ପାର୍ଟିର ଆୟୋଜନ ହୋଇଥାଏ। ହେଲେ କୋଭିଡ୍ ସମୟରେ ବାର୍ ଓ କ୍ଲବରେ ପ୍ରବଳ ଗହଳି ଆଶଙ୍କା କରି ସଂକ୍ରମଣ ରୋକିବାକୁ ବିଏମ୍‌ସି ଏହି ପଦକ୍ଷେପ ନେଇଛି।

## ଟ୍ରେନ୍‌ରେ ଲାଗିବ ଇଓଟିଟି ସିଷ୍ଟମ



**ଭୁବନେଶ୍ୱର,୧୫।୧୨(ବ୍ୟୁରୋ):** ଗାର୍ଡ଼ ଓ ବ୍ରେକ୍ ଭ୍ୟାନ୍‌ବିହୀନ ଟ୍ରେନ୍ ପରିଚାଳନା ପାଇଁ ଭାରତୀୟ ରେଳପଥ ଦ୍ୱାରା ଗ୍ରହଣ କରାଯାଇଥିବା ଏଣ୍ଡ୍ ଅଫ୍ ଟ୍ରେନ୍ ଟେଲିମେଟ୍ରି(ଇଓଟିଟି) ସିଷ୍ଟମ୍‌କୁ ଏଣିକି ପୂର୍ବତଟ ରେଳପଥରେ ବ୍ୟବହାର କରିବ। ଡ୍ରାଇଭରଙ୍କୁ ସଙ୍କେତ ଦେଇ ଗାର୍ଡ଼ଙ୍କ କାର୍ଯ୍ୟ କରିବା ନିମନ୍ତେ ଏହି ଉପକରଣକୁ ତିଆରି କରାଯାଇଛି। ତାଳଚେର-ପାରାଦୀପ ସେକ୍ସନରେ ଏହି ଟେକ୍ନୋଲୋଜିର ସଫଳ ପରୀକ୍ଷଣ ପରେ ଏନେଇ ନିଷ୍ପତ୍ତି ନିଆଯାଇଛି। ସେହିଭଳି ଅନୁଗୋଳସ୍ଥିତ ଇଲେକ୍ଟ୍ରିକ୍ ଲୋକୋ ସେଡ୍‌ରେ ସଫଳତାର ସହ ଏହାର ପରୀକ୍ଷଣ କରାଯାଇଛି। ଇଓଟିଟି ଟେକ୍ନୋଲୋଜିରେ ଟ୍ରେନ୍ ଚଳାଚଳ କରିବା ସମୟରେ ଲୋକୋ ପାଇଲଟ୍‌ମାନଙ୍କର ସୁରକ୍ଷିତ ଯାତ୍ରା ପାଇଁ ମନୋବଳ ବୃଦ୍ଧି କରିବାରେ ଏହା ସହାୟକ ହେବ। ଏହି ପ୍ରଯୁକ୍ତିବିଦ୍ୟା ଦ୍ୱାରା ଗାର୍ଡ଼ ଭ୍ୟାନ୍‌ର ଆବଶ୍ୟକତା ପଡ଼ିବ ନାହିଁ। ଫଳରେ ଏହା ଖର୍ଚ୍ଚ କମାଇବା ସହିତ ରେଳବାଇର ରାଜସ୍ୱ ବୃଦ୍ଧିରେ ସହାୟକ ହେବ। ଏହି ଉପକରଣ ଲୋକୋ ମୋଟିଭ୍ ଡ୍ରାଇଭର୍ ଓ ଟ୍ରେନ୍‌ର ଅନ୍ତିମ ୱାଗନ ମଧ୍ୟରେ ଯୋଗାଯୋଗ ରକ୍ଷା କରିବା କାର୍ଯ୍ୟରେ ବ୍ୟବହୃତ ହେବ।

# ମୁଖ୍ୟ ବିଚାରପତି ପାଇଁ ଏସ୍. ମୁରଲିଧରଙ୍କ ନାମ ସୁପାରିସ

## ଓଡ଼ିଶା ହାଇକୋର୍ଟ

**କଟକ ଅଫିସ, ୧୫।୧୨**

ଓଡ଼ିଶା ହାଇକୋର୍ଟର ପରବର୍ତ୍ତୀ ମୁଖ୍ୟ ବିଚାରପତି ପଦ ପାଇଁ ଏସ୍. ମୁରଲିଧରଙ୍କ ନାମକୁ ସୁପ୍ରିମ୍‌କୋର୍ଟଙ୍କ କଲେଜିୟମ୍ ସୁପାରିସ କରିଛନ୍ତି। ଆଇନ୍ ମନ୍ତ୍ରଣାଳୟର ଅନୁମୋଦନ ପରେ ମୁରଲିଧର ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଭାବେ କାର୍ଯ୍ୟ କରିବେ। ସେ ଏବେ ପଞ୍ଜାବ-ହରିୟାଣା ହାଇକୋର୍ଟରେ ବିଚାରପତିଭାବେ କାର୍ଯ୍ୟ କରୁଛନ୍ତି। ୨୦୦୬ରେ ମୁରଲିଧର ଦିଲ୍ଲୀ ହାଇକୋର୍ଟର ବିଚାରପତି ଭାବେ ଅବସ୍ଥାପିତ ହୋଇଥିଲେ। ଦିଲ୍ଲୀ ହାଇକୋର୍ଟରେ ତୃତୀୟ ବରିଷ୍ଠ ବିଚାରପତି ଭାବେ କାର୍ଯ୍ୟ କରୁଥିବା ମୁରଲିଧର ୧୯୮୪ ଶିଖ୍ ଦଙ୍ଗା, ହସିମ୍‌ପୁରା ଗଣହତ୍ୟା ଭଳି ଅନେକ ଗୁରୁତ୍ୱପୂର୍ଣ୍ଣ ମାମଲାର ରାୟ ପ୍ରକାଶ କରିଛନ୍ତି। ତାଙ୍କ ବଦଳି ପାଇଁ ୨୦୧୮ ଡିସେମ୍ବର, ୨୦୧୯ ଜାନୁୟାରୀରେ ୨ଥର ସୁପାରିସ କରାଯାଇଥିଲେ ମଧ୍ୟ ସୁପ୍ରିମକୋର୍ଟ କଲେଜିୟମଙ୍କ ବିରୋଧ ଯୋଗୁ ତାହା ସ୍ଥଗିତ ହୋଇଥିଲା। ୨୦୨୦ ଫେବୃୟାରୀ ୧୨ରେ ପ୍ରଧାନ ବିଚାରପତି ଏସ୍.ଏ. ବୋବ୍‌ଡେଙ୍କ ନେତୃତ୍ୱରେ ସୁପ୍ରିମକୋର୍ଟଙ୍କ କଲେଜିୟମ ମୁରଲିଧରଙ୍କୁ ପଞ୍ଜାବ-ହରିୟାଣା ହାଇକୋର୍ଟକୁ ବଦଳି କରିବା ପାଇଁ ସୁପାରିସ କରିଥିଲେ। ପରେ ମୁରଲିଧର ମାର୍ଚ୍ଚ ୫ରେ ପଞ୍ଜାବ-ହରିୟାଣା ହାଇକୋର୍ଟର ବିଚାରପତି ଭାବେ ଶପଥ ନେଇଥିଲେ। ବର୍ତ୍ତମାନ ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତିଭାବେ ମହମ୍ମଦ ରଫିକ କାର୍ଯ୍ୟ କରୁଛନ୍ତି। ମେଘାଳୟ ହାଇକୋର୍ଟର ବିଚାରପତି ଭାବେ କାର୍ଯ୍ୟ କରିଥିବା ରଫିକ୍ ଗତ ଏପ୍ରିଲ ୨୭ତାରିଖରେ ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତିଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ତାଙ୍କୁ ଶପଥପାଠ କରାଇଥିଲେ।


ଏସ୍. ମୁରଲିଧର

# ଏମ୍‌ବିଏ ନାମଲେଖା ପାଇଁ ଅନୁମତି

**ଭୁବନେଶ୍ୱର, ୧୫।୧୨(ବ୍ୟୁରୋ)**

ରାଜ୍ୟରେ ଥିବା ଏମ୍‌ବିଏ ଶିକ୍ଷାନୁଷ୍ଠାନରେ ନାମଲେଖା ପାଇଁ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଛନ୍ତି। ଯେଉଁ ଛାତ୍ରୀଛାତ୍ରମାନେ ଯୁଜି ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛନ୍ତି, ସେମାନେ ଏମ୍‌ବିଏ ନାମଲେଖାଇ ପାରିବେ। ମାର୍କ ଆଧାରରେ ସ୍ପଟ୍ କାଉନ୍‌ସେଲିଂ କରାଯାଇ ନାମଲେଖା ହେବ। ତେବେ ଏମ୍‌ବିଏ ନାମଲେଖା ପାଇଁ ପ୍ରବେଶିକା ପରୀକ୍ଷା ଦେଇଥିବା ଛାତ୍ରୀଛାତ୍ରଙ୍କୁ ଅଗ୍ରାଧିକାର ଦିଆଯିବ। ତେବେ ଏହା କେବଳ ୨୦୨୦-୨୧ ଶିକ୍ଷାବର୍ଷ ପାଇଁ ଉଦ୍ଦିଷ୍ଟ ଅଟେ। କୋଭିଡ୍-୧୯ର ସ୍ଥିତିକୁ ନେଇ ରାଜ୍ୟ ସରକାର ଏଭଳି ନିଷ୍ପତ୍ତି ନେଇଛନ୍ତି। ଏ ନେଇ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର ଯୁଗ୍ମ ନିର୍ଦ୍ଦେଶକ ଡ. ଏ. କେ. ନାୟକ ଓଜେଇଇ ଚେୟାରମ୍ୟାନଙ୍କୁ ଚିଠି ଲେଖି ଜଣାଇଛନ୍ତି।

# ପୁଅକୁ ବିଷ ଦେଇ ମା’ ପିଇଲେ

**ସଇଁତଳା, ୧୫।୧୨(ଡ଼ି.ଏନ.ଏ.):** ବଲାଙ୍ଗୀର ଜିଲା ସଇଁତଳା ବ୍ଲକ କୁମ୍ଭାରୀ ଗ୍ରାମରେ ମଙ୍ଗଳବାର ସକାଳେ ଘଟିଛି ଏକ ଅଭାବନୀୟ ଘଟଣା। ସ୍ୱାମୀଙ୍କ ଅତ୍ୟାଚାର ସହି ନ ପାରି ଦୁଇବର୍ଷର ପୁଅକୁ ବିଷ ପିଆଇବା ପରେ ସ୍ତ୍ରୀ ରିକି ରଣା(୨୫) ନିଜେ ବିଷ ପିଇ ଦେଇଛନ୍ତି। ଉଭୟ ମା’ ଓ ଶିଶୁପୁତ୍ରକୁ ଗୁରୁତର ଅବସ୍ଥାରେ ସଇଁତଳା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସା ପରେ ରିକିଙ୍କ ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ଆସିଥିଲା। ହେଲେ ଶିଶୁପୁତ୍ର ଲକ୍ଷ୍ମୀକାନ୍ତ(୨)ର ଅବସ୍ଥା ସଙ୍କଟାପନ୍ନ ହେବାରୁ ତାକୁ ବୁର୍ଲା ସ୍ଥାନାନ୍ତର କରାଯାଇଥିଲା। ସଇଁତଳା ମେଡିକାଲ କର୍ତ୍ତୃପକ୍ଷଙ୍କ ରିପୋର୍ଟ ପରେ ପୋଲିସ ଏକ ମାମଲା ରୁଜୁ କରିଛି। ଏହି ଘଟଣା ପରେ ମହିଳାଙ୍କ ସ୍ୱାମୀ ଭରତ ରଣା ଫେରାର ହୋଇଯାଇଛନ୍ତି।

କୁମ୍ଭାରୀ ଗାଁ ଭାଗବତ ମନ୍ଦିର ପଡ଼ାର ଭରତ ରଣା ତିନିବର୍ଷ ତଳେ ସଇଁତଳାର ରିକିଙ୍କୁ ବିବାହ କରିଥିଲେ। ତାଙ୍କର ଦୁଇବର୍ଷର ପୁଅ ଲକ୍ଷ୍ମୀକାନ୍ତ। ଗତ କିଛିମାସ ହେଲା ଭରତ ଘରେ ପ୍ରାୟ ସମୟରେ ପାଟିତୁଣ୍ଡ କରିବା ସହ ରିକିଙ୍କୁ ମାରପିଟ କରୁଥିଲେ। ମଙ୍ଗଳବାର କୌଣସି କାରଣକୁ ନେଇ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଫଳରେ ଅତିଷ୍ଠ ହୋଇ ରିକି ଘରେ ଫସଲରେ ବ୍ୟବହାର ପାଇଁ ରଖାଯାଇଥିବା କୀଟନାଶକ ପୁଅକୁ ଦେବା ପରେ ନିଜେ ପିଇ ଦେଇଥିଲେ।

# ମହିଳା କମିଶନଙ୍କ ଦ୍ୱାରସ୍ଥ ହେଲେ ବର୍ଷା

**ଭୁବନେଶ୍ୱର,୧୫।୧୨(ବ୍ୟୁରୋ)**

ଅନୁଭବ-ବର୍ଷା ବିବାଦ



ଏମ୍‌ପି ଅନୁଭବ ମହାନ୍ତି ଓ ତାଙ୍କ ସ୍ତ୍ରୀ ତଥା ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶିନୀଙ୍କ ପାରିବାରିକ ବିବାଦ ଏବେ ଚରମ ସୀମାରେ ପହଞ୍ଚିଛି। ମଙ୍ଗଳବାର ଅନୁଭବଙ୍କ ବିରୋଧରେ ରାଜ୍ୟ ମହିଳା କମିଶନର ଦ୍ୱାରସ୍ଥ ହୋଇଛନ୍ତି ବର୍ଷା। ତେବେ ସେ କ’ଣ ଅଭିଯୋଗ ରଖିଛନ୍ତି ତାହା ଜଣାପଡି ନ ଥିଲେ ମଧ୍ୟ ମାମଲା କୋର୍ଟରେ ବିଚାରାଧୀନ ଥାଇ ମଧ୍ୟ ସେ ଘରୋଇ ହିଂସାର ଶିକାର ହେଉଥିବା ନେଇ କମିଶନଙ୍କୁ ଜଣାଇଥିବା କୁହାଯାଉଛି। ବର୍ଷା ସୋମବାର ଦିନ ପ୍ରାୟ ଗୋଟାଏବେଳେ ମହିଳା କମିଶନରଙ୍କ ନିକଟକୁ ଯାଇ ଅଧଘଣ୍ଟା କାଳ ଆଲୋଚନା କରି ବାହାରିଥିଲେ। ଅଭିଯୋଗ ସଂକ୍ରାନ୍ତରେ ମହିଳା କମିଶନର ଅଧ୍ୟକ୍ଷା ମିନତୀ ବେହେରା ଓ ବର୍ଷାଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେମାନଙ୍କ ପ୍ରତିକ୍ରିୟା ମିଳିପାରିନି।

ସୂଚନାଯୋଗ୍ୟ, ପୂର୍ବରୁ ଅନୁଭବଙ୍କ ବିରୋଧରେ ବର୍ଷା ଘରୋଇ ହିଂସା ଅଭିଯୋଗ ନେଇ ଅଦାଲତଙ୍କ ଆଶ୍ରୟ ନେଇଥିଲେ। ଅନୁଭବ ମଧ୍ୟ ବର୍ଷାଙ୍କ ବିରୋଧରେ ପଟିଆଲା କୋର୍ଟରେ ଅଭିଯୋଗ କରିଥିଲେ। କୋର୍ଟରେ ଉଭୟଙ୍କ ମାମଲା ବିଚାରାଧୀନ ଥିବାବେଳେ ଉଭୟଙ୍କ ଆରୋପ ପ୍ରତ୍ୟାରୋପ ଲାଗି ରହିଛି। ଅନୁଭବଙ୍କ ଫ୍ୟାନ୍ ଜାଣିଶୁଣି ସୋସିଆଲ ମିଡିଆରେ ତାଙ୍କ ପ୍ରତି ଅଶାଳୀନ ମନ୍ତବ୍ୟ ଦେଉଥିବା ନେଇ ବର୍ଷା ପୁରୀଘାଟ ଥାନାରେ ଅଭିଯୋଗ କରିଥିଲେ। ଅନୁଭବ ମଧ୍ୟ ସୋସିଆଲ୍ ମିଡିଆରେ ବର୍ଷାଙ୍କ ବିରୋଧରେ ଭିଡିଓ ମାଧ୍ୟମରେ ମନ୍ତବ୍ୟ ଦେଇଥିଲେ। ଏହା ଭିତରେ ଅନୁଭବଙ୍କ ନାଁ ସହ ସାମ୍ବାଦିକା ଜାଗୃତିଙ୍କ ନାଁକୁ ଯୋଡ଼ି ଚର୍ଚ୍ଚା ହେଉଥିବାରୁ ଦୁଇଦିନ ପୂର୍ବେ ଜାଗୃତି ସ୍ପଷ୍ଟୀକରଣ ରଖିଥିଲେ। ଏବେ ବର୍ଷା ମହିଳା କମିଶନରେ ଅଭିଯୋଗ କରିବା ବିବାଦର ଆଉଏକ ନୂଆ ମୋଡ଼ ଆଣିଛି।

# ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ପୂର୍ବ ଆଦେଶ ବଳବତ୍ତର ରହିବ

**କଟକ ଅଫିସ, ୧୫।୧୨**

**ଘରୋଇ ସ୍କୁଲ ଫି’ ଛାଡ଼ ମାମଲା**
**ଜାନୁୟାରୀ ୭କୁ ଘୁଞ୍ଚିଲା ଶୁଣାଣି**

ଘରୋଇ ସ୍କୁଲ ଫି’ ଛାଡ଼ ମାମଲାର ମଙ୍ଗଳବାର ହାଇକୋର୍ଟରେ ଶୁଣାଣି ହୋଇଛି। ମୁଖ୍ୟ ବିଚାରପତି ଜଷ୍ଟିସ ମହମ୍ମଦ ରଫିକ ଓ ଜଷ୍ଟିସ ବିଶ୍ୱନାଥ ରଥଙ୍କ ଦ୍ୱାରା ଗଠିତ ଖଣ୍ଡପୀଠ ମାମଲାର ଶୁଣାଣି କରି ରାଜ୍ୟ ସରକାରଙ୍କୁ ସତ୍ୟପାଠ ଦାଖଲ କରିବାକୁ କହିଥିଲେ। ତେବେ ସରକାରଙ୍କ ପକ୍ଷରୁ ଏଥିପାଇଁ ୧୦ଦିନ ସମୟ ମଗାଯାଇଥିଲା। ଆସନ୍ତା ୨୪ରୁ ଶୀତକାଳୀନ ଅବକାଶ ହେଉଥିବାରୁ ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ମାସ ୭ତାରିଖକୁ ଧାର୍ଯ୍ୟ ହୋଇଛି। ଅପରପକ୍ଷରେ ଗତ କିଛିଦିନ ହେବ ନିର୍ଦ୍ଦିଷ୍ଟ କେତେକ ଘରୋଇ ସ୍କୁଲ କର୍ତ୍ତୃପକ୍ଷ ଫି’ ଆଦାୟ ପାଇଁ ଅଭିଭାବକମାନଙ୍କୁ ବାଧ୍ୟ କରୁଥିବା ଅଭିଯୋଗ ହେଉଛି। ଏପରି କି ଫି’ ନ ଦେଲେ ଅନ୍‌ଲାଇନ କ୍ଲାସ ଓ ପରୀକ୍ଷା ଦେବାରୁ ଛାତ୍ରୀଛାତ୍ରଙ୍କୁ ବଞ୍ଚିତ କରାଯାଉଥିବା ଅଭିଭାବକ ମହାସଂଘର ଓକିଲ ବିଭୂତି ଭୂଷଣ ଚୌଧୁରୀ ଯୁକ୍ତି ବାଢ଼ିଥିଲେ। ତେବେ ବର୍ତ୍ତମାନ ପରିସ୍ଥିତିରେ ଫି’ ନ ଦେବା କାରଣରୁ କାହାକୁ ପାଠପଢ଼ାରୁ ବାଦ୍ କରାଯାଇପାରିବ ନାହିଁ ବୋଲି ଅଦାଲତ କହିବା ସହ ପୂର୍ବରୁ ଦିଆଯାଇଥିବା ଅନ୍ତରୀଣ ଆଦେଶ ପରବର୍ତ୍ତୀ ତାରିଖ ପର୍ଯ୍ୟନ୍ତ ବଳବତ୍ତର ରହିବ ବୋଲି କହିଥିଲେ।

# ଏଟିଏମ୍ କାଟି ସାଢ଼େ ୨୬ ଲକ୍ଷ ଲୁଟ୍

**ଢେଙ୍କାନାଳ ଅଫିସ, ୧୫।୧୨**

- ଢେଙ୍କାନାଳ ଜିଲା ନିମବାହାଲିରେ ଚାଞ୍ଚଲ୍ୟ
- ଘଟଣାସ୍ଥଳରେ ଉତ୍ତର କେନ୍ଦ୍ରାଞ୍ଚଳ ଆଇଜି
- ସିସିଟିଭି ଫୁଟେଜ୍‌ରୁ ଖିଅ ଖୋଜୁଛି ପୋଲିସ

ଢେଙ୍କାନାଳ ଜିଲା ମୋଟଙ୍ଗା ଥାନା ଅଧୀନ ୫୫ନଂ. ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ନିମବାହାଲି ଭାରତୀୟ ଷ୍ଟେଟ୍ ବ୍ୟାଙ୍କ (ଏସ୍‌ବିଆଇ)ର ଏକ ଏଟିଏମ୍‌ରୁ ବଡ଼ ଧରଣର ଲୁଟ୍ ହୋଇଛି। ଦୁର୍ବୃତ୍ତମାନେ ଗ୍ୟାସ୍ କଟର ସହାୟତାରେ ଏଟିଏମ୍ କ୍ୟାଶ ଚ୍ୟାମ୍ବର କାଟି ୨୬ ଲକ୍ଷ ୫୬ ହଜାର ଟଙ୍କା ନେଇଯାଇଛନ୍ତି। ସୋମବାର ବିଳମ୍ବିତ ରାତିରେ ଘଟିଥିବା ଏହି ଘଟଣା ରାଜ୍ୟରେ ଚର୍ଚ୍ଚାର ବିଷୟ ପାଲଟିଛି।

ନିମବାହାଲି ବ୍ୟାଙ୍କ ଶାଖା ପରିଚାଳକ ଅମିତୋଷ ମହାନ୍ତି କହିଛନ୍ତି, ସୋମବାର ଏଟିଏମ୍‌ରେ ଟଙ୍କା ଭର୍ତ୍ତି କରାଯାଇଥିଲା। ମଙ୍ଗଳବାର ଲୁଟ୍ ସମ୍ପର୍କରେ ଜଣାପଡ଼ିବା ପରେ ପୋଲିସକୁ ସୂଚନା ଦିଆଯାଇଥିଲା। ଉତ୍ତର କେନ୍ଦ୍ରାଞ୍ଚଳ ଆଇଜି ନରସିଂହ ଭୋଳ, ଏସ୍‌ପି ଜଗମୋହନ ମୀନା ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଛାନ୍‌ଭିନ୍ କରିଛନ୍ତି। ସନ୍ଧାନୀ କୁକୁର, ସାଇଣ୍ଟିଫିକ୍ ଟିମ୍ ସହାୟତାରେ ତଦନ୍ତ କରାଯାଇଛି। ସିସିଟିଭି ଫୁଟେଜ ଆଧାରରେ ପୋଲିସ ଅଭିଯୁକ୍ତଙ୍କ ପାଖରେ ପହଞ୍ଚିବାକୁ ଉଦ୍ୟମ କରୁଛି।

ଏ ସଂକ୍ରାନ୍ତରେ ଅନୁଗୋଳସ୍ଥିତ ଏଟିଏମ୍ ଚ୍ୟାନେଲ ମ୍ୟାନେଜର ଫଲଗୁନୀ ପଟ୍ଟନାୟକ କୁହନ୍ତି, ଏଟିଏମ୍‌ରୁ ୨୬ଲକ୍ଷ ୫୬ହଜାର ଟଙ୍କା ଲୁଟ୍ ହୋଇଥିବା ଜଣାପଡ଼ିଛି। ପୋଲିସକୁ ସିସିଟିଭି ଫୁଟେଜ୍ ଦିଆଯାଇଛି। ତଦନ୍ତରେ ସମସ୍ତ ସହଯୋଗ କରାଯାଉଛି। ଏସ୍‌ପି ମୀନା କୁହନ୍ତି, ସିସିଟିଭି କ୍ୟାମେରା ଯାଞ୍ଚ କରାଯାଉଛି। ସଦର ଏସ୍‌ଡିପିଓଙ୍କ ନେତୃତ୍ୱରେ ବିଭିନ୍ନ ସ୍ଥାନରେ ଚଢାଉ ପାଇଁ ୩ ଟିମ୍ କରାଯାଇଛି। ଏ ସଂକ୍ରାନ୍ତରେ ମୋଟଙ୍ଗା ଥାନାରେ ନଂ. ୨୫୬/୨୦ରେ ଏକ ମାମଲା ରୁଜୁ କରାଯାଇଛି।

ଢେଙ୍କାନାଳ ଜିଲାର ବିଭିନ୍ନ ମଠମନ୍ଦିରରେ ଥିବା ହୁଣ୍ଡିଗୁଡ଼ିକୁ ଦୁର୍ବୃତ୍ତମାନେ ଟାର୍ଗେଟ କରୁଥିଲେ। ଏବେ ସେମାନଙ୍କ ନଜର ଏଟିଏମ୍ ଉପରେ ପଡ଼ିଛି। ଗ୍ୟାସ୍ କଟରରେ ଏଟିଏମ୍ କାଟିବା ସହ ଏଥିରୁ କୌଶଳକ୍ରମେ ଟଙ୍କା ବାହାର କରାଯାଇଛି। ଏଥିରେ ପେସାଦାର ଅପରାଧୀଙ୍କ ହାତ ଥିବା ଅନୁମାନ କରାଯାଉଛି। ବ୍ୟସ୍ତବହୁଳ ୫୫ନଂ. ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ଉକ୍ତ ଏଟିଏମ୍‌ରୁ ଏଭଳି ଲୁଟ୍ ପୋଲିସକୁ ଖୋଲା ଚ୍ୟାଲେଞ୍ଜ ବୋଲି ଆଲୋଚନା ହେଉଛି।


ଟଙ୍କା ଲୁଟ୍ ପାଇଁ ଭାଙ୍ଗିଥିବା ଏଟିଏମ୍।

# ୨ ଏଏନ୍‌ଏମ୍‌ଙ୍କ ଆତ୍ମାହୁତି ଉଦ୍ୟମ


ଆତ୍ମାହୁତି ଉଦ୍ୟମ କରିଥିବା ଜଣେ ସ୍ୱାସ୍ଥ୍ୟ କର୍ମୀଙ୍କୁ ଉଦ୍ଧାର କରାଯାଉଛି।

**ଭୁବନେଶ୍ୱର, ୧୫।୧୨(ବ୍ୟୁରୋ)**

ଭୁବନେଶ୍ୱର ଲୋୟର ପିଏମ୍‌ଜି ଧାରଣା ସ୍ଥଳରେ ଆମରଣ ଅନଶନରେ ବସିଥିବା ବେଳେ ମଙ୍ଗଳବାର ବାଲେଶ୍ୱର ଓ ଜଗତ୍‌ସିଂହପୁରର ୨ ସିସିଏଚ୍ ନିଯୁକ୍ତିପ୍ରାପ୍ତ ଏଏନ୍‌ଏମ୍ ସ୍ୱାସ୍ଥ୍ୟ କର୍ମୀ ଆତ୍ମାହୁତି ଉଦ୍ୟମ କରିଛନ୍ତି। ଦେହରେ କିରୋସିନ ଢାଳି ନିଆଁ ଲଗାଇବାକୁ ଯାଉଥିବାବେଳେ ଧାରଣାରତ ଅନ୍ୟ ଏଏନ୍‌ଏମ୍ ସ୍ୱାସ୍ଥ୍ୟକର୍ମୀମାନେ ସେମାନଙ୍କୁ ଉଦ୍ଧାର କରିଥିଲେ। ଏହାପରେ ସେଠାରେ ଉପସ୍ଥିତ ଥିବା ପୋଲିସ ଉଭୟଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲା। ସରକାର ସେମାନଙ୍କ ଦାବିପ୍ରତି କର୍ଣ୍ଣପାତ କରୁ ନ ଥିବାରୁ ଆତ୍ମାହୁତି ଭଳି ଚରମ ପଦକ୍ଷେପ ନେବାକୁ ବାଧ୍ୟ ହୋଇଥିବା ସେମାନେ କ୍ଷୋଭର ସହ କହିଛନ୍ତି।

ଛଟେଇ ପ୍ରତିବାଦରେ ତାଙ୍କ ସହ ଶତାଧିକ ଏଏନ୍‌ଏମ୍ ସ୍ୱାସ୍ଥ୍ୟକର୍ମୀ ୧୯ଦିନ ହେବ ଧାରଣାରେ ବସିଛନ୍ତି। ଗତ ୭ଦିନ ହେବ ଆମରଣ ଅନଶନରେ ରହିଛନ୍ତି। ଇତି ମଧ୍ୟରେ ୨୩ଜଣ ଅସୁସ୍ଥ ହୋଇ ହସ୍ପିଟାଲରେ ଭର୍ତ୍ତି ହୋଇସାରିଲେଣି। ମହାମାରୀ କରୋନା ସହିତ ମହାଲଢେଇ ପାଇଁ ଏମାନଙ୍କୁ ଯୋଦ୍ଧା ସଜେଇ ଠିକା ନିଯୁକ୍ତି ଦିଆଯାଇଥିଲା। କୋଭିଡ୍ କେୟାର ହୋମ୍ (ସିସିଏଚ୍)ରେ କରୋନା ଆକ୍ରାନ୍ତଙ୍କ ଚିକିତ୍ସା ଓ ଦେଖାଶୁଣା ପାଇଁ ରାଜ୍ୟ ସରକାର ଏଏନ୍‌ଏମ୍ ଓ ସ୍ୱାସ୍ଥ୍ୟ କର୍ମଚାରୀଙ୍କୁ ୯୦ ଦିନିଆ ଚୁକ୍ତିଭିତ୍ତିକ ନିଯୁକ୍ତି ଦେଇଥିଲେ। କିନ୍ତୁ ଏମାନଙ୍କୁ ଛଟେଇ କରି ଦିଆଯାଇଥିବାରୁ ସ୍ଥାୟୀ ନିଯୁକ୍ତି ଓ ଦରମା ଦାବିରେ ଏହି ଏଏନ୍‌ଏମ୍ କର୍ମୀ ଏବେ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଏତେଦିନ ଧରି ରାଜରାସ୍ତାରେ ବସିଥିଲେ ମଧ୍ୟ ସରକାରଙ୍କ ପକ୍ଷରୁ କେହି ଆଲୋଚନା କରିବା ପାଇଁ ଯାଇ ନାହାନ୍ତି। ମଙ୍ଗଳବାର ପୂର୍ବତନ ଏମ୍‌ପି ପ୍ରଦୀପ ମାଝି ଧାରଣାସ୍ଥଳରେ ପହଞ୍ଚି ସେମାନଙ୍କ ସହ ବହୁ ସମୟ ଧରି ଆଲୋଚନା କରିଥିଲେ।

## ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ପ୍ରଦୀପ୍ତ ନାୟକ

ସ୍ୱାସ୍ଥ୍ୟକର୍ମୀଙ୍କ ଆନ୍ଦୋଳନକୁ ନେଇ ବିରୋଧୀ ଦଳ ନେତା ପ୍ରଦୀପ୍ତ ନାୟକ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଚିଠି ଲେଖିଛନ୍ତି। ଚିଠିରେ ସେ ଉଲ୍ଲେଖ କରିଛନ୍ତି ଯେ, କରୋନା ମହାମାରୀବେଳେ ଯେଉଁ ନର୍ସିଂ ସ୍ୱାସ୍ଥ୍ୟକର୍ମୀମାନେ ନିଜ ଜୀବନକୁ ବାଜି ଲଗାଇ କରୋନା ରୋଗୀଙ୍କ ସେବା କରୁଥିଲେ, ସେମାନେ ଏବେ ରାଜରାସ୍ତାରେ ବସିଛନ୍ତି। ସରକାର ସେମାନଙ୍କ ଦାବି ଶୁଣୁ ନାହାନ୍ତି। ଏବେ ବି କରୋନା ମହାମାରୀରୁ ବିଶ୍ୱ ମୁକ୍ତ ହୋଇନାହିଁ। ଏ ପରିସ୍ଥିତିରେ ରାଜରାସ୍ତାରେ ସ୍ୱାସ୍ଥ୍ୟକର୍ମୀମାନେ ବସିବା ଚିନ୍ତାଜନକ ବୋଲି ସେ ଉଲ୍ଲେଖ କରିଛନ୍ତି। ସେହିପରି ଆଗକୁ ଲୋକଙ୍କୁ ଟିକା ଦିଆଯିବ। ସେତେବେଳେ ଏହି ସ୍ୱାସ୍ଥ୍ୟକର୍ମୀମାନେ କାମରେ ଲାଗିବେ। ସରକାରୀ ହସ୍ପିଟାଲଗୁଡ଼ିକରେ ପ୍ରାୟ ଅଧା ନର୍ସିଂ ପଦବୀ ଖାଲି ପଡ଼ିଛି। ସରକାର ତୁରନ୍ତ ସେହି ପଦବୀକୁ ପୂରଣ କରନ୍ତୁ। ଏକ୍ଷେତ୍ରର କରୋନା ମୁକାବିଲାରେ ଯୋଦ୍ଧାହୋଇ ଓଡ଼ିଶାବାସୀଙ୍କ ଜୀବନ ରକ୍ଷା କରିଥିବା ଏହି ସ୍ୱାସ୍ଥ୍ୟକର୍ମୀଙ୍କୁ ଅଗ୍ରାଧିକାର ଦିଆଯାଉ। ୧୦ବର୍ଷ ହେଲାଣି ଏଏନ୍‌ଏମ୍ ପଦବୀରେ ନୂଆ ନିଯୁକ୍ତି ହୋଇନାହିଁ। ସେଥିପାଇଁ ସର୍ବାଧିକ ବୟସ ସୀମାକୁ ୩୨ ବଦଳରେ ୪୨ ବର୍ଷ କରାଯାଉ। ଇଣ୍ଡିଆନ ପବ୍ଲିକ ହେଲ୍‌ଥ ଷ୍ଟାଣ୍ଡାର୍ଡ ୨୦୧୨ ଓ ଜାତୀୟ ସ୍ୱାସ୍ଥ୍ୟ ମିଶନ ୨୦୧୩ ଅନୁଯାୟୀ ଆବଶ୍ୟକ ମୁତାବକ ସ୍ୱାସ୍ଥ୍ୟକର୍ମୀ ଓ ନର୍ସିଂ ପଦବୀ ପୂରଣ କରାଯାଉ ବୋଲି ପ୍ରଦୀପ୍ତ ନାୟକ ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି।

**ଆଜିର ମନ୍ତବ୍ୟ**
"କୃଷକମାନଙ୍କୁ ବିଭ୍ରାନ୍ତ କରିବାକୁ ଉଦ୍ୟମ ଚାଲିଛି। ବିରୋଧୀ ଦଳଗୁଡ଼ିକ ନିଜ ସ୍ୱାର୍ଥ ସାଧନ ପାଇଁ ସେମାନଙ୍କୁ ବ୍ୟବହାର କରୁଛନ୍ତି। -**ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ**

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ଦୀପକ୍
ପରିବାରବର୍ଗ


ଅନ୍ୱେଷା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ୨୭ରୁ ଖୋଲିବ...

ନୂଆବର୍ଷ ଅର୍ଥାତ୍ ଜାନୁୟାରୀ ୧ ଓ ୨ରେ ସମ୍ଭାବ୍ୟ ଭିଡ଼କୁ ନଜରରେ ରଖି ମନ୍ଦିରକୁ ସର୍ବସାଧାରଣଙ୍କ ପାଇଁ ବନ୍ଦ ରଖାଯିବ। ଏହି ସମୟରେ କୌଣସି ଭକ୍ତ କିମ୍ବା ସେବାୟତଙ୍କ ପରିବାରକୁ ମନ୍ଦିର ଭିତରକୁ ଛଡ଼ାଯିବ ନାହିଁ। ଏହାବାଦ୍ ଆସନ୍ତା ୩ ତାରିଖଠାରୁ ଭୁବନେଶ୍ୱର ମହାନଗର ନିଗମ ଅନ୍ତର୍ଗତ ଅନ୍ୟାନ୍ୟ ମନ୍ଦିର ଖୋଲିବାକୁ ନିଷ୍ପତ୍ତି ନିଆଯାଇଛି। ମନ୍ଦିର କର୍ତ୍ତୃପକ୍ଷ ବିଏମ୍‌ସିକୁ ଏକ ଅଣ୍ଡରଟେକିଂ ଦେଇ ମନ୍ଦିର ଖୋଲିପାରିବେ ବୋଲି ବିଏମ୍‌ସି କମିଶନର କହିଛନ୍ତି। ବିଏମ୍‌ସି ମୁଖ୍ୟାଳୟରେ ମଙ୍ଗଳବାର ଅପରାହ୍ନରେ ୨ଟି ପର୍ଯ୍ୟାୟରେ ଅନୁଷ୍ଠିତ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି।

ଲିଙ୍ଗରାଜ ମନ୍ଦିର ଖୋଲିବା ପରେ ପ୍ରଥମ ପର୍ଯ୍ୟାୟରେ ୨୭ରୁ ୩୧ ତାରିଖ ପର୍ଯ୍ୟନ୍ତ କେବଳ ସେବାୟତ ଓ ପୂଜକ ପରିବାର ଲୋକେ ମହାପ୍ରଭୁଙ୍କୁ ଦର୍ଶନ କରିପାରିବେ। ଏହାପରେ ୩ରୁ ୫ ତାରିଖ ମଧ୍ୟରେ ରାଜଧାନୀବାସୀଙ୍କୁ ଶ୍ରୀଲିଙ୍ଗରାଜଙ୍କ ଦର୍ଶନ ପାଇଁ ଅନୁମତି ମିଳିବ। ଜାନୁୟାରୀ ୬ରୁ ୩୧ତାରିଖ ପର୍ଯ୍ୟନ୍ତ ସର୍ବସାଧାରଣଙ୍କୁ ଦର୍ଶନ ପାଇଁ ସୁଯୋଗ ମିଳିବ। ଏହାପରେ କୋଭିଡ୍ ସ୍ଥିତିର ଗତିବିଧିକୁ ଲକ୍ଷ୍ୟ କରାଯାଇ ପରବର୍ତ୍ତୀ ନିଷ୍ପତ୍ତି ନିଆଯିବ। ମନ୍ଦିରକୁ ପ୍ରବେଶ ଏବଂ ଦର୍ଶନ ସମୟରେ କୋଭିଡ୍ ନିୟମର କଡ଼ାକଡ଼ି ପାଳନ କରାଯିବ। ପ୍ରବେଶ ଦ୍ୱାରରେ ସମସ୍ତ ଶ୍ରଦ୍ଧାଳୁଙ୍କ ସ୍କ୍ରିନିଂ ପରେ ଦର୍ଶନ ପାଇଁ ଭିତରକୁ ଛଡ଼ାଯିବ। ଦର୍ଶନ ପାଇଁ ପରିଚୟପତ୍ର ବାଧ୍ୟତାମୂଳକ କରାଯିବ। ମନ୍ଦିର ଭିତରକୁ ଏକକାଳୀନ ସର୍ବାଧିକ ୫୦୦ ଲୋକଙ୍କୁ ଦର୍ଶନ ସୁଯୋଗ ମିଳିବ। ଗର୍ଭଗୃହରେ ସାହାଣ ମେଲା ଦର୍ଶନ ଲାଗି ଅନୁମତି ଦିଆଯିବ ନାହିଁ। ଆଡ଼ପ ମଣ୍ଡପ ନିକଟରେ ରହି ଶ୍ରଦ୍ଧାଳୁ ଦର୍ଶନ କରିବେ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, କୋଭିଡ୍ ନେଗେଟିଭ ରିପୋର୍ଟ ଦେଖାଇବାପରେ ହିଁ ଭକ୍ତମାନେ ଶ୍ରୀଲିଙ୍ଗରାଜଙ୍କ ଦର୍ଶନ କରିପାରିବେ। ୪ରୁ ୫ ଦିନ ମଧ୍ୟରେ କରାଯାଇଥିବା ଟେଷ୍ଟର ନେଗେଟିଭ୍ ରିପୋର୍ଟ ଦେଖାଇପାରିବେ। କୋଭିଡ୍ ପଜିଟିଭ୍ ଥିବା ବ୍ୟକ୍ତିମାନଙ୍କୁ ଦର୍ଶନ ସୁଯୋଗ ମିଳିବ ନାହିଁ। କୋଭିଡ୍ ପରୀକ୍ଷା ପାଇଁ ମନ୍ଦିର ନିକଟରେ ମଧ୍ୟ ଏକ କରୋନା ପରୀକ୍ଷା କେନ୍ଦ୍ର ଖୋଲାଯିବ। ଭକ୍ତଙ୍କ ଦର୍ଶନ ଯେପରି ଶୃଙ୍ଖଳିତ ଭାବେ ହୋଇପାରିବ ସେନେଇ କମିଶନରେଟ ପୋଲିସ ପକ୍ଷରୁ ବ୍ୟବସ୍ଥା କରାଯିବ। ମନ୍ଦିର ଖୋଲାଯିବା ପରେ ଯଦି କୋଭିଡ୍ ନିର୍ଦ୍ଦେଶାବଳୀକୁ ଅମାନ୍ୟ କରାଯାଉଥିବାର ପ୍ରମାଣ ମିଳେ, ତେବେ ମନ୍ଦିର ପରିଚାଳନା କମିଟି ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କମିଶନର ଚୌଧାରୀ କହିଛନ୍ତି।

ଅନ୍ୟପକ୍ଷରେ ଶ୍ରୀମନ୍ଦିର ଓ ଶ୍ରୀଲିଙ୍ଗରାଜ ମନ୍ଦିର ଖୋଲିବା ନେଇ ସବୁଜ ସଙ୍କେତ ମିଳିବା ପରେ ରାଜ୍ୟର ଅନ୍ୟାନ୍ୟ ମନ୍ଦିର କେବେ ଖୋଲିବ ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟିହୋଇଛି। ତେବେ ଜିଲାସ୍ତରରେ ଧର୍ମାନୁଷ୍ଠାନ ଖୋଲିବ କି ନାହିଁ ସେନେଇ ଜିଲାପାଳମାନେ ନିଷ୍ପତ୍ତି ନେବେ ବୋଲି ମୁଖ୍ୟଶାସନ ସଚିବ ଅସିତ କୁମାର ତ୍ରିପାଠୀ ସୋମବାର ଟୁଇଟ୍ ଯୋଗେ ସୂଚନା ଦେଇଥିଲେ। ସ୍ଥାନୀୟ ମନ୍ଦିର ଖୋଲିବା ନିଷ୍ପତ୍ତି ଜିଲାପାଳଙ୍କ ହାତରେ ରହିଥିବା ସେ କହିଛନ୍ତି। ଷ୍ଟେକ୍ ହୋଲ୍ଡରଙ୍କ ସହ ଆଲୋଚନା ଏବଂ ସ୍ୱତନ୍ତ୍ର ଏସ୍‌ଓପି ଜାରି କରିବା ପରେ ମନ୍ଦିର ଖୋଲିବାକୁ ଜିଲାପାଳମାନେ ନିର୍ଦ୍ଦେଶ ଦେଇପାରିବେ ବୋଲି ମୁଖ୍ୟ ଶାସନ ସଚିବ କହିଛନ୍ତି।

## ଏମ୍‌ଏସ୍‌ଏମ୍‌ଇକୁ ସହାୟତା

ଚାର୍ଜ ଆଦି ଅନ୍ତର୍ଭୁକ୍ତ। ଏହାଦ୍ୱାରା ମହିଳା ଓ ଦୁର୍ବଳ ଉଦ୍ୟୋଗୀଙ୍କ ସମେତ ପ୍ରାୟ ୭୦ ହଜାର ଏମ୍‌ଏସ୍‌ଏମ୍‌ଇ ୟୁନିଟ୍ ସୁଧ ଛାଡ଼ ରିହାତି ପାଇ ପାରିବେ। ବର୍ଷକ ପାଇଁ ମୋରାଟୋରିୟମ୍ ସହିତ ରାଜ୍ୟ ସରକାର ଏମର୍ଜେନ୍ସି କ୍ରେଡିଟ୍ ଲାଇନ ଗ୍ୟାରେଣ୍ଟି ସ୍କିମ୍ ଜରିଆରେ ସୁଧ ଉପରେ ରିହାତି ପ୍ରଦାନ କରିବେ। ସେଥିରୁ କେବଳ ୪୦ ପ୍ରତିଶତ ଯୋଗ୍ୟ ଏମ୍‌ଏସ୍‌ଏମ୍‌ଇ ମହିଳା ଉଦ୍ୟୋଗୀଙ୍କ ପାଇଁ ୧୦୮.୨୯ କୋଟି ଖର୍ଚ୍ଚ କରାଯିବ। ୨୦୨୦-୨୧ ଆର୍ଥିକ ବର୍ଷରେ ପ୍ରଧାନମନ୍ତ୍ରୀ ନିଯୁକ୍ତି ସୃଷ୍ଟି ଯୋଜନା(ପିଏମ୍‌ଇଜିପି) ଜରିଆରେ ଦୁର୍ବଳ ବର୍ଗଗୁଡ଼ିକୁ ପ୍ରମୋଟର ଅବଦାନ ସ୍ୱରୂପ ୫ ପ୍ରତିଶତ ଟପ୍-ଅପ୍ ସବ୍‌ସିଡି ନିୟମ ଅନୁସାରେ ପ୍ରଦାନ କରାଯିବ। ଆବଶ୍ୟକତା ଦୂର କରିବାକୁ ୨୭ କୋଟିର ବ୍ୟବସ୍ଥା କରାଯାଇଛି। କରୋନା କାଳରେ ଦୁର୍ବଳ ବର୍ଗ(ଏସ୍‌ସି/ଏସ୍‌ଟି, ଓବିସି/ ସଂଖ୍ୟାଲଘୁ/ ମହିଳା/ ଭିନ୍ନକ୍ଷମ ଏବଂ ପୂର୍ବତନ ସେନା କର୍ମଚାରୀ)ଙ୍କୁ ଏହା ବଡ଼ ସହାୟତା ହେବ । ପ୍ରଧାନମନ୍ତ୍ରୀ ଫର୍ମାଲାଇଜେଶନ ଅଫ୍ ମାଇକ୍ରୋ ଫୁଡ୍ ପ୍ରୋସେସିଂ ଏଣ୍ଟରପ୍ରାଇଜେସ୍ (ପିଏମ୍‌ଏଫ୍‌ଏମ୍‌ଇ) ସ୍କିମ୍ ଅଧୀନରେ କାର୍ଯ୍ୟକାରୀ ହେଉଥିବା ଖାଦ୍ୟ ପ୍ରକ୍ରିୟାକରଣ ୟୁନିଟ୍ ଯେଉଁଗୁଡ଼ିକ କେନ୍ଦ୍ର ପ୍ରବର୍ତ୍ତିତ ଯୋଜନାରେ ୬୦:୪୦ ଅନୁପାତରେ ଚାଲୁଛି, ସେଗୁଡ଼ିକୁ ଅଧିକ ୧୫ ପ୍ରତିଶତ ଟପ୍-ଅପ୍ ସବ୍‌ସିଡି ପ୍ରଦାନ କରାଯିବ। ଚଳିତ ଆର୍ଥିକ ବର୍ଷରେ ଏହାଦ୍ୱାରା ପ୍ରାୟ ୧ ହଜାର ୟୁନିଟ୍ ୧୦ କୋଟି ଟଙ୍କାର ଟପ୍-ଅପ୍ ସବ୍‌ସିଡି ପାଇବେ।

ଏହାଛଡା ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଦ୍ୱାରା ଘୋଷଣା କରାଯାଇଥିବା କୋଭିଡ୍-୧୯ ସହାୟତା ପ୍ୟାକେଜ୍ (ସିଏପି) ମଧ୍ୟ କ୍ଷୁଦ୍ର ଓ ସୂକ୍ଷ୍ମ ଉଦ୍ୟୋଗଗୁଡ଼ିକୁ ବିଶେଷ ସହାୟକ ହେବ। ଏହାଦ୍ୱାରା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଜରିଆରେ ଉଦ୍ୟୋଗୀଙ୍କୁ ୧୦୦ କୋଟି ଟଙ୍କାର ସହାୟତା ପ୍ରଦାନ କରାଯିବ। ନିକଟରେ ରାଜ୍ୟ କ୍ୟାବିନେଟ ଦ୍ୱାରା ଶିଳ୍ପ ନୀତିରେ କରାଯାଇଥିବା ସଂଶୋଧନ ଫଳରେ କୋଭିଡ୍ ଯୋଗୁ କ୍ଷତି ସହିଥିବା ୧୭୫ରୁ ଊର୍ଦ୍ଧ୍ୱ ଉଦ୍ୟୋଗ ୨୦୧୭ ଜୁଲାଇରୁ ୨୦୨୦ ମାର୍ଚ୍ଚ ୩୧ ଯାଏ ଜିଏସ୍‌ଟି ପୁନଃଭରଣା ସୁବିଧା ପାଇ ପାରିବେ। ଏଥିପାଇଁ ୩୮.୩୦ କୋଟି ଟଙ୍କା ପ୍ରଦାନ କରାଯାଇଛି। ରାଜ୍ୟର ବିଭିନ୍ନ ଶିଳ୍ପାଞ୍ଚଳରେ ଥିବା ପ୍ରାୟ ୫ ହଜାର ଏମ୍‌ଏସ୍‌ଏମ୍‌ଇ ବାର୍ଷିକ ପରିଚାଳନା ଦେୟ ବାବଦରେ ଇଡ୍‌କୋକୁ ୫.୩୮ କୋଟି ଟଙ୍କା ପ୍ରଦାନ କରିଥାଆନ୍ତେ। ସେ ସମସ୍ତ ଅର୍ଥ ଇଡ୍‌କୋ ବହନ କରିବା ନେଇ ଏହି ପ୍ୟାକେଜ୍‌ରେ ବ୍ୟବସ୍ଥା ରହିଛି । କରୋନା ମହାମାରୀ ଦ୍ୱାରା ହୋଇଥିବା କ୍ଷତି ଭରଣା ପାଇଁ ଉକ୍ତ ୨୮୯.୪୨ କୋଟି ଟଙ୍କା ଏମ୍‌ଏସ୍‌ଏମ୍‌ଇ ସେକ୍ଟରକୁ ସହାୟତା କରିବ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି।

## ପ୍ରଥମ ପୃଷ୍ଠାରୁ...

## ନିଖୋଜର ଦୁଃଖଦ ...

ହତ୍ୟା କରି ତହଁଲାସାହିର ଗାଡ଼ିଆରେ ଫୋପାଡ଼ି ଦେଇଥିବା ସ୍ୱାତୀଙ୍କ ମା'ବାପା କହିଛନ୍ତି। ନୟାଗଡ଼ ଏସ୍‌ପି ପ୍ରତ୍ୟୁଷ ଦିବାକର ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତି ଅନୁଧ୍ୟାନ କରିଛନ୍ତି। ଖୋର୍ଦ୍ଧା ସାଇଣ୍ଟିଫିକ୍ ଟିମ୍‌ର ତଦନ୍ତ ପରେ ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ରଣପୁର ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛି। ବୁଧବାର ବ୍ୟବଚ୍ଛେଦ କରାଯିବ ବୋଲି ପୋଲିସ କହିଛି। ଅନ୍ୟପକ୍ଷେ ଅମାବାସ୍ୟା ରାତିରେ ସ୍ୱାତୀକୁ ବଳି ଦିଆଯାଇ ଫୋପଡ଼ା ଯାଇଛି ବୋଲି ଗାଁରେ ଚର୍ଚ୍ଚା ହେଉଥିବା ଖବର ମିଳିଛି।

ସୂଚନା ଅନୁଯାୟୀ, ଗତ ୧୧ ତାରିଖରେ ବଧିପାଟଣା ଗାଁର ସଞ୍ଜୟ ସାହୁଙ୍କ ୩ ବର୍ଷିଆ ଝିଅ ସ୍ୱାତୀ ଗାଁଦାଣ୍ଡରୁ ହଠାତ୍ ନିଖୋଜ ହୋଇଯାଇଥିଲା। ବହୁ ଖୋଜାଖୋଜି ପରେ ବି ତା'ର ପତ୍ତା ମିଳି ନ ଥିଲା। ସେଦିନ ଗାଁକୁ କେତେଜଣ ଫେରିବାଲା ଆସି କମ୍ବଳ ବିକ୍ରି କରୁଥିଲେ। ଏହି ସୁଯୋଗରେ ସ୍ୱାତୀକୁ କେହି ଅପହରଣ କରି ନେଇଥିବା ସନ୍ଦେହ କରାଯାଇଥିଲା। ଏ ସଂକ୍ରାନ୍ତରେ ପରିବାର ପକ୍ଷରୁ ରାଜସୁନାଖଳା ଫାଣ୍ଡିରେ ଅଭିଯୋଗ କରାଯାଇଥିଲା। ପୋଲିସ ଗାଁରେ ପହଞ୍ଚି ଖାନ୍‌ତଲାସ ଆରମ୍ଭ କରିଥିଲା। ଏପରିକି ଗାଁର କୂଅ ପୋଖରୀ ଖୋଜା ଚାଲିଥିଲା। ସ୍କୁବା ଡାଇଭର, ଓଡ୍ରାଫ୍ ଟିମ୍ ଓ ଦମକଳ କର୍ମଚାରୀମାନେ ସ୍ୱାତୀକୁ ଖୋଜିବାରେ ସହଯୋଗ କରିଥିଲେ। ତଥାପି ସ୍ୱାତୀର ପତ୍ତା ମିଳି ନ ଥିଲା। ହେଲେ ମଙ୍ଗଳବାର ତଅଁଲାସାହି ଗାଡ଼ିଆରେ ଏକ ଶିଶୁକନ୍ୟାର ମୃତଦେହ ଭାସୁଥିବା ଦେଖି ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ। ମୃତଦେହ ବାହାର କରାଯିବା ପରେ ତାହା ସ୍ୱାତୀର ବୋଲି ଚିହ୍ନଟ କରାଯାଇଥିଲା। ଏହି ଘଟଣା ପୁଣି ଥରେ ଜିଲାବ୍ୟାପୀ ଆଲୋଡ଼ନ ସୃଷ୍ଟି କରିଛି । ସ୍ୱାତୀ ମୃତଦେହ ଜବତ ପରେ ବଧିପାଟଣା ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

### ଚୋରକୁ ନେଇ ସନ୍ଦେହ

ଏନେଇ ସ୍ୱାତୀର ବାପା ସଞ୍ଜୟ ଓ ମା' ସବିତା କୁହନ୍ତି, ଆମ ଝିଅ ଗାଁରୁ କୁଆଡ଼େ ଯାଇ ନ ଥିଲା। ବରଂ ତାକୁ କେହି ଅପହରଣ କରି ହତ୍ୟା କରିଛନ୍ତି। ଏପରି କୌଣସି ଲୋକ ଗାଁରେ ଥାଇପାରନ୍ତି ବୋଲି ଏହି ଦମ୍ପତି କହିଛନ୍ତି । ସେମାନଙ୍କ କହିବା ଅନୁଯାୟୀ, ସୋମବାର ଗାଁରେ ସଭା ଚାଲିଥିଲା। ଏହି ସମୟରେ ଜଙ୍ଗଲରୁ ଖବର ଆସିଲା ୩ଜଣ କଳାମୁଖାଧାରୀ ଚୋର ପଶିଛନ୍ତି। ଚୋରକୁ ଧରିବାକୁ ପ୍ରାୟ ଅଧେ ଲୋକ ଜଙ୍ଗଲକୁ ଯାଇଥିଲେ। ଗାଁରେ ମୁତୟନ ଥିବା ପୋଲିସ ବି ଜଙ୍ଗଲକୁ ଯାଇଥିଲା। ଏହି ସୁଯୋଗରେ କିଏ ସ୍ୱାତୀର ମୃତଦେହକୁ ଗାଡ଼ିଆରେ ଫୋପାଡ଼ି ଦେଇଥିବା ସନ୍ଦେହ କରାଯାଉଛି। ଗାଁ ମଝିରେ ଗୋଟିଏ ପୋଖରୀ ଓ ଗୋଟିଏ ଗାଡ଼ିଆ ଅଛି। ଅଥଚ ତହଁଲାସାହି ପରିତ୍ୟକ୍ତ ଗାଡ଼ିଆରେ କାହିଁକି ମୃତଦେହ ପକାଗଲା ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

### ଶତ୍ରୁ କିଏ

ଗାଁରେ ଆମର କେହି ଶତ୍ରୁ ନାହାନ୍ତି । ତଥାପି କେହି ଷଡ଼ଯନ୍ତ୍ରକାରୀ ଆମ ଉପରେ ଶତ୍ରୁତା ରଖି ଝିଅକୁ ମାରିଥିବ ସେ କଥା କହି ହେବ ନାହିଁ । ଆମ ଘରଠାରୁ ୧୦୦ ଫୁଟ ଭିତରେ ଝିଅ ଚଲାବୁଲା କରେ। ଆମେ ସବୁବେଳେ ଝିଅ ସହିତ ଥାଉ । ହେଲେ କେହି ତାଙ୍କୁ ସେଦିନ ଅପହରଣ କରିନେଲେ ତାହା ଆମେ ଜାଣିନୁ। ଝିଅ ଅପହରଣ ହୋଇଥିବା ଆମେ ଥାନାରେ ଅଭିଯୋଗ କରିଥିଲୁ । ୩ ଦିନ ହେଲା ପୋଲିସ ଗାଁର ଗୋଟିଏ ପୋଖରୀରେ ଖୋଜାଖୋଜି କରୁଥିଲା। ହେଲେ କିଛି ଲାଭ ହେଲା ନାହିଁ ବୋଲି ସ୍ୱାତୀଙ୍କ ମା'ବାପା କହିଛନ୍ତି।

### ପୋଲିସ ତଦନ୍ତ ଫେଲ୍

ପୋଲିସର ଏକ ଟିମ୍ ସ୍ୱାତୀକୁ ଖୋଜିବାକୁ ସୁନ୍ଦରପଦା ଯାଇଥିଲା। ଜିଲାର ସବୁ ଥାନାକୁ ସ୍ୱାତୀର ଫଟୋ ପଠାଯାଇଥିବା ପୋଲିସ କହିଥିଲା । ହେଲେ ସ୍ୱାତୀର ମୃତଦେହ ମିଳିବା ପରେ ପୋଲିସର ସବୁ ଉଦ୍ୟମ ବିଫଳ ହୋଇଛି । ପୁଣି ଥରେ ନୟାଗଡ଼ ପୋଲିସ ପାଇଁ ଏହି ଘଟଣା ଚ୍ୟାଲେଞ୍ଜ ସୃଷ୍ଟି କରିଛି । ତୁରନ୍ତ ହତ୍ୟାକାରୀଙ୍କୁ ପୋଲିସ ଗିରଫ କରୁ ଓ ତାଙ୍କୁ ଫାଶୀ ଦିଆଯାଉ ବୋଲି ସ୍ୱାତୀଙ୍କ ମା'ବାପା ଦାବି କରିଛନ୍ତି ।

### ପରୀ ଘଟଣା ସହ ସମ୍ପର୍କ ନାହିଁ

ଏ ନେଇ ଏସ୍‌ପି ପ୍ରତ୍ୟୁଷ ଦିବାକର ଓ ଅତିରିକ୍ତ ଏସ୍‌ପି ଉମାକାନ୍ତ ମଲ୍ଲିକ କହିଛନ୍ତି, ସବୁ ଦିଗରୁ ତଦନ୍ତ ଚାଲୁ ରହିଛି । ଗାଁ ପୋଖରୀ ଖୋଜା ଯାଇଥିଲେ ମଧ୍ୟ ମୃତଦେହ ମିଳିଥିବା ଗାଡିଆ ଖୋଜା ହୋଇ ନ ଥିଲା। ଅନ୍ୟପକ୍ଷେ ସେଦିନ ଗାଁକୁ ମୁଖାପିନ୍ଧା ଚୋର ପଶି ଆସିଥିବା ଘଟଣାର ତଦନ୍ତ ଚାଲିଛି। ସାଇଣ୍ଟିଫିକ୍ ଟିମ୍ ବି ତଦନ୍ତ କରୁଛି। ମୃତଦେହ ବ୍ୟବଚ୍ଛେଦ ପରେ ଫୋରେନସିକ୍ ଟେଷ୍ଟ ପାଇଁ ପଠାଇବୁ। ପରୀ ହତ୍ୟା ଘଟଣା ସହ ସ୍ୱାତୀ ମୃତଦେହ ମିଳିବାର କୌଣସି ସମ୍ପର୍କ ନାହିଁ ବୋଲି ଏସ୍‌ପି କହିଛନ୍ତି । ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ସବୁ ସ୍ପଷ୍ଟ ହେବ ବୋଲି ସେ କହିଛନ୍ତି।

## ଚାଷୀଙ୍କୁ ବୀମା ...

ସରକାର ବୀମା ପ୍ରିମିୟମ ଭରିବା ଅବଧି ବଢ଼ାଇବା ଦରକାର। ମାତ୍ର ଏହାକୁ ୧୫ଦିନ ପଛକୁ ଫେରାଇବା ଦୁର୍ଭାଗ୍ୟଜନକ। ସରକାରଙ୍କ ଏଭଳି ଅଦୂରଦର୍ଶିତା ଯୋଗୁ ଯଦି ବୀମାଭୁକ୍ତ ହୋଇ ପାରି ନ ଥିବା କୌଣସି ଚାଷୀ ପ୍ରାକୃତିକ ବିପର୍ଯ୍ୟୟରେ କ୍ଷତିଗ୍ରସ୍ତ ହୁଅନ୍ତି, ସେଥିପାଇଁ କେନ୍ଦ୍ର ସରକାର ହିଁ ଦାୟୀ ରହିବେ । ସେହିପରି ପଶ୍ଚିମ ଓଡ଼ିଶା କୃଷକ ସଙ୍ଗଠନ ସମନ୍ୱୟ ସମିତିର ଆବାହକ ଲିଙ୍ଗରାଜ କୁହନ୍ତି, ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନା ନେଇ କେନ୍ଦ୍ର ସରକାର ତଥା କେନ୍ଦ୍ର ମନ୍ତ୍ରୀମାନେ ବାରମ୍ବାର ବାହୁସ୍ଫୋଟ ମାରୁଛନ୍ତି। ମାତ୍ର କରୋନା କାଳରେ ବୀମା ପ୍ରିମିୟମ ଅବଧି ଭରିବା ସମୟକୁ ୧୬ଦିନ କମ୍ କରିଦେବା ଚାଷୀଙ୍କ ପ୍ରତି ହତାଦରକୁ ସୂଚାଇ ଦେଉଛି । ଓଡ଼ିଶା ସରକାର ଏହାକୁ ଦୃଷ୍ଟିରେ ରଖି ଏହି ଅବଧିକୁ କିଭଳି ଡିସେମ୍ବର ୩୧ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇ ପାରିବ, ସେଥିପ୍ରତି ପଦକ୍ଷେପ ନେବା ଜରୁରୀ । ଏ ସମ୍ପର୍କରେ ବରଗଡ଼ ଜିଲା ମୁଖ୍ୟ କୃଷି ଅଧିକାରୀ ଦୀନବନ୍ଧୁ ଗାନ୍ଧୀଙ୍କୁ ପଚାରିବାରୁ ସେ କହିଥିଲେ ଯେହେତୁ ଡିସେମ୍ବର ୩୧ ବଦଳରେ ୧୫ତାରିଖ ପର୍ଯ୍ୟନ୍ତ ଏହି ଅବଧି ରହିଥିଲା, ସେଥିପାଇଁ ୮ଟି ସ୍ୱତନ୍ତ୍ର ଗାଡ଼ିରେ ସେ ସମ୍ପର୍କରେ ପ୍ରଚାର କରି ଚାଷୀଙ୍କୁ ସଚେତନ କରାଯାଇଥିଲା।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ଆଜି ସକାଳୁ ବନ୍ଧୁଙ୍କ ସହ ଯାତ୍ରାରମ୍ଭ କରି ଖୁସି ହୋଇଯିବେ । ବକେୟା ଅର୍ଥ ଲାଭ, ଶାରୀରିକ ସୁସ୍ଥତା, ବନ୍ଧୁଙ୍କ ପରାମର୍ଶ କାମକୁ ଆସିବ । ପ୍ରତିଯୋଗିତାରେ ସଫଳତା ଯୋଗୁ କେତେକାଂଶରେ ମନକୁ ବୁଝାଇବାରେ ସମର୍ଥ ହେବେ । ପ୍ରତ୍ୟେକ କ୍ଷେତ୍ରରେ ଯୁକ୍ତିଯୁକ୍ତ କଥା କହି ପରିସ୍ଥିତିକୁ ସୁଧାରି ନେବେ ।

**ବୃଷ**
ପରିସ୍ଥିତି ବିଶେଷ ଭଲ ନ ଥିବା ହେତୁ ଭଲ କଥା କହିଲେ ମଧ୍ୟ ଅନ୍ୟମାନେ ଭୁଲ୍ ବୁଝିବେ। ସାଧାରଣ କଥାରେ କୌଣସି ବ୍ୟକ୍ତିଙ୍କ ସହ ମତାନ୍ତର ଘଟିପାରେ। ବାରମ୍ବାର ବିଫଳତାଜନିତ କାର୍ଯ୍ୟହାନି କାରଣରୁ ଟେନ୍ସନ ଲାଗି ରହିବ । ଆକସ୍ମିକ ଆବଶ୍ୟକତା କାରଣରୁ ଖର୍ଚ୍ଚ ପରିମାଣ ବୃଦ୍ଧି ପାଇ ଚିନ୍ତାକୁ ବଢାଇ ଦେବ ।

**ମିଥୁନ**
ଅସୁବିଧାଜନକ ସ୍ଥିତିକୁ ସୁଧାରିବା ସକାଶେ ବନ୍ଧୁମାନେ ପ୍ରୋତ୍ସାହିତ କରିପାରନ୍ତି । ଜଣେ ସହକର୍ମୀ ମାର୍ଗଦର୍ଶକ ସାଜିବେ, ଯାହା କି ଆପଣଙ୍କ ସକାଶେ ହିତକର ହେବ। ଜଣାଶୁଣା ବ୍ୟକ୍ତିଙ୍କ ଦ୍ୱାରା ପରିବହନ କ୍ଷେତ୍ରରେ ସମସ୍ୟା ସମାଧାନ ହେବ। ମାଲିମକଦ୍ଦମାରେ କାର୍ଯ୍ୟ ହାସଲ ସକାଶେ ନୂଆ ଦିଗ ପ୍ରତି ଚିନ୍ତା କରିପାରନ୍ତି।

**କର୍କଟ**
ଘରର ଆର୍ଥିକ ସମସ୍ୟା ନେଇ ମନରେ ଦୁର୍ଭାବନା ସୃଷ୍ଟି ହେବ । କର୍ମକ୍ଷେତ୍ରରେ ସାଧାରଣ କଥାକୁ ବଡ କଲେ କଳହ ବଢ଼ିପାରେ। ଅବଶ୍ୟ ପରକ୍ଷଣରେ ପରସ୍ପର ଆଲୋଚନା ଦ୍ୱାରା ସମସ୍ୟାର ସରଳ ସମାଧାନରେ ସମର୍ଥ ହେବେ । ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ପ୍ରତିଦ୍ୱନ୍ଦ୍ୱିତା ବଢ଼ିପାରେ ।

**ସିଂହ**
ମନରେ ସାହସ ବାନ୍ଧି କୌଣସି କାମ ଆରମ୍ଭ କଲେ ସଫଳତା ପାଇବେ । ପରିବାର ପାଇଁ ଯେତେ ସୁବିଧା ସୁଯୋଗ ସୃଷ୍ଟି କଲେ ମଧ୍ୟ ସମସ୍ତେ ସନ୍ତୁଷ୍ଟ ନ ହୋଇ ନିନ୍ଦାଗାନ କରିବେ । ଆଜି ଏକା ସଙ୍ଗରେ ବହୁତ କାମ ହାତକୁ ନେଇ ବ୍ୟସ୍ତବିବ୍ରତ ହୋଇପାରନ୍ତି। ବହୁତ ଦିନରୁ ହଜିଯାଇଥିବା କିମ୍ବା ଖୋଜୁଥିବା ଜିନିଷ ହଠାତ୍ ପାଇଯିବେ ।

**କନ୍ୟା**
ପ୍ରତ୍ୟେକ ପରିସ୍ଥିତିରେ କିଛିଟା ସମସ୍ୟାର ସାମ୍ନା କରିବେ। ଟଙ୍କା ବାକି ରଖିଥିବା ଲୋକଟି ଘରକୁ ଆସି ଟଙ୍କା ଦେଇଯାଇପାରେ । ଅନ୍ୟମାନଙ୍କ କଥାରେ ପ୍ରଭାବିତ ହୋଇ ମତାନ୍ତରରୁ ବିତର୍କ ସୃଷ୍ଟି ହୋଇପାରେ । ଗୃହ ସଜ୍ଜା, ଗାଡ଼ି ମରାମତି, ପୁରୁଣା ଘରକୁ ସଜାଡ଼ିବାରେ ମନୋନିବେଶ କରିପାରନ୍ତି ।

**ତୁଳା**
ଅଧିକାଂଶ ସମୟ ମନ ଅସ୍ଥିର ରହିବା କାରଣରୁ ପରିବାରରେ ଝଡ଼ ଉଠିପାରେ । ମାନସିକ ଅଶାନ୍ତି ଲାଗିରହିବା କାରଣରୁ କୌଣସି କାମ ଉତ୍ସାହପ୍ରଦ ହେବ ନାହିଁ। ମାଲିମକଦ୍ଦମାରେ ଆଲୋଚନା ଦ୍ୱାରା ସମସ୍ୟା ସମାଧାନ ହୋଇଯିବ । ରାଜନୈତିକ କ୍ଷେତ୍ର କିମ୍ବା ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ ।

**ବିଛା**
ଅଭାବ ଦୂରେଇବା ପ୍ରୟାସ କଲେ ମଧ୍ୟ ଧାର କରଜ କରି ଆବଶ୍ୟକତା ଚଳାଇ ନେବେ । କ୍ରୀଡା, କଳା, ସାହିତ୍ୟ, ସଙ୍ଗୀତ ଓ ଚଳଚ୍ଚିତ୍ର କ୍ଷେତ୍ରରେ ସମସ୍ୟା ଦେଖାଦେବ। କିନ୍ତୁ ପରିବହନ ଓ ଆନୁଷ୍ଠାନିକ କ୍ଷେତ୍ରରେ ସଫଳତା ମିଳିପାରେ । ଅର୍ଥ ସମ୍ପର୍କକୁ କେନ୍ଦ୍ର କରି ତର୍କର ସମ୍ମୁଖୀନ ହେବେ ।

**ଧନୁ**
ବିଭିନ୍ନ ସମସ୍ୟା ଓ ପ୍ରତିବନ୍ଧକ ଭିତରେ ଚଳିବାକୁ ବାଧ୍ୟ ହେବେ । ଆଶା କରିଥିବା ଦ୍ରବ୍ୟ ଲାଭ ହେବ। ପରିବହନ, ଆମଦାନୀ କାରବାର କ୍ଷେତ୍ରରେ ନିଜ ନିଜର ସ୍ଥାନରେ ବେଶ୍ ଖୁସି ରହିବେ । ରାଜନୀତି ଓ ସାଂଗଠନିକ କ୍ଷେତ୍ରରେ ବହୁତ ଜନକଲ୍ୟାଣ କାମ ହାତକୁ ନେଇ ପ୍ରଶଂସିତ ହେବେ ।

**ମକର**
ଆଜି କାମ ହାସଲ ସକାଶେ ବନ୍ଧୁଙ୍କ କଥାକୁ ପ୍ରାଧାନ୍ୟ ଦେବା ଭଲ । ଘରୋଇ କଳହରୁ ମଧ୍ୟ ରକ୍ଷା ପାଇପାରିବ । ସାୟାହ୍ନରେ ପ୍ରିୟ ବନ୍ଧୁଙ୍କ ବିଷୟରେ କୌଣସି ଖବର ପାଇ ବିସ୍ମୟ ପ୍ରକାଶ କରିବେ । ବାଣିଜ୍ୟ, ବ୍ୟବସାୟ, ନିର୍ମାଣ ଓ ପରିବହନରୁ ଲାଭବାନ ହେବେ ।

**କୁମ୍ଭ**
ଆଜି ଯେଉଁ କାମରେ ହାତ ଦିଅନ୍ତୁନା କାହିଁକି ଘାତପ୍ରତିଘାତ ମଧ୍ୟ ଦେଇ ଗତିକରିବେ । ପରିବାରରେ ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ । ବ୍ୟବସାୟରେ ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ । ଭୂ-ସମ୍ପତ୍ତିକୁ କେନ୍ଦ୍ରକରି କଳହ ସୃଷ୍ଟି ହେବାର ସୂଚନା ରହିଛି ।

**ମୀନ**
ଆଜି ଯେକୌଣସି ପରିସ୍ଥିତିକୁ ସାମ୍ନା କରିବାକୁ ଚେଷ୍ଟା କରନ୍ତୁ । ଯାତ୍ରା, ବ୍ୟବସାୟ, ମାଲିମକଦ୍ଦମା, ସଂଗଠନ କ୍ଷେତ୍ରରେ କିଛିଟା ସମସ୍ୟା ଦେଖାଦେବ। ପ୍ରତିବନ୍ଧକ କାରଣରୁ ସବୁ ସୁବିଧା ଥାଇ ମଧ୍ୟ କେତେକ କାମ ଅଧୁରା ରହିଯାଇପାରେ । ସ୍ୱାସ୍ଥ୍ୟ ପ୍ରତି ସଚେତନ ରୁହନ୍ତୁ। କୌଣସି ବନ୍ଧୁଙ୍କ ସହ ସମ୍ପର୍କ ସ୍ଥାପନ ଆଗାମୀ ଦିନରେ କାମ ଦେବ।

ଆଜି ମାର୍ଗଶିର ଶୁକ୍ଳ ଦ୍ୱାଦଶୀ ବୁଧବାର, ଡିସେମ୍ବର ୧୬ ତାରିଖ, ରାଶି ନକ୍ଷତ୍ର-ପୂର୍ବାଷାଢ଼ା/ଧନୁ, କର୍କଟ ରାଶିର ଘାତବାର, ଦ୍ୱିତୀୟାର ଏକୋଦ୍ଦିଷ୍ଟ ଓ ଷଷ୍ଠୀର ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୬.୧୮ମି. ଗତେ ଘ.୦୭.୦୧ମି. ମଧ୍ୟେ, ଘ.୦୭.୪୫ମି. ଗତେ ଘ.୦୮.୨୮ମି. ମଧ୍ୟେ, ଘ.୧୦.୩୭ମି. ଗତେ ଘ.୧୨.୪୭ମି. ମଧ୍ୟେ ଅମୃତବେଳା। ସକାଳ ଘ.୦୭.୦୧ମି. ଗତେ ଘ.୦୭.୪୫ମି. ମଧ୍ୟେ, ଘ.୦୧.୩୦ମି. ଗତେ ଘ.୦୩.୪୦ମି. ମଧ୍ୟେ ମାହେନ୍ଦ୍ର ବେଳା। ଦିବା ଘ.୧୧.୪୨ମି. ଗତେ ଘ.୦୧.୦୩ମି. ମଧ୍ୟେ ରାହୁକାଳ।


# classifieds Everyday
0674-2580101, 2549302




**BRIDE WANTED**

Hindu brahmin 53years, 5'4", Central Govt. Service widow & divorcee allowed Caste no bar. Mob: 9008374112. D-19206

**GROOM WANTED**

PWDରେ ଚାକିରିଆ divorcee 53ବୟସ୍କା ଗୋପାଳ ଝିଅଙ୍କୁ ପୁଅ ଦରକାର। any Caste, 7381460040. D-67964

Beautiful brahmin girl 1996, 5'4" B-Tech Nationalised Bank PO. 9437555525. D-19220

Groom Wanted for Bhubaneswar based 25 years Teli Girl daughter of senior medicine specialist, Qualification MCA, Fair complexion, Preferably Govt. Doctors, Engineers, Banker and other Govt. Officers required. Contact: 9437186406, timing for contact 8 PM to 10 PM only. D-19218

Age-35, Government ଚାକିରିଆ divorcee କରଣ ଝିଅଙ୍କ ପାଇଁ ଯେ କୌଣସି ଜାତିର ଘରଜ୍ୱାଇଁ ଦରକାର। +917077495623. D-19219




**SALE**

Fully developed gated society gharabari boundary wall plot sale Gudiapokhari (near KEC College. Puri road) 30' road, Electricity. 8763887357, 9238902929. D-70118

Immediate registration and possession with gharabari land, Electricity in Sai Vihar, Jagannathpur, Ranga Bazar, BJEM-II @450/- (Bank finance available). 9437522339. D-70122

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. 2,40,000/-, ଅରଗୁଳ IIT ପାଖରେ 1200sqft. 1,44,000/-, 9776974912, 9348232008. D-70119

ଟଙ୍କପାଣି ରୋଡ୍ Sai ମନ୍ଦିରରୁ 2kms ମଧ୍ୟରେ gharabari boundary plot କିଣନ୍ତୁ। 7008492511. D-69356

Pahala Jagannath ମନ୍ଦିର ନିକଟରେ developed demarcated gharabari plot କିଣନ୍ତୁ। 9937166932. D-69357

ଭୁବନେଶ୍ୱର AIIMS Hospital ନିକଟରେ 30' ରାସ୍ତାଥାଇ plot immediate registration/ possession. 9937819395. D-70117

Booking open for 3BHK/2HK Luxurious & Premium Flat At: Surya Nagar, Bhubaneswar, Genuine Buyer Contact: Deepak - 9937329999. D-69945

100ଫୁଟିଆ ପିତୁରୋଡ୍‌କୁ ଲାଗି ବାରଙ୍ଗ ପାଖରେ commercial ୯ ଗୁଣ୍ଠ ଜାଗା ତୁରନ୍ତ ବିକ୍ରିହେବ। ଗୁଣ୍ଠ- ୬,୫୦,୦୦୦/- direct Owner. 9437033320. D-70124

**PURCHASE**

Land requires for plotting project in around Bhubaneswar, 9937816565, 9937568585. D-70123

**LOST**

I, Siddhartha Shankar Panda, S/o Late Tirthankar Panda, R/o. At/PO/PS/ Tahasil- Attabira, Dist. Bargarh declared that a Sale Deed bearing RSD No.2292/56, Dt.01.08.1998, Volume No.31 of SRO Bargarh has been lost somewhere. That the above Sale Deed is not traceable inspite of our sincere try and effort. D-69826




Don't hurry for construction or renovation compare quality and price from others before start your work talk with engineering experts for latest techniques call OHM Construction & research centre. 9938640133, 9938709146. D-70044

**GENERAL SALE**

1. Fully furnished Flat No. B-506, 5th Floor Gymkhana Palm Height near Sum Hospital, Bhubaneswar, Front South Facing Flat, 1911sqft. 3BHK attached 3Bath. 2. Verna Vehicle (Vehicle No. -OD02AX7761) Registered on 31.08.2018. 3. Micra Vehicle (Vehicle No.-OR02BV1467) Registered on 21.01.2012. Contact No-9873669329, 9437028801. D-19207

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




Tolet- for Office/ Bank/ Show room available ground floor (2500sqft.) & 2nd floor (2800sqft.) on Chandrasekharpur, Patia main road (Near Indian Oil Office), Owner- 8160373793, 9904066009. D-19203




Shivam logistic packers movers. Household/ car relocation countrywide. 9777044177, 9338461133. D-19148




Newly open Saikrupa Panchakarma and Spa. Contact: 8984068077. D-19124

Refreshing your mind & body with best therapy at Lotus Spa. 8018234866 D-69592

Revitalize your self with our ayurvedic massage and refreshment, Call: 7381239385. D-70055

Get refreshment body massage by expert therapist contact for 7205084157. D-70058

Swarna SPA newly open positively health benefits with expert therapist. 9556978408. D-70059

Ayurvedic full body massage & home service for ladies & gents. 9583808247. D-19237

Rejuvenate and Ayurvedic full body massage by smart therapist. 9348123330. D-70060

Experience full body massage with expert therapists. Call: 7377048581. D-70056

Newly open full body massage Ladies and Gents. 9337349409. D-69591

**BUSINESS**

4G high speed hotspot Dongle all SIM support JIO, Airtel, Idea, Vodafone, BSNL with one year warranty. Contact: 9853580814. D-69947

ବସ୍ତୁତଃ ଚାରିଆଡେ ଯେତେବେଳେ ଅବିଶ୍ୱାସର ରାଜତ୍ୱ ଜାରି ହୋଇ ରହିଛି- ସେତେବେଳେ ଦରକାର ହେଉଛି-ବିଶ୍ୱସ୍ତ ହେବା ଏବଂ ଝଡ ମଧ୍ୟରେ ଅଟଳ ଓ ଅବିଚଳିତ ରହିବା। -ଶ୍ରୀମା

# ୨୦ ଲକ୍ଷ ଚର

ଚାଇନାର ବିସ୍ତାରବାଦୀ ଚିନ୍ତାଧାରାର ଏକ ଭିନ୍ନ ନମୁନା 'ଦି ଅଷ୍ଟ୍ରେଲିଆନ୍' ଖବରକାଗଜରେ ପ୍ରକାଶ ପାଇବା ପରେ ଏବେ ସମଗ୍ର ବିଶ୍ୱ ତଟସ୍ଥ ହୋଇଯାଇଛି। ଚାଇନା କମ୍ୟୁନିଷ୍ଟ ପାର୍ଟି (ସିସିପି)ର ୨୦ ଲକ୍ଷ ଏଜେଣ୍ଟ ବିଶ୍ୱର ବୃହତ୍ କମ୍ପାନୀ, ବ୍ୟାଙ୍କ, ଗଣମାଧ୍ୟମ, ବିଶ୍ୱବିଦ୍ୟାଳୟ ଏବଂ ସରକାରୀ ସଂସ୍ଥାରେ ଗୋପନରେ ଅବସ୍ଥାପିତ ହୋଇଛନ୍ତି। ପ୍ରଘଟ ହୋଇଥିବା ତଥ୍ୟାବଳୀରେ କେବଳ ସିସିପି ସଦସ୍ୟଙ୍କ ନାମ ସହିତ ଦଳୀୟ ପଦବୀ, ଜନ୍ମ ତାରିଖ, ଜାତୀୟତା ପରିଚୟ ନମ୍ବର ମଧ୍ୟ ସ୍ଥାନ ପାଇଛି। ଏହି ସଦସ୍ୟମାନେ ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗଙ୍କ ନିକଟରେ ଉତ୍ତରଦାୟୀ ଥିବା ବିଷୟ ଜଣାପଡ଼ିଛି। ପୃଥିବୀସାରା ଲୋକେ ଜାଣୁଥିଲେ ଯେ, ଚାଇନାର ଶସ୍ତା ସାମଗ୍ରୀ ଚାରିଆଡ଼େ ଖେଳେଇ ହୋଇଯାଇଛି। ଓବର୍ (ୱାନ୍ ବେଲ୍ଟ, ୱାନ୍ ରୋଡ୍) ଭଳି ଭିତ୍ତିଭୂମି ସୃଷ୍ଟି କରି ବେଜିଂ ବିଭିନ୍ନ ମହାଦେଶକୁ ଯୋଡ଼ିବାର ପ୍ରୟାସ ଜାରି ରଖିଛି। ପଡ଼ୋଶୀ ଦେଶର ସ୍ଥଳ ଓ ଜଳଭାଗକୁ ଅକ୍ତିଆର କରି ତା'ର ଭୂଖଣ୍ଡ ବଢ଼ାଇବା ଚିନ୍ତାରେ ଅହରହ ମୁଣ୍ଡ ଖେଳାଉଛି। ହେଲେ ଗୁପ୍ତଚରି କାର୍ଯ୍ୟରେ ତା'ର ବଛାବଛା ଲୋକଙ୍କୁ ବିଶ୍ୱସାରା ବିଭିନ୍ନ କ୍ଷେତ୍ରରେ ଲଗାଇ ରଖିବା ସୂଚାଇ ଦେଉଛି ଯେ, ଆଗାମୀ ଦିନରେ ସୁପରପାୱାର ହେବା ଚାଇନାର ଏକମାତ୍ର ଲକ୍ଷ୍ୟ। ଅବଶ୍ୟ ତା'ର ଏହି ଲକ୍ଷ୍ୟ ସାଧନକୁ ବିପୁଳ ଜନସଂଖ୍ୟା ଓ ନୂଆ ପ୍ରଯୁକ୍ତି ବ୍ୟବହାର ତ୍ୱରାନ୍ୱିତ କରୁଛି।

ନିକଟରେ ପ୍ରକୃତିକୁ ନିୟନ୍ତ୍ରଣ କଲା ଭଳି ପଦକ୍ଷେପ ବିଷୟରେ ଚାଇନା ଘୋଷଣା କରିଛି। ଆଗାମୀ ୫ ବର୍ଷ ମଧ୍ୟରେ ବିରାଟକାୟ ଭୂଖଣ୍ଡ ଉପରେ କୃତ୍ରିମ ବର୍ଷା କଲା ଭଳି ୱେଦର ମୋଡିଫିକେଶନ ବା ପାଣିପାଗ ରୂପାନ୍ତରଣ କାର୍ଯ୍ୟକ୍ରମ ଲାଗି ଚାଇନା ପରୀକ୍ଷଣ ଆରମ୍ଭ କରିଦେଇଛି। କେତେ ଜଣ ବୈଜ୍ଞାନିକଙ୍କ କହିବା ଅନୁଯାୟୀ, ଏହି ଭୂଖଣ୍ଡ ଭାରତୀୟ ଉପମହାଦେଶଠାରୁ ବୃହତ୍। ଏଭଳି ପରୀକ୍ଷଣ ପଛରେ କୌଣସି ମହତ୍ ଉଦ୍ଦେଶ୍ୟ ଥିଲା ଭଳି ମନେହୁଏ ନାହିଁ। ଶତ୍ରୁ ରାଷ୍ଟ୍ରରେ କରୋନା ଭାଇରସ୍ ଛାଡ଼ି ଅଧିକାଂଶ ପୁରୁଷଙ୍କୁ ଆକ୍ରାନ୍ତ କଲା ଭଳି ଉଦ୍ୟମ କରିଥିବା ଚାଇନା ଏହି କୃତ୍ରିମ ବର୍ଷା ମାଧ୍ୟମରେ ହୁଏତ ବଡ଼ଧରଣର ବନ୍ୟା ସୃଷ୍ଟି କରି ପ୍ରବଳ କ୍ଷତି କରାଇବାର ଉଦ୍ଦେଶ୍ୟ ରଖିଥାଇପାରେ। କୌତୂହଳରେ କୁହାଯାଉଛି, ଆସନ୍ତା ୨୦୨୧ ମସିହା କେଉଁଭଳି ହେବ ତାହା ନିର୍ଭର କରେ ଆଜି ଚାଇନାବାସୀ କେଉଁ ପୋକଜୋକ ଖାଉଛନ୍ତି। ସେହିଭଳି ଅଧୁନା ବିଭିନ୍ନ ବୈଜ୍ଞାନିକ ପରୀକ୍ଷଣ କରୁଥିବା ଚାଇନା ଭବିଷ୍ୟତରେ ଅନେକ ନକାରାତ୍ମକ କାର୍ଯ୍ୟରେ ସେସବୁ ପ୍ରଯୁକ୍ତି ବ୍ୟବହାର କରିବାର ଯୋଜନା ରଖିଛି। 'ଦି ଅଷ୍ଟ୍ରେଲିଆନ୍'ରେ ବାହାରିଥିବା ତଥ୍ୟ ଆଜିକା ପୃଥିବୀରେ ବିଶେଷ ଗୁରୁତ୍ୱ ରଖୁଛି, କାରଣ ୨୦ ଲକ୍ଷ ଚାଇନା ଗୁପ୍ତଚର କେବଳ ସାମରିକ ତଥ୍ୟ ଚୋରିକରିବା ଉଦ୍ଦେଶ୍ୟରେ ବିଶ୍ୱସାରା ବ୍ୟାପୀ ନାହାନ୍ତି ; ପ୍ରତ୍ୟେକ ପାଶ୍ଚାତ୍ୟ ଦେଶରେ ପାଠପଢ଼ିବା ଆଳରେ ଯାଇ ଚାଇନାର ଛାତ୍ରୀଛାତ୍ରମାନେ ଅତି ଗୁରୁତ୍ୱପୂର୍ଣ୍ଣ ଗବେଷଣାଧର୍ମୀ ପ୍ରକଳ୍ପରେ କାର୍ଯ୍ୟ କରି ସବୁ ତଥ୍ୟ ସଂଗ୍ରହ କରିବାରେ ଲାଗିଛନ୍ତି। ଏହାଠାରୁ ଅଧିକ ମାରାତ୍ମକ ହେଉଛି ବିଭିନ୍ନ ବହୁରାଷ୍ଟ୍ରୀୟ କମ୍ପାନୀ, ବ୍ୟାଙ୍କ ଏବଂ ଅନ୍ତର୍ଜାତୀୟ ସଂସ୍ଥାରେ ବଡ଼ ପଦବୀରେ ରହି ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାଭଳି ସ୍ଥାନ ଏହି ଚାଇନା ଲୋକ ଅକ୍ତିଆର କରିସାରିଲେଣି। ଏହାଦ୍ୱାରା ସେମାନେ ଅନେକ ଦେଶରେ ନୀତିନିୟମକୁ ପ୍ରଭାବିତ କରୁଛନ୍ତି।

ଭାରତ ତା'ର ଆଭ୍ୟନ୍ତରୀଣ ଅଶାନ୍ତି ଓ ସମସ୍ୟାରେ ବୁଡ଼ିରହିଥିବା ବେଳେ ବିରୋଧୀ ଚାଇନା ବିଶ୍ୱଦଖଲ କାର୍ଯ୍ୟରେ ମାତିଛି। ଭାରତର ରାଜନୈତିକ ନେତୃତ୍ୱଠାରୁ ଆରମ୍ଭ କରି ସାମରିକ କର୍ତ୍ତୃପକ୍ଷ ସମସ୍ତେ ଚାଇନା, ଚାଇନା ହେଉଛନ୍ତି। ଯଦି ଚାଇନା ସହ ୧୫ ଦିନ ଘମାଘୋଟ ଲଢ଼େଇ ହୁଏ, ସେଥିପାଇଁ ଅସ୍ତ୍ରଶସ୍ତ୍ର ଓ ଯୁଦ୍ଧ ସରଞ୍ଜାମ ମହଜୁଦ କରି ରଖିବା ସକାଶେ ସେନାକୁ ନିକଟରେ ନିର୍ଦ୍ଦେଶ ଦିଆଯାଇଛି। ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଏବଂ ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍ ବିପିନ୍ ରାୱତ ଭାରତୀୟ ସ୍ଥଳ, ଜଳ ଓ ବାୟୁସେନାର ଶକ୍ତି ବିଷୟରେ ବାରମ୍ବାର ଦୋହରାଇ ଚାଲିଛନ୍ତି। ଦୁଃଖର ବିଷୟ ଯେ, ଭାରତ କାହା ସହ ବି ଯୁଦ୍ଧ ଲଢ଼ିଲେ ୧୦ ଦିନ ମଧ୍ୟରେ ସବୁ ଗୋଳାବାରୁଦ ଶେଷ ହୋଇଯିବ ବୋଲି କମ୍ପ୍ଟ୍ରୋଲର ଆଣ୍ଡ୍ ଅଡିଟର ଜେନେରାଲ (ସିଏଜି) ଏକାଧିକ ବାର ରିପୋର୍ଟ ପ୍ରକାଶ କରିସାରିଛନ୍ତି। ସିଏଜିର ୧୦ ଦିନିଆ ଯୁଦ୍ଧ ପାଇଁ ପ୍ରସ୍ତୁତି ସମ୍ପର୍କିତ ତଥ୍ୟ ପ୍ରକାଶ ଏବଂ ରାଜନୈତିକ ନେତୃତ୍ୱର ୧୫ ଦିନିଆ ଯୁଦ୍ଧ ପାଇଁ ପ୍ରସ୍ତୁତି ନିର୍ଦ୍ଦେଶ ଭାରତର ବାସ୍ତବ ଅପ୍ରସ୍ତୁତି ଦିଗକୁ ଦର୍ଶାଉଛି।

## ୨୫ ବର୍ଷ ତଳର ଧରିତ୍ରୀ

୧୬ ଡିସେମ୍ବର ୧୯୯୫

- ତାମିଲ ଗରିଲା ସଙ୍ଗଠନ ଏଲ୍‌ଟିଟିଇ ପକ୍ଷରୁ 'ବ୍ୟାଙ୍କ ଅଫ୍ ତାମିଲ ଇଲମ୍' ନାମରେ ଏକ ବ୍ୟାଙ୍କ ଉଦ୍‌ଘାଟିତ।
- ଆଲଜେରିଆ ନିରାପତ୍ତା ବାହିନୀ ପକ୍ଷରୁ ଦେଶର ବିଭିନ୍ନ ସ୍ଥାନରେ ଚଢ଼ାଉ ବେଳେ ସଂଘର୍ଷ ଘଟି ୩୬ ଇସଲାମୀୟ ବିଦ୍ରୋହୀ ନିହତ।
- ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରୁ ବୋସନିଆରେ ଚାଲିଥିବା ଗୃହଯୁଦ୍ଧର ଅବସାନ ପାଇଁ ଶାନ୍ତି ଚୁକ୍ତି ସ୍ୱାକ୍ଷରିତ।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | | 6 | | | | C | D | 5 | A | 1 | | |
| | 0 | 3 | | 4 | | | | E | | | | | | |
| | | | E | | | 6 | | 3 | | | | 4 | 8 | |
| | | 1 | 7 | | D | | 9 | | 8 | | | E | | 5 |
| | | 8 | | 1 | A | | | | | | | | D | |
| | 7 | | | | 4 | 3 | 2 | | | | 5 | A | | 6 |
| | 4 | | | | | | | | | C | 3 | | | |
| | 6 | | | | | A | 8 | 5 | 2 | | | | | |
| E | 1 | 2 | | | | | | | 9 | | | C | | |
| A | | | 6 | | 7 | | 4 | | | | | | 1 | 0 |
| 8 | | A | C | | E | 9 | | 6 | | | 0 | | | |
| C | D | | | | | | | | | | 6 | | | 2 |
| 7 | 9 | | | | | | | 2 | 3 | | E | 6 | 0 | C |
| | | | | 3 | 2 | | A | | B | 8 | | | | |
| 0 | | 4 | | | | | | | | | D | 5 | | E |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 0 | 5 | 4 | B | E | 2 | 7 | 9 | 6 | A | 8 | D | 3 | 1 | C |
| 2 | D | 9 | A | C | 4 | 8 | 5 | 3 | E | B | 1 | 7 | 0 | 6 |
| 8 | A | B | 7 | 6 | 1 | D | 2 | 4 | C | 0 | 3 | 5 | E | 9 |
| 3 | E | 7 | D | 5 | 0 | A | C | 1 | 9 | 2 | 6 | 8 | 4 | B |
| 1 | 6 | C | 8 | 9 | 3 | 0 | E | B | 7 | 5 | 4 | D | 2 | A |
| 6 | C | 2 | 1 | 8 | B | 9 | 7 | D | 3 | 4 | 0 | A | 5 | E |
| A | B | D | 0 | 7 | 6 | 3 | 8 | E | 2 | C | 5 | 4 | 9 | 1 |
| 4 | 3 | 0 | 5 | A | E | 6 | B | 2 | 1 | D | 9 | C | 8 | 7 |
| 9 | 7 | 5 | 2 | D | C | 4 | 1 | A | 8 | 6 | E | B | 3 | 0 |
| E | 8 | 1 | 3 | 4 | 9 | C | 0 | 5 | B | 7 | A | 6 | D | 2 |
| C | 2 | A | 9 | B | 8 | 5 | 3 | 0 | 4 | E | 7 | 1 | 6 | D |
| 5 | 9 | 6 | E | 3 | A | B | 4 | C | D | 1 | 2 | 0 | 7 | 8 |
| B | 1 | 3 | C | 0 | D | E | 6 | 7 | 5 | 9 | 8 | 2 | A | 4 |
| 7 | 0 | 8 | 4 | 2 | 5 | 1 | D | 9 | 6 | A | C | E | B | 3 |
| D | 4 | E | 6 | 1 | 7 | 2 | A | 8 | 0 | 3 | B | 9 | C | 5 |

ଗତକାଲିର ଉତ୍ତର

# ଆମ ଫୌଜଦାରି ଆଇନ ଗରିବ ବିରୋଧୀ



ସହଦେବ ସାହୁ

ଯଥେଷ୍ଟ ଅର୍ଥ ଅମାନତ ରୂପେ ଦେଇପାରିବାର ସାମର୍ଥ୍ୟ ଥିବା ପ୍ରଦୀପ ପାଣିଗ୍ରାହୀ ବା ଅଭୟ ପାଠକ ଜାମିନ ପାଉନାହାନ୍ତି ବୋଲି ବହୁତ ଆଲୋଚନା ହେଉଛି। ପଇସା ଅଭାବରୁ ଅର୍ଥାତ୍ ଜାମିନ ମିଳୁ ନ ଥିବାରୁ କେତେ ଯେ ଗରିବ ଜେଲରେ ଶଢ଼ୁଛନ୍ତି ସେ କଥା ଆଲୋଚନା କରୁନାହାନ୍ତି କାହିଁକି? ୨୦୧୬ର ପରବର୍ତ୍ତୀ କାଳରେ ବିଚାରାଧୀନମାନଙ୍କ ସାମାଜିକ ପୃଷ୍ଠଭୂମି ଉଲ୍ଲେଖ କରି ଜାତୀୟ ଅପରାଧ ରେକର୍ଡ ବ୍ୟୁରୋ (ଏନ୍‌ସିଆର୍‌ବି) ଦେଖାଇଛନ୍ତି ଯେ, ଗରିବୀ କାରଣରୁ ଡ୍ରଗ୍ସ ଓ ନିଶା ଦ୍ରବ୍ୟ ବୁହାବୋହିରେ କିଛି ଅଧିକା ମଜୁରି ପାଇବା ପାଇଁ ଲାଗିଥିବା ଗରିବ ଲୋକେ, ସାରା ଦେଶରେ ପ୍ରାୟ ୩ ଲକ୍ଷ ବିଚାରାଧୀନ କଏଦୀ ହୋଇ ରହିଛନ୍ତି, ସେମାନଙ୍କ ଭିତରୁ ୭୦ପ୍ରତିଶତ ଏସ୍‌ସି, ଏସ୍‌ଟି ଅବା ଓବିସି ଗୋଷ୍ଠୀର। ଆମ ରାଜ୍ୟରେ ଜେଲରେ ଥିବା ଲୋକଙ୍କ ଭିତରୁ ବିଚାରାଧୀନ ଅଛନ୍ତି ୯୧ପ୍ରତିଶତ। ହିସାବ ଅନୁଯାୟୀ ୨୦୧୮ ଆରମ୍ଭରେ ୪୭୦୦ ବନ୍ଦୀ ୫ ବର୍ଷରୁ ବେଶି ଜେଲରେ ଥିଲେ, ମୋଟ କଏଦୀଙ୍କ ଭିତରୁ ଅଛନ୍ତି। ୩ ମାସରୁ କମ୍ ଜେଲରେ ଥିବା କଏଦୀଙ୍କ ସଂଖ୍ୟା ମୋଟ କଏଦୀଙ୍କ ୩୬ପ୍ରତିଶତ। ଅଥଚ ଶହ ଶହ କୋଟି ଟଙ୍କା ଲୁଟ୍ କରିଥିବା ଚିଟ୍‌ଫଣ୍ଡ-ମାଲିକ ଗିରଫ ପରେ ପ୍ରଚୁର ଅମାନତ ଦେଇ ଜାମିନରେ ଯାଇପାରେ, କିନ୍ତୁ ୫ ଟଙ୍କାର ପାଉଁରୁଟି ଝାମ୍ପି ନେଇଥିବା ଭିକାରିଟିଏ ଅମାନତ ଦେବା ଅବସ୍ଥାରେ ନ ଥିବାରୁ ଜାମିନ୍ ପାଏ ନାହିଁ, କୋର୍ଟ ଦ୍ୱାରା ଛାଡ଼ ପାଇବା ପର୍ଯ୍ୟନ୍ତ ସେ ଜେଲରେ ରହିଥାଏ।

ଫୌଜଦାରି ଆଇନରେ ଦୁଇଟି ବ୍ୟବସ୍ଥା, ଯଥା ଜରିମାନା ରୂପକ ଦଣ୍ଡ ଓ ଅମାନତ ସହ ଜାମିନ, ଗରିବ ବିରୋଧୀ, ସେଥିଲାଗି ମାନବ ଅଧିକାରର ଉଲ୍ଲଂଘନ। ଭୁକ୍ତଭୋଗୀମାନେ ଜାଣନ୍ତି କିପରି ଲାଞ୍ଚ ନ ମିଳିଲେ ଏତଲା ବି ନିଆଯାଏ ନାହିଁ। ଏତଲା ଦେବାକୁ ଆସିଥିବା ଲୋକଙ୍କୁ ଏତେ ହଇରାଣ କରାଯାଏ ଯେ ସେ ସକାଳୁ ରାତି ଯାଏ ବସି ବସି ଶେଷରେ ନିରାଶ ହୋଇ ଘରକୁ ଫେରେ, ପୋଲିସ୍ ଦୁଇ ପକ୍ଷରୁ ପଇସା ପାଇ କିପରି ଏତଲା ଦରଜ କରି କଳିକୁ ବଢାଇଦିଏ। ଜାମିନ ଏବଂ ଦଣ୍ଡ ବ୍ୟବସ୍ଥା ଭିତରେ ଅର୍ଥ ବା ଧନ ଉପରେ ଏତେ ଜୋର୍ ଦିଆଯାଉଛି ଯେ ନୈତିକତା ଓ ମାନବିକତାକୁ ବଳି ଦିଆଯାଉଛି। ସବୁ ବ୍ୟବସ୍ଥା ଯେପରି ଧନୀଙ୍କ ପାଇଁ, ଗରିବକୁ ମନା! କେତେକ ପୋଲିସ ଯେ ଅପରାଧକୁ ବୃତ୍ତି ବା ବ୍ୟବସାୟ ରୂପେ ଗ୍ରହଣ କରି ରାଜନେତାଙ୍କ ଛତ୍ରତଳେ ବଢୁଥିବା ଅପରାଧୀକୁ କେବଳ ଧରେ ନାହିଁ, ତାକୁ ବୃତ୍ତିରେ ବଢିବାକୁ ସାହାଯ୍ୟ କରେ, ଯେ ପର୍ଯ୍ୟନ୍ତ ସିଏ ସାମାଜିକ ନିରାପତ୍ତା ନଷ୍ଟ ନ କରିଛି। ନିଜର ତଥା ଛାୟା ଯୋଗାଇଥିବା ରାଜନେତାମାନଙ୍କର ଲିପ୍ତତା ଲୁଚାଇବା ପାଇଁ ସେ ପ୍ରକାର ଲୋକ ଧରାପଡିଲେ ତାକୁ ଏନକାଉଣ୍ଟରରେ ମାରିଦିଏ। ଉତ୍ତରପ୍ରଦେଶର କୁଖ୍ୟାତ ଅପରାଧୀ ଦୁବେ ବଞ୍ଚିଥିଲେ ଯେଉଁ ପୋଲିସ ଅଧିକାରୀ ଓ ରାଜନେତାମାନେ ଦୁବେକୁ ସାହାଯ୍ୟ କରୁଥିଲେ ସେମାନଙ୍କ କେଲେଙ୍କରି ପଦାରେ ପଡିଥାନ୍ତା, ମିଡିଆରେ ବାରମ୍ବାର ଖବର ବାହାରୁଥାନ୍ତା। ମନେ ରଖିବା କଥା ଯେ ୬୫ଟି ଏତଲାରେ ସମ୍ପୃକ୍ତ ଦୁବେ ପୁଣି ପାରୋଲରେ ଥିଲା, କିପରି? ରେକର୍ଡ କହୁଛି କାନପୁରର ଚୌବେପୁର ଇଲାକାରେ ବିକ୍ରୁ ଗାଁରେ ଦୁବେକୁ ଜୁଲାଇ ୩ ମଧ୍ୟରାତ୍ରିରେ ତା' ଘରେ ଗିରଫ କରିବାକୁ ଯାଇଥିବା ୮ ଜଣ ପୋଲିସ ଜଣେ ଡିଏସପି ସହିତ ଆମ୍ବୁଷ୍ ହେଲେ, ଗୁଳିମାଡରେ ସମସ୍ତେ ମଲେ। ଦୁବେ ଯେତେଥର ଗିରଫ ହୋଇଛି ସେତେଥର ଜାମିନ ପାଇଛି, ତାହା ଘରେ ପୋଲିସ ରେଡ୍ କରିବାକୁ ଗଲାଦିନ ସେ ପାରୋଲ୍‌ରେ ଥିଲା। ଏହାର ଅନ୍ତରାଳରେ ଥିଲା ତାହାର ବେଲ୍ ଆପ୍ଲିକେଶନ୍‌କୁ ବିରୋଧ କରିବାରେ ପୋଲିସ ଓ ସରକାରୀ ଓକିଲଙ୍କ ଆନ୍ତରିକତାର ଅଭାବ!

ନ୍ୟାୟ ପାଇବା ଆମର ମୌଳିକ ଅଧିକାର, ଅଥଚ ନ୍ୟାୟ ପାଇବା ଏକ ବିଡମ୍ବନା ହୋଇପଡିଛି। ଯେମିତି ପାପୀ ତା'ର ଧନ ବଳରେ ପୁରୋହିତଙ୍କୁ ଧରି ଲୋକଦେଖାଣିଆ ପୂଜା-ପ୍ରାୟଶ୍ଚିତ୍ତ କରିନିଏ ଏବଂ ମିଡିଆ ଜରିଆରେ ତା'ର ଧାର୍ମିକତା ପ୍ରଚାର କରିଥାଏ, ସେହିଭଳି ଯେଉଁ ଅପରାଧୀର ପଇସା ଅଛି ସେ ବଡ ବଡ ଓକିଲ ଲଗାଇ ଏ କୋର୍ଟରୁ ସେ କୋର୍ଟ ଯାଇ ବିଚାର-ପ୍ରକ୍ରିୟାକୁ ଏତେ ଢିଲା କରିପାରିବ ଯେ ସେ ମଲା ପର୍ଯ୍ୟନ୍ତ ବିଚାର ସରିବ ନାହିଁ ଏବଂ ମଲା ପରେ ମାମଲାଟା ଆପେ ଆପେ ଉଡିଯିବ ; ତେଣୁ ଜୀବନସାରା ସେ ଭଦ୍ରଲୋକ ଭାବେ ପରିଚିତ ହେଉଥିବ ଅଥବା ରାଜନୈତିକ ଦଳଟିଏ ତାକୁ ଲୋକପ୍ରତିନିଧି କରାଇନେଇଥିବ।

ବ୍ରିଟିଶ୍ ଶାସନ ପୂର୍ବରୁ ରାଜାମାନେ ତତ୍‌କ୍ଷଣ ବିଚାର କରୁଥିଲେ। ଏକା ଦିନକେ ବିଚାର ସରୁଥିଲା। କୋର୍ଟ ଫି ନ ଥିଲା କି ଅପରାଧୀକୁ ପରେ ଦରବାରରେ ଉପସ୍ଥିତ କରିବାର ଦରକାର ପଡୁ ନ ଥିଲା। ଗୋରା ସାହେବମାନେ ବିଲାତର ଫୌଜଦାରି ବ୍ୟବସ୍ଥାକୁ ନକଲ କରି 'ଭାରତୀୟ ପିଙ୍ଗଳ ସଂହିତା' ତିଆରି କରିଦେଲେ। ବିଲାତରେ ରାଜତନ୍ତ୍ରକୁ ନିୟନ୍ତ୍ରିତ କରିବା ପାଇଁ ଜମିମାଲିକମାନେ ଯେଉଁ ମାଗ୍ନାକାର୍ଟା ୧୨୧୫ ସାଲରେ ଗ୍ରହଣ କରାଇନେଲେ, ତାହା ବିଚାର ବ୍ୟବସ୍ଥାକୁ ରାଜାଙ୍କ ହାତରୁ କାଢିନେଲା, ସମାନସ୍କନ୍ଧ ଲୋକଙ୍କ ଦ୍ୱାରା ବିଚାର ହେବାର ବ୍ୟବସ୍ଥା କଲା। ଆରମ୍ଭରେ ଏହି ବିଚାରପତିମାନେ ବୁଲି ବୁଲି (ସର୍କିଟ୍) ଲୋକଙ୍କ ପାଖରେ ପହଞ୍ଚି ଶୁଣାଣି କରୁଥିଲେ। (କୋର୍ଟ ବସିବା, ସେସନ୍, ଶବ୍ଦରୁ ସେସନ୍ସ କୋର୍ଟ ଆସିଛି।) ପରେ ପରେ ଗୋଟିଏ ଗୋଟିଏ ନିର୍ଦ୍ଦିଷ୍ଟ ସ୍ଥାନରେ କୋର୍ଟ ପ୍ରତିଷ୍ଠା ହେଲା, ଦୂରତା ଓ ଅର୍ଥାଭାବ ଯୋଗୁ ଅଭିଯୁକ୍ତମାନେ ବେଳେ ବେଳେ କୋର୍ଟକୁ ଆସିପାରିଲେ ନାହିଁ। ତେଣୁ ସେମାନଙ୍କୁ ଧରି ଆଣି (ଗିରଫ କରି) ରଖିବାକୁ ପଡିଲା, ତାହା ହେଲା ଜେଲ। ଜେଲ ଭିତରେ ଅସ୍ୱାସ୍ଥ୍ୟକର ପରିବେଶ ବଢିଲା, ପ୍ରକାର ପ୍ରକାରର ରୋଗ ଧରିଲା, ବିଚାରାଧୀନ ଏବଂ ଦଣ୍ଡିତ ଉଭୟେ ଏକାଠି ରହୁଥିବାରୁ ବିଚାରାଧୀନମାନଙ୍କ ଭିତରେ ଅପରାଧପ୍ରବଣତା ବଢିବା ଦେଖାଗଲା। ପରିସ୍ଥିତି ଗୁରୁତର ହେଲା ଏବଂ ବିଚାରାଧୀନମାନେ ପ୍ରତିବାଦ କଲେ, ଦଣ୍ଡିତମାନଙ୍କଠାରୁ ଭିନ୍ନ ରହିବାକୁ ଚାହିଁଲେ। ଏହି ପରିସ୍ଥିତିରୁ ଜନ୍ମ ନେଲା ଜାମିନ ବ୍ୟବସ୍ଥା। ଆସାମୀ ନିଜେ ଯଥାସମୟରେ କୋର୍ଟରେ ହାଜର ହେବାର ପ୍ରତିଶ୍ରୁତି ଦେଲା ଅଥବା ତାକୁ ହାଜର କରାଇବାର ପ୍ରତିଶ୍ରୁତି ଦେବା ଜଣେ ଜାମିନଦାର ଯୋଗାଡ କଲା ତ ସେ ଜେଲରୁ ବାହାରେ ରହିପାରିଲା। ଯଦି ଅଭିଯୁକ୍ତ ନ ଆସିଲା ଜାମିନଦାର ଦଣ୍ଡିତ ହେଲା। ୧୨୭୫ରେ ଷ୍ଟାଚୁ ଅଫ୍ ୱେଷ୍ଟ ମିନିଷ୍ଟର ବଳରେ ଅପରାଧଗୁଡ଼ିକୁ ଦୁଇଭାଗ କରାଗଲା - ଜାମିନଯୋଗ୍ୟ ଓ ଜାମିନବିହୀନ। ଜଜ୍ ଠିକ୍ କରିବା କ୍ଷମତା ପାଇଲେ। ୧୬୨୮ର ରାଇଟ୍ ଅଫ୍ ପେଟିସନ୍ ଆଇନ ସାଙ୍ଗରେ ହେବିଆସ୍ କର୍ପସ୍ ଆକ୍ଟ ୧୬୭୭ରେ ଯୋଡାଗଲା, ଯାହା ଫଳରେ ଆସାମୀକୁ ଅଧିକାର ଦିଆଗଲା ଯେ ସେ ତା' ନାଁରେ କି ଅଭିଯୋଗ ଅଛି ତାହା ଜାଣିବା ଦରକାର ଏବଂ ତା' ସାଙ୍ଗେ ସାଙ୍ଗେ ଅଭିଯୋଗଟି ଜାମିନଯୋଗ୍ୟ କି ଜାମିନବିହୀନ ତାକୁ ଜଣାଇ ଦିଆଯିବ। ସେ ଯାଏ ପ୍ରତିଶ୍ରୁତି ଥିଲା ଅମାନତ, ୧୬୭୯ରେ ଦି ହେବିଆସ୍ କର୍ପସ୍ ଆକ୍ଟ ଅମାନତକୁ ପଇସାରେ (ଇଂଲଣ୍ଡରେ ପାଉଣ୍ଡ) ହିସାବ କଲା। ଆମ ଦେଶର ସିଆର୍‌ପିସିରେ ବେଲ୍ ସଂଜ୍ଞା ଦିଆଯାଇନାହିଁ, ସେକ୍ସନ୍ ୨(କ)ରେ ଓ ପ୍ରଥମ ସ୍କିଡ୍ୟୁଲରେ କୁହାଯାଇଛି କେଉଁ ଅପରାଧ ବେଲ୍ ଯୋଗ୍ୟ ଓ କେଉଁଟି ବେଲ୍ ଅଯୋଗ୍ୟ। ସେକ୍ସନ ୪୩୬ରୁ ୪୫୦ ଯାଏ ବେଲ୍ ଓ ବଣ୍ଡ୍ କିପରି ଦିଆଯିବ କୁହାଯାଇଥିଲେ ବି ସେକ୍ୟୁରିଟି କେତେ ନିଆଯିବ ଉଲ୍ଲେଖ ନାହିଁ।

ପରବର୍ତ୍ତୀ ସମୟରେ ଆମ ଦେଶ ନେଇଥିବା ତିନୋଟି ବ୍ୟବସ୍ଥା ଆର୍ଥିକ ଅମାନତ ବିରୋଧରେ ଯାଉଛି: ମୁକ୍ତ କାରାଗାର ବା ଓପନ୍ ଜେଲ୍, ପାରୋଲ ବ୍ୟବସ୍ଥା ଓ ପଳାତକ ଘୋଷଣା ସହ ବ୍ୟକ୍ତିର ଜମିବାଡିକୁ ଜବତ୍ (ଆଟାଚ୍) କରାଯିବା। ଅମାନତ ମାଗିବା ମାନେ ଗରିବକୁ ଜେଲ୍ ପଠାଇବା ନୁହେଁ କି? ୨୦୦୫ରେ ସିଆର୍‌ପିସିରେ ସେକ୍ସନ ୪୩୬ଏ ଯୋଡାଗଲା, ବ୍ୟବସ୍ଥା ରହିଲା ଯେ ଯିଏ ଆରୋପିତ ଅପରାଧ ପାଇଁ ଉଦ୍ଦିଷ୍ଟ ସର୍ବାଧିକ ଜେଲ କାଳର ଅଧାରୁ ବେଶି ସମୟ ଜେଲରେ କଟାଇସାରିଲାଣି ତାକୁ ବ୍ୟକ୍ତିଗତ ବଣ୍ଡରେ ବିନା ଅମାନତରେ ଛାଡିଦିଆଯାଇପାରିବ। କିନ୍ତୁ ତା' ହେଉନାହିଁ, ୨୦୧୭ରେ ମାତ୍ର ୦.୫ପ୍ରତିଶତ ବିଚାରାଧୀନ ବନ୍ଦୀ ମୁକ୍ତ ହୋଇଛନ୍ତି ବୋଲି ଏନ୍‌ସିଆର୍‌ବି କହିଛି। ଏସବୁ ମୂଳରେ ଅଛି ଆମର ଅମାନବୀୟ ଆଚରଣ ; ଅଭିଯୁକ୍ତ ବୋଲି ସନ୍ଦେହ କଲା ପରେ ଲୋକଟିକୁ ଅମଣିଷ ବୋଲି ଆମ ପୋଲିସ୍ ଓ ନିମ୍ନବିଚାରାଳୟ ଭାବିନେଉଛି।

'ମୋତିରାମ ଓ ଅନ୍ୟାନ୍ୟ ବନାମ ମଧ୍ୟପ୍ରଦେଶ' ମାମଲାରେ ଅଭିଯୁକ୍ତ ଜଣେ ଗରିବ ରାଜମିସ୍ତ୍ରି ଥିଲା, ସୁପ୍ରିମ କୋର୍ଟ ତାକୁ ଜାମିନରେ ଛାଡିବା ଲାଗି ଚିଫ୍ ଜୁଡିସିଆଲ୍ ମାଜିଷ୍ଟ୍ରେଟ୍ କୋର୍ଟକୁ ପଠାଇଦେଲେ। ଚିଫ୍ ଜୁଡିସିଆଲ୍ ମାଜିଷ୍ଟ୍ରେଟ୍ ଆଦେଶ ଦେଲେ ଯେ ୧୦,୦୦୦ ଟଙ୍କା ଅମାନତରେ ବଣ୍ଡ୍ ଲେଖି ଓ ଜଣେ ସିଓରିଟି ଦେଇ ଆସାମୀ ଯାଇପାରିବ, କିନ୍ତୁ ତାଙ୍କ ଭାଇ ସିଓରିଟି ହୋଇପାରିବ ନାହିଁ ଯେହେତୁ ତାଙ୍କ ଜମି ଅନ୍ୟ ଗାଁରେ। ମୋତିରାମ ପୁଣି ସୁପ୍ରିମ୍ କୋର୍ଟ ଗଲେ, ଜଷ୍ଟିସ୍ ଆୟାର୍ କଟୁ ସମାଲୋଚନା କରି କହିଲେ - ତୁମେ ବେଲ୍ ଦେଉଛ ନା ଜେଲ। ଆମ ଦେଶରେ କୋଟି କୋଟି ଲୋକ ଏତେ ଗରିବ ଯେ ଅତି କମ୍ ଟଙ୍କାରେ ବି ଜାମିନ୍ ନେଇପାରିବେ ନାହିଁ।

କେତେକ ଜେଲ ଯିବା ପସନ୍ଦ କରୁଛନ୍ତି, ମାଗଣା ଭୋଜନ ସିନା ଗରିବକୁ ପସନ୍ଦ, କିନ୍ତୁ ଲୋକଙ୍କଠୁ ଲୁଟ୍ କରିଥିବା ଅପରାଧୀ ଜେଲରେ ରହିବାକୁ ଅଧିକ ପସନ୍ଦ କରୁଥିବା ଭଳି ମନେହୁଏ। ଜେଲ ଅଧିକାରୀମାନଙ୍କୁ ହାତ କରି ତାଙ୍କ କୋଠରିକୁ ୩ ତାରକା ଦୁର୍ଗ କରିପକାନ୍ତି, ଲୋକଙ୍କ କ୍ରୋଧଜନିତ ଆକ୍ରମଣରୁ ସୁରକ୍ଷିତ ରହିପାରୁଛନ୍ତି, ମଝିରେ ମଝିରେ ଗୋପନରେ ପରିବାର ଓ ସହକର୍ମୀଙ୍କ ସହ ମୁଲାକାତ୍ କରିପାରୁଛନ୍ତି। ଯେଉଁମାନେ ରାୟକୁ କାର୍ଯ୍ୟକାରୀ କରିବେ ଓ ଯେଉଁ ନେତାମାନେ ସେପ୍ରକାର ଅଧିକାରୀମାନଙ୍କୁ ମୁତୟନ କରୁଛନ୍ତି ସେମାନେ ତ ଲାଞ୍ଚରେ ମସ୍‌ଗୁଲ୍।

sahadevas@yahoo.mail

# କରୋନା ପରବର୍ତ୍ତୀ ସମସ୍ୟା



ଡା. ସତ୍ୟସ୍ୱରୂପ ପଟ୍ଟନାୟକ

କରୋନାରୁ ସୁସ୍ଥ ହେଉଥିବା କିଛି ବ୍ୟକ୍ତିଙ୍କଠାରେ ଜଟିଳତା ପ୍ରକାଶ ପାଉଛି। ଅନେକ ଜୀବନ ମଧ୍ୟ ଯାଉଛି। ଆଗକୁ ମୃତ୍ୟୁହାର ମଧ୍ୟ ଅଧିକ ହେବାର ଆଶଙ୍କା ରହିଛି ଯଦି କରୋନାର ଦ୍ୱିତୀୟ ଲହର ପ୍ରାଦୁର୍ଭାବ ବଢ଼ାଏ। ସୁସ୍ଥ ହେବାର ଛଅ ମାସରୁ ବର୍ଷେ ଯାଏ ସୁସ୍ଥ ହେଉଥିବା ରୋଗୀଙ୍କ ସମସ୍ୟା ଆସିପାରେ। ତେଣୁ ଏ ଦିଗରେ ଅଧିକ ସତର୍କ ରହିବାକୁ ହେବ। କରୋନାରୁ ସୁସ୍ଥ ହେବା ପରେ ପୁନଃ ସଂକ୍ରମଣର ଆଶଙ୍କା କମ୍। ବର୍ତ୍ତମାନ ଯାଏ ସାରା ବିଶ୍ୱରେ ୪/୫ ଜଣ ପୁନଃ ସଂକ୍ରମଣର ବୈଜ୍ଞାନିକ ତଥ୍ୟ ରହିଛି। ଭାରତରେ ମଧ୍ୟ ଏମିତି ୨ଜଣ ଲୋକ ଚିହ୍ନଟ ହୋଇଛନ୍ତି। ସାମାନ୍ୟ ସଂକ୍ରମିତ ଓ ରୋଗ ପ୍ରତିରୋଧକ ଶକ୍ତି କମ୍ ଥିବା ରୋଗୀ ଆଉ ଥରେ ସଂକ୍ରମିତ ହେଉଛନ୍ତି। କରୋନା ଆକ୍ରାନ୍ତ ହେଉଛି ୩ ଶ୍ରେଣୀର। ସାମାନ୍ୟ, ମଧ୍ୟମ ଓ ଗୁରୁତର। ସାମାନ୍ୟ ଲକ୍ଷଣ କିମ୍ବା ଲକ୍ଷଣ ନ ଥିବା ରୋଗୀଙ୍କ ସଂଖ୍ୟା ହେଉଛି ୮୦ ପ୍ରତିଶତ। ଏମାନଙ୍କଠାରେ ପୋଷ୍ଟ କୋଭିଡ୍ ସମସ୍ୟା ଦେଖାଯାଇ ନ ଥାଏ। କିନ୍ତୁ ମଧ୍ୟମ ଓ ଗୁରୁତର ଥିବା ୨୦ ପ୍ରତିଶତ। ସୁସ୍ଥ ହୋଇଥିବା ରୋଗୀମାନଙ୍କ ମଧ୍ୟରୁ ପରବର୍ତ୍ତୀ ସମୟରେ ଦୁର୍ବଳତା, ମୁଣ୍ଡବିନ୍ଧା, ସ୍ୱାଦ ବାରି ନ ପାରିବା, ସ୍ମରଣଶକ୍ତି କମିବା, ଛାତିରୋଗ, ଧଇଁସଇଁ, ଛାତିବିନ୍ଧା, ହୃଦ୍‌ଘାତ ସହ ମାନସିକ ଭାବେ ଅବସାଦ ହୁଅନ୍ତି ଅନେକ। ଆତ୍ମହତ୍ୟା ମଧ୍ୟ କରିବାକୁ ପଛାନ୍ତିନି କେତେକ। ଏମାନଙ୍କ ବାଦ୍ କିଡ୍‌ନୀ, ଶ୍ୱାସ, ଡାଏବେଟିସ, ରକ୍ତଚାପ, କ୍ୟାନ୍‌ସର ରୋଗୀଙ୍କଠାରେ ଅଧିକ ବିପଦ ରହିଛି। ତେଣୁ ପରବର୍ତ୍ତୀ ସମୟ ସମସ୍ୟାରୁ ମୁକ୍ତି ପାଇଁ ପୁଷ୍ଟିକର ଖାଇବା, ଗରମ ଖାଦ୍ୟ ସହ ସବୁଦିନ ବ୍ୟାୟାମ କରିବା ଉଚିତ। କାଶ କିମ୍ବା ଜ୍ୱର ହେଲେ, ତୁରନ୍ତ ଡାକ୍ତର ପରାମର୍ଶ କରିବା ଆବଶ୍ୟକ। ଯେଉଁ ବ୍ୟକ୍ତିଙ୍କ ଡାଏବେଟିସ, ଉଚ୍ଚ ରକ୍ତଚାପ ଭଳି ସମସ୍ୟା ରହିଛି ଏହାକୁ ନିୟନ୍ତ୍ରଣ କରିବାକୁ ଠିକ୍ ଚିକିତ୍ସା କରାଇବା ଦରକାର। ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବାକୁ ଔଷଧ ସେବନ କରିବା ଉଚିତ। ଛଅ ମିନିଟ ଚାଲିଲେ ଯଦି ସୁସ୍ଥ ହୋଇଥିବା ରୋଗୀ ଧଇଁସଇଁ ହେଉଛି, ତେବେ ଛାତି ପରୀକ୍ଷା କରାଇନେବା ଦରକାର। ଡାଲି, ପନିପରିବା, କ୍ଷୀର, ଅଣ୍ଡାର ଧଳା ଅଂଶ, ଫଳ, ମାଛ ଭଳି ପୁଷ୍ଟିକର ଖାଇବା ଦରକାର। ହସ୍ପିଟାଲରୁ ୧୦ ଦିନ ପୁଣି ୭ଦିନ ଆଇସୋଲେସନ୍‌ରେ ରହିବା ପରେ କରୋନା ଆକ୍ରାନ୍ତ ବ୍ୟକ୍ତି ଅନ୍ୟଜଣଙ୍କୁ ସଂକ୍ରମଣ କରିବାର ସମ୍ଭାବନା ଅତ୍ୟନ୍ତ କମ୍। ତେଣୁ ଆମକୁ ହାତ ସାନିଟାଇଜ ସହ ବାରମ୍ବାର ହାତ ଧୋଇବା ଉଚିତ। ସୁସ୍ଥ ହେବାରେ ୪ ସପ୍ତାହ ଓ ପୁଣି ୩ ମାସ ପରେ ଡାକ୍ତର ପରାମର୍ଶ କରିବା ଦରକାର। ସେହିଭଳି ଯୋଗ ଓ ପ୍ରାଣାୟାମ ଦ୍ୱାରା ମାନସିକ ଚାପକୁ ଦୂର କରାଯାଇପାରିବ।

ବର୍ତ୍ତମାନ ଯଦିଓ କରୋନାର ପ୍ରାଦୁର୍ଭାବ କମିଛି କିନ୍ତୁ ଭୟଙ୍କର ଶୀତ, ପ୍ରବଳ କୁହିଡ଼ି ଓ ବାୟୁପ୍ରଦୂଷଣ କରୋନାରୁ ଆରୋଗ୍ୟ ଲାଭ କରିଥିବା ରୋଗୀମାନଙ୍କ ପାଇଁ ଜଟିଳ ପରିସ୍ଥିତି ସୃଷ୍ଟି କରିପାରେ। ଶାରୀରିକ ଦୁର୍ବଳତା, ରୋଗ ପ୍ରତିରୋଧକ ଶକ୍ତି ହ୍ରାସ ଦ୍ୱାରା ବ୍ୟକ୍ତି ଜଣକ ଦୁର୍ବଳତା ଅନୁଭବ କରିଥାଏ। ବିଶେଷକରି ବୟସ୍କ ଲୋକମାନଙ୍କର ସ୍ୱାସ୍ଥ୍ୟ ସମସ୍ୟା ଜଟିଳ ହେବାର ଆଶଙ୍କା ମଧ୍ୟ ରହିଛି। ପୂର୍ବର ମେଦବହୁଳତା, କର୍କଟ ରୋଗ, ରକ୍ତଚାପ, ଡାଏବେଟିସ, ଲିଭର ସମସ୍ୟା ଥିଲେ ଏହା କରୋନା ରୋଗୀଟି ପାଇଁ ଏକ ପ୍ରକାର ଅନ୍ୟାନ୍ୟ ରୋଗର ସମ୍ଭାବନା ବି ବଢ଼ାଇଥାଏ। ସୁସ୍ଥ ବୟସ୍କ ମାନଙ୍କ କ୍ଷେତ୍ରରେ ମଧ୍ୟ କୋଭିଡ୍ ପରବର୍ତ୍ତୀ ସ୍ୱାସ୍ଥ୍ୟ ସମସ୍ୟା ମଧ୍ୟରେ ଧଇଁସଇଁ ରୋଗ, ଦେହହାତ ଘୋଳାବିନ୍ଧା ହେବା, ମାନସିକ ଦୁର୍ବଳତା, ହୃଦ୍‌ଘାତ ଓ ମସ୍ତିଷ୍କାଘାତ ରୋଗ ଅଧିକ ପରିମାଣରେ ଦେଖାଦିଏ। ବିଶେଷକରି ବୟସ୍କମାନଙ୍କ ଜ୍ୱର ହେଉ ବା କାଶ, ନିମ୍ନରକ୍ତଚାପ ହେଉ ବା ମାନସିକ ବାଚାଳାମି, ଲିଭର, କିଡ୍‌ନୀ ସମସ୍ୟା ଦେଖାଦେଲେ କରୋନା ରିପୋର୍ଟ ନେଗେଟିଭ ହୋଇଥିଲେ ବି କେତେକ ପରୀକ୍ଷା କରାଇନେବା ଉଚିତ। ଏଚ୍‌ବି, ଡିସି, ଟିଏଲ୍‌ସି, ଇଏସ୍‌ଆର, ୱାଡେଲ ଟେଷ୍ଟ, କିଡ୍‌ନୀ ଓ ଲିଭରର ସ୍ୱାସ୍ଥ୍ୟ ସମ୍ପର୍କିତ ପରୀକ୍ଷା ଇତ୍ୟାଦି କରାଇନେବା ଉଚିତ। ଯେଉଁମାନଙ୍କର ମାନସିକ ଦୁର୍ବଳତା ଥାଏ ସେ କ୍ଷେତ୍ରରେ ମସ୍ତିଷ୍କ ସିଟି କିମ୍ବା ଏମ୍‌ଆରଆଇ ସ୍କାନ ଆବଶ୍ୟକ ହୋଇଥାଏ। ବେଳେ ବେଳେ ପତଳା ଝାଡ଼ା, ବାନ୍ତି ଓ କମ୍ ପାଣି ପିଇବା ଯୋଗୁ ଶରୀରର ଜଳ ଓ ଲବଣମାତ୍ରା କମିଯାଇଥାଏ। ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବାକୁ ଜିଙ୍କ, ଭିଟାମିନ ବି କମ୍ପ୍ଲେକ୍ସ, ଭିଟାମିନ ସି, ଭିଟାମିନ ଡି ଇତ୍ୟାଦି ଔଷଧ ନିୟମିତ ଦରକାର। ଆପଣ କରୋନାରୁ ଆରୋଗ୍ୟ ପାଇଛନ୍ତି ଅର୍ଥ ଏହା ନୁହେଁ ଯେ ଆପଣ ସମ୍ପୂର୍ଣ୍ଣ ନିରାପଦ ନାହାନ୍ତି। ବର୍ତ୍ତମାନ ସମୟର ଥଣ୍ଡାପାଗ, କୁହୁଡ଼ି, ଧୂଳିଧୂଆଁ, ବାୟୁ ପ୍ରଦୂଷଣଠାରୁ ଦୂରେଇ ରୁହନ୍ତୁ। ତଟକା ଓ ସବୁଜ ପନିପରିବା ଖାଆନ୍ତୁ, ଉଷୁମ ପାଣି ପିଅନ୍ତୁ। ନିଜର ଖାଇବା ଓ ବିଶ୍ରାମ ପାଇଁ ଏକ ଭଲ ରୁଟିନଟିଏ ତିଆରି କରନ୍ତୁ। ଧୈର୍ଯ୍ୟହରା ନ ହୋଇ କିମ୍ବା କୌଣସି କାନକୁହା କଥା ନ ଶୁଣି ବରଂ ନିଜ ବନ୍ଧୁବର୍ଗ ଓ ଆତ୍ମୀୟସ୍ୱଜନଙ୍କ ସହ ସୁଖଦୁଃଖ ବାଣ୍ଟନ୍ତୁ। ନୈରାଶ୍ୟ, ହତାଶ, ନିଃସଙ୍ଗତାକୁ ଆଦୌ ଗୁରୁତ୍ୱ ଦିଅନ୍ତୁ ନାହିଁ। ଯେଉଁଘରେ କରୋନା ପରବର୍ତ୍ତୀ ରୋଗୀଟି ରହୁଛନ୍ତି ସେ ଘରକୁ ଯେପରି ଠିକ୍ ଭାବେ ବାୟୁ ଓ ଖରା ପ୍ରବେଶ କରୁଥାଏ ସେ ଦିଗକୁ ଭୁଲନ୍ତୁ ନାହିଁ। ପରିଷ୍କାର ପୋଷାକ ପିନ୍ଧନ୍ତୁ, ବାହାର ଖାଦ୍ୟ, ଗରିଷ୍ଠ ଖାଦ୍ୟ, ଫ୍ରିଜ୍‌ରେ ଥିବା ଥଣ୍ଡା ଖାଦ୍ୟ ଓ ନିଶାସେବନଠାରୁ ସମ୍ପୂର୍ଣ୍ଣ ଦୂରେଇ ରୁହନ୍ତୁ। ଜୀବନରେ ସୁଖ ଥିଲେ ଦୁଃଖ ଥାଏ, ନୈରାଶ୍ୟ ଥିଲେ ଆନନ୍ଦ ବି ଥାଏ। ଗୋଟିଏ ମୁଦ୍ରାର ଦୁଇପାର୍ଶ୍ୱ ପରି ଦେହ ଥିଲେ ରୋଗ ଓ ରୋଗ ପରେ ନିଶ୍ଚିନ୍ତ ଆରୋଗ୍ୟ ହିଁ ପାଇବେ।

ସହକାରୀ ପ୍ରଫେସର, ହୃଦ୍‌ନିଶ୍ଚେତକ ବିଭାଗ, ହାଇଟେକ୍ ମେଡିକାଲ କଲେଜ, ଭୁବନେଶ୍ୱର, ମୋ: ୯୯୦୧୧୪୫୭୯୫

## ଏଇ ଭାରତରେ

ମଣିଷର ରୁଚି କାହାର କେମିତି କହିବା ମୁସ୍କିଲ, ଏଇ ଯେମିତି ରହିଛି ହରଜିତ ସିଂ ୱାଧୱାଙ୍କର। ସେ ଭୋକିଲାଙ୍କ ପାଇଁ ଖାଦ୍ୟ ପ୍ରସ୍ତୁତ କରୁଛନ୍ତି ଓ ପ୍ରତିଦିନ ସେମାନଙ୍କ ନିକଟରେ ଟିଫିନ ପହଞ୍ଚାଉଛନ୍ତି। ହରଜିତ ରହୁଛନ୍ତି ଅହମ୍ମଦାବାଦରେ। ତାଙ୍କୁ ବୟସ ୪୭। ସେ ପେସାରେ ଜଣେ ମେକାନିକାଲ ଇଞ୍ଜିନିୟର। ତାଙ୍କ ସାଙ୍ଗମାନଙ୍କ ସହଯୋଗରେ ସେ ଏକ ଲାଙ୍ଗର ସେବା ଗ୍ରୁପ ( ହ୍ୱାଟ୍ସଆପ ଗ୍ରୁପ) କରି ସେଥିରେ ସେମାନେ ଅସହାୟ ଲୋକଙ୍କ ପାଖରେ ଭୋଜନ ପହଞ୍ଚାଇବାକୁ ଚାହୁଁଛନ୍ତି ବୋଲି ମେସେଜ କରିଥିଲେ। ସେହିଦିନ ରାତିରେ ୱାଧୱା ୩୫୬୦ କଲ୍ ପାଇଥିଲେ। ସେ ତାଙ୍କ ସାଙ୍ଗମାନଙ୍କୁ ନେଇ ଏହି ସେବା ଯୋଗାଇ ଚାଲିଛନ୍ତି। ଆଉ ଏକ କରୋନା ହେଲ୍‌ଥ ଗ୍ରୁପ ମଧ୍ୟ ଗଠନ କରି ଏଥିରେ ଅଧିକ ସ୍ୱେଚ୍ଛାସେବୀଙ୍କୁ ଯୋଡ଼ି ଅର୍ଡର ସଂଗ୍ରହ କରୁଛନ୍ତି। ପ୍ରଥମ ଲକ୍‌ଡାଉନ ସମୟରେ ଏହାକୁ ଆରମ୍ଭ କରି ମାର୍ଚ୍ଚ ୨୮ରୁ ୨୯ ସୁଦ୍ଧା ଦିନକୁ ସେ ୩୨୦୦ ଅର୍ଡର ପାଇଥିଲେ। ଏବେସୁଦ୍ଧା ୱାଧାୱାଙ୍କ ଟିମ୍ ୪,୧୫,୦୦୦ ଫୁଡ ପ୍ୟାକେଟ ଡେଲିଭରି କରିଛନ୍ତି। ବିଭିନ୍ନ ପ୍ରତିଷ୍ଠିତ କ୍ଲବ ଏବଂ ସଂଗଠନ ତାଙ୍କୁ ଆର୍ଥିକ ସାହାଯ୍ୟ ଯୋଗାଇ ଦେଉଛନ୍ତି। ସ୍ୱେଚ୍ଛାସେବୀମାନେ ବି ଘର ଘର ବୁଲି ରୁଟି ସଂଗ୍ରହ କରୁଛନ୍ତି। ରୁଟି କରିବା ଲାଗି ବି ସେ ମହିଳାମାନଙ୍କୁ ନିଯୁକ୍ତି ଦେଇଛନ୍ତି। କେବଳ ଲୋକମାନଙ୍କୁ ଫୁଡ୍ ଟିଫିନ ଦେଉନାହାନ୍ତି, ବରଂ ବୁଲା କୁକୁରଙ୍କୁ ବି ଖାଇବାକୁ ଦେଉଛନ୍ତି। ଏବେ ସୁଦ୍ଧା ୱାଧୱାଙ୍କ ଗ୍ରୁପ ୬୫୦ ଛାତ୍ରଙ୍କୁ ପାଠ୍ୟ ଉପକରଣ ଯୋଗାଇ ଦେଇଛି। ଅନ୍‌ଲାଇନରେ ପଢିବା ଲାଗି ପିଲାମାନଙ୍କୁ ୩୮ଟି ଫୋନ୍ ବି ଦେଇଛନ୍ତି।

## ଚିରନ୍ତନୀ

ଭାର ବହି ପଡ଼ିଥିଲା ଥକି
ନାମ ତା'ର ନ ପଡ଼ିଲା ମନେ
ଶୁଣିଲା କି ନ ଶୁଣିଲା ହୋଇ
ଚାଲିଗଲା ଧୀରେ ରାଧୁ ଭୋଇ
ମରିଯାଏ ପଡ଼ିଶାରୁ ଜଣେ
ନାମ ତାରନ ପଡଇ ମନେ! -(ପୌଷ-ମଳୟ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ପାଠକ ଶ୍ରେଷ୍ଠ ବିଚାରକ

## ସ୍ମାର୍ଟ ସିଟି ଆବର୍ଜନାମୁକ୍ତ ହେଉ

ମହାଶୟ,

ଭୁବନେଶ୍ୱର ମହାନଗର ନିଗମକୁ ସ୍ମାର୍ଟ ସିଟିର ମାନ୍ୟତା ମିଳିସାରିଛି। ସ୍ମାର୍ଟସିଟିରେ ବସବାସ କରୁଥିବା ସମ୍ଭ୍ରାନ୍ତ ତଥା କେତେକ ଉଚ୍ଚବର୍ଗର ବରିଷ୍ଠ ନାଗରିକ ତଥା ସାଧାରଣ ଜନତା, ରୋଗୀ ଏବଂ କୋମଳମତି ଶିଶୁମାନେ ବସବାସ କରି ଆସୁଛନ୍ତି। ଏହାବାଦ ଏଠାକୁ ପ୍ରତିଦିନ ବାହାରୁ ହଜାର ହଜାର ଲୋକ ବିଭିନ୍ନ କାମରେ ଆସୁଛନ୍ତି। ଏମାନେ ଯାତାୟାତ କରୁଥିବା ଦୈନନ୍ଦିନ ରାସ୍ତା ପାର୍ଶ୍ୱରେ କୁଢ଼, କୁଢ଼ ଅଳିଆ ଆବର୍ଜନା ଜମି ରହୁଛି। ଏହା ପରିବେଶକୁ ଅତୀବ ଅଶୋଭନୀୟ କରି ଏକ ବିଷାକ୍ତ ବାତାବରଣ ମଧ୍ୟ ସୃଷ୍ଟି କରୁଛି। କିନ୍ତୁ ଏଥିପ୍ରତି କାହାର ନିଘା ନାହିଁ। ମ୍ୟୁନିସିପାଲିଟିରୁ ମହାନଗର ନିଗମର ମାନ୍ୟତା ପାଇସାରିଥିବା ଭୁବନେଶ୍ୱରର ପରିମଳ ବ୍ୟବସ୍ଥା ଆଜି ମଧ୍ୟ ଅବହେଳିତ। କର୍ତ୍ତୃପକ୍ଷଙ୍କୁ ଅନୁରୋଧ ଯେ ଉପରୋକ୍ତ ବିଷୟଗୁଡ଼ିକ ପ୍ରତି ଧ୍ୟାନ ଦିଅନ୍ତୁ ଏବଂ ପ୍ରତିଦିନ ଆବର୍ଜନା ସବୁକୁ ରାତି ୯ଟା କିମ୍ବା ୧୦ଟା ସମୟରେ ସହରଠାରୁ ଦୂରରେ ଥିବା ଡମ୍ପିଂୟାର୍ଡରେ ପକାଇବାର ବ୍ୟବସ୍ଥା କରନ୍ତୁ। ଏଥିସହିତ ମହାନଗର ନିଗମରେ ବସବାସ କରି ଆସୁଥିବା ସମସ୍ତ ଜନସାଧାରଣ ସେମାନଙ୍କର ଆବର୍ଜନାଗୁଡ଼ିକୁ ଧାର୍ଯ୍ୟ ସମୟ ସୀମା ମଧ୍ୟରେ ବାହାରେ କେବଳ ଡଷ୍ଟବିନ୍‌ରେ ପକାଇବା ପାଇଁ ଏକ ନିୟମ ତଥା ଗାଇଡ୍‌ଲାଇନ୍ ପ୍ରଚଳନ କରିବାର ଆବଶ୍ୟକତା ରହିଛି। ଏହାଦ୍ୱାରା ଆମ ରାଜଧାନୀ ଭୁବନେଶ୍ୱର ଏକ ସବୁଜସୁନ୍ଦର ତଥା ପରିଚ୍ଛନ୍ନ ଓ ରୋଗମୁକ୍ତ ସହର ରୂପେ ସାରା ରାଜ୍ୟରେ ପରିଗଣିତ ହୋଇପାରିବ।

-ଧର୍ମରାଜ ପଟ୍ଟନାୟକ, ଜୟଦୁର୍ଗା ନଗର, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ସ୍ତ୍ରୀଙ୍କୁ ଟାଙ୍ଗିଆରେ ହାଣି ହତ୍ୟା, ସ୍ୱାମୀ ଗିରଫ

ସମ୍ବଲପୁର/କୁଚିଣ୍ଡା, ୧୫।୧୨ (ବ୍ୟୁରୋ/ଡି.ଏନ୍.ଏ.): ସମ୍ବଲପୁର ଜିଲା କୁଚିଣ୍ଡା ଥାନା ଅନ୍ତର୍ଗତ ବାବେୟୁରୀ ଗ୍ରାମରେ ପାରିବାରିକ କଳହରୁ ଏକ ହତ୍ୟାକାଣ୍ଡ ଘଟିଛି। ସ୍ୱାମୀ ପ୍ରେମଚାନ୍ଦ ତିର୍କୀଙ୍କ ଟାଙ୍ଗିଆ ଚୋଟରେ ସ୍ତ୍ରୀ ଭାରତୀଙ୍କ ମୃତ୍ୟୁ ଘଟିଛି। ପୋଲିସ ପ୍ରେମଚାନ୍ଦଙ୍କୁ ଗିରଫ କରିଛି। ଘଟଣାରେ ବ୍ୟବହୃତ ଟାଙ୍ଗିଆକୁ ମଧ ଜବତ କରିଛି। ଘଟଣାସ୍ଥଳରେ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ରକ୍ତ ଓ ବିଭିନ୍ନ ନମୁନା ସଂଗ୍ରହ କରିଛି। ଭାରତୀଙ୍କ ବାପା ଆନନ୍ଦ ବାଗଙ୍କ ଅଭିଯୋଗକ୍ରମେ କୁଚିଣ୍ଡା ଥାନାରେ ୨୫୩/୨୦ରେ ଏକ ହତ୍ୟା ମାମଲା ରୁଜୁ ହୋଇଛି। ମିଳିଥିବା ସୂଚନା ମୁତାବକ, ୨୦୧୬ରେ ପ୍ରେମଚାନ୍ଦ ଶାସନ ଥାନା ଲକ୍ଷ୍ମଣୀ ଗ୍ରାମର ଭାରତୀଙ୍କୁ ବିବାହ କରିଥିଲେ। ବିବାହକୁ ୪ବର୍ଷ ବିତିଥିଲେ ମଧ ଉଭୟଙ୍କ ମଧରେ ପାରିବାରିକ ସମ୍ପର୍କ ଠିକ୍ ରହୁ ନ ଥିଲା। ଅନେକ ସମୟରେ ସେମାନଙ୍କ ମଧରେ ମାରପିଟ ଓ ଗଣ୍ଡଗୋଳ ହେଉଥିଲା। ସୋମବାର ରାତିରେ ପ୍ରେମଚାନ୍ଦ ଘରକୁ ଆସିବା ପରେ ପାଟିତୁଣ୍ଡ ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ପ୍ରେମଚାନ୍ଦ ଟାଙ୍ଗିଆରେ ଆକ୍ରମଣ କରିବାରୁ ଭାରତୀ ଗୁରୁତର ହୋଇ ତଳେ ପଡିଯାଇଥିଲେ। ରାତିରେ ଡାକ୍ତରଖାନା ନ ନେବାରୁ ପ୍ରଚୁର ରକ୍ତସ୍ରାବ ହୋଇ ଭାରତୀଙ୍କ ମୃତ୍ୟୁ ଘଟିଥିଲା। ପ୍ରେମଚାନ୍ଦ ମଧ କୁଆଡେ ନ ଯାଇ ଘରେ ରହିଥିଲେ। ସକାଳ ହେବା ପରେ ଭାରତୀ ଘରୁ ନ ବାହାରିବାରୁ ପଡୋଶୀ ସନ୍ଦେହ କରିଥିଲେ। ସେମାନେ କୁଚିଣ୍ଡା ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଭାରତୀଙ୍କ ମୃତଦେହ ଜବତ କରିଥିଲା। ବ୍ୟବଚ୍ଛେଦ ପରେ ଭାରତୀଙ୍କ ବାପା ଆନନ୍ଦଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଥିଲା।

# ୨ବର୍ଷ ପାଇଁ ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରଦାନ



ରବୀନ୍ଦ୍ର ମଣ୍ଡପରେ ମଙ୍ଗଳବାର ଆୟୋଜିତ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ଓ ସାରସ୍ୱତ ସମ୍ବର୍ଦ୍ଧନା ଉତ୍ସବରେ ଅତିଥିଙ୍କ ଗହଣରେ ୨୦୧୫ ବର୍ଷ ପାଇଁ ଏକାଡେମୀ ପୁରସ୍କାର ପାଇଥିବା ସାହିତ୍ୟ ସାରସ୍ୱତ ବ୍ୟକ୍ତିତ୍ୱମାନେ।

ଭୁବନେଶ୍ୱର,୧୫।୧୨(ବ୍ୟୁରୋ)

- ୨୦୧୯ ପାଇଁ ୧୫ ପ୍ରତିଭାଙ୍କୁ ସାରସ୍ୱତ ସମ୍ବର୍ଦ୍ଧନା
- ଗୋଟିଏ ମଞ୍ଚରେ ଏଣିକି ସବୁ ପୁରସ୍କାର

ଓଡ଼ିଶା ସାହିତ୍ୟ ଏକାଡେମୀ ତରଫରୁ ୨୦୧୫ ଓ ୨୦୧୬ ମସିହା ପାଇଁ 'ଏକାଡେମୀ ପୁରସ୍କାର' ପ୍ରଦାନ କରାଯାଇଛି। ଏହାସହ ୨୦୧୯ ନିମନ୍ତେ ୧୫ଜଣଙ୍କୁ 'ସାରସ୍ୱତ ସମ୍ବର୍ଦ୍ଧନା' ଦିଆଯାଇଛି। ୯ ବିଭାଗରେ ୧୦ଜଣ ଲେଖାଏ ଓଡ଼ିଆ ସାରସ୍ୱତ ପ୍ରତିଭାଙ୍କୁ ଏକାଡେମୀ ପୁରସ୍କାର ପ୍ରଦାନ କରାଯାଇଛି। ୨୦୧୫ ପାଇଁ ନିତ୍ୟାନନ୍ଦ ପଣ୍ଡା, ପବିତ୍ର ପାଣିଗ୍ରାହୀ, ବୀଣାପାଣି ପଣ୍ଡା, ସଞ୍ଜୟ ହାତୀ, ନବୀନ କୁମାର ପରିଡ଼ା, ପଞ୍ଚାନନ ମିଶ୍ର, ଧରଣୀଧର ପାଣିଗ୍ରାହୀ, ବିଜୟ କୁମାର ମହାନ୍ତି, ରବୀନ୍ଦ୍ର ବିଶ୍ୱାଳ ଓ ମନୋଜ ମହାନ୍ତିଙ୍କୁ ପୁରସ୍କୃତ କରାଯାଇଛି। ସେହିଭଳି ୨୦୧୬ ପାଇଁ ଲକ୍ଷ୍ମୀପ୍ରିୟା ଆଚାର୍ଯ୍ୟ, ଦେବଦାସ ଛୋଟରାୟ, ଭଗବାନ ଜୟସିଂହ, ଫକୀର ସିଂହ, ସୁରେନ୍ଦ୍ର କୁମାର ମହାରଣା, ପ୍ରଦୋଷ ପଟ୍ଟନାୟକ, ଶାରଦା ରଥ, ଦେବେନ୍ଦ୍ର ଚୌଧୁରୀ, ମିଶ୍ର ସତ୍ୟନାରାୟଣ ଏବଂ ପ୍ରସନ୍ନ କୁମାର ସ୍ୱାଇଁଙ୍କୁ ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରଦାନ କରାଯାଇଛି। ରବୀନ୍ଦ୍ର ମଣ୍ଡପରେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି ପ୍ରତିଭାଙ୍କୁ ପୁରସ୍କୃତ କରିଥିଲେ। ପୁରସ୍କାର ସ୍ୱରୂପ ପ୍ରତ୍ୟେକଙ୍କୁ ୨ଲକ୍ଷ ଟଙ୍କା ସହ ମାନପତ୍ର ଓ ଉପଢୌକନ ପ୍ରଦାନ କରାଯାଇଥିଲା। ଅନ୍ୟପକ୍ଷରେ ୨୦୧୯ ପାଇଁ ବରିଷ୍ଠ ସାହିତ୍ୟିକ ମୀନକେତନ ପୁରୋହିତ, ଗୌରହରି ପଣ୍ଡା, ପଦ୍ମନାଭ ସାହୁ, ବିଭୂତି ଭୂଷଣ ପଟ୍ଟନାୟକ, ଇନ୍ଦୁଲତା ମହାନ୍ତି, ଶୈଳେନ୍ଦ୍ର କୁମାର ମହାପାତ୍ର, ନିରଞ୍ଜନ ପାଢ଼ୀ, ଶ୍ରୀକାନ୍ତ ଚରଣ ପାତ୍ର, କବିବର ପରିଡ଼ା, ତ୍ରିନାଥ ନାୟକ, ମନିନ୍ଦ୍ର ମହାନ୍ତି, ରବି ମହାପାତ୍ର, ଶରତ ଚନ୍ଦ୍ର କର, ବ୍ରଜ ଦାସ, ଅଖିଳାନନ୍ଦ ବେବର୍ତ୍ତାଙ୍କୁ 'ସାରସ୍ୱତ ସମ୍ବର୍ଦ୍ଧନା' ମିଳିଛି। ପୁରସ୍କାର ବାବଦକୁ ୧ଲକ୍ଷ ଟଙ୍କା ସହ ମାନପତ୍ର ଓ ଉପଢୌକନ ପ୍ରଦାନ କରାଯାଇଛି। ପୁରସ୍କାର ପ୍ରଦାନ ଅବସରରେ ମନ୍ତ୍ରୀ ପାଣିଗ୍ରାହୀ କହିଲେ, ଏକାଡେମୀ ପୁରସ୍କାର ରାଶିକୁ ବୃଦ୍ଧି କରି ରାଜ୍ୟ ସରକାର ଏକ ଯୁଗାନ୍ତକାରୀ ପଦକ୍ଷେପ ନେଇଛନ୍ତି। ୨୦୨୧ ମାର୍ଚ୍ଚ ସୁଦ୍ଧା ବାକିଥିବା ଏକାଡେମୀର ସମସ୍ତ ପୁରସ୍କାର ପ୍ରଦାନ କରାଯିବ। ଆଗକୁ ସମସ୍ତ ପୁରସ୍କାରକୁ ଗୋଟିଏ ମଞ୍ଚରେ ଦିଆଯିବ। ଆସନ୍ତା ବର୍ଷଠାରୁ ପ୍ରତିବର୍ଷ ହିଁ ପୁରସ୍କାର ପ୍ରଦାନ ପାଇଁ ବ୍ୟବସ୍ଥା କରିବାକୁ ସେ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ଏକାଡେମୀ ସଭାପତି ହରିହର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ ଏବଂ ଏକାଡେମୀର ସଚିବ ଶୁଚିସ୍ମିତା ମନ୍ତ୍ରୀ ବକ୍ତବ୍ୟ ରଖିଥିଲେ। ଡ. ମୃତ୍ୟୁଞ୍ଜୟ ରଥ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏକାଡେମୀ ସଭାପତିଙ୍କ ଲିଖିତ ଓ ସଙ୍ଗୀତକାର ଗୋପାଳ ପଣ୍ଡାଙ୍କ ଦ୍ୱାରା ପ୍ରସ୍ତୁତ ସଙ୍ଗୀତ ପରିବେଷିତ ହୋଇଥିଲା।

### ରବୀନ୍ଦ୍ର ମଣ୍ଡପ ପାର୍ଶ୍ୱ ରାସ୍ତା ହେବ 'ସଙ୍ଗୀତ ମାର୍ଗ'

ରବୀନ୍ଦ୍ର ମଣ୍ଡପରୁ ୧୨୦ ବାଟାଲିୟନ୍ ରାସ୍ତାକୁ 'ସଙ୍ଗୀତ ମାର୍ଗ' ନାମରେ ନାମିତ କରାଯିବ। ଏହି ରାସ୍ତାରେ ନିୟମିତଭାବେ ସଙ୍ଗୀତ ବାଦନର ବ୍ୟବସ୍ଥା କରାଯିବା ସହ କିଓସ୍କୋ ସ୍ଥାପନ ହେବ। ଏହାବାଦ୍ ଆଉ ୨ଟି ମାର୍ଗକୁ ସାହିତ୍ୟ ଏବଂ ସଂସ୍କୃତି ମାର୍ଗ କରାଯିବା ନେଇ ପ୍ରସ୍ତାବ ରହିଛି ବୋଲି ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ କହିଛନ୍ତି। ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରଦାନ ଉତ୍ସବରେ ଯୋଗଦେଇ ଦାସ କହିଲେ, ଏହାସହିତ ପ୍ରସ୍ତାବିତ ସାହିତ୍ୟ ମାର୍ଗରେ ବହି ଦୋକାନ ଓ ପୁସ୍ତକ ପଠନ ପାଇଁ ସ୍ୱତନ୍ତ୍ର ହବ୍ ହେବ। ସେଠାରେ ଲୋକମାନେ ବସି ବହି ପଢ଼ିବାର ସୁଯୋଗ ପାଇପାରିବେ। ସେହିପରି ଓଡ଼ିଶାର କଳା ଓ ସଂସ୍କୃତିକୁ ନେଇ 'ସଂସ୍କୃତି ମାର୍ଗ' କରାଯିବ ବୋଲି ଦାସ କହିଥିଲେ।

## ହାଲୁକା ବର୍ଷା ସାଙ୍ଗକୁ କୁହୁଡ଼ି

ଭୁବନେଶ୍ୱର,୧୫।୧୨(ବ୍ୟୁରୋ)

ରାଜ୍ୟରେ ଶୀତ କମିଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ସୁନ୍ଦରଗଡ଼, ଦେବଗଡ଼, କେନ୍ଦୁଝର ଜିଲାର ଗୋଟିଏ ଦୁଇଟି ସ୍ଥାନରେ ହାଲୁକା ବର୍ଷା ହେବାର ସମ୍ଭାବନା ରହିଛି। ସେହିପରି କନ୍ଧମାଳ, କଳାହାଣ୍ଡି, ବଲାଙ୍ଗୀର, ବୌଦ୍ଧ, କଟକ, ନୟାଗଡ଼ ଏବଂ ଜଗତ୍‌ସିଂହପୁର ଜିଲାର ଗୋଟିଏ ଦୁଇଟି ସ୍ଥାନରେ କୁହୁଡ଼ି ହେବାର ସମ୍ଭାବନା ରହିଛି। ଆସନ୍ତା ୧୯ ତାରିଖରୁ ଶୀତର ପ୍ରକୋପ ବଢ଼ିବ ବୋଲି ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଏହାର ପ୍ରଭାବରେ ତାପମାତ୍ରା ୫ରୁ ୬ ଡିଗ୍ରୀ ଖସିବ। ଆଭ୍ୟନ୍ତରୀଣ ଓଡ଼ିଶାରେ ଶୀତର ପ୍ରକୋପ ବଢ଼ିବ। ପୂର୍ବ ଦିଗରୁ ବାୟୁ ପ୍ରବାହ ଯୋଗୁ ରାଜ୍ୟରେ ଆକାଶ ମେଘାଚ୍ଛନ୍ନ ରହିବା ସହ ଶୀତ ହ୍ରାସ ପାଇଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ମଙ୍ଗଳବାର ସୁନ୍ଦରଗଡ଼ରେ ସର୍ବନିମ୍ନ ତାପମାତ୍ରା ୧୨.୫ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିବା ବେଳେ ଫୁଲବାଣୀ ୧୫, ଦାରିଙ୍ଗବାଡି ୧୪ ଏବଂ କୋରାପୁଟ ଜିଲାରେ ସର୍ବନିମ୍ନ ତାପମାତ୍ରା ୧୩.୬ ଡିଗ୍ରୀ ସେଲ୍‌ସିୟସ୍ ରେକର୍ଡ କରାଯାଇଛି। ରାଜ୍ୟର ଅଧିକାଂଶ ସ୍ଥାନରେ ତାପମାତ୍ରା ୧୫ରୁ ୨୦ ଡିଗ୍ରୀ ସେଲ୍‌ସିୟସ ମଧ୍ୟରେ ରହିଛି।

## କୃଷି ଆଇନ ପ୍ରତ୍ୟାହାର ଦାବିରେ କଂଗ୍ରେସର ଧାରଣା

ଭୁବନେଶ୍ୱର,୧୫।୧୨(ବ୍ୟୁରୋ)

କେନ୍ଦ୍ର ସରକାର ପ୍ରଣୟନ କରିଥିବା କଳା କୃଷି ଆଇନକୁ ପ୍ରତ୍ୟାହାର କରିବା ଦାବିରେ ସାରା ଦେଶରେ ଚାଲିଛି ଆନ୍ଦୋଳନାତ୍ମକ କାର୍ଯ୍ୟକ୍ରମ। ଏହାକୁ ସମର୍ଥନ ଜଣାଇଛି ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି। ଦଳର ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ସୋମବାର ଭୁବନେଶ୍ୱର ଜିଲା କଂଗ୍ରେସ କମିଟି ପକ୍ଷରୁ ସ୍ଥାନୀୟ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଜିଲା କଂଗ୍ରେସ ସଭାପତି ବିଶ୍ୱଜିତ୍ ଦାସଙ୍କ ଅଧ୍ୟକ୍ଷତାରେ ଏକ ବିକ୍ଷୋଭ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ଉପଜିଲାପାଳଙ୍କୁ ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ବରିଷ୍ଠ ନେତା ସୁରେଶ କୁମାର ରାଉତରାୟ, ଶିବାନନ୍ଦ ରାୟ, ରଶ୍ମି ମହାପାତ୍ର, ମନୋରଞ୍ଜନ ଦାଶ, ଦେବୀପ୍ରସାଦ ପୃଷ୍ଟି, ମୋହନ ଜେନା, ଚିନ୍ମୟ ସୁନ୍ଦର ଦାସ, ଜୟନ୍ତ ଭୋଇ, ଅଶୋକ ସାହୁ, ସୁବ୍ରତ ମହାପାତ୍ର, ଜୟକୃଷ୍ଣ ସୁବୁଦ୍ଧି, ମିହିର ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

## ଏନ୍ଆରଟିଏସ୍ ପରୀକ୍ଷା, ସାହିତ୍ୟ ପ୍ରଶ୍ନପତ୍ରରେ ତ୍ରୁଟି

ଆଳି,୧୫।୧୨(ଡି.ଏନ.ଏ.)

ଚଳିତବର୍ଷର ଏନ୍ଆରଟିଏସ୍ ପରୀକ୍ଷା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହି ପରୀକ୍ଷାର ମାତୃଭାଷା (ସାହିତ୍ୟ) ପ୍ରଶ୍ନପତ୍ରରେ ବ୍ୟାପକ ତ୍ରୁଟି ପରିଲକ୍ଷିତ ହୋଇଛି। ଉକ୍ତ ପରୀକ୍ଷା ସାଧାରଣତଃ ୧୦୦ ମାର୍କ ପୂର୍ଣ୍ଣସଂଖ୍ୟା। ୨୫ ମାର୍କ ବିଶିଷ୍ଟ ୪ଟି ବିଷୟ ଭାଷା (ସାହିତ୍ୟ), ଗଣିତ, ବିଜ୍ଞାନ ଓ ସାମାଜିକ ବିଜ୍ଞାନକୁ ନେଇ ହୋଇଥାଏ। ମଙ୍ଗଳବାର ପରୀକ୍ଷାରେ ସାହିତ୍ୟ ୨୫ ନଂ.ରେ ଯେଉଁ ପ୍ରଶ୍ନ ଆସିଛି, ସେଥିରୁ ୫ଟି ପ୍ରଶ୍ନ ଅଷ୍ଟମ ଶ୍ରେଣୀ ଭାଷା ପାଠ୍ୟ ପୁସ୍ତକରେ ନାହିଁ ବୋଲି ଅଭିଯୋଗ ହେଉଛି। ଯେପରିକି ବି ସେଟ୍ ପ୍ରଶ୍ନପତ୍ରର ୨ ନଂ. ପ୍ରଶ୍ନରେ ତାର କଥା ନ ମାନିଲେ ନଈରେ ନେଇ ଫୋପାଡି ଦେବ ବୋଲି ଅଳୁ କାହାକୁ କହିଛି। ଏହା ପାଠ୍ୟ ପୁସ୍ତକରେ ନାହିଁ। ପ୍ରଶ୍ନ ନଂ. ୧୮ରେ ଭାରତର ଟେକ ରଖିବାକୁ ଆମେ କ'ଣ କରିବୁ। ଏହା ଭାରତ ମା' ପଦ୍ୟରୁ ଆସିଛି, ଯାହା ପାଠ୍ୟ ପୁସ୍ତକ ଅନ୍ତର୍ଭୁକ୍ତ ନୁହେଁ। ପ୍ରଶ୍ନ ନଂ. ୧୯ରେ ଆସାମବାସୀଙ୍କ ପ୍ରସିଦ୍ଧ ତୀର୍ଥ ସ୍ଥାନର ନାମ କ'ଣ। ଏହି ପ୍ରଶ୍ନଟି ଆସାମ ଭ୍ରମଣ ଗଦ୍ୟରୁ ଆସିଛି। ଏହା ପ୍ରଚଳିତ ପାଠ୍ୟ ପୁସ୍ତକ ଅନ୍ତର୍ଗତ ନୁହେଁ। ପ୍ରଶ୍ନ ନଂ. ୨୨ରେ ଜଳ କେଉଁଥିରୁ ଜାତ ହୁଏ ବୋଲି ପଠିତ କବିତାରେ କୁହାଯାଇଛି। ଏହି ପ୍ରଶ୍ନଟି ଜଳ ପଦ୍ୟରୁ ଆସିଛି। ଏହା ମଧ୍ୟ ପାଠ୍ୟ ପୁସ୍ତକରେ ନାହିଁ। ସେହିଭଳି ପ୍ରଶ୍ନ ନଂ. ୨୪ରେ ଜଡ଼ ମଧ୍ୟରେ ଶକ୍ତି ନିହିତ ଥିବା କବି କାହାଠାରୁ ଜାଣିଲେ। ଏହା ଶିବରାତ୍ରି ପଦ୍ୟରୁ ଆସିଛି। ଏହା ମଧ ପାଠ୍ୟ ପୁସ୍ତକ ବାହାରୁ ଆସିଛି। ଏହା ଜାଣିବା ପରେ ଛାତ୍ରୀଛାତ୍ର ଓ ଅଭିଭାବକ ମହଲରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଏଥିପାଇଁ ଗ୍ରେସ୍ ମାର୍କ ଦେବାକୁ ବିଭିନ୍ନ ମହଲରୁ ଦାବି ହେଉଛି।




ପରୀକ୍ଷା ପ୍ରଶ୍ନପତ୍ରରେ ତ୍ରୁଟି।

## ଲାଞ୍ଚ ନେଇ ଏସ୍ଏଆର୍‌ସିଏସ୍ ଗିରଫ

ସୋନପୁର,୧୫।୧୨(ନି.ପ୍ର.):

ସୁବର୍ଣ୍ଣପୁର ଜିଲା ଏସ୍ଏଆର୍‌ସିଏସ୍ (ଉପ ସହକାରୀ ନିବନ୍ଧକ ସମବାୟ ସମିତି ସମୂହ) ସୋନପୁର ମଣ୍ଡଳ ଆଶିଷ କୁମାର ରାଉତ ଭିଜିଲାନ୍ସ ଦ୍ୱାରା ମଙ୍ଗଳବାର ଗିରଫ ହୋଇଛନ୍ତି । ତାଙ୍କୁ ବଲାଙ୍ଗୀର ଭିଜିଲାନ୍ସ କୋର୍ଟରେ ହାଜର କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ରାଉତଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ଏସଏଆର୍‌ସିଏସ୍ ରାଉତ ସୋନପୁର ବ୍ଲକର ପ୍ୟାକ୍ସ(ପ୍ରାଥମିକ କୃଷି ସମବାୟ ସମିତି)ଗୁଡିକରେ ପ୍ରଶାସକ ଦାୟିତ୍ୱରେ ମଧ ଥିଲେ । ସେ ଲଛିପୁର ପ୍ୟାକ୍ସରେ ଖରିଫ ଧାନ କିଣା ସକାଶେ ଅସ୍ଥାୟୀ ଚାଷୀ ଆଶ୍ରୟ ସ୍ଥଳ, ଚାଷୀଙ୍କ ପାଇଁ ପରିସ୍ରାଗାର ନିର୍ମାଣ, ପାନୀୟ ଜଳ, ମାସ୍କ ଓ ସାନିଟାଇଜର କ୍ରୟ ବାବଦ ବିଲ୍ କରିବା ପାଇଁ ସମ୍ପାଦକ ମଞ୍ଜୟ ଧରୁଆଙ୍କୁ ୧୭ହଜାର ଟଙ୍କା ଲାଞ୍ଚ ମାଗିଥିଲେ । ମଞ୍ଜୟ ଏ ସମ୍ପର୍କରେ ସୁବର୍ଣ୍ଣପୁର ଭିଜିଲାନ୍ସ ବିଭାଗ ନିକଟରେ ସୋମବାର ଅଭିଯୋଗ କରିଥିଲେ। ମଙ୍ଗଳବାର ଅପରାହ୍ନରେ ରାଉତ କାର୍ଯ୍ୟାଳୟରେ ଲାଞ୍ଚ ଟଙ୍କା ନେଇ କମ୍ପ୍ୟୁଟର ଟେବୁଲ ଡ୍ରୟାରରେ ରଖିଥିଲେ । ତେବେ ପୂର୍ବରୁ ଜଗି ରହିଥିବା ଭିଜିଲାନ୍ସ ବିଭାଗ କର୍ମଚାରୀମାନେ ତାଙ୍କୁ ଗିରଫ କରିଥିଲେ। ସମ୍ବଲପୁର ଭିଜିଲାନ୍ସ ବିଭାଗ ପକ୍ଷରୁ ଏକ ମାମଲା(ନଂ ୩୫/୨୦) ରୁଜୁ ହୋଇଛି ।

## ସ୍ତ୍ରୀଙ୍କ ଅଶ୍ଳୀଳ ଫଟୋ ପୋଷ୍ଟକରି ସ୍ୱାମୀ ଗିରଫ



ପୋଲିସ ଗିରଫ ଅଭିଯୁକ୍ତଙ୍କ ବିଷୟରେ ସୂଚନା ଦେଉଛି।

ରାୟଗଡ଼ା ଅଫିସ,୧୫।୧୨

ସ୍ତ୍ରୀଙ୍କ ଅଶ୍ଳୀଳ ଫଟୋ ସୋସିଆଲ ମିଡିଆରେ ପୋଷ୍ଟକରି ସ୍ୱାମୀ ଗିରଫ ହୋଇଛନ୍ତି। ରାୟଗଡ଼ା ଜିଲା ଗୁଣପୁର ଥାନା ପୋଲିସ ସୋମବାର ବଲାଙ୍ଗୀର ଜିଲା ଟିଟିଲାଗଡ଼ ଅଞ୍ଚଳର ଗୋବିନ୍ଦ ରାଓ(୪୧)ଙ୍କୁ ଗିରଫ କରିଛି। ସୂଚନା ଅନୁଯାୟୀ, ଗୋବିନ୍ଦ ୨୦୧୦ରେ ରାୟଗଡ଼ା ଜିଲା ଗୁଣପୁର ଥାନା ଅଞ୍ଚଳରେ ବିବାହ କରିଥିଲେ। ବିବାହ ପରଠାରୁ ସେ ସ୍ତ୍ରୀଙ୍କୁ ନିର୍ଯାତନା ଦେଇଆସୁଥିଲେ। ଏଥିପାଇଁ ପୂର୍ବରୁ ଗୋବିନ୍ଦ ଜେଲ ମଧ ଯାଇଥିଲେ। ସେଠାରୁ ଫେରିବା ପରେ ସେ ପୁଣି ସ୍ତ୍ରୀଙ୍କୁ ନିର୍ଯାତନା ଦେବା ସହ ଭୟଭୀତ କରାଇଥିଲେ ; ଯଦ୍ଦ୍ୱାରା ମହିଳା ଜଣଙ୍କ ବାପଘରକୁ ଚାଲିଆସିଥିଲେ। ହେଲେ ଗୋବିନ୍ଦ ସ୍ତ୍ରୀଙ୍କ ଅଶ୍ଳୀଳ ଫଟୋ ଉଠାଇ ସୋସିଆଲ ମିଡିଆରେ ପୋଷ୍ଟ କରିଥିଲେ। ଏ ନେଇ ଶନିବାର ମହିଳା ଜଣଙ୍କ ଗୁଣପୁର ଥାନାର ଦ୍ୱାରସ୍ଥ ହୋଇଥିଲେ। ଅଭିଯୋଗ ଅନୁଯାୟୀ ପୋଲିସ ଘଟଣାର ତଦନ୍ତ ପରେ ଅଭିଯୁକ୍ତ ସ୍ୱାମୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ପୋଲିସ ଅଭିଯୁକ୍ତଙ୍କ ନିକଟରୁ ମୋବାଇଲ ଜବତକରି ଅଧିକ ତଦନ୍ତ ଜାରି ରହିଥିବା ଏ ସ୍‌ପି ସର୍ବଣା ବିବେକ୍ ଏମ୍ ସୂଚନା ଦେଇଛନ୍ତି। ଏ ନେଇ ଗୁଣୁପୁର ଥାନାରେ ୨୨୧/୨୦ ରେ ଏକ ମାମଲା ରୁଜୁ କରାଯାଇଛି।


# CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ଅଗରବତି ମେସିନ
କମ୍ ଖର୍ଚ୍ଚରେ ନିଜ ଘରେ ଧୂପକାଠି ମେସିନ ବସାଇ ଦୈନିକ ୧୦୦୦ରୁ ୧୫୦୦ ଟଙ୍କା ରୋଜଗାର କରନ୍ତୁ।
ପ୍ରତ୍ୟେକ ମେସିନ ସହ RAW MATERIAL FREE
Mob.-9078729199, 8018493464

ବନ୍ଧକ ଋଣ
କମ ସୁଧହାର, ସରଳ ପ୍ରଣାଳୀ ଏବଂ ଅଳ୍ପ ସମୟ ମଧ୍ୟରେ ଘର ରକ୍ଷଣାବେକ୍ଷଣ ଓ ବ୍ୟବସାୟ ବିସ୍ତାର ନିମନ୍ତେ ୧୫ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଉପଲବ୍ଧ।
MANAPPURAM ASSET FINANCE LIMITED
ଶାଖା: ଡିଷ୍ଟ୍ରିକ୍ ସେଣ୍ଟର, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର
9776581168
9583218642
8598094365

ଟାୱାର ବସାଇ ମାସିକ ଘରେ ବସି ଟଙ୍କା କମାନ୍ତୁ
Bansal Tower
India's No.1 Tower Co. (Govt. Approved)
ନିଜର ଖାଲି ଜମି, ଛାତ, ଚାଷଜମି, ପ୍ଲଟ୍, ଦୋକାନ, ଘର ଭଡ଼ାରେ ଦେଇ ଉଚ୍ଚ କ୍ୱାଲିଟିର 4G/5G ମଲ୍ଟିମିଡିଆ ମୋବାଇଲ ଟାୱାର ଲଗାନ୍ତୁ
ଆଡଭାନ୍ସ: 90 ଲକ୍ଷ
ଭଡ଼ା: 45 ହଜାର
ଟାୱାରର ରକ୍ଷଣାବେକ୍ଷଣ ପାଇଁ 1 ଜଣଙ୍କୁ ନିୟୋଜିତ କରନ୍ତୁ
କମ୍ପାନୀ ତରଫରୁ ବୋଲେରୋ + କୋର୍ଟ ଏଗ୍ରିମେଣ୍ଟ
89011-10748
94337-13945

ତାନ୍ତ୍ରିକ ଶକ୍ତିର ବାଦ୍‌ଶାହା
ବାବା ମୟୁର ସାହା
ସ୍ୱତନ୍ତ୍ର ବଶୀକରଣ, ବ୍ୟବସାୟ, ପ୍ରେମ ବିବାହ, ସ୍ୱାମୀ-ସ୍ତ୍ରୀ ସମସ୍ୟା, ଶତ୍ରୁ ସମସ୍ୟା, ସ୍ୱପ୍ନରେ ଡରିବା ଇତ୍ୟାଦି ପାଇଁ ସମସ୍ତ ସ୍ଥାନରୁ ନିରାଶରେ ଫେରିଥିଲେ ଥରେ ମାତ୍ର ସାକ୍ଷାତ କରନ୍ତୁ । ସମସ୍ତ ପ୍ରକାର ସମସ୍ୟାରୁ ମୁକ୍ତିପାଇଁ ୧୦୦% ଫଳ ମିଳିବ ।
SAHEED NAGAR, RUPALI SQUARE, BHUBANESWAR
Ph.: 8144114249

All India Tower Group
କମ୍ପାନୀ ଦ୍ୱାରା ନିଜର ଖାଲି ଜମି, ଛାତ, ଚାଷଜମି, ପ୍ଲଟ୍‌ରେ 4G, 5G ଟାୱାର ଲଗାନ୍ତୁ। ଅଗ୍ରିମ 90 ଲକ୍ଷ + ଭଡ଼ା 60 ହଜାର + ବାଇକ୍ + ଲାପ୍‌ଟପ୍। ଶୀଘ୍ର ଯୋଗାଯୋଗ କରନ୍ତୁ
9455900841
7042350747

GALLERY TOWER COMPANY
ଦ୍ୱାରା ନିଜର ଖାଲି ଜମି / ଛାତ / କ୍ଷେତ / ପ୍ଲଟ୍‌ରେ 4G/5G ମଲ୍ଟିମିଡିଆ ଟାୱାର ଲଗାନ୍ତୁ
ଅଗ୍ରିମ 60000 + ଭଡ଼ା 45000
9485687401
8901064681

ବାବା ଅମିଲ୍ ସୁଫି
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସଂପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧୀକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୂଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
7503449786
8800979262

ALL EDITION - B/W (Everyday)
for Booking Contact:
0674-2580385
8637280816, 9338757574
7894447167, 9338226625


ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## କୀର୍ତ୍ତନଙ୍କୁ ଡାକ ବିଭାଗର ସର୍ବୋଚ୍ଚ ସମ୍ମାନ 'ମେଘଦୂତ'




ଭୁବନେଶ୍ୱର, ୧୫।୧୨(ବ୍ୟୁରୋ)

ଡାକ ବିଭାଗର ସର୍ବୋଚ୍ଚ ସମ୍ମାନ 'ମେଘଦୂତ' ପାଇଛନ୍ତି ଜଣେ ଓଡ଼ିଆ। ବ୍ରହ୍ମପୁର ମଣ୍ଡଳ ମର୍ଦ୍ଦକୋଟ ଶାଖାର କୀର୍ତ୍ତନ ନାୟକ ଏହି ସମ୍ମାନରେ ସମ୍ମାନିତ ହୋଇଛନ୍ତି। ଗ୍ରାମୀଣ ଡାକ ସେବା ବର୍ଗରେ ଏହି ସମ୍ମାନ ପାଇବାରେ ସେ ହେଉଛନ୍ତି ପ୍ରଥମ ଓଡ଼ିଆ। ମଙ୍ଗଳବାର ଭାରତୀୟ ଡାକ ବିଭାଗ ପକ୍ଷରୁ ବିଭାଗୀୟ ମନ୍ତ୍ରୀ ରବିଶଙ୍କର ପ୍ରସାଦଙ୍କ ଅଧ୍ୟକ୍ଷତାରେ ଏକ ଭର୍ଚ୍ଚୁଆଲ ସଭା ଅନୁଷ୍ଠିତ ହୋଇଥିଲା। ପ୍ରତିବର୍ଷ ପରି ଏଥର ମଧ ଦେଶର ୮ଟି ବର୍ଗରେ ବିଭିନ୍ନ କର୍ମଚାରୀଙ୍କୁ ବିଭାଗର ସର୍ବୋଚ୍ଚ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଗ୍ରାମୀଣ ଡାକ ସେବା ବର୍ଗରେ କୀର୍ତ୍ତନଙ୍କୁ ଏହି ସମ୍ମାନ ମିଳିଛି। ଭୁବନେଶ୍ୱର ପିଏମ୍‌ଜିଠାରେ ଆୟୋଜିତ କାର୍ଯ୍ୟକ୍ରମରେ କୀର୍ତ୍ତନଙ୍କୁ ଓଡ଼ିଶା ପରିମଣ୍ଡଳର ମୁଖ୍ୟ ପୋଷ୍ଟମାଷ୍ଟର ଜେନେରାଲ କର୍ଣ୍ଣେଲ ଜଳେଶ୍ୱର କହଁର ସମ୍ମାନ ପ୍ରଦାନ କରିଛନ୍ତି। କୀର୍ତ୍ତନ କୋଭିଡ୍ ସମୟରେ ଡାକ ସେବା ପ୍ରଦାନ କରିଥିଲେ। ୪,୧୧୨ ଗ୍ରାହକଙ୍କୁ ଟଙ୍କା ଉଠାଣର ସୁବିଧା ସହ ଅନ୍ୟ ସେବା ପ୍ରଦାନ କରି ପ୍ରଶଂସା ପାଇଥିଲେ। ମନ୍ତ୍ରୀ ତାଙ୍କ ଅଭିଭାଷଣରେ କହିଥିଲେ ଯେ, ଡାକ ବିଭାଗ କୋଭିଡ୍ ସମୟରେ ବିଭିନ୍ନ ଜୀବନ ରକ୍ଷାକାରୀ ସାମଗ୍ରୀ, ଔଷଧ ଓ ପିପିଇ କିଟ୍ ସାମଗ୍ରୀ ବିତରଣ ଏବଂ ଅନ୍ୟାନ୍ୟ ସାମଗ୍ରୀର ସୂଚାରୁ ବିତରଣ କରିବା ଦ୍ୱାରା ଲୋକଙ୍କର ଆସ୍ଥା ଭାଜନ ହୋଇପାରିଛି। ଏହି ଅବସରରେ ଡାକ ବିଭାଗ ଓ କମନ ସର୍ଭିସ ସେଣ୍ଟର ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା। ମନ୍ତ୍ରୀ ଡାକ ପେ ଆପ୍ ଓ ଇ-ବୁକ୍ ଇଣ୍ଡିଆ ଫିଟ୍ସ କରୋନା ଭାଇରସ୍ ଚ୍ୟାଲେଞ୍ଜକୁ ଉନ୍ମୋଚନ କରିଥିଲେ। ଡାକ ବିଭାଗର ନିର୍ଦ୍ଦେଶକ ଆଦିତ୍ୟ କୁମାର ନାୟକ ଉପସ୍ଥିତ ଥିଲେ।


**OFFICE OF THE MUNICIPAL COUNCIL, RAYAGADA**

No.4399 Dt.10.12.2020

**SELECTION OF AGENCY FOR OPERATION AND MANAGEMENT OF SHELTER FOR URBAN HOMELESS UNDER RAYAGADA MUNICIPAL COUNCIL AREA**

Rayagada Municipal Council invites "Request for proposal (RFP) in sealed cover from reputed area level federation/ Women Self Help Group/CLF for operation and Management of Shelter for Urban Homeless in Rayagada Municipality area as delineated in the RFP document. For further details and any queries, please refer to the RFP documents available in www.rayagada.nic.in from 18.12.2020 and can be downloaded for reference. The RFP documents supported by relevant details and proof of their eligibility will be submitted to Executive Officer, Rayagada Municipality. The last date of submission of proposals is 28.12.2020 till 5.30 P.M. and will be opened on 29.12.2020 at 11.30 A.M.

Any change/correction/corrigendum in respect the above shall be intimated in due course. All bidders are requested to go through the website before submission of proposal. The undersigned reserves all right to cancel any or all quotation without assigning any reason thereof.

Sd./- Executive Officer
Rayagada Municipality

GOVT. OF ODISHA
**OFFICE OF THE SUPERINTENDING ENGINEER RURAL WORKS CIRCLE, BHAWANIPATNA**
Ph.- 06670-235504, E_Mail: serwbpt@yahoo.com
Bid identification No.:- BPT/Online-05/2020-21 Date:10.12.2020
No.O-712:- NOTICE INVITING TENDERS FOR ROAD WORKS IN ODISHA NATIONAL COMPETITIVE BIDDING THROUGH e-Procurement

1. Name of the Work : Construction of incomplete Road and Bridges works under State Plan in the District of Nuapada.
2. No of Works : 1No.
3. Location details : Nuapada District
4. Estimated Cost : As per NIT.
5. Period of Completion : As per NIT.
6. Cost of tender paper : Rs.10,000/- per set.
7. Other details :

| Availability of tender for online bidding | | Last date & time for seeking tender clarification | Date and time of opening of technical bid |
|---|---|---|---|
| From | To | | |
| 17.12.2020 11.00 A.M. | 30.12.2020 5.00 P.M. | 29.12.2020 | 31.12.2020 at 11.00 A.M. |

Further details can be seen from the website "www.tendersorissa.gov.in"
Sd./- Superintending Engineer, Rural Works Circle, Bhawanipatna
OIPR-25102/11/0005/2021

**ଗଞ୍ଜେଇ ଚାଷ ନଷ୍ଟ କରାଗଲା**

ଆର.ଉଦୟଗିରି, (ଡି.ଏନ୍.ଏ.): ଆର.ଉଦୟଗିରି ପୋଲିସ ଓ ଅବକାରୀ ବିଭାଗ ପକ୍ଷରୁ ଶନିବାର ଓ ମଙ୍ଗଳବାର ନୂଆଗଡ଼ ବ୍ଲକର ଟାଙ୍ଗ୍ରଂ ଓ ପାଟିଗୁଡ଼ରେ ୧୨୨.୪୮ ଏକର ଜଙ୍ଗଲ ଜମିରେ ଚାଷ ହୋଇଥିବା ଗଞ୍ଜେଇ ଗଛକୁ ପୋଡି ନଷ୍ଟ କରାଯାଇଛି। ଗତ ଚାରି ସପ୍ତାହ ଧରି ଗଜପତି ଏସ୍‌ପି ତପନ କୁମାର ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଗଜପତି ଜିଲାର ମୋହନା, ଅଡବା ଓ ଆର.ଉଦୟଗିରି ଥାନା ଅଞ୍ଚଳରେ ଅପରେଶନ ଗ୍ରୀନହଣ୍ଟ ମାଧ୍ୟମରେ ଗଞ୍ଜେଇ ନଷ୍ଟ ଅଭିଯାନ ଚାଲୁରହିଛି। ଏହି ଚଢ଼ାଉରେ ସ୍ଥାନୀୟ ତହସିଲଦାର ପ୍ରଫୁଲ୍ଲ କୁମାର କୁଜୁର ମାଜିଷ୍ଟ୍ରେଟ୍ ଦାୟିତ୍ୱରେ ଥିଲେ।

## ସଂକ୍ଷେପରେ

### ୧୭ରେ ପାରଳାଖେମୁଣ୍ଡିରେ କ୍ୟାମ୍ପ କୋର୍ଟ

ବ୍ରହ୍ମପୁର ଅଫିସ,୧୫।୧୨-ଆସନ୍ତା ୧୭ ଓ ୧୮ ଦୁଇ ଦିନ ଧରି ପାରଳାଖେମୁଣ୍ଡି ଜିଲା ଜଜ୍ କୋର୍ଟ ପରିସରରେ ନୂତନ ଭାବେ ନିର୍ମାଣ ହୋଇଥିବା ଭିଜିଲାନ୍ସ କୋର୍ଟ ପରିସରରେ କ୍ୟାମ୍ପ କୋର୍ଟ ଅନୁଷ୍ଠିତ ହେବ। ଏଥିରେ ବ୍ରହ୍ମପୁର ଜିଲା ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ସୁବ୍ରତ ମହାନ୍ତି ଯୋଗ ଦେବେ। ବହୁ ବର୍ଷ ଧରି ପଡ଼ିରହିଥିବା ମାମଲାଗୁଡ଼ିକର ସାକ୍ଷୀମାନେ ସମନ ପାଇପାରୁ ନ ଥିଲେ। ସାକ୍ଷୀମାନେ ଠିକ୍ ସମୟରେ କୋର୍ଟରେ ହାଜର ହୋଇପାରୁ ନ ଥିଲେ। ଏଥିପାଇଁ ପାରାଳାଖେମୁଣ୍ଡିଠାରେ କ୍ୟାମ୍ପ କୋର୍ଟ ହେବ ବୋଲି ମଙ୍ଗଳବାର ସ୍ୱତନ୍ତ୍ର ଭିଜିଲାନ୍ସ ପିପି ତପନ କୁମାର ଦାଶ କହିଛନ୍ତି।

### ବାପ-ପୁଅଙ୍କୁ ସର୍ତ୍ତମୂଳକ ଜାମିନ

**ଆକ୍ରମଣ ମାମଲା**

ବ୍ରହ୍ମପୁର ଅଫିସ,୧୫।୧୨-ଜମିଜମାକୁ ନେଇ ଆକ୍ରମଣ ମାମଲାରେ ଗିରଫ ହୋଇ ଜେଲରେ ଥିବା ବାପା- ପୁଅଙ୍କୁ ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ସୁବ୍ରତ ମହାନ୍ତି ସର୍ତ୍ତମୂଳକ ଜାମିନ ପ୍ରଦାନ କରିଛନ୍ତି। ସେମାନେ ସଦର ଥାନା ଅନ୍ତର୍ଗତ ଲାଠୀ ଗ୍ରାମର ତାରିଣୀ ସ୍ୱାଇଁ ଓ ତାଙ୍କ ପୁଅ ଗୌରହରି ସ୍ୱାଇଁ। ଲାଠୀ ଗ୍ରାମର ତାରିଣୀ ଓ ତାଙ୍କ ଭାଇ ହୀନ ସ୍ୱାଇଁଙ୍କ ମଧ୍ୟରେ ଜମି ଭାଗବଣ୍ଟାକୁ ନେଇ କନ୍ଦଳ ଲାଗିରହିଥିଲା। ଗତ ନଭେମ୍ବର ୫ ତାରିଖରେ ହୀନଙ୍କୁ ଗ୍ରାମ ନିକଟରେ ତାରିଣୀ ଓ ତାଙ୍କ ପୁଅ ଗୌରହରି ବିଭିନ୍ନ ମାରଣାସ୍ତ୍ରରେ ହୀନଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ହୀନଙ୍କ ସ୍ତ୍ରୀ ଜୟନ୍ତୀ ଏ ସମ୍ପର୍କରେ ସଦର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୩୩୭/୨୦ରେ ମାମଲା ରୁଜୁ କରି ବାପା-ପୁଅଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ସେ ସମୟରେ ଏସ୍‌ଡିଜେଏମ୍ ସେମାନଙ୍କ ଜାମିନ ଆବେଦନକୁ ଖାରଜ କରିଦେଇଥିଲେ। ମୁଦ୍ଦୁଲାଙ୍କ ପକ୍ଷରୁ କରୁଣାକର ପାଣିଗ୍ରାହୀ ମକଦ୍ଦମା ପରିଚାଳନା କରିଥିଲେ।

### କାନ୍ଥ ଭୁଶୁଡ଼ି ମା'-ଶିଶୁପୁତ୍ର ଗୁରୁତର



ଛତ୍ରପୁର,୧୫।୧୨(ଡି.ଏନ୍.ଏ.)- ଗଞ୍ଜାମ ବ୍ଲକ କରପଡା ପଞ୍ଚାୟତ ବିରିପୁର ଗ୍ରାମରେ ମଙ୍ଗଳବାର ଜଣେ ପଡ଼ୋଶୀଙ୍କ ଘର କାନ୍ଥ ଭୁଶୁଡ଼ି ପଡିବାରୁ ମା' ଓ ଏକ ଶିଶୁପୁତ୍ର ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ କୃଷ୍ଣ ମହାରଣାଙ୍କ ସ୍ତ୍ରୀ ପ୍ରବାସିନୀ ଓ ପୁଅ ଓମ (୨)। କୃଷ୍ଣଙ୍କର ଜଣେ ପଡ଼ୋଶୀଙ୍କ ବହୁ ପୁରୁଣା ବାରି କାନ୍ଥଟି ବିପଦସଙ୍କୁଳ ଅବସ୍ଥାରେ ଥିଲା। ସକାଳେ ମାଙ୍କଡପଲ ଉକ୍ତ କାନ୍ଥରେ ଡିଆଁଡେଇଁ କରିବାରୁ ତାହା ଭୁଶୁଡି କାନ୍ଥ ସେପଟେ ଥିବା ପ୍ରବାସିନୀ ଓ ଓମ୍‌ଙ୍କ ଉପରେ ପଡିଥିଲା। କାନ୍ଥ ତଳେ ଉଭୟେ ଚାପି ହୋଇଯାଇଥିଲେ। ସେମାନଙ୍କୁ ଉଦ୍ଧାର କରାଯାଇ ପ୍ରଥମେ ଛତ୍ରପୁର ହସ୍ପିଟାଲ ଏବଂ ପରେ ବ୍ରହ୍ମପୁର ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

### ଦୁଇ ଅଭିଯୁକ୍ତଙ୍କ ପୁଣି ଥରେ ଜାମିନ ଖାରଜ

ବ୍ରହ୍ମପୁର ଅଫିସ୍,୧୫।୧୨- ବହୁ ଚୋରି ମାମଲାରେ ଗିରଫ ହୋଇ ମଣ୍ଡଳ କାରାଗାରରେ ଥିବା ଦୁଇ ଅଭିଯୁକ୍ତଙ୍କ ଜାମିନ୍ ଆବେଦନ ଶୁଣାଣି ମଙ୍ଗଳବାର ଅତିରିକ୍ତ ଜିଲା ଦୌରା ଜଜ୍(ଏଡ଼ିଜେ)-୩ କୋର୍ଟରେ ହୋଇଥିଲା। ସରକାରୀ ଓକିଲ ଓ ପ୍ରତିପକ୍ଷ ଓକିଲଙ୍କ ମଧ୍ୟରେ ଜବାବ୍ ସୁଆଲ ହୋଇଥିଲା। ଏଡ଼ିଜେ-୩ ନିରଞ୍ଜନ ଜେନା ଅଭିଯୁକ୍ତଙ୍କ ଜାମିନ୍ ଆବେଦନ ଖାରଜ କରିଦେଇଛନ୍ତି। ବ୍ରହ୍ମପୁର ଓ ସହର ତଳି ଅଞ୍ଚଳରେ ନିୟମିତ ବ୍ୟବଧାନରେ ତାଲା ବନ୍ଦ ଘରୁ ହୋଇଥିବା ଚୋରି ଘଟଣାରେ ନଭେମ୍ବର ୨୫ରେ ଗୋସାଇଁନୂଆଗାଁ ପୋଲିସ୍ ଦୁର୍ଦ୍ଧାନ୍ତ ଅଭିଯୁକ୍ତ ଶିବ ନାରାୟଣ ସାହୁ ଓ ଚୋରି ସାମଗ୍ରୀ ରଖିଥିବା ଅଭିଯୋଗରେ ମନୋଜ ସେନାପତିଙ୍କୁ ଗିରଫ କରିଥିଲା। ମାମଲା ନଂ ୧୧୯/୨୦ରେ ଉଭୟଙ୍କୁ କୋର୍ଟ ଚାଲାଣ କରିଥିଲା। ଏସ୍‌ଡ଼ିଜେଏମ୍ ଜିତେନ୍ଦ୍ରିୟ ପାଣିଗ୍ରାହୀ ସେମାନଙ୍କ ଜାମିନ୍ ଆବେଦନ ଖାରଜ କରିଦେଇ ବିଚାର ବିଭାଗୀୟ ହାଜତକୁ ପଠାଇ ଦେଇଥିଲେ। ସରକାରଙ୍କ ପକ୍ଷରୁ ଅତିରିକ୍ତ ପିପି ଅଭିମନ୍ୟୁ ଦାଶ ଓ ମୁଦାଲାଙ୍କ ପକ୍ଷରୁ କପିଳେଶ୍ୱର ପଟ୍ଟନାୟକ ମକଦ୍ଦମା ପରିଚାଳନା କରିଥିଲେ।

# ଗଞ୍ଜାମ ଜିଲାରେ ଆଜିଠୁ ଧାନକିଣା

**■୪୮ ଘଣ୍ଟାରେ ଚାଷୀଙ୍କୁ ମିଳିବ ଟଙ୍କା**

**■ବ୍ଲକସ୍ତରରେ ନୋଡାଲ ଅଧିକାରୀ ନିଯୁକ୍ତ**

ଛତ୍ରପୁର,୧୫।୧୨(ଡି.ଏନ୍.ଏ.)

ଗଞ୍ଜାମ ଜିଲାରେ ବୁଧବାରଠାରୁ ଧାନ କିଣାଯିବ। ଧାନକିଣା ପ୍ରକ୍ରିୟାର ଠିକ୍ ପରିଚାଳନା ନିମନ୍ତେ ପ୍ରତି ବ୍ଲକରେ ୩ ଜଣ ଲେଖାଏ ନୋଡାଲ ଅଧିକାରୀ ନିଯୁକ୍ତ ହୋଇଛନ୍ତି। ଧାନ ସଂଗ୍ରହ ବେଳେ କୌଣସି ସମସ୍ୟା ଦେଖାଗଲେ ଏହି ଅଧିକାରୀମାନେ ତାହାର ସମାଧାନ କରିବେ ବୋଲି ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ମଙ୍ଗଳବାର ଭିଡିଓ କନ୍‌ଫରେନ୍ସରେ ଅନୁଷ୍ଠିତ ବୈଠକରେ ଜଣାଇଛନ୍ତି। ଚଳିତବର୍ଷ ଏଫ୍‌ଏକ୍ୟୁ ମାନର ଧାନ କୁଇଣ୍ଟାଲ ପିଛା ଦର ୧୮୬୮ ଟଙ୍କା ଧାର୍ଯ୍ୟ କରାଯାଇଛି। ଧାନ ସଂଗ୍ରହର ୪୮ ଘଣ୍ଟା ମଧ୍ୟରେ ଚାଷୀଙ୍କ ବ୍ୟାଙ୍କ ଖାତାରେ ଟଙ୍କା ଜମା ହେବ। ଚଳିତଥର ଧାନ ବିକ୍ରି କରିବା ନିମନ୍ତେ ୨୦୫୬୭ ଚାଷୀ ନୂତନ ଭାବେ ନାମ ପଞ୍ଜୀକରଣ କରିଥିବା ସ୍ଥଳେ ୧୧୯୦୮୧ ଜଣ ଚାଷୀ ନବୀକରଣ କରିଛନ୍ତି। ସମୁଦାୟ ୧୩୯୬୪୮ଜଣ ଚାଷୀଙ୍କ ଠାରୁ ଧାନ ସଂଗ୍ରହ କରାଯିବ। ଜିଲାରେ ୩୮୯ ପ୍ୟାକ୍ସ ଏବଂ ୬୪ଟି ସ୍ୱୟଂ ସହାୟକ ଗୋଷ୍ଠୀ ଓ ଗୋଟିଏ ପାଣି ପଞ୍ଚାୟତ ମାଧ୍ୟମରେ ଚାଷୀଙ୍କଠାରୁ ଧାନ ସଂଗ୍ରହ ହେବ। ଧାନକିଣା ପ୍ରକ୍ରିୟା ବେଳେ କୌଣସିଠାରେ ଯେଉଁଭଳି ଅପ୍ରୀତିକର ପରିସ୍ଥିତି ନ ଉପୁଜେ ସେ ଦିଗରେ ସମସ୍ତ ପ୍ରସ୍ତୁତି କରିବାକୁ ସମସ୍ତ ଅଧିକାରୀଙ୍କୁ ଜିଲାପାଳ ଜଣାଇଥିଲେ। ଅତିରିକ୍ତ ଜିଲାପାଳ କବୀନ୍ଦ୍ର କୁମାର ସାହୁ ସମସ୍ତ ତଥ୍ୟ ଉପସ୍ଥାପନ କରି ଯାହାର ଯାହା ସମସ୍ୟା ରହିଛି ସେସବୁ ସମାଧାନ କରିବାକୁ ପ୍ରବର୍ତ୍ତାଇ ଥିଲେ। ବୈଠକରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ସିନ୍ଧେ ଦତ୍ତାତ୍ରେୟ ଭାଉସାହେବ, ଛତ୍ରପୁର ଉପଜିଲାପାଳ ପ୍ରିୟରଞ୍ଜନ ପୃଷ୍ଟି, ଜିଲା ମୁଖ୍ୟ ଯୋଗାଣ ଅଧିକାରୀ ଉମାଶଙ୍କର ପତି, ଅତିରିକ୍ତ ଯୋଗାଣ ଅଧିକାରୀ ବ୍ରଜେନ୍ଦ୍ର କୁମାର ମହାନ୍ତି, ଯୋଗାଣ ଅଧିକାରୀ ପୁଷ୍ପା ମୁଣ୍ଡା, ଜିଲା ମୁଖ୍ୟ କୃଷି ଅଧିକାରୀ ଭାସ୍କର ପାଢୀ, ସମବାୟ ଉପନିବନ୍ଧକ ବ୍ରହ୍ମପୁର ଡିଭିଜନ ବିଶ୍ୱ ରଞ୍ଜନ ଦାଶ, ସହକାରୀ ସମବାୟ ଉପନିବନ୍ଧକ ସୁକାନ୍ତ କୁମାର ପାଢୀ ଓ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଫୋରମ୍ ଫର୍ ଗଞ୍ଜାମର ସ୍ମାରକପତ୍ର



ବିଡ଼ିଏ ଉପାଧ୍ୟକ୍ଷଙ୍କୁ ସ୍ମାରକପତ୍ର ପ୍ରଦାନ କରୁଛନ୍ତି।

ବ୍ରହ୍ମପୁର ଅଫିସ,୧୫।୧୨

ଗୋପାଳପୁର ଓ ରାମାୟାପାଟଣା ବେଳାଭୂମିକୁ ବ୍ଲୁ ଫ୍ଲାଗ୍ ମାନ୍ୟତା ଦାବି ନେଇ ଫୋରମ୍ ଫର୍ ଗଞ୍ଜାମ ପକ୍ଷରୁ ମଙ୍ଗଳବାର ବିଡ଼ିଏ ଉପାଧ୍ୟକ୍ଷ ସିଦ୍ଧେଶ୍ୱର ବଳିରାମ ବନ୍ଦାରଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ବେଳାଭୂମି ରାସ୍ତା ପ୍ରଶସ୍ତୀକରଣ ସହ ସ୍ନାନ ଶୌଚ ପାଇଁ ସୁବ୍ୟବସ୍ଥା, ସୌନ୍ଦର୍ଯ୍ୟକରଣ ସାଙ୍ଗକୁ ପର୍ଯ୍ୟଟନ ସ୍ଥଳକୁ ଅଧିକ ଆକର୍ଷଣ କରିବା ପାଇଁ କେରଳ ଆୟୁର୍ବେଦ ଚିକିତ୍ସାଳୟ ସ୍ଥାପନ ପାଇଁ ଫୋରମ୍ ପକ୍ଷରୁ ପ୍ରସ୍ତାବ ଦିଆଯାଇଥିଲା। ପରିବେଶକୁ ଅଧିକ ଉନ୍ନତ କରିବା ପାଇଁ ବ୍ୟାପକ ଚାରାରୋପଣ କରିବା ପାଇଁ ଫୋରମ୍ ପକ୍ଷରୁ ଅନୁରୋଧ କରାଯାଇଥିଲା। ଏଥିସହ ତାମ୍ପରା, ତାରାତାରିଣୀ, ଜଉଗଡ଼, ଜିରାଙ୍ଗ, ବରକୁଳ, ବିରଞ୍ଚି ନାରାୟଣ ଭଳି ଐତିହ୍ୟସ୍ଥଳୀ ଅଞ୍ଚଳକୁ ଏକକ ପର୍ଯ୍ୟଟନରେ ଅନ୍ତର୍ଭୁକ୍ତ କରିବା ପାଇଁ ପରାମର୍ଶ ଦିଆଯାଇଥିଲା। ଏଥିରେ ଇ.ତେଜେଶ୍ୱର ରାଓ,ଖ୍ୟାମସୁନ୍ଦର ଖାଡ଼ଙ୍ଗା, ଜେ.ସୁରେଶ, ସ୍ୱରାଜ୍ୟ ସୁବୁଦ୍ଧି ,ମାନସ ପାତ୍ର ଏବଂ ଫୋରମ ସଂଯୋଜକ ସୁଧୀର କୁମାର ରାଉତ ଉପସ୍ଥିତ ଥିଲେ।

# ଉନ୍ନୟନ ପ୍ରକଳ୍ପ ସମ୍ପର୍କିତ ଆଲୋଚନା ବୈଠକ



ବୈଠକରେ ଉପସ୍ଥିତ ଜିଲାପାଳ ଓ ଅନ୍ୟମାନେ ।

**ଗଞ୍ଜାମ ଜିଲା**

ଛତ୍ରପୁର,୧୫।୧୨(ଡି.ଏନ୍.ଏ.)

ଗଞ୍ଜାମ ଜିଲାର ବିଭିନ୍ନ ମେଗା ପ୍ରକଳ୍ପ ସମ୍ପର୍କିତ ଏକ ଆଲୋଚନା ବୈଠକ ମଙ୍ଗଳବାର ଛତ୍ରପୁରସ୍ଥିତ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ବିଜୟ ଅମୃତା କୁଲାଙ୍ଗେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଜିଲାର ସମସ୍ତ ବିଧାୟକ, ଏମ୍‌ପି ଏବଂ ବିଭିନ୍ନ ବିଭାଗ ପକ୍ଷରୁ ପ୍ରସ୍ତାବ ଆସିଥିବା ପ୍ରକଳ୍ପଗୁଡିକ କିଭଳି କାର୍ଯ୍ୟକାରୀ ହେବ ସେ ନେଇ ବିସ୍ତୃତ ଭାବେ ଆଲୋଚନା ହୋଇଥିଲା । ବ୍ରହ୍ମପୁରର ଗେଟ୍‌ବଜାର ଛକ, ଖଲ୍ଲିକୋଟ କଲେଜ ଛକରେ ଫ୍ଲାଏଓଭର, ଜଗନ୍ନାଥପୁର ଓ ଆମ୍ବପୁଆ ରେଲ୍‌ୱେ ଓଭରବ୍ରିଜ୍ ନିର୍ମାଣ ପ୍ରସ୍ତାବ ଉପରେ କ'ଣ ପଦକ୍ଷେପ ନିଆଯାଇଛି ଜିଲାପାଳ ପଚାରି ବୁଝିଥିଲେ। ଏନ୍‌ଏଚ୍–୧୬ର ସମ୍ପ୍ରସାରଣ ନେଇ ଏମ୍‌ପିମାନଙ୍କ ପକ୍ଷରୁ ଆସିଥିବା ପ୍ରସ୍ତାବ ସମ୍ପର୍କରେ ଏନ୍‌ଏଚ୍ ପିଡିଙ୍କ ସହ ଆଲୋଚନା ହେବ ବୋଲି ଜିଲାପାଳ କହିଥିଲେ । ଏଥିସହ ଆସିକା ଓ ରମ୍ଭା ଏନ୍‌ଏସିରେ ଜବରଦଖଲ ଉଚ୍ଛେଦ ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ପାଇଁ ଗୋପାଳପୁର ପୋର୍ଟ, ଗ୍ରାସୀମ ଇଣ୍ଡଷ୍ଟ୍ରିଜ୍, ଆଇଆଇଏଲ୍, ଟିଟାନିୟମ ମୁଖ୍ୟମାନଙ୍କୁ ଡାକି ସ୍ୱତନ୍ତ୍ର ଆଲୋଚନା ହେବ ବୋଲି କୁହାଯାଇଛି। ବାହୁଦା ନଦୀରେ ବ୍ୟାରେଜ୍ ନିର୍ମାଣ ହେଲେ ମେଗା ସେଚ ପ୍ରକଳ୍ପ ହୋଇପାରିବ ବୋଲି ଚିକିଟି ବିଧାୟିକା ପ୍ରସ୍ତାବ ଦେଇଛନ୍ତି। ଏହା କାର୍ଯ୍ୟକାରୀ ହେଲେ ପାତ୍ରପୁର ଓ ଚିକିଟି ଲୋକେ ଉପକୃତ ହୋଇପାରିବ ବୋଲି କୁହାଯାଇଥିଲା। ବାଳକୁମାରୀ ପର୍ଯ୍ୟଟନ ସ୍ଥଳୀରେ ପର୍ଯ୍ୟଟକଙ୍କ ଲାଗି ସୁବିଧା କରିବାକୁ ଏକ ମାଷ୍ଟରପ୍ଲାନ୍ ପ୍ରସ୍ତୁତ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ସେଠାରେ ୱାଚ୍ ଟାୱାର, ପାନୀୟ ଜଳ , ଆଲୋକ, ପାଇଖାନା, ପାର୍କ, ଲିଫ୍ଟ ଆଦି ପ୍ରସ୍ତାବ ରହିଛି। ହିଞ୍ଜିଳିର ବେଢ଼ାବନ୍ଧ ଓ ଆରୁଆ ବନ୍ଧର ଉନ୍ନତୀକରଣ ପାଇଁ ଆସିକା ଏମ୍‌ପି ପ୍ରସ୍ତାବ ଦେଇଛନ୍ତି। ଏମ୍‌କେସିଜି ମେଡିକାଲ କଲେଜ ପାଇଁ ୫୩ କୋଟି ଟଙ୍କାର ଡିପିଆର ପ୍ରସ୍ତୁତ ହେବ ଏବଂ ସରକାରଙ୍କୁ ପ୍ରସ୍ତାବ ପଠାଯିବ। କାଳିଆବାଲି ଛକଠାରୁ ଆଇଆର୍‌ଇଏଲ୍ ପ୍ଲାଣ୍ଟ ପର୍ଯ୍ୟନ୍ତ ରାସ୍ତା ପାଇଁ ଡିପିଆର୍ ପ୍ରସ୍ତୁତି ଚାଲିଛି । ରମ୍ଭା ଠାରେ କ'ଣ ସବୁ ପର୍ଯ୍ୟଟନ ବିକାଶ ହୋଇପାରିବ ତାହା ଉପରେ ଛତ୍ରପୁର ବିଧାୟକଙ୍କ ଠାରୁ ପ୍ରସ୍ତାବ ମାଗିବାକୁ ଜିଲାପାଳ କହିଥିଲେ। ପ୍ରତି ସୋମବାର ଉକ୍ତ ମେଗା ପ୍ରକଳ୍ପଗୁଡିକର ସମୀକ୍ଷା କରାଯିବ। ଠିକ୍ କାମ ନ କଲେ ସରକାରଙ୍କୁ ଜଣାଇବେ ବୋଲି ଜିଲାପାଳ କହିଥିଲେ। ବୈଠକରେ ଡିଆର୍‌ଡିଏ ପିଡି ସିନ୍ଧେ ଦତାତ୍ରୟ ଭାଉସାହେବ, ଛତ୍ରପୁର ଉପଜିଲାପାଳ ପ୍ରିୟରଞ୍ଜନ ପୃଷ୍ଟି, ଡିଆର୍‌ଡିଏ ଏପିଡି ଜ୍ୟୋତିଶଙ୍କର ରାୟ, ଡୁଡା ପିଡି ସୁଦାମ ଚରଣ ମଣ୍ଡଳଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ ।

## ଭାଜପାର ପ୍ରଶିକ୍ଷଣ ଶିବିର

ଗଞ୍ଜାମ,୧୫।୧୨(ଡି.ଏନ୍.ଏ.)

ଗଞ୍ଜାମ ବ୍ଲକ ରାମଗଡ଼ ପଞ୍ଚାୟତ ରଘୁନାଥପୁର ବାତ୍ୟା ଆଶ୍ରୟସ୍ଥଳୀଠାରେ ସୋମବାର ଭାଜପା ଛତ୍ରପୁର ନିର୍ବାଚନମଣ୍ଡଳୀ ପକ୍ଷରୁ ମଣ୍ଡଳ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଥିଲା। ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେପି ନଡ୍ଡାଙ୍କ ନିର୍ଦ୍ଦେଶକ୍ରମେ ଆୟୋଜିତ ପ୍ରଶିକ୍ଷଣ ଶିବିରରେ ଜିଲା ସଭାପତି ବିଭୂତି ଭୂଷଣ ଜେନା, ଛତ୍ରପୁର ବିଧାୟକ ପ୍ରାର୍ଥୀ ପ୍ରଶାନ୍ତ କର, ଗଙ୍ଗାଧର ଶତପଥୀ, ଲକ୍ଷ୍ମୀ ନାରାୟଣ ପଣ୍ଡା, ଶିବଶଙ୍କର ଶତପଥୀ, ଗଞ୍ଜାମ ଏନ୍‌ଏସି ନଗର ସଭାପତି ସୁଦାମ ଚରଣ ଜେନା, କାନ୍ତାରୀ ଦଳାଇ, ଭଗବାନ୍ ପ୍ରଧାନଙ୍କ ସମେତ ବହୁ ଦଳୀୟ କର୍ମୀ ଓ ନେତା ଉପସ୍ଥିତ ଥିଲେ। ଦଳୀୟ ସଂଗଠନକୁ ମଜଭୁତ କରିବାକୁ ଜିଲା ସଭାପତି ଜେନା ଆହ୍ୱାନ ଦେଇଥିଲେ। ଏହି ଅବସରରେ ଭାଜପାର କାର୍ଯ୍ୟପଦ୍ଧତି ଉପରେ ବିସ୍ତୃତ ଆଲୋଚନା ହୋଇଥିଲା।

## ୱାର୍ଡ କମିଟି ବୈଠକ

**ଯୋଗଦେଲେ ପିଡି**

ଆସିକା,୧୫।୧୨(ଡି.ଏନ୍.ଏ.)

ଆସିକା ଏନ୍‌ଏସିର ବସଷ୍ଟାଣ୍ଡସ୍ଥିତ ୧୨ନଂ. ୱାର୍ଡର ମୋ ୱାର୍ଡ କମିଟି ବୈଠକ ମଙ୍ଗଳବାର ଠାକୁରାଣୀ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଛି। ଏଥିରେ ଡିଆର୍‌ଡିଏ ପିଡି ତଥା ଏନଏସି ପ୍ରଶାସକ ସିନ୍ଧେ ଦତ୍ତାତ୍ରେୟ ଭାଉସାହେବ ଯୋଗଦେଇ ୱାର୍ଡବାସୀଙ୍କ ବିଭିନ୍ନ ଆବଶ୍ୟକତା ସମ୍ପର୍କରେ ପ୍ରସ୍ତାବ ଶୁଣିଥିଲେ। ଉକ୍ତ ପ୍ରକଳ୍ପ କାର୍ଯ୍ୟ କରିବା ନିମନ୍ତେ ନିର୍ବାହୀ ଅଧିକାରୀଙ୍କୁ ସେ ନିର୍ଦ୍ଦେଶ ଦେଇଥିବା ଜଣାଯାଇଛି। ବୈଠକରେ ସଂପୃକ୍ତ ୱାର୍ଡର ପରିସ୍ଥିତି ଓ ଆବଶ୍ୟକତା ନେଇ ବିସ୍ତୃତ ଆଲୋଚନା ହୋଇଥିଲା । କାର୍ଯ୍ୟକ୍ରମରେ ନିର୍ବାହୀ ଅଧିକାରୀ ଦାୟିତ୍ୱରେ ପ୍ରଶିକ୍ଷଣରେ ଥିବା ଆଇଏଏସ ଅଧିକାରୀ ଆଦିତ୍ୟ ଗୋଏଲ, ନିର୍ବାହୀ ଅଧିକାରୀ ବିଶ୍ୱରଞ୍ଜନ କହଁର, ପୂର୍ବତନ କାଉନସିଲର ରବୀନ୍ଦ୍ରନାଥ ପୋଲାଇଙ୍କ ସମେତ ୱାର୍ଡ କମିଟି ସଦସ୍ୟମାନେ ଅଂଶ ଗ୍ରହଣ କରିଥିଲେ। ଏହି ଅବସରରେ ପିଡି ବସଷ୍ଟାଣ୍ଡରେ ହୋଇଥିବା ସୌନ୍ଦର୍ଯ୍ୟକରଣ ପ୍ରକଳ୍ପ, ଆହର କେନ୍ଦ୍ର, ନିର୍ମାଣାଧିନ ଶିଶୁ ପାର୍କ ଏବଂ ଗୋଷ୍ଠୀ ଶୌଚାଳୟ କାର୍ଯ୍ୟ ବୁଲି ଦେଖିଥିଲେ।

# ନୂତନ କର୍ମକର୍ତ୍ତାଙ୍କ ଶପଥ ଗ୍ରହଣ

**ଗଞ୍ଜାମ ଓକିଲ ସଂଘ**

ବ୍ରହ୍ମପୁର ଅଫିସ,୧୫।୧୨

ଗଞ୍ଜାମ ଓକିଲ ସଂଘର ନୂତନ କର୍ମକର୍ତ୍ତା ମଙ୍ଗଳବାର ଶପଥ ଗ୍ରହଣ କରିଛନ୍ତି। ଓକିଲ ସଂଘ କାର୍ଯ୍ୟାଳୟରେ ଅନୁଷ୍ଠିତ ଶପଥ ପାଠ କାର୍ଯ୍ୟକ୍ରମରେ ନିର୍ବାଚନ ଅଧିକାରୀ ତଥା ବରିଷ୍ଠ ଆଇନଜୀବୀ ନୟନ ଚନ୍ଦ୍ର ମହାପାତ୍ର ଅଧ୍ୟକ୍ଷତା କରିଥିଲେ। ସେ ନବନିର୍ବାଚିତ ସଭାପତି କପିଳେଶ୍ୱର ପଟ୍ଟନାୟକ, ସମ୍ପାଦକ ରାମକୃଷ୍ଣ ମହାରଣା, ଉପସଭାପତି ବସନ୍ତ କୁମାର ରାଉତ ଏବଂ ଯୁଗ୍ମସମ୍ପାଦକ ଶ୍ରୀଧର ସାହୁଙ୍କୁ କର୍ମକର୍ତ୍ତାଙ୍କୁ ଶପଥ ପାଠ କରାଇଥିଲେ। ଏହି ଅବସରରେ ପୂର୍ବତନ ଅଧ୍ୟକ୍ଷ ତଥା ସଭାପତି ଭଗବାନ ସାହୁ, ପୂର୍ବତନ ସମ୍ପାଦକ ସୁଧାଂଶୁ ଶେଖର ପଣ୍ଡାଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଆଇନଜୀବୀ ମୋହନ ସିଙ୍ଗାରୀ, ବସନ୍ତ କୁମାର ପଣ୍ଡା, ଶିଶିର ପାଢ଼ୀ, ପ୍ରଦୀପ ପଣ୍ଡା, ପୀତବାସ ପଣ୍ଡା, ରଘୁନାଥ ପ୍ରସାଦ ପାଣିଗ୍ରାହୀ, ନିର୍ମଳ ସାହୁ, ଅଶୋକ ଶୁକ୍ଳ, ପ୍ରଦୀପ ବେହେରା, କରୁଣାକର ପାଣିଗ୍ରାହୀ, କୁମାରେଶ ପଣ୍ଡା, ସୁନୀଲ କୁମାର ସ୍ୱାଇଁଙ୍କ ସମେତ ବହୁ ଆଇନଜୀବୀ ଉପସ୍ଥିତ ଥିଲେ। ଶପଥପାଠ ପରେ ନବନିର୍ବାଚିତ କର୍ମକର୍ତ୍ତାମାନେ ଜିଲା କୋର୍ଟ ସମେତ ସମସ୍ତ ନିମ୍ନ ଅଦାଲତ ଯାଇ ବିଚାରପତିମାନଙ୍କୁ ସାକ୍ଷାତ୍ କରିଥିଲେ।

# ନବବଧୂଙ୍କ ସନ୍ଦେହଜନକ ମୃତ୍ୟୁ

**ହତ୍ୟା ଅଭିଯୋଗ ଆଣିଲେ ପରିବାର ଲୋକେ, ସ୍ୱାମୀ ଅଟକ**

ଛତ୍ରପୁର,୧୫।୧୨(ଡି.ଏନ୍.ଏ.)

ଛତ୍ରପୁର ଥାନା ଅଧୀନ ପୋଡ଼ାପଦର ପଞ୍ଚାୟତ ହୁମ୍ମର ଗାଁରେ ମଙ୍ଗଳବାର ଜଣେ ନବବଧୂଙ୍କ ସନ୍ଦେହଜନକ ମୃତ୍ୟୁ ହୋଇଛି। ସେ ହେଲେ ପ୍ରବୀଣ ପ୍ରସାଦ ପଲେଇଙ୍କ ସ୍ତ୍ରୀ ବର୍ଷା । ବର୍ଷା ଆତ୍ମହତ୍ୟା କରିଥିବା ଶାଶୁଘର ଲୋକେ କହୁଥିବା ବେଳେ ତାଙ୍କୁ ଯୌତୁକ ପାଇଁ ହତ୍ୟା କରାଯାଇଛି ବୋଲି ବାପଘର ଲୋକେ ଅଭିଯୋଗ କରିଛନ୍ତି। ମୃତଦେହକୁ ପୋଲିସ ଜବତ କରିଛି। ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ବର୍ଷାଙ୍କ ସ୍ୱାମୀ ପ୍ରବୀଣଙ୍କୁ ପୋଲିସ ଅଟକ ରଖି ତଦନ୍ତ ଚଳାଇଛି।

ଗତ ୮ତାରିଖରେ ରାଜପୁର ଗ୍ରାମର ପ୍ରତିମା ନାହାକଙ୍କ ଝିଅ ବର୍ଷାଙ୍କ ହୁମ୍ମର ଗ୍ରାମର ପ୍ରବୀଣଙ୍କ ସହ ବିବାହ ହୋଇଥିଲା। ମଙ୍ଗଳବାର ଅପରାହ୍ନରେ ବର୍ଷା ଫ୍ୟାନ୍‌ରେ ଲୁଗାବାନ୍ଧି ଆତ୍ମହତ୍ୟା କରିଥିବା ଶାଶୁଘର ପକ୍ଷରୁ ବାପଘର ଲୋକଙ୍କୁ ଖବର ଦିଆଗଲା। ବାପଘର ଲୋକେ ଆସିବା ପୂର୍ବରୁ ବର୍ଷାଙ୍କୁ ଛତ୍ରପୁର ହସ୍ପିଟାଲକୁ ଅଣାଯାଇଥିଲା ଏବଂ ଡାକ୍ତର ତାଙ୍କୁ ମୃତ ଘୋଷଣା କରି ସାରିଥିଲେ । ଯୌତୁକ ଜନିତ କାରଣରୁ ବର୍ଷାଙ୍କୁ ହତ୍ୟା କରାଯାଇଛି ବୋଲି ବାପଘର ଲୋକେ ଅଭିଯୋଗ କରିଥିଲେ। ଶାଶୁ ଘରେ ହଇରାଣ କରାଯାଉଥିବା ନେଇ ସୋମବାର ବର୍ଷା କାନ୍ଦି କାନ୍ଦି କହିଥିଲେ ବୋଲି ତାଙ୍କ ମା' ପ୍ରତିମା ନାହାକ ଓ ଭାଇ କାଳୁ ଚରଣ ନାହାକ ପୋଲିସ ଆଗରେ କହିଛନ୍ତି ।

# ଜିଲାପାଳଙ୍କ ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟ ସମୀକ୍ଷା

ଆସିକା,୧୫।୧୨(ଡି.ଏନ୍.ଏ.)

ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ମଙ୍ଗଳବାର ଆସିକାରେ ବ୍ଲକ ମହିଳା ଓ ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟର ସମୀକ୍ଷା କରିଛନ୍ତି। କନ୍ୟା ଭ୍ରୁଣ ହତ୍ୟା ଓ ବାଲ୍ୟବିବାହ ରୋକିବା ଦିଗରେ ଅଧିକ ଯତ୍ନବାନ ହେବା ଲାଗି ସେ ନିର୍ଦ୍ଦେଶ ଦେଇଛନ୍ତି। ଯାହାଙ୍କର ପ୍ରଥମେ ଝିଅ ଜନ୍ମ ହୋଇଥିବ ସେ ଦ୍ୱିତୀୟଥର ଗର୍ଭବତୀ ହେଲେ ପ୍ରତ୍ୟେକ ମାସରେ ତାଙ୍କପ୍ରତି ଦୃଷ୍ଟି ରଖି ଜିଲା କାର୍ଯ୍ୟାଳୟକୁ ସୂଚନା ଦେବାକୁ ନିର୍ଦ୍ଦେଶ ଦେଇଥିଲେ । ସୁପରଭାଇଜରମାନେ ମାସକୁ ୪ଥର ବୈଠକ କରି କନ୍ୟାଭ୍ରୁଣ ହତ୍ୟା ଓ ବାଲ୍ୟ ବିବାହ ସମ୍ପୂର୍ଣ୍ଣ ବନ୍ଦ କରିବା କରିବା ନିମନ୍ତେ ଅଧିକ ସଚେତନତା ସୃଷ୍ଟି କରିବାକୁ ଗୁରୁତ୍ୱାରୋପ କରିଥିଲେ । ୩ ବର୍ଷରୁ ୬ ବର୍ଷ ବୟସ୍କ ଶିଶୁଙ୍କ ଆଧାର ପଞ୍ଜୀକରଣ ଶତ ପ୍ରତିଶତ କରିବା ଓ ଅଦ୍ୟାବଧି ବିଭିନ୍ନ ସେକ୍ଟରରେ ନିମ୍ନସ୍ତରରେ ଥିବା ଏହି କାର୍ଯ୍ୟ ତୁରନ୍ତ ସାରିବା ଲାଗି ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ । ଏଥିସହ ବ୍ଲକ ମହିଳା ଓ ଶିଶୁ ବିକାଶ ପ୍ରକଳ୍ପ ଅଧିନରେ ରହିଥିବା ୧୯୭୬ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀକୁ ବ୍ୟାଙ୍କ ଲିଙ୍କେଜ କରି ଋଣ ହାସଲ ନିମନ୍ତେ ଧ୍ୟାନ ଦେବା ଲାଗି ନିର୍ଦ୍ଦେଶ ଦେଇଥିଲେ । ଆସିକା ଶିଶୁ ବିକାଶ ପ୍ରକଳ୍ପ ଅଧିନରେ ଥିବା ୨୫୧ ଅଙ୍ଗନୱାଡି କେନ୍ଦ୍ର ମଧ୍ୟରୁ ୨୩୮ କେନ୍ଦ୍ର ଲାଗି ସରକାରୀ ଅନୁମୋଦନ ହୋଇଛି। ଏ ଯାଏ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇପାରି ନ ଥିବା ୬୩ କେନ୍ଦ୍ରର କୋଠା ନିର୍ମାଣ ଲାଗି ତହସିଲଦାର ଓ ବିଡିଓଙ୍କ ସହ ଯୋଗାଯୋଗ କରି କାର୍ଯ୍ୟ ଆରମ୍ଭ କରିବାକୁ ସିଡିପିଓ ଭାରତୀ ମହାପାତ୍ରଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି।

# ସ୍ୱଚ୍ଛତା ପକ୍ଷ ଉଦ୍‌ଯାପିତ




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ କୃତୀ ପ୍ରତିଯୋଗୀ।

ବ୍ରହ୍ମପୁର ଅଫିସ,୧୫।୧୨

ସିଟି ହାଇସ୍କୁଲ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ(ଏନ୍‌ସିସି) ପକ୍ଷରୁ ଆୟୋଜିତ ହୋଇଥିବା ସ୍ୱଚ୍ଛତା ପକ୍ଷ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଏନ୍‌ସିସି ଆର୍ମି ୱିଙ୍ଗ୍ ଚିଫ୍ ଅଫିସର ଗୋପାଳ କୃଷ୍ଣ ମିଶ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ପନ୍ନଗ ଭୂଷଣ ମାଝି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସର୍ବଶିକ୍ଷା ଅଭିଯାନ ଜିଲା ଆଦିବାସୀ ସଂଯୋଜକ ସରୋଜ ପାଳ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସ୍ୱଚ୍ଛତା ପକ୍ଷର ଆବଶ୍ୟକତା ସମ୍ପର୍କରେ ଆଲୋକପାତ କରିଥିଲେ। ଶେଷରେ ସ୍ୱଚ୍ଛତା ପକ୍ଷ ନେଇ ଆୟେଜିତ ପ୍ରତିଯୋଗିତାରେ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

# ଗ୍ରୀଟିଂ କାର୍ଡ ନାହିଁ, ସୋସିଆଲ ମିଡିଆ ମାଧ୍ୟମ

ବ୍ରହ୍ମପୁର ଅଫିସ,୧୫।୧୨

ଆଉ କିଛି ଦିନ ପରେ ଖ୍ରୀଷ୍ଟମାସ ସହ ଇଂଲିଶ ନବବର୍ଷ। ଏଥିରେ ଲୋକେ ପରସ୍ପରକୁ ଅଭିନନ୍ଦନ ଜଣାନ୍ତି । ପୂର୍ବରୁ ଅଭିନନ୍ଦନ ଜଣାଇବା ନିମନ୍ତେ ପ୍ରତ୍ୟେକ ବର୍ଗର ଲୋକଙ୍କ ପ୍ରଥମ ପସନ୍ଦ ଥିଲା ଅଭିନନ୍ଦନ ପତ୍ର (ଗ୍ରୀଟିଂକାର୍ଡ଼)। ଚଳିତବର୍ଷ କରୋନା ଯୋଗୁ ଏହି ବ୍ୟବସାୟ ମାନ୍ଦା ରହିଛି। ଅଭିନନ୍ଦନ ପତ୍ର ସାଙ୍ଗକୁ ଖ୍ରୀଷ୍ଟମାସ ସମୟରେ ନୂତନ ଭାବେ ଘର ସଜା ଲାଗି ଆବଶ୍ୟକ ଷ୍ଟାର, ଖ୍ରୀଷ୍ଟମାସ ଟ୍ରୀଗୁଡ଼ିକ ରେଶମ ସହରରେ ବିଭିନ୍ନ ସ୍ଥାନରେ ବିକ୍ରି ହେଉଥିଲା। ବିଦେଶରୁ ମଧ୍ୟ ବହୁ କମ୍ପାନୀର ଗ୍ରୀଟିଂ ଆସୁଥିଲା ଏହାଦ୍ୱାରା ସରକାରଙ୍କୁ ରାଜସ୍ୱ ମଧ୍ୟ ମିଳୁଥିଲା। ପୂର୍ବରୁ ଲୋକଙ୍କ ଚାହିଦାକୁ ଦୃଷ୍ଟିରେ ରଖି ନୂତନ ବର୍ଷ ସ୍ୱାଗତ ନିମନ୍ତେ ଡ଼ିସେମ୍ବର ପହିଲାରୁ ସହରର ବିଭିନ୍ନ ସ୍ଥାନରେ ଏହାର ବିକ୍ରୟ ନିମନ୍ତେ ଦୋକାନ ଖୋଲାଯାଉଥିଲା।



**ସେମାନେ ଯାହା କୁହନ୍ତି**



"କେବଳ ଯୁବ ସମାଜ ମଧ୍ୟରେ ଗ୍ରୀଟିଂ ବେଶ ଲୋକପ୍ରିୟ ଥିଲା। କାର୍ଡ଼ଗୁଡ଼ିକ ଭାରତୀୟ କମ୍ପାନୀ ବ୍ୟତୀତ ବିଦେଶରୁ ବହୁଳ ଭାବେ ଆମଦାନୀ ହେଉଥିଲା। ଚଳିତ ବର୍ଷ କରୋନା ଯୋଗୁ ସମସ୍ତ କମ୍ପାନୀ ଗୁଡ଼ିକ ବନ୍ଦ ରହିଛି।

**ରଞ୍ଜନା ମିଶ୍ର (ବ୍ୟବସାୟୀ)**



"ଗ୍ରୀଟିଂ କାର୍ଡ଼ର ବିକଳ୍ପ ଭାବେ ସ୍ମାର୍ଟଫୋନରେ ବହୁ ଆପ ରହିଛି। ଯାହାଦ୍ୱାରା ନିଜସ୍ୱ ଭାବେ ଗ୍ରୀଟିଂ କାର୍ଡ଼ ତିଆରି କରି ନିଜ ଅନୁସାରେ ବାର୍ତ୍ତା ପ୍ରିୟଜନଙ୍କୁ ପଠାଇ ହେବ।

**ଶ୍ୟାମ ସୁନ୍ଦର ପାଢ଼ୀ, ଫାର୍ମାସୀ ଛାତ୍ର**



"ବର୍ତ୍ତମାନ ବିକଳ୍ପ ଥିଲେ ମଧ ଗ୍ରୀଟିଂ କାର୍ଡ଼ର ଚାହିଦା ପୂର୍ବଭଳି ରହିଛି। କାରଣ ସ୍ମାର୍ଟଫୋନ ମାଧ୍ୟମରେ ବହୁ ଜଣଙ୍କୁ ବାର୍ତ୍ତା ପଠାଯାଇଥାଏ। ଗ୍ରୀଟିଂ କେବଳ ବନ୍ଧୁଙ୍କୁ ଦିଆଯାଇଥାଏ। ଯାହା ଏକ ସ୍ମରଣୀୟ ଅନୁଭୂତି ଆଣିଥାଏ।

**ଅନୀତା ନାୟକ,ଛାତ୍ରୀ**

ତେବେ ସ୍ମାର୍ଟଫୋନ ସାଙ୍ଗକୁ ସାମାଜିକ ଗଣମାଧ୍ୟମର ବହୁଳ ବ୍ୟବହାର ଯୋଗୁ ଗ୍ରୀଟିଂ କାର୍ଡ଼ ଲୋକପ୍ରିୟତା ହରାଇଛି। ବଜାରରେ କିଛି ମାତ୍ରାରେ ଗ୍ରୀଟିଂ କାର୍ଡ ବିକ୍ରି ହେଉଥିଲା। ଚଳିତ ବର୍ଷ କରୋନା ସଂକ୍ରମଣ ଯୋଗୁ ଏହା ବିକ୍ରିପ୍ରାୟ ବନ୍ଦ ରହିଛି।

ଧରିତ୍ରୀ
DHARITRI
ବ୍ରହ୍ମପୁର, ବୁଧବାର, ୧୬ ଡିସେମ୍ବର, ୨୦୨୦



## ଆକ୍ରମଣ ମାମଲା, ଜଣେ ଗିରଫ

**ଗୋପାଳପୁର:** ଗୋଟିଏ ପରିବାରର ମହିଳାଙ୍କୁ ଟଣାଓଟରା ଓ ନିସ୍ଥୁକ ମାଡ଼ ମାରିବା ଅଭିଯୋଗରେ ଗୋପାଳପୁର ପୋଲିସ ମଙ୍ଗଳବାର ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ କରାପଲୀର ପ୍ରଶାନ୍ତ କୁମାର ବେହେରା। ଗୋପାଳପୁର ଥାନା ବ୍ରଜନଗର ନିବାସୀ ସୌଦାଗର ପରିଡ଼ା ପୋଷ୍ଟ ପିଅନ ଭାବେ କାର୍ଯ୍ୟ କରୁଛନ୍ତି। ସୋମବାର ମଧାହ୍ନରେ ସୌଦାଗର ଘରେ ନ ଥିବା ବେଳେ ପ୍ରଶାନ୍ତ ଘରେ ପଶି ତାଙ୍କ ସ୍ତ୍ରୀଙ୍କୁ ମାଡ଼ ମାରିବା ସହ ଦୁଇ ଝିଅ ଓ ପୁଅଙ୍କୁ ମଧ ଆକ୍ରମଣ କରିଥିଲେ। ପରିବାରର ଏତଲା କ୍ରମେ ପୋଲିସ ନଂ. ୨୧୬/୨୦ରେ ମାମଲା ରୁଜୁ କରିଛି। ବୁଧବାର ପ୍ରଶାନ୍ତଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ଗୋପାଳପୁର ଥାନାଧିକାରୀ ବିବେକାନନ୍ଦ ମହନ୍ତ ସୂଚନା କହିଛନ୍ତି।

## ସଂକ୍ଷେପରେ

### ହିଞ୍ଜିଳିକାଟୁ ନୂତନ କୋର୍ଟ କୋଠା ଉଦ୍‌ଘାଟନ ଆଜି

**ହିଞ୍ଜିଳିକାଟୁ,୧୫।୧୨(ଡି.ଏନ୍.ଏ.)**- ହିଞ୍ଜିଳିକାଟୁ ଜେଏମ୍‌ଏଫ୍‌ସି କୋର୍ଟର ନୂତନ କୋଠା ବୁଧବାର ଅପରାହ୍ନରେ ଭିଡିଓ କନ୍‌ଫରେନ୍ସ ଦ୍ୱାରା ଉଦ୍‌ଘାଟିତ ହେବ। ମୁଖ୍ୟମନ୍ତ୍ରୀ ଓ ହାଇକୋର୍ଟ ମୁଖ୍ୟ ବିଚାରପତି ଏହି କୋର୍ଟ କୋଠାକୁ ଭିଡିଓ କନ୍‌ଫରେନ୍ସ ମାଧମରେ ଉଦ୍‌ଘାଟନ କରିବେ। ଏଥିସହ ଓଡ଼ିଶା ସରକାରଙ୍କ ଗୃହରାଜ୍ୟ ମନ୍ତ୍ରୀ, ୫-ଟି ସଚିବ, ଗଞ୍ଜାମ ଜିଲାପାଳ ପ୍ରମୁଖ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଭିଡିଓ କନ୍‌ଫରେନ୍ସରେ ଯୋଗଦେବେ। ଏନେଇ ଓଡ଼ିଶା ହାଇକୋର୍ଟ ପକ୍ଷରୁ ମଙ୍ଗଳବାର ଚିଠି ଦ୍ୱାରା ସୂଚିତ କରାଯାଇଛି। ପ୍ରକାଶ ଯେ, ଗତ ୮ ତାରିଖରେ ଏହାର ଉଦ୍‌ଘାଟନ ପାଇଁ ଦିନଧାର୍ଯ୍ୟ ହୋଇଥିବାବେଳେ ଭାରତ ବନ୍ଦ ଯୋଗୁ ସ୍ଥଗିତ ରଖାଯାଇଥିଲା।

### ବାଇକ୍ ଧକ୍କାରେ ଜଣେ ମୃତ, ୨ ଗୁରୁତର

**ଗୋପାଳପୁର,୧୫।୧୨**-ଗୋଳନ୍ଥରା ଥାନା ରଣ୍ଡାରେ ମଙ୍ଗଳବାର ବାଇକ୍ ଧକ୍କାରେ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୨ ଜଣଙ୍କ ଗୁରୁତର ହୋଇଛନ୍ତି। ମୃତକ ହେଲେ ରଣ୍ଡା ଗ୍ରାମର ଦେବରାଜ ସାହୁ (୭୫)। ଗୁରୁତର ହେଲେ ଆନ୍ଧ୍ରପ୍ରଦେଶ ଶ୍ରୀକାକୁଲମ ଜିଲା ଲୋଧାପୁଟିର ଟି. ଭେଙ୍କେଟେଶ ଏବଂ ଭେଙ୍କଟ ରେଡ୍ଡୀ। ଭେଙ୍କେଟେଶ ଓ ଭେଙ୍କଟ ଏକ ବାଇକ୍‌ରେ ଅପରାହ୍ନରେ ବ୍ରହ୍ମପୁର ଅଭିମୁଖେ ଯାଉଥିବା ବେଳେ ରଣ୍ଡା ଗ୍ରାମ ମୁହଁରେ ରାସ୍ତା ପାର ହେଉଥିବା ଦେବରାଜଙ୍କୁ ଧକ୍କା ଦେଇଥିଲେ। ଖବର ପାଇ ଗୋଳନ୍ଥରା ପୋଲିସ ଓ କନିଷ୍ଠ ଅଗ୍ନିଶମ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ୩ ଜଣ ଗୁରୁତର ଆହତଙ୍କୁ ଉଦ୍ଧାର କରି ବ୍ରହ୍ମପୁର ବଡ଼ ମେଡ଼ିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ଦେବରାଜଙ୍କୁ ମୃତ୍ୟୁ ଘୋଷଣା କରିଥିଲେ। ଏ ନେଇ ପୋଲିସ ନଂ. ୩୬୬/୨୦ରେ ମାମଲା ରୁଜୁ କରି ବାଇକ ଜବତ କରିଛି।

### ବୃଦ୍ଧଙ୍କ ମୃତଦେହ ଜବତ

**ବାଲିଗୁଡା,୧୪।୧୨(ଡି.ଏନ୍.ଏ.)**- ବାଲିଗୁଡ଼ାସ୍ଥିତ ଇଲେକ୍ଟ୍ରିସାହିରେ ଥିବା ଏକ ନିର୍ମାଣାଧୀନ କୋଠାରୁ ସୋମବାର ପୋଲିସ ଜଣେ ବୃଦ୍ଧଙ୍କ ମୃତଦେହ ଜବତ କରିଛି। ସେ ହେଲେ ସିନ୍ଦ୍ରିଗାଁ ପଞ୍ଚାୟତ ତିଲାପାଙ୍ଗା ଗ୍ରାମର କେକେଡ଼ା ଦିଗାଳ(୬୫)। ଗତ ଶନିବାର କେକେଡ଼ା ସଉଦା କିଣିବାକୁ ଯାଇଥିଲେ। କିନ୍ତୁ ସେ ଆଉ ଘରକୁ ନ ଫେରିବାରୁ ଝିଅ ଦାନୁ ବାଲିଗୁଡା ଥାନାରେ ନିଖୋଜ ଏତଲା ଦେଇଥିଲେ। ଏ ନେଇ ପୋଲିସ ନଂ. ୨୫/୨୦ରେ ମାମଲା ରୁଜୁ କରିଥିଲା। ସୋମବାର ଅପରାହ୍ନରେ ସାହିର କେତେଜଣ ଲୋକ ଉକ୍ତ କୋଠାରେ ମୃତଦେହ ପଡ଼ିଥିବା ଦେଖିଥିଲେ। ମୃତକ ପରିବାର ଲୋକେ ଘଟଣାସ୍ଥଳକୁ ଆସି ମୃତଦେହ ଚିହ୍ନିଥିଲେ।

### ମୋ ଗେହ୍ଲା ଝିଅ କାର୍ଯ୍ୟକ୍ରମ

**ବୁଗୁଡା,୧୫।୧୨(ଡି.ଏନ.ଏ.):** ବୁଗୁଡା ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ପକ୍ଷରୁ ସୋମବାର ବିଭିନ୍ନ ଅଙ୍ଗନୱାଡି କେନ୍ଦ୍ରରେ ମୋ ଗେହ୍ଲା ଝିଅ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବ୍ଲକ ଅନ୍ତର୍ଗତ ବେତାରସିଙ୍ଗ କେନ୍ଦ୍ରରେ ଆୟୋଜିତ କାର୍ଯ୍ୟକ୍ରମରେ ତହସିଲଦାର ସଂଗ୍ରାମ କେଶରୀ ଜେନା, ସିଡିପିଓ ରଞ୍ଜିତା ତ୍ରିପାଠୀ, ପରିଦର୍ଶିକା ମିନତି ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ଇତ୍ୟବସରରେ କନ୍ୟା ସନ୍ତାନଙ୍କୁ ପୋଷାକ ଏବଂ ମିଠା ବଣ୍ଟନ ସହ ମା'ମାନଙ୍କୁ ଚାରା ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଅଙ୍ଗନୱାଡି କର୍ମୀ ରଶ୍ମିତା ମିଶ୍ର ଓ ଦମୟନ୍ତୀ ସ୍ୱାଇଁ ଏବଂ ଅନ୍ୟ କର୍ମଚାରୀମାନେ ସାମିଲ ଥିଲେ। ସେହିପରି ବୁଗୁଡ଼ା ଏନ୍‌ଏସି ୫ ନଂ. ୱାର୍ଡରେ ଅଙ୍ଗନୱାଡି କେନ୍ଦ୍ର ତରଫରୁ ପରିଦର୍ଶିକା ଜି. ରଶ୍ମି ଏବଂ କର୍ମୀଙ୍କ ଉପସ୍ଥିତିରେ ମୋ ଗେହ୍ଲା ଝିଅ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

### ୧୨୫ ଛାତ୍ରୀଛାତ୍ର ଦେଲେ ଏନ୍‌ଆର୍‌ଟିଏସ୍ ପରୀକ୍ଷା

**ବୁଗୁଡା,୧୫।୧୨(ଡି.ଏନ.ଏ.):** ବୁଗୁଡ଼ା ପିପୁଲ୍ସ ହାଇସ୍କୁଲ କେନ୍ଦ୍ରରେ ମଙ୍ଗଳବାର କରୋନା କଟକଣାରେ ଜାତୀୟ ଗ୍ରାମୀଣ ମେଧାବୃତ୍ତି ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ବୁଗୁଡ଼ା ବ୍ଲକ ଓ ଏନ୍‌ଏସି ଅନ୍ତର୍ଗତ ବିଭିନ୍ନ ବିଦ୍ୟାଳୟର ୧୨୭ ଜଣ ଛାତ୍ରୀଛାତ୍ରଙ୍କ ମଧରୁ ୧୨୫ ଜଣ ପରୀକ୍ଷା ଦେଇଥିଲେ। ପିପୁଲ୍ସ ହାଇସ୍କୁଲର ପ୍ରଧାନଶିକ୍ଷକ କାଳୀ ଚରଣ ବେହେରା ଉକ୍ତ ପରୀକ୍ଷା କେନ୍ଦ୍ରର ସୁପରିଣ୍ଟେଣ୍ଡେଣ୍ଟ ଏବଂ ବରିଷ୍ଠ ଶିକ୍ଷକ ସରୋଜ କୁମାର ନନ୍ଦ ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ଦାୟିତ୍ୱ ନିର୍ବାହ କରିଥିଲେ। ଶିକ୍ଷକ ବିଶ୍ୱେଶ୍ୱର ଗିରି, କାହ୍ନୁଚରଣ ଗୌଡ଼ ଏବଂ ଶିକ୍ଷୟିତ୍ରୀ ସୁସ୍ମିତା କୁମାରୀ ପଟ୍ଟନାୟକ, ଭାରତୀ ମହାନ୍ତି ଓ ସସ୍ମିତା ମହାରଣା ପ୍ରମୁଖ ନିରୀକ୍ଷକ ଭାବେ ନିୟୋଜିତ ଥିଲେ।

# ଆଜିଠୁ ଖୋଲିବ ୧୫୨ ମଣ୍ଡି

**ଭଞ୍ଜନଗର,୧୫।୧୨(ଡି.ଏନ୍.ଏ.)**



ହରିଗଡ଼ର ଜଣେ ଚାଷୀ ଧାନ ଅମଳ କରି ଖଳାରେ ରଖିଛନ୍ତି।

ଭଞ୍ଜନଗର ଉପଖଣ୍ଡର ୧୨୫ଟି ସୋସାଇଟି ଏବଂ ୨୭ଟି ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ବୁଧବାରଠାରୁ ଧାନ ସଂଗ୍ରହ କାର୍ଯ୍ୟ ଆରମ୍ଭ ହେବ। ଏନେଇ ପ୍ରଶାସନ ପକ୍ଷରୁ ଆବଶ୍ୟକ ପଦକ୍ଷେପ ନିଆଯାଇଛି। ଚଳିତବର୍ଷ ସାଧାରଣ ଧାନ କୁଇଣ୍ଟାଲ ପିଛା ୧୮୬୮ ଟଙ୍କା ରଖାଯାଇଛି। ଚଳିତବର୍ଷ ମଣ୍ଡିରେ ଧାନ ବିକ୍ରୟ ପାଇଁ ଉପଖଣ୍ଡର ୪୯,୦୫୫ଜଣ ଚାଷୀ ଅନ୍‌ଲାଇନରେ ନାମ ପଞ୍ଜୀକରଣ କରିଛନ୍ତି। ସେଇମାନେ ହିଁ ମଣ୍ଡିରେ ଧାନ ବିକ୍ରି କରିପାରିବେ।

ଗତବର୍ଷ ସରକାର ଯେତିକି ଧାନ ସଂଗ୍ରହ ଲକ୍ଷ୍ୟ ରଖିଥିଲେ, ତା'ଠାରୁ କମ୍ କିଣିଥିଲେ। ଏଥିସହ ବହୁଚାଷୀଙ୍କୁ ଟୋକନ୍ ମିଳି ନ ଥିବାରୁ, ମଣ୍ଡିରେ ଧାନ ବିକ୍ରି କରିପାରିନଥିଲେ, ଯାହାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଥିଲା। କେତେକ ଚାଷୀଙ୍କ ଧାନ ବିକିବାର ବହୁଦିନ ପର୍ଯ୍ୟନ୍ତ ଆକାଉଣ୍ଟକୁ ଟଙ୍କା ଆସି ନଥିଲା। ଚାଷୀ ଅସନ୍ତୋଷକୁ ଦେଖି ସରକାର କେତେଜଣ ଚାଷୀଙ୍କୁ ପରବର୍ତ୍ତୀ ପର୍ଯ୍ୟାୟରେ ଟୋକନ୍ ଦେବା ବ୍ୟବସ୍ଥା କରିଥିଲେ। କିନ୍ତୁ ଧାନ କେଉଁ ମିଲର ନେବ ସ୍ଥିର କରିନଥିଲେ। ଏହାପରେ କରୋନା କଟକଣା ହୋଇଯାଇଥିଲା। ଫଳରେ ଚାଷୀମାନେ ଧାନ ବିକ୍ରି କରି ପାରି ନଥିଲେ। ଚଳିତବର୍ଷ ଏସବୁ ସମସ୍ୟା ପ୍ରତି ଦୃଷ୍ଟି ଦେବାକୁ ଚାଷୀ ଦାବି କରିଛନ୍ତି।

କରୋନା କଟକଣା ସମେତ ବିଭିନ୍ନ କାରଣ ଯୋଗୁ ଚଳିତବର୍ଷ ମଣ୍ଡି ବିଳମ୍ବରେ ଖୋଲୁଛି। ଏହାପୂର୍ବରୁ ଉପ-ଜିଲାପାଳ ରାଜେନ୍ଦ୍ର ମିଞ୍ଜଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ହୋଇଥିଲା। ଚାଷୀମାନେ ମଣ୍ଡିରେ କିଭଳି ଉଚିତ ଦରରେ ଧାନ ବିକ୍ରି କରି ୪୮ଘଣ୍ଟା ମଧ୍ୟରେ ଟଙ୍କା ପାଇବେ, ସେସବୁ ବିଷୟରେ ଆଲୋଚନା ହୋଇଥିଲା। ଟୋକନ୍ ଆସିବାର ଏକମାସ ମଧ୍ୟରେ ଚାଷୀ ମଣ୍ଡିରେ ଧାନ ବିକ୍ରି କରିପାରିବେ। ଭେରିଫିକେସନ ନିମନ୍ତେ ଚାଷୀଙ୍କ ଆଖିକୁ ଇରିସା ସ୍କାନରରେ ସ୍କାନ କରାଯିବ।

ଅପରପକ୍ଷେ ମଣ୍ଡି ଖୋଲିବାରେ ବିଳମ୍ବ ସମେତ ଅନ୍ୟ କାରଣରୁ ଅଞ୍ଚଳର ଅନେକ ଚାଷୀ ଦଲାଲଙ୍କୁ ଧାନ ବିକି ସାରିଲେଣି। ଆଉ କେତେଜଣ ଚାଷୀ ଅମଳ କରି ଖଳାରେ ରଖିଛନ୍ତି। ଭଞ୍ଜନଗର ଅଞ୍ଚଳରେ ଧାନ ଅମଳ ପ୍ରକ୍ରିୟା ଶେଷ ହୋଇନାହିଁ। ଚଳିତ ବର୍ଷ ଜଣେ ଚାଷୀ ସର୍ବାଧିକ ୫୦ କୁଇଣ୍ଟାଲ ଧାନ ଦିନକରେ ମଣ୍ଡିରେ ବିକ୍ରି କରିପାରିବେ। ସୋସାଇଟିଗୁଡ଼ିକ ସର୍ବାଧିକ ୧ ହଜାର କୁଇଣ୍ଟାଲ ଧାନ କିଣିପାରିବେ। ଧାନ ସଂଗ୍ରହ କେନ୍ଦ୍ରଗୁଡ଼ିକରେ ବିଦ୍ୟୁତ୍, ଅଫିସ୍ ରୁମ୍, ଗୋଦାମ ଗୃହ, ଇଣ୍ଟରନେଟ୍ ସୁବିଧା, ଡାଟାଏଣ୍ଟ୍ରି ଅପରେଟର, ପଲିଥିନ, ପାନୀୟଜଳ ବ୍ୟବସ୍ଥା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହ ଧାନ ସଂଗ୍ରହବେଳେ କୋଭିଡ୍ ନିୟମ ପାଳନ କରାଯିବ। ଚଳିତବର୍ଷ ଧାନ କିପରି ସୁରୁଖୁରୁରେ କିଣାଯାଇପାରିବ, ସେନେଇ ପ୍ରତି ବ୍ଲକରେ ରାଜସ୍ୱ, କୃଷି ଓ ସମବାୟ ବିଭାଗର ଅଧିକାରୀଙ୍କୁ ନେଇ ଏକ ଟିମ୍ ଗଠନ କରାଯାଇଛି। ମାଜିଷ୍ଟ୍ରେଟ ଦାୟିତ୍ୱରେ ତହସିଲଦାର କିମ୍ବା ଅତିରିକ୍ତ ତହସିଲଦାର ରହିବେ।

**ଭଞ୍ଜନଗର ଉପଖଣ୍ଡ**
- କୁଇଣ୍ଟାଲ ୧୮୬୮, ଗତବର୍ଷର କଷ୍ଟକୁ ଭୁଲିନାହାନ୍ତି ଚାଷୀ

# ଆବର୍ଜନା ପଡ଼ିଲେ ୫ ହଜାର ଜରିମାନା

**ଛତ୍ରପୁର,୧୫।୧୨(ଡି.ଏନ୍.ଏ.)**




ସମ୍ମାନିତ କରାଯାଉଛି।

ଛତ୍ରପୁର ଏନ୍‌ଏସିର କୌଣସି ଘର କିମ୍ବା ଦୋକାନ ସମ୍ମୁଖ ୫ ମିଟର ରେଡିୟସ ମଧରେ ଆବର୍ଜନା ପଡ଼ିଥିବା ଦେଖାଗଲେ ସମ୍ପୃକ୍ତ ଘର ମାଲିକ ଓ ବ୍ୟବସାୟୀଙ୍କଠାରୁ ଅତିକମ୍‌ରେ ୫ ହଜାର ଟଙ୍କା ଜରିମାନା ଆଦାୟ କରାଯିବ। ଦୋକାନୀ ଓ ଘରମାଲିକ ଡଷ୍ଟବିନ୍ ରଖି ସେଥିରେ ଆବର୍ଜନା ପକାଇବେ। ମଙ୍ଗଳବାର ଛତ୍ରପୁରସ୍ଥିତ ନୂଆ ବସ୍‌ଷ୍ଟାଣ୍ଡ ପରିସରରେ ସଫେଇ କର୍ମଚାରୀ, ସ୍ୱଚ୍ଛ ସାଥୀମାନଙ୍କ ସହ ଆଲୋଚନା ବୈଠକ ହୋଇଥିଲ। ଏଥିରେ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଯୋଗଦେଇ ରାସ୍ତାରେ କିମ୍ବା ଡ୍ରେନ୍‌ରେ ଆବର୍ଜନା ପକାଉଥିବା ଏବଂ ଡଷ୍ଟବିନ୍ ରଖି ନ ଥିବା ଲୋକଙ୍କ ଠାରୁ ଜରିମାନା ଆଦାୟ କରିବାକୁ ଏନ୍‌ଏସି ନିର୍ବାହୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସଫେଇ କର୍ମଚାରୀ କାହାର ଘର କିମ୍ବା ଦୋକାନର ୫ ମିଟର ରେଡିୟସରେ ଆବର୍ଜନା ପଡ଼ିଥିବା ଦେଖିଲେ ଏନ୍‌ଏସି କର୍ତ୍ତୃପକ୍ଷଙ୍କୁ ଜଣାଇବାକୁ ଜିଲାପାଳ ଅନୁରୋଧ କରିଛନ୍ତି। ଏପରିକି ସକାଳେ ଦୋକାନ ଖୋଲିବା ସମୟରେ ଏବଂ ରାତିରେ ବନ୍ଦ ସମୟରେ ଦୋକାନୀମାନଙ୍କ ଉପରେ ନଜର ରଖିବାକୁ ଜିଲାପାଳ ପରାମର୍ଶ ଦେଇଛନ୍ତି। ଜାତୀୟ ରାଜପଥ ପାର୍ଶ୍ୱ ରେଲ୍‌ୱେ ଓଭର ବ୍ରିଜ ନିକଟରେ ଡମ୍ପିଂ ୟାର୍ଡ ବନ୍ଦ ହେବ। ସୁପରଭାଇଜରମାନେ ଫିଲ୍ଡରେ ରହିବାକୁ ଜିଲାପାଳ କହିବା ସହ ୱାର୍ଡୱାରି ସ୍ୱଚ୍ଛ ସମ୍ବନ୍ଧୀୟ ତାଲିମ ଏବଂ ଏହି କାର୍ଯ୍ୟରେ ଲୋକଙ୍କୁ ସାମିଲ କରିବାକୁ ପରାମର୍ଶ ଦେଇଛନ୍ତି। ଡିଆର୍‌ଡିଏ ପିଡି ସିନ୍ଧେ ଦତାତ୍ରୟ ଭାଉସାହେବ, ଡୁଡା ପିଡି ସୁଦାମ ଚରଣ ମଣ୍ଡଳ, ଏନ୍‌ଏସି ନିର୍ବାହୀ ଅଧିକାରୀ ଏନ୍ ଗଣେଶ ବାବୁ, ଗୌରହରି ପଣ୍ଡା, କୃଷ୍ଣ ଚନ୍ଦ୍ର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଭଲ କାମ ପାଇଁ ୨ ସ୍ୱଚ୍ଛ ସାଥୀ ଏସ୍. ଭାଗ୍ୟଲକ୍ଷ୍ମୀ ଓ ସୁଜାତା ପଣ୍ଡା, କୋଭିଡ୍ ମନିଟର ଏସ୍. ରାମକ୍ରିଷ୍ଣ ରେଡ୍ଡୀ, ସଫେଇ କର୍ମଚାରୀ ଅର୍ଜୁନ ନାୟକ, ସନ୍ତୋଷ ନାୟକ, ପବିତ୍ର ନାୟକ, ରାଜୁ ନାୟକଙ୍କୁ ଏହି ଅବସରରେ ଜିଲାପାଳ ସମ୍ମାନିତ କରିଥିଲେ। ୮୫ ସଫେଇ କର୍ମଚାରୀଙ୍କୁ ଶୀତବସ୍ତ୍ର ବଣ୍ଟନ କରାଯାଇଥିଲା।

# ଜିଲାପାଳଙ୍କ ରାଜସ୍ୱ ସମୀକ୍ଷା ବୈଠକ

**ପାରଳାଖେମୁଣ୍ଡି, ୧୫।୧୨(ଡି.ଏନ୍.ଏ.)** ପାରଳାଖେମୁଣ୍ଡିସ୍ଥିତ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲାପାଳ ଅନୁପମ ସାହାଙ୍କ ଅଧ୍ୟକ୍ଷତାରେ ସୋମବାର ରାଜସ୍ୱ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ମୁଖ୍ୟତଃ ରାଜସ୍ୱ ସମ୍ବନ୍ଧୀୟ ବିଭିନ୍ନ ବିଷୟରେ ଜିଲାସ୍ତରୀୟ ଅଧିକାରୀ, ତହସିଲଦାର ପ୍ରମୁଖଙ୍କ ସହ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା। ଜିଲାର ବିଭିନ୍ନ ସ୍ଥାନରେ ଥିବା ପଥର ଖଣି ଏବଂ ବାଲିଘାଟରୁ କିଛିଦିନ ହେଲା ଉଠାଣ ବନ୍ଦ ଥିବାରୁ ଆସନ୍ତା ଏକମାସ ମଧ୍ୟରେ ସମାଧାନ କରାଯିବା ନେଇ ଆଲୋଚନା ହୋଇଥିଲା। ସେହିପରି ଶତପ୍ରତିଶତ ରାଜସ୍ୱ ଆଦାୟ ପାଇଁ ମଧ ବିଭିନ୍ନ ଅଧିକାରୀଙ୍କ ସହ ଆଲୋଚନା ହୋଇଥିଲା। ଅନ୍ୟପକ୍ଷରେ ଜିଲା ପୂର୍ତ୍ତ ବିଭାଗ, ଗ୍ରାମ୍ୟ ଉନ୍ନୟନ ବିଭାଗ, ଜିଲା ବନ ବିଭାଗ, କ୍ରୀଡ଼ା ବିଭାଗ ପ୍ରମୁଖ ଅଧିକାରୀମାନଙ୍କୁ ଆଗାମୀ କାର୍ଯ୍ୟପନ୍ଥା ବିଷୟରେ ଅବଗତ କରାଯାଇଥିଲା। ସମୀକ୍ଷା ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ପାରଳାଖେମୁଣ୍ଡି ଉପଜିଲାପାଳ ତଥା ଆଞ୍ଚଳିକ ପରିବହନର ସଂଗ୍ରାମ ଶେଖର ପଣ୍ଡା, ପାରଳାଖେମୁଣ୍ଡି ବନ ଉପଖଣ୍ଡ ଅଧିକାରୀ ସଂଗ୍ରାମ ଶେଖର ବେହେରା, ପାରଳାଖେମୁଣ୍ଡି ତହସିଲଦାର ଅଚ୍ୟୁତାନନ୍ଦ ଜାନୀ ପ୍ରମୁଖଙ୍କ ସହ ସମସ୍ତ ବିଭାଗୀୟ ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତଥିଲେ।

## ମହିଳାଙ୍କୁ ହତ୍ୟା ମାମଲା, ୬ ଅଟକ

**ଏସ୍‌ପିଙ୍କ ଘଟଣାସ୍ଥଳ ପରିଦର୍ଶନ**

**ଦିଗପହଣ୍ଡି,୧୫।୧୨(ଡି.ଏନ୍.ଏ.)**

ଦିଗପହଣ୍ଡି ବ୍ଲକ ତଳସାହିର କେଦାର ବେହେରାଙ୍କ ସ୍ତ୍ରୀ ସୁଜାତାଙ୍କୁ ସୋମବାର ଘରେ ପଶି ହତ୍ୟା କରାଯାଇଥିଲା। ସୁଜାତାଙ୍କ ଦେଢ଼ଶୁର ପବିତ୍ର ବେହେରାଙ୍କ ଅଭିଯୋଗକୁ ଭିତ୍ତି କରି କେ.ନୂଆଗାଁ ପୋଲିସ ନଂ.୨୮୦/୨୦ରେ ମାମଲା ରୁଜୁ କରି ସନ୍ଦେହରେ ୬ ଜଣଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି। ମଙ୍ଗଳବାର ବ୍ରହ୍ମପୁର ଏସ୍‌ପି ପିନାକ ମିଶ୍ର ଘଟଣାସ୍ଥଳ ପରିଦର୍ଶନ କରି ଫେରିଛନ୍ତି। ପ୍ରକାଶ ଯେ, ପାତ୍ରପୁର ବ୍ଲକ ତଣ୍ଡିପୁର ଗ୍ରାମର ଦୁର୍ଯ୍ୟୋଧନ ବେହେରାଙ୍କ ଝିଅ ସୁଜାତା ୩ ବର୍ଷ ପୂର୍ବେ ଗଡ଼ଗୋବିନ୍ଦପୁର ଗ୍ରାମର ଦୀନବନ୍ଧୁ ବେହେରାଙ୍କ ପୁଅ କେଦାରଙ୍କୁ ବିବାହ କରିଥିଲେ। ଶ୍ୱଶୁର ଘର ଲୋକଙ୍କ ଦାବି ମୁତାବକ ବିବାହ ସମୟରେ ସମସ୍ତ ପ୍ରକାର ଯୌତୁକ ସାମଗ୍ରୀ ଦିଆଯାଇଥିଲା। ବିବାହ ପରେ ସୁଜାତାଙ୍କ ପିଲା ନ ହେବାରୁ ସ୍ୱାମୀ- ସ୍ତ୍ରୀଙ୍କ ମଧ୍ୟରେ ପୂର୍ବରୁ ମନୋମାଳିନ୍ୟ ରହିଥିବା ଶାଶୁଘର ଲୋକେ ପୋଲିସକୁ କହିଥିଲେ। ଧାନ କାଟିବା ପାଇଁ ସହାୟତା କରିବାକୁ ସୁଜାତାଙ୍କ ଭାଇ କେଦାରଙ୍କ ଘରକୁ ଆସିଥିଲେ। ସୋମବାର ଅପରାହ୍ନରେ ପରିବାର ଲୋକେ ଧାନ କାଟିବାକୁ ଯାଇଥିବା ବେଳେ ସୁଜାତା ଘରେ ଏକୁଟିଆ ଥିଲେ। ଏହାର ସୁଯୋଗ ନେଇ କୌଣସି ଦୁର୍ବୃତ୍ତ ଘରେ ପଶି ତାଙ୍କୁ ନିସ୍ଥୁକ ମାଡ଼ ମାରିବା ପରେ ୬୦ ଗ୍ରାମ ଓଜନର ଜିଗିରି ନାକୁ ଓ ମଙ୍ଗଳସୂତ୍ର ଆଦି ସୁନାଗହଣା ଲୁଟି ଫେରାର ହୋଇଯାଇଥିଲେ। ପରିବାର ଲୋକେ ଫେରିବା ପରେ ସୁଜାତାଙ୍କୁ ସଙ୍କଟାପନ୍ନ ଅବସ୍ଥାରେ ଚିକିଟି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

# ଦେବ ଦୀପାବଳି ପାଳିତ



ସୋରଡା ଜଗନ୍ନାଥ ମନ୍ଦିରରେ ଦେବ ଦୀପାବଳି ପର୍ବ।

**ସୋରଡ଼ା,୧୫।୧୨(ଡି.ଏନ୍.ଏ.)** ସୋରଡ଼ା ଜଗନ୍ନାଥ ମନ୍ଦିରରେ ୩ ଦିନିଆ ଦେବ ଦୀପାବଳି ପର୍ବ ମଙ୍ଗଳବାର ଶେଷ ହୋଇଛି। ମାର୍ଗଶିର ଚତୁର୍ଦ୍ଦଶୀ, ଅମାବାସ୍ୟା, ପ୍ରତିପଦା ଏହି ୩ ଦିନ ସନ୍ଧ୍ୟାରେ ମନ୍ଦିର ପରିସରରେ ୨୧୦୦ ଦୀପ ଲଗାଯାଇଥିଲା। ଦେବତାମାନଙ୍କ ପିତୃପୁରୁଷଙ୍କ ପାଇଁ ଦେବ ଦୀପାବଳି ପାଳନ ପରମ୍ପରା ରହିଛି। ମନ୍ଦିର ବାହାରେ ରହି ଭକ୍ତମାନେ ଦୀପ ଆଲୋକର ସାଜସଜ୍ଜାକୁ ଉପଭୋଗ କରିଛନ୍ତି। ପରିଚାଳନା କମିଟିର ରଜନୀ ମହାପାତ୍ର, ବାବୁଲା ଚୌଧୁରୀ, ସଞ୍ଜୟ ପଣ୍ଡା, ପ୍ରମୋଦ ସାମନ୍ତରାୟ, ପ୍ରଦୀପ ମହାରଣା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଉପଜିଲାପାଳ କାର୍ଯ୍ୟାଳୟରେ ଜିଲାପାଳଙ୍କ ସମୀକ୍ଷା

**ଭଞ୍ଜନଗର,୧୫।୧୨(ଡି.ଏନ୍.ଏ.)** ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ମଙ୍ଗଳବାର ଭଞ୍ଜନଗର ଉପ-ଜିଲାପାଳଙ୍କ କାର୍ଯ୍ୟାଳୟର ବାର୍ଷିକ ସମୀକ୍ଷା କରିଛନ୍ତି। ଏହି ସମୟରେ ଜିଲାପାଳ ରାଜସ୍ୱ, ନିର୍ବାଚନ, ବିବିଧ, ସ୍ୱଳ୍ପ ସଞ୍ଚୟ, ନ୍ୟାୟାଳୟ, ରେକର୍ଡ ରୁମ୍ ପ୍ରମୁଖ ତଦାରଖ କରିବା ସହ ବିଭିନ୍ନ ଫାଇଲ୍ ଚିକିନିଖି ଯାଞ୍ଚ କରିଥିଲେ। ଲୋକଙ୍କୁ ତୁରନ୍ତ ସେବା କିଭଳି ମିଳିପାରିବ, ସେଥିପ୍ରତି ଦୃଷ୍ଟି ଦେବାକୁ ବିଭାଗୀୟ କର୍ମଚାରୀଙ୍କୁ ଜିଲାପାଳ ପରାମର୍ଶ ଦେଇଥିଲେ। ଏହି ସମୟରେ ଉପ-ଜିଲାପାଳ ରାଜେନ୍ଦ୍ର ମିଞ୍ଜ, ଅତିରିକ୍ତ ଯୋଗାଣ ଅଧିକାରୀ ଲିଙ୍ଗରାଜ ବେହେରା, ଉପଖଣ୍ଡ ପଞ୍ଚାୟତ ଅଧିକାରୀ ପ୍ରହ୍ଲାଦ ପ୍ରଧାନ, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଫକୀର ମୋହନ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ।

## ଥାନାରେ ସମାଧାନ ହେଲା ଗାଁରୁ ବାସନ୍ଦ ଘଟଣା

**ବୁଗୁଡ଼ା,୧୫।୧୨(ଡି.ଏନ.ଏ.)** ବୁଗୁଡ଼ା ଥାନା ଚିଲିଖମା ଗ୍ରାମର ଏକ ପରିବାରକୁ ବାସନ୍ଦ ଘଟଣାର ସମାଧାନ ମଙ୍ଗଳବାର ବୁଗୁଡ଼ା ଥାନାରେ ହୋଇଛି। ତହସିଲଦାର ସଂଗ୍ରାମ କେଶରୀ ଜେନା, ଥାନା ଅଧିକାରୀ ଚିତ୍ତ ରଞ୍ଜନ ବେହେରା, ଏସ୍‌ଆଇ ମନୋଜ କୁମାର ପ୍ରଧାନ ଏବଂ ଚିଲିଖମା ଗ୍ରାମ୍ୟ କମିଟି ଓ ବାସନ୍ଦ ପରିବାର ଉପସ୍ଥିତ ଥାଇ ଘଟଣାର ସମାଧାନ ହୋଇଥିଲା। ପ୍ରକାଶ ଯେ, ପୂର୍ବରୁ ପାଣି ସମସ୍ୟାକୁ ନେଇ ଚିଲିଖମା ଓ ଗୋଳାବନ୍ଧ ମଧ୍ୟରେ ତିକ୍ତତା ଲାଗି ରହିଥିଲା। ଚିଲିଖମା ଗ୍ରାମର ଉକ୍ତ ପରିବାର ଗୋଳାବନ୍ଧ ଗ୍ରାମରାସ୍ତା ଦେଇ ଘରକୁ ଫେରିଥିବାରୁ ତାଙ୍କୁ ଗ୍ରାମ କମିଟି ବାସନ୍ଦ କରିଥିଲା। ଏନେଇ ନଂ.୩୭୯/୨୦ରେ ଏକ ମାମଲା ରୁଜୁ ହୋଇଥିଲା। ବୁଗୁଡ଼ା ଥାନା ପରିସରରେ ମଙ୍ଗଳବାର ବୈଠକ ବସି ଉଭୟ ପକ୍ଷର କଥା ଶୁଣିବା ପରେ ବାସନ୍ଦ ନକରିବାକୁ ନିଷ୍ପତ୍ତି ହୋଇଥିଲା। ଆପୋଷ ବୁଝାମଣାରେ ମାମଲାର ସମାଧାନ କରାଯିବାକୁ ବୈଠକରେ ସ୍ଥିର ହୋଇଥିଲା।

## ପିଡିଙ୍କ ବିଭିନ୍ନ ଉନ୍ନୟନ ପ୍ରକଳ୍ପ ପରିଦର୍ଶନ



ପ୍ରକଳ୍ପ ନିର୍ଦ୍ଦେଶକ ଗୌଡ ଗାଁରେ ନିର୍ମାଣାଧୀନ ଆଦର୍ଶ ପୋଖରୀ ବୁଲି ଦେଖୁଛନ୍ତି।

**ଦିଗପହଣ୍ଡି,୧୫।୧୨(ଡି.ଏନ.ଏ.)** ଗଞ୍ଜାମ ଜିଲା ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ ସିନ୍ଧେ ଦତ୍ତାତ୍ରେୟ ଭାଉ ସାହେବ ସୋମବାର ଦିଗପହଣ୍ଡି ଗସ୍ତରେ ଆସି ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପ କାର୍ଯ୍ୟ ପରିଦର୍ଶନ କରି ଫେରିଛନ୍ତି। ପ୍ରଥମେ ସେ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ବିଡିଓ ହଳଧର ଶବର ଏବଂ ସହକାରୀ ଯନ୍ତ୍ରୀ ଇଂ. ଗଙ୍ଗାଧର ଲେଙ୍କାଙ୍କ ଉପସ୍ଥିତିରେ ବିଭିନ୍ନ ପଞ୍ଚାୟତରେ ଚାଲିଥିବା ପ୍ରକଳ୍ପଗୁଡ଼ିକର ଅଗ୍ରଗତି ନେଇ ସମୀକ୍ଷା କରିଥିଲେ। ପରେ କମଳାପୁର ଗ୍ରାମସ୍ଥିତ କାଶୀ ବିଶ୍ୱନାଥ ଶୈବପୀଠ ନିକଟରେ ନିର୍ମାଣାଧୀନ ଆଦର୍ଶ ପୋଖରୀ ଓ ଇକୋ ଟୁରିଜିମ୍ ପ୍ରକଳ୍ପ କାର୍ଯ୍ୟ ଦେଖିବା ପରେ ଦାଉଣି ଗ୍ରାମରେ ପହଞ୍ଚି ନିର୍ମାଣାଧୀନ ଆଦର୍ଶ ଅଙ୍ଗନୱାଡି କେନ୍ଦ୍ର ସମେତ ଗୌଡ ଗାଁର ରୁରାଲ ପାର୍କ ଏବଂ ଆଦର୍ଶ ପୋଖରୀ କାମ ବୁଲି ଦେଖିଥିଲେ। ଏହି ଅବସରରେ ଗୌଡ଼ଗାଁ ଗ୍ରାମରେ ଦୀନଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଲ୍ୟା ଯୋଜନା ମାଧ୍ୟମରେ ଅନୁଷ୍ଠିତ କର୍ମ ନିଯୁକ୍ତି ମେଳାର ଉଦ୍‌ଘାଟନ କରିବା ସହ ମୋ ଗେହ୍ଲା ଝିଅ କାର୍ଯ୍ୟକ୍ରମରେ ମଧ ଯୋଗ ଦେଇଥିଲେ। ସରପଞ୍ଚ କୃଷ୍ଣଚନ୍ଦ୍ର ସାହୁ, ମନୋରଞ୍ଜନ ପାଣିଗ୍ରାହୀ, କନିଷ୍ଠ ଯନ୍ତ୍ରୀ ରମେଶ ଚନ୍ଦ୍ର ସାହୁ, ପିଇଓ ପ୍ରଦୀପ କୁମାର ପଣ୍ଡାଙ୍କ ପ୍ରମୁଖ ଉପସ୍ଥିତ ଥିଲେ।

# ଜେଡ୍‌ଏସ୍‌ଆଇରେ ବିରଳ ପ୍ରଜାତିର ମାଛ



**ବ୍ରହ୍ମପୁର ଅଫିସ,୧୫।୧୨**

ଗୋପାଳପୁରରେ ଥିବା ଭାରତୀୟ ପ୍ରାଣୀ ବିଜ୍ଞାନ ସର୍ବେକ୍ଷଣ (ଜେଡ୍‌ଏସଆଇ)ରେ ଥିବା ଏକ ବିରଳ ପ୍ରଜାତିର ମାଛ ସମ୍ପର୍କରେ ସୂଚନା ମିଳିଛି। ସାପ ଲାଞ୍ଜ ଭଳି ଲାଞ୍ଜ ଥିବା ଏହି ମାଛଟି ଚେନ୍ନାଇସ୍ଥିତ କାଶୀମେଡୁ ମାଛଧରା ଅଞ୍ଚଳରୁ ଗୋପାଳପୁର ଜେଡ୍‌ଏସଆଇକୁ ଆସିଥିଲା। ଏଠାରେ ବୈଜ୍ଞାନିକ ଡ. ଅନିଲ ମହାପାତ୍ର ଏହା ଉପରେ ଗବେଷଣା ପରେ ଏହାର ନାମ 'ଚେନ୍ନାଇ କୁଚିଆ' ରଖିଛନ୍ତି। ଚେନ୍ନାଇରେ ଏହାକୁ ସ୍ନେକଇଲ କୁହାଯାଉଛି। ଗାଢ଼ ମାଟିଆ ରଙ୍ଗର ଏହି ମାଛଟିର ଲମ୍ବା ୪୦୫ ମିଲିମିଟର। ମେରୁଦଣ୍ଡରେ ୧୫୪ ହାଡ଼ ରହିଛି। ମାଛର ଉପର ପଟ ଚିକ୍କଣ। ମାଛଟିର ଉପର ପାଟିରେ ୨ ଧାଡ଼ି ଓ ତଳେ ଗୋଟିଏ ଧାଡ଼ିରେ ୫୦ରୁ ଉର୍ଦ୍ଧ୍ୱ ମୁନିଆ ଦାନ୍ତ ରହିଛି। ଚେନ୍ନାଇ କୁଚିଆ ମାଛର ଲାଞ୍ଜ ଗୋଜିଆ ହୋଇଥିବାରୁ ବାଲି ଭିତରେ ଏମାନେ ପୋତି ହୋଇ ରହିଥାନ୍ତି। କାଶୀମେଡୁ ମାଛଧରା ଅଞ୍ଚଳରୁ ଜେଡ୍‌ଏସଆଇର ବୈଜ୍ଞାନିକ ଡ. ମୃଣାଲ କୁମାର ଦାସ, ବୈଜ୍ଞାନିକ ଡ. ରଞ୍ଜନା ଭାସ୍କର ଓ ରାଜେନ୍ଦ୍ର କୁମାର ଏହାକୁ ଗୋପାଳପୁର ଜେଡ୍‌ଏସଆଇକୁ ପଠାଇଥିଲେ। ଏହି ମାଛର ଲକ୍ଷଣ ବିଷୟରେ ମଙ୍ଗଳବାର ଜୋନାଲ ଜୁ-ଟେକ୍ସାରେ ପ୍ରକାଶ ପାଇଥିବା ବୈଜ୍ଞାନିକ ମହାପାତ୍ର କହିଛନ୍ତି।

# ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ହେଉନି ଉଠାଜଳସେଚନ ପ୍ରକଳ୍ପ

**କାଶୀନଗର,୧୫।୧୨(ଡି.ଏନ୍.ଏ.)**




ବଥବା ବୃହତ୍ ଉଠାଜଳସେଚନ ପ୍ରକଳ୍ପ।

କାଶୀନଗର ବ୍ଲକ ଓ ଏନ୍‌ଏସିର ଚାଷ ଜମିକୁ ଜଳସେଚନ ପାଇଁ ୨୦୧୯ରେ ବଥବା ଠାରେ ବୃହତ୍ ଉଠାଜଳସେଚନ ପ୍ରକଳ୍ପ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ ପରେ କାମ ଆରମ୍ଭ ହେଲା। ୨କୋଟି ୯୦ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଏହି ପ୍ରକଳ୍ପ ପାଇଁ ପାଇପ ଲାଇନ୍ ବିଛାଯିବାବେଳେ ଅଞ୍ଚଳର ଚାଷୀ ଭାବିଥିଲେ ତାଙ୍କ ଜମିକୁ ଜଳସେଚନ ବ୍ୟବସ୍ଥାରେ ସୁଧାର ଆସିବ। କିନ୍ତୁ ଅଲଦା ଓ ଶିଆଳି ପଞ୍ଚାୟତରେ ପାଇପ ଲାଇନ୍ ବିଛା ନ ଯିବାରୁ ୨ ପଞ୍ଚାୟତର ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା। ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ ଭୁବନେଶ୍ୱର ଯାଇ ସେମାନେ ଦାବିପତ୍ର ଦେଇଥିଲେ। ମାତ୍ର ଏପର୍ଯ୍ୟନ୍ତ ଏହା ଉପରେ କୌଣସି ପଦକ୍ଷେପ ନିଆଯାଇଛି। ସମ୍ପୃକ୍ତ ଅଧିକାରୀ ଓ ଠିକାଦାରଙ୍କ ପକ୍ଷରୁ ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଯାଇଥିବା କୁହାଯାଉଥିବାବେଳେ ଜମିରେ ଏ ପର୍ଯ୍ୟନ୍ତ ପାଣି ପହଞ୍ଚୁନାହିଁ। ମୋଟ ୬୧ ଗୋଟି ଲିଫ୍ଟ ପଏଣ୍ଟ କାର୍ଯ୍ୟକ୍ଷମ ହେବାକୁ ଥିବାବେଳେ, ମାତ୍ର ୬ଟି ପଏଣ୍ଟ କାର୍ଯ୍ୟକ୍ଷମ ହୋଇଥିବା ଚାଷୀମାନେ କହିଛନ୍ତି।

ଜୁନ୍ ମାସରେ ଖୁରିଙ୍ଗା ଗ୍ରାମଠାରେ ଚାଷୀ ଓ ସ୍ଥାନୀୟ ବୁଦ୍ଧିଜୀବୀଙ୍କୁ ନେଇ ଏକ ବୈଠକ କରାଯାଇଥିଲା। ସେଠାକୁ ବିଭାଗୀୟ ସହକାରୀ ଯନ୍ତ୍ରୀଙ୍କୁ ସ୍ୱତନ୍ତ୍ର ଭାବେ ନିମନ୍ତ୍ରିତ କାରାଯାଇଥିଲା। ଚାଷୀମାନଙ୍କ ଅଭିଯୋଗର ଉତ୍ତରରେ ସେ କହିଥିଲେ, ପ୍ରକଳ୍ପର ଅବଶିଷ୍ଟ କାର୍ଯ୍ୟ ଅଳ୍ପଦିନରେ ଶେଷ ହେବ। କିନ୍ତୁ ଏଯାଏ କୌଣସି ଅଗ୍ରଗତି ହୋଇନାହିଁ। ପ୍ରକଳ୍ପର ଏପରି ଅବସ୍ଥା ନେଇ ଚାଷୀମାନେ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରି ଦରଖାସ୍ତ ମଧ ଦେଇଥିଲେ। ମହାରାଜା ଗଜପତିଙ୍କ ଦ୍ୱାରା ଖନନ କରାଯାଇଥିବା କାଶୀନଗର ବ୍ଲକ ଓ ଏନ୍‌ଏସିର ସବୁ ଜଳାଶୟକୁ ଏହି ପ୍ରକଳ୍ପ ଦ୍ୱାରା ଜଳପୂର୍ଣ୍ଣ କରାଯିବାକୁ ଦାବି କରିଥିଲେ। ଏ ସମ୍ପର୍କରେ ଯାଞ୍ଚ କାରିବାକୁ ରାଜ୍ୟ ସରକାରଙ୍କ ଜଳସମ୍ପଦ ବିଭାଗ ତରଫରୁ ବୃହଦ୍ ଉଠା ଜଳସେଚନ ପ୍ରକଳ୍ପର ପିଡି ଓ ସିଇଓଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। କିନ୍ତୁ ଏପର୍ଯ୍ୟନ୍ତ ତାହା ମଧ କାର୍ଯ୍ୟକାରୀ ହୋଇପାରିନାହିଁ। ପ୍ରକଳ୍ପର ବିଫଳତାକୁ ନେଇ ଚାଷୀମାନଙ୍କ ମଧ୍ୟରେ ଅସନ୍ତୋଷ ବଢୁଥିବାବେଳେ ଆନ୍ଦୋଳନ ପାଇଁ ସଜବାଜ ହେଉଛନ୍ତି।

- ବଢୁଛି ଚାଷୀ ଅସନ୍ତୋଷ
- ଆନ୍ଦୋଳନ ପାଇଁ ସଜବାଜ



ହଂକଂର ଗଣତନ୍ତ୍ର ସପକ୍ଷବାଦୀ ଅଭିଯାନରେ ସାମିଲ ଥିବା ବ୍ୟକ୍ତିମାନଙ୍କୁ ପ୍ରତ୍ୟହ ଗିରଫ କରାଯାଉଥିବାବେଳେ ଲଣ୍ଡନମୁହାଁ ଟେଡ୍ ହୁଇଙ୍କ ବିମାନ ସ୍ପଷ୍ଟ ଭାବେ ଦୁଇଟି କଠୋର ବିକଳ୍ପର ସଙ୍କେତ ଦେଉଥିଲା। ଅଧିକାର ପାଇଁ ଲଢ଼େଇ କଲେ ତୁମକୁ ଗୋଟିଏକୁ ବାଛିବାକୁ ପଡ଼ିବ: ବିଦେଶ ପଳାଅ ନଚେତ୍ ଜେଲକୁ ଯାଅ। ହୁଇ କହିଲେ, ମୁଁ ଏହି ଯନ୍ତ୍ରଣାକୁ ଶବ୍ଦରେ ପ୍ରକାଶ କରିପାରୁ ନାହିଁ।

## ଏଗ୍‌ନେସ୍ ଚାଓଙ୍କୁ ଜାମିନ ମିଳୁନି

ବିଦେଶୀ ଶକ୍ତି ସହ ହାତ ମିଳାଇବା ଅଭିଯୋଗରେ ଗତ ଅଗଷ୍ଟରେ ସିକ୍ୟୁରିଟି ଲ ବଳରେ ଗଣତନ୍ତ୍ର ସପକ୍ଷବାଦୀ ଏଗ୍‌ନେସ୍ ଚାଓଙ୍କୁ ଗିରଫ କରାଯାଇଥିଲା। ୨୪ ବର୍ଷୀୟା ଚାଓଙ୍କୁ ଡିସେମ୍ବର ୨ରେ ଜେଲ୍‌କୁ ପଠାଯାଇଥିଲା। ତାଙ୍କୁ ୧୦ ମାସ ଜେଲ ଦଣ୍ଡାଦେଶ ହୋଇଛି। ଗତବର୍ଷ ସରକାର ବିରୋଧୀ ବିକ୍ଷୋଭ ବେଳେ ପୋଲିସ ହେଡ୍‌କ୍ୱାର୍ଟର୍ସ ନିକଟରେ ବେଆଇନ ସଭା କରିଥିବା ଅଭିଯୋଗ ତାଙ୍କ ନାମରେ ରହିଛି। ଡିସେମ୍ବର ୯ ତାରିଖରେ ତାଙ୍କୁ ଜାମିନ ଦିଆଗଲା ନାହିଁ। ଚାଓଙ୍କ ସହ ଜୋଶୁଆ ୱୋଙ୍ଗ୍ ମଧ୍ୟ ଜେଲ ଯାଇଥିଲେ। ୨୦୧୬ରେ ଚାଓ, ୱୋଙ୍ଗ୍ ଏବଂ ନାଥାନ୍ ଲ 'ଡେମୋସିଷ୍ଟୋ' ନାମରେ ଏକ ଗଣତାନ୍ତ୍ରିକ ସଙ୍ଗଠନ ପ୍ରତିଷ୍ଠା କରିଥିଲେ, ଯାହାକୁ ସେଠାକାର ସରକାର ନିଷିଦ୍ଧ ଘୋଷଣା କରିଛନ୍ତି। ଗତ ଜୁନ୍ ୩୦ରେ ବେଜିଂ ଜାତୀୟ ନିରାପତ୍ତା ଆଇନ ପ୍ରଣୟନ କରିବାର କିଛି ଘଣ୍ଟା ପରେ ଏହି ଦଳକୁ ଏହାର ପ୍ରତିଷ୍ଠାତାମାନେ ଭଙ୍ଗ କରିଦେଇଥିଲେ। କାରଣ ନୂଆ ଆଇନର ଅପବ୍ୟବହାର କରି ଦଳକୁ ଟାର୍ଗେଟ କରାଯାଇପାରେ ବୋଲି ସେମାନେ ଆଶଙ୍କା କରିଥିଲେ। ଦେଶଦ୍ରୋହ, ବିଚ୍ଛିନ୍ନତାବାଦ, ଆତଙ୍କବାଦ ଓ ବିଦେଶୀ ଶକ୍ତି ସହ ହାତ ମିଳାଇବା ଭଳି ଅଭିଯୋଗ ଆସିଲେ ଏହି ଆଇନ ବଳରେ ବେଜିଂ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଆଜୀବନ ଜେଲ ଦଣ୍ଡାଦେଶ ଦେଇପାରିବ। ତେଣୁ ବେଜିଂ ସମର୍ଥିତ ହଂକଂ ସରକାର ବିରୋଧୀଙ୍କ ପକ୍ଷଚ୍ଛେଦନ କରି ସ୍ୱାଧୀନତା ଉପରେ ପ୍ରହାର କରୁଛି ବୋଲି ସମାଲୋଚକ ମତ ଦିଅନ୍ତି। ୧୯୯୭ରେ ଏହି ପୂର୍ବ ଉପନିବେଶରେ ବ୍ରିଟେନର ଶାସନ ଶେଷ ହେବା ପରେ ଚାଇନାକୁ ଏହାର ସ୍ୱାଧୀନତା ହସ୍ତାନ୍ତର କରାଯାଇଥିଲା। ଚୁକ୍ତି ଅନୁସାରେ ହଂକଂ ୨୦୪୭ ପର୍ଯ୍ୟନ୍ତ ସ୍ୱାୟତ୍ତତା ଉପଭୋଗ କରିପାରିବ ବୋଲି ବ୍ୟବସ୍ଥା ଥିବାବେଳେ ଉକ୍ତ ଆଇନ ଯୋଗୁ ସହରର ସ୍ୱାଧୀନତା ସଙ୍କୁଚିତ ହୋଇଯାଇଛି।



# ବିଦେଶ ନଚେତ୍ ଜେଲ

## ହଂକଂ ଗଣତନ୍ତ୍ର ସପକ୍ଷବାଦୀ ଯୋଦ୍ଧାଙ୍କ ଆଗରେ ବିକଳ୍ପ

**➡ ଜାତୀୟ ନିରାପତ୍ତା ଆଇନର ଦୁରୁପଯୋଗ**
**➡ ବଢ଼ିଲା ଅନ୍ତର୍ଜାତୀୟ ସମୁଦାୟର ଚାପ**

ହଂକଂ,୧୫।୧୨

ହଂକଂ ମେଟ୍ରୋପଲିଟାନ୍ ଏରିଆରେ ଚାଇନାକୁ ବିରୋଧ କରୁଥିବା ସାହସୀମାନଙ୍କ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯାଉଛି। ଏଥିଯୋଗୁ ଗଣତନ୍ତ୍ର ଯୁଦ୍ଧରେ ନିଜକୁ ଉତ୍ସର୍ଗ କରିଥିବା ଯୋଦ୍ଧାମାନେ ଜଣ ଜଣ କରି ଅନ୍ୟତ୍ର ପଳାୟନ କରିବାକୁ ବାଧ୍ୟ ହେଉଛନ୍ତି। ଏପରି କି ବିଦେଶରେ ବି ସେମାନଙ୍କୁ ଚାଇନାଠାରୁ ନିସ୍ତାର ମିଳୁନାହିଁ। ହଂକଂରେ ଚାଇନାର ନୂଆ ନିରାପତ୍ତା ଆଇନକୁ କାର୍ଯ୍ୟକାରୀ କରାଇବା ପାଇଁ ବିଦେଶରେ ମଧ୍ୟ ନିର୍ଯାତନା ଦିଆଯାଉଛି। ଏହି ଆଇନ ସେମାନଙ୍କ କାର୍ଯ୍ୟକୁ ଅପରାଧ ପର୍ଯ୍ୟାୟଭୁକ୍ତ କରି ବିଦେଶୀ ଶକ୍ତି ସହିତ ହାତ ମିଳାଇବା ସହ ସମାନ ବୋଲି ବିବେଚନା କରୁଛି। ବେଜିଂ ମତରେ ଏହା ସବୁଠି ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ। ଏହି ବିବାଦୀୟ ଆଇନ ବଳରେ ଗିରଫ ବ୍ୟକ୍ତିଙ୍କ ବିରୋଧରେ ଥିବା ଅଭିଯୋଗର ଶୁଣାଣି ରୁଦ୍ଧଦ୍ୱାରରେ ହେବ। ଏପରି କି ହଂକଂ ପରିବର୍ତ୍ତେ ଚାଇନାର କୋର୍ଟରେ ମଧ୍ୟ ବିଚାର କରାଯିବ। ୨୦୨୦ ଜୁନ ୩୦ରେ ଉକ୍ତ ଆଇନ ଲାଗୁ ହେବା ପରେ ହଂକଂରେ ପ୍ରମୁଖ ରାଜନୈତିକ ଚେହେରାମାନଙ୍କ ବିରୋଧରେ ବେଜିଂର ଦମନଲୀଳା ବଢ଼ିବାରେ ଲାଗିଛି। ବିରୋଧୀ ନେତାମାନଙ୍କୁ ସଂସଦରୁ ଅଯୋଗ୍ୟ ଘୋଷଣା କରାଯାଇଥିବାବେଳେ ଗଣତନ୍ତ୍ର ସପକ୍ଷବାଦୀ କର୍ମୀମାନଙ୍କୁ ଜେଲ ପଠାଯାଉଛି। ଜାତୀୟ ନିରାପତ୍ତା ଆଇନରେ ଅଦ୍ୟାବଧି ଦୁଇ ଡଜନ ବ୍ୟକ୍ତିଙ୍କୁ ଗିରଫ କରାଯାଇଥିବାବେଳେ



ଗିରଫ ଜୋଶୁଆ ୱୋଙ୍ଗ୍ ଏବଂ ଏଗ୍‌ନେସ୍ ଚାଓ।




ଧରାପଡ଼ିବା ଭୟରେ ଅନେକେ ବିଦେଶ ପଳାୟନ କରି ଆତ୍ମନିର୍ବାସନରେ ଅଛନ୍ତି। ସିଭିଲ ହ୍ୟୁମାନ ରାଇଟ୍ସ ଫ୍ରଣ୍ଟ ଉପଆବାହକ ସାମ୍ ୟିପ କହନ୍ତି, ଏହା ଏକ ଗମ୍ଭୀର ସ୍ଥିତି। ଏଭଳି ପରିସ୍ଥିତିରେ ତୁମକୁ ହଂକଂ ଛାଡ଼ି ଚାଲିଯିବା ଅଥବା ଏଠାରେ ରହି ନିଜ ଗିରଫଦାରିକୁ ଅପେକ୍ଷା କରିବା ଭିତରୁ ଗୋଟିଏକୁ ବାଛିବାକୁ ହେବ। ଗଣତନ୍ତ୍ର ସପକ୍ଷରେ ଅନେକ ଶୋଭାଯାତ୍ରା ଆୟୋଜନ କରିଥିବା ଉକ୍ତ ସାମ୍ମୁଖ୍ୟର ଆବାହକ ଫିଗୋ ଚାନ୍ ହେଉଛନ୍ତି ଡିସେମ୍ବର ୮ରେ ଗିରଫ ହୋଇଥିବା ୮ ଜଣଙ୍କ ମଧ୍ୟରୁ ଅନ୍ୟତମ। ଗତ ଜୁଲାଇ ୧ରେ ଫିଗୋ ଏକ ବେଆଇନ ବୈଠକ କରି ଅନ୍ୟମାନଙ୍କୁ ବିକ୍ଷୋଭ ପାଇଁ ଉସୁକାଇଥିବା ପୋଲିସ କହିଛି। ଚାଇନା ଏବଂ ହଂକଂ ସରକାର ସମସ୍ତ ଅଧିକାର କର୍ମୀ ଓ ରାଜନେତାଙ୍କୁ ହଟାଇବାକୁ ଉଦ୍ୟମ କରୁଛନ୍ତି। ସରକାର ବିରୋଧୀ ବିକ୍ଷୋଭ ସହ ଜଡ଼ିତ ଆକ୍ଟିଭିଷ୍ଟମାନଙ୍କ ମନରେ ଯଥାସମ୍ଭବ ଭୟ ଓ ନୈରାଶ୍ୟ ଭରିଦେବା ଲାଗି ଉଦ୍ୟମ ହେଉଛି ବୋଲି ଜନ୍ସ ହୋପକିନ୍ସ ୟୁନିଭର୍ସିଟିର ରାଜନୈତିକ ବିଶେଷଜ୍ଞ ହୋ-ଫୁଙ୍ଗ୍ ହୁଙ୍ଗ୍ ସମାଲୋଚନା କରିଛନ୍ତି। ୱାଲ ଷ୍ଟ୍ରିଟ୍ ଜର୍ନାଲର ସିଇଓ କାଉନ୍‌ସିଲ ସମିଟ୍‌କୁ ସାକ୍ଷାତ୍କାର ଦେଇ ଆମେରିକା ପରରାଷ୍ଟ୍ର ସଚିବ ମାଇକ୍ ପମ୍ପିଓ କହିଛନ୍ତି, ଟ୍ରମ୍ପ୍ ପ୍ରଶାସନ ହଂକଂ ପାଇଁ ସମ୍ପୂର୍ଣ୍ଣ ଭିନ୍ନ ବାଣିଜ୍ୟ କିମ୍ବା ରାଜନୈତିକ ଗାଇଡ୍‌ଲାଇନ୍ ଆପଣାଇବ ନାହିଁ। ଏହା ଚାଇନାର କମ୍ୟୁନିଷ୍ଟ ପାର୍ଟି ଶାସିତ ଏକ ସହର ଛଡ଼ା ଭିନ୍ନ କିଛି ନୁହେଁ। ଆମେରିକାର ନବ ନିର୍ବାଚିତ ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କ ନିରାପତ୍ତା ପରାମର୍ଶଦାତା ଜେକ୍ ସୁଲିଭାନ୍‌ଙ୍କ ମତରେ ହଂକଂରେ ଗଣତନ୍ତ୍ର ସପକ୍ଷବାଦୀ କର୍ମୀଙ୍କୁ ଲଗାତର ଗିରଫ କରି ଜେଲ ପଠାଯିବା ଅତ୍ୟନ୍ତ ଚିନ୍ତାଜନକ। ହଂକଂର ସ୍ୱାଧୀନତା ପ୍ରସଙ୍ଗରେ ଚାଇନାର ଆକ୍ରମଣ ବିରୋଧରେ ଆମ ସହଯୋଗୀମାନଙ୍କ ସହ ଆମେ ରହିଛୁ। ନିର୍ଯାତିତମାନଙ୍କୁ ସୁରକ୍ଷା ଦିଆଯିବ ବୋଲି ସୁଲିଭାନ୍ ଟୁଇଟ୍ କରିଛନ୍ତି।

## ପରିବର୍ତ୍ତନ ସହଜ ନୁହେଁ

ନିକଟ ଅତୀତରେ ହଂକଂରୁ ପଳାୟନ କରିଥିବା ନାଥାନ୍ ଲ, ହଂକ୍ସ ଲାଉସ୍ ଏବଂ ରେ ୟୋଙ୍ଗ୍‌ଙ୍କ ସମେତ ଆହୁରି ଅନେକ ହାଇପ୍ରୋଫାଇଲ୍ ଆକ୍ଟିଭିଷ୍ଟଙ୍କ ସହ ହୁଇ ହାତ ମିଳାଇଛନ୍ତି। ଗତ ଜୁଲାଇରେ ଚାଇନାର ସରକାରୀ ଗଣମାଧ୍ୟମ ପକ୍ଷରୁ କୁହାଯାଇଥିଲା ଯେ, ହଂକଂ ଛାଡ଼ି ଚାଲିଯାଇଥିବା ଅନ୍ୟ ୩ ଅଧିକାର କର୍ମୀଙ୍କ ସହ ଏମାନଙ୍କୁ ଗିରଫ ପାଇଁ ଯୋଜନା ଚାଲିଛି। ହଂକଂ ସ୍ୱାଧୀନତା ଲାଗି ଓକିଲାତି କରୁଥିବା ଷ୍ଟୁପିଲ ଗ୍ରୁପ୍‌ର ପୂର୍ବତନ ସଦସ୍ୟ ତଥା ଟିନ୍‌ଏଜର ହଂକ୍ସ ଲାଉସ୍‌ଙ୍କୁ ବ୍ରିଟେନରେ ଦେଖାଯାଇଥିଲା। ଏହି ଗ୍ରୁପ୍‌ର ପ୍ରତିଷ୍ଠାତା ଟୋନି ଚୁଙ୍ଗ୍‌ଙ୍କୁ ଅକ୍ଟୋବରରେ ଶରଣ ଲୋଡ଼ୁଥିବାବେଳେ ଆମେରିକା ବାଣିଜ୍ୟିକ ଦୂତାବାସ ନିକଟରୁ ଗିରଫ କରାଯାଇଥିଲା। ୨୭ ବର୍ଷୀୟ ଲ କିଛିଦିନ ତଳେ ନିଜ ସହଯୋଗୀ ଜୋଶୁଆ ୱୋଙ୍ଗ୍, ଏଗ୍‌ନେସ୍ ଚାଓ ଏବଂ ଇଭାନ୍ ଲାମ୍‌ଙ୍କ ସହ ଫଟୋ ଉଠାଇ ସୋସିଆଲ ମିଡିଆରେ ପୋଷ୍ଟ କରିଥିଲେ। ଏହି ୩ ଜଣ ୨୦୧୪ରେ ହଂକଂରେ ଅମ୍ବ୍ରେଲା ପ୍ରୋଟେଷ୍ଟ ବେଳେ 'ଷ୍ଟୁପିଲ୍ ଆକ୍ଟିଭିଷ୍ଟ' ଭାବେ ଖ୍ୟାତି ଲାଭ କରିଥିଲେ। ବ୍ରିଟେନରେ ନାଥାନ୍ ଲ କହିଛନ୍ତି, ଏହି ବ୍ୟକ୍ତିମାନେ କାହିଁକି ଜେଲରେ ଅଛନ୍ତି, ମୁଁ କାହିଁକି ନୁହେଁ? ହଂକଂରେ ପରିବର୍ତ୍ତନ ଆଣିବାକୁ ମୁଁ କାହିଁକି ସଫଳ ହୋଇନାହିଁ ବୋଲି ସେ ପ୍ରଶ୍ନ କରିଛନ୍ତି। ସେହିପରି ବିଦେଶରେ ଅଭିଯାନ ଚଳାଇବାକୁ ସଂକଳ୍ପବଦ୍ଧ ହୁଇ ମଧ୍ୟ ଫେସ୍‌ବୁକ୍‌ରେ ଏକ ପୋଷ୍ଟ କରିଥିଲେ। ଜଟିଳ ସମୟରେ ବି ହଂକଂରେ ରହି ଲଢ଼େଇ କରୁଥିବା ଭାଇମାନଙ୍କ ତୁଳନାରେ ସେ ସ୍ୱୀକୃତି ପାଇବାକୁ ଯୋଗ୍ୟ ନୁହନ୍ତି ବୋଲି ହୁଇ କହିଥିଲେ। ସେ ଆଶ୍ରୟ କିମ୍ବା ବିଧିବଦ୍ଧ ପ୍ରବାସ ମାଗିବା ଅପେକ୍ଷା ଏଠିସେଠି ବୁଲାବୁଲି କରି ଘରକୁ ଫେରିବା ଦିନକୁ ଅପେକ୍ଷା କରିବାକୁ ପସନ୍ଦ କରନ୍ତି। ହଂକଂ ସଂସଦରେ ହୁଇଙ୍କ ସହ ପ୍ରତିନିଧିତ୍ୱ କରିଥିବା ଏଡି ଚୁ ସେପ୍ଟେମ୍ବରରେ ଇସ୍ତଫା ଦେଇଥିଲେ। ତାଙ୍କୁ ଗତ ୮ ତାରିଖରେ ଗିରଫ କରାଯାଇଥିଲା।



## ରାଜନୈତିକ ପ୍ରତିଶୋଧ

୩୮ ବର୍ଷୀୟ ଟେଡ୍ ହୁଇ ହେଉଛନ୍ତି ହଂକଂରେ ଗଣତନ୍ତ୍ର ପାଇଁ ଚାଲିଥିବା ଲଢ଼େଇର ଜଣେ ଯୋଦ୍ଧା। ୧୯୮୯ ତିଆନାନମେନ ସ୍କୋୟାର ରକ୍ତସ୍ନାନ ପୀଡ଼ିତଙ୍କ ଉଦ୍ଦେଶ୍ୟରେ ଏହି ପୂର୍ବତନ ବ୍ରିଟିଶ କଲୋନିରେ ଆୟୋଜିତ ଏକ ବାର୍ଷିକ ସ୍ମାରକୀ କାର୍ଯ୍ୟକ୍ରମରେ ଯୋଗଦେବା ପରେ ସେ ରାଜନୀତିକୁ ଟାଣି ହୋଇଯାଇଥିଲେ। ସେଠାରେ ସେ ହଂକଂର ଡେମୋକ୍ରାଟିକ୍ ପାର୍ଟି ସଦସ୍ୟମାନଙ୍କୁ ଭେଟିଥିଲେ। ଏହି ଦଳରେ ସାମିଲ ହେବା ପରେ ୨୦୧୬ରେ ସେ ଲେଜିସ୍‌ଲେଟିଭ୍ ଆସେମ୍ବ୍ଲିକୁ ନିର୍ବାଚିତ ହୋଇପାରିଥିଲେ। ଚାଇନା ଭୂଖଣ୍ଡକୁ ପ୍ରତ୍ୟର୍ପଣ ଅନୁମତି ଯୋଜନାକୁ ନେଇ ୨୦୧୯ ଜୁନ୍‌ରେ ବିକ୍ଷୋଭ ଆରମ୍ଭ ହୋଇଥିଲା। ସେତେବେଳେ ପୋଲିସ ଓ ବିକ୍ଷୋଭକାରୀଙ୍କ ମଧ୍ୟରେ ମଧ୍ୟସ୍ଥତା କରି ସେ ଲୋକଲୋଚନକୁ ଆସିଥିଲେ। ନବବର୍ଷ ପାଳନ ବେଳେ ଜଣେ ପୋଲିସ ଅଫିସର ହୁଇଙ୍କ ମୁହଁରୁ ତାଙ୍କ ଚଷମାକୁ ଟାଣିନେଇ ଆଖିରେ ଲଙ୍କାଗୁଣ୍ଡ ସ୍ପ୍ରେ କରିଥିଲେ। ହୁଇଙ୍କ ବିରୋଧରେ ୯ଟି ମାମଲା ଚାଲିଛି। ସେଥିରୁ କେତୋଟି ହେଉଛି ୨୦୧୯ ଜୁଲାଇ ବିକ୍ଷୋଭ ବେଳର। ହୁଇ ଜାମିନରେ ଥିବାବେଳେ ତାଙ୍କ ଯାତ୍ରା ଦସ୍ତାବିଜକୁ ପୋଲିସ ଜବତ କରିଛି।

ଜର୍ମାନୀର ଆଣ୍ଡର୍ସ ଷ୍ଟୋରଗାର୍ଡ ନାମକ ଜଣେ ନେତା ହୁଇଙ୍କୁ ହଂକଂ ଛାଡ଼ି ଚାଲିଯିବା ପାଇଁ ସାହାଯ୍ୟ କରିଥିଲେ। ଆଣ୍ଡର୍ସ ଫେସ୍‌ବୁକ୍‌ରେ ଲେଖିଛନ୍ତି, ସେ ପାଣିପାଗ ପରିବର୍ତ୍ତନ ସମ୍ପର୍କିତ ଏକ କାର୍ଯ୍ୟକ୍ରମ ଆୟୋଜନର ବାହାନା କରିଥିଲେ। ସ୍କାଣ୍ଡିନେଭିଆକୁ ହୁଇଙ୍କ ଗସ୍ତ କାର୍ଯ୍ୟକ୍ରମ ଥିବା ଦର୍ଶାଇ କୋର୍ଟଙ୍କ ଅନୁମତି ହାସଲରେ ସଫଳ ହୋଇଥିଲେ। ହୁଇ ଡେନ୍‌ମାର୍କ ଦେଇ ବ୍ରିଟେନକୁ ଯାତ୍ରା କରିଥିଲେ। ସେଠାରେ ସେ ଏବେ ତାଙ୍କ ସ୍ତ୍ରୀ ଓ ଦୁଇ ପିଲାଙ୍କ ସହ ଅବସ୍ଥାନ କରୁଛନ୍ତି। ହେଲେ ଲଣ୍ଡନସ୍ଥିତ ବହୁରାଷ୍ଟ୍ରୀୟ ଆର୍ଥିକ ସଂସ୍ଥା ଏଚ୍‌ଏସ୍‌ବିସି ହଂକଂ ପୋଲିସର ଅନୁରୋଧକ୍ରମେ ହୁଇ ଓ ତାଙ୍କ ପରିବାର ନାମରେ ଥିବା ଆକାଉଣ୍ଟଗୁଡ଼ିକୁ ଫ୍ରିଜ୍ କରିଦେଇଛି। ସେ ଏକ ସ୍କିମ୍‌ରେ ଲୋକଙ୍କଠାରୁ ବିପୁଳ ଅର୍ଥ ଠକି ନେଇଥିବା ପୋଲିସ ଅଭିଯୋଗ ଆଣିଥିବାବେଳେ ହୁଇ ଖଣ୍ଡନ କରିଛନ୍ତି। ଏକ ଫେସ୍‌ବୁକ୍ ପୋଷ୍ଟରେ ହୁଇ ଏହାକୁ 'ରାଜନୈତିକ ପ୍ରତିଶୋଧ' ବୋଲି ଅଭିହିତ କରିଛନ୍ତି। ଇତିମଧ୍ୟରେ ସ୍ୱାଧୀନତା ସପକ୍ଷବାଦୀ ବିକ୍ଷୋଭକୁ ସମର୍ଥନ କରିଥିବା ହଂକଂର ଏକ ଚର୍ଚ୍ଚ ଜବତ ଏଚ୍‌ଏସ୍‌ବିସି ଆକାଉଣ୍ଟଗୁଡ଼ିକୁ ଠାବ କରିଛି। ପୋଲିସ ସହ ଆର୍ଥିକ ଅପରାଧ ଶାଖା ଅଧିକାରୀମାନେ ମିଳିତ ଭାବେ ଉକ୍ତ ଚର୍ଚ୍ଚରେ ଚଢ଼ାଉ କରିଛନ୍ତି। ହଂକଂ ସରକାରଙ୍କ ମୁଖ୍ୟ କେରି ଲାମ୍ ହୁଇଙ୍କୁ ଜଣେ ପଳାତକ ଭାବେ ଅଭିହିତ କରି ତାଙ୍କ ଯୋଗୁ ସହର ବଦନାମ ହୋଇଥିବା କହିଛନ୍ତି। ହୁଇ ଜାମିନରେ ଥିବାବେଳେ ହଂକଂ ଛାଡ଼ି ପଳାଇବା ପାଇଁ ବାଟ ବାହାର କରିଥିଲେ। ଏହି ବ୍ୟକ୍ତି ଭରସାଯୋଗ୍ୟ କି ବୋଲି ଚିଫ୍ ଏକ୍ଜିକ୍ୟୁଟିଭ୍ କେରି ଲାମ୍ ପ୍ରଶ୍ନ କରିଛନ୍ତି।

## ଜେଲରେ ଜନ୍ମଦିନ ପାଳିଲେ ଜିମି

ହଂକଂ ଡେମୋକ୍ରାସି କ୍ୟାମ୍ପେନର୍ ଜିମି ଲାଇଙ୍କ ଜାମିନ ଆବେଦନକୁ ଖାରଜ କରାଯାଇଥିବାରୁ ଏହି ୭୩ ବର୍ଷୀୟ ମିଡିଆ ଟାଇକୁନ୍ ଜେଲରେ ତାଙ୍କର ଜନ୍ମଦିନ ପାଳିଛନ୍ତି। ବିଦେଶୀ ତତ୍ତ୍ୱଙ୍କ ସହ ହାତ ମିଳାଇଥିବା ଅଭିଯୋଗ ନେଇ ତାଙ୍କ ବିରୋଧରେ ଚାଇନାର କଠୋର ସିକ୍ୟୁରିଟି ଲ ବଳରେ ମାମଲା ଚାଲିଛି। ଗତ ୧୨ ତାରିଖରେ ଜିମିଙ୍କୁ ହାତକଡ଼ି ପିନ୍ଧାଇ ପୋଲିସ ତାଙ୍କୁ କୋର୍ଟରେ ହାଜର କରାଇଥିଲା। ହଂକଂ ଓ ଚାଇନା ଉପରେ କଟକଣା ଜାରି ପାଇଁ ବିଦେଶୀ ଶକ୍ତିଙ୍କୁ ସେ ଅନୁରୋଧ କରିଥିବା ଓ ଅନ୍ୟ କେତେକ ଶତ୍ରୁତାପୂର୍ଣ୍ଣ ଆଚରଣର ଅଭିଯୋଗ ତାଙ୍କ ବିରୋଧରେ ରହିଛି। ପ୍ରକାଶ ଯେ, ଗତ ମେ' ମାସରେ ଜିମି ଟୁଇଟ୍ କରି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କୁ ଚାଇନା ଅଧିକାରୀମାନଙ୍କ ବିରୋଧରେ କଟକଣା ଜାରି ପାଇଁ ଅନୁରୋଧ କରିଥିଲେ। ଏହାସହ ଜୁନ୍‌ରେ ତାଙ୍କ ଖବରକାଗଜ 'ଆପଲ ଡେଲି'ର ଇଂଲିଶ୍ ସଂସ୍କରଣ ପ୍ରକାଶ ପାଇଁ ନିଷ୍ପତ୍ତି ନେଇଥିଲେ। ଜିମିଙ୍କୁ ଗିରଫ କରାଯିବା ପରେ ଆମେରିକା ଉପରାଷ୍ଟ୍ରପତି ମାଇକ୍ ପେନ୍ସ ଟୁଇଟ୍ କରି ତାଙ୍କୁ ହିରୋ ଭାବେ ଅଭିହିତ କରିଥିଲେ। ପରରାଷ୍ଟ୍ର ସଚିବ ମାଇକ୍ ପମ୍ପିଓ ମଧ୍ୟ ଜିମିଙ୍କୁ ତୁରନ୍ତ ଖଲାସ କରାଯାଉ ବୋଲି ଦାବି କରିଥିଲେ। ଜାତୀୟ ନିରାପତ୍ତା ଆଇନରେ ଗିରଫ ହେବାରେ ଜିମି ଲାଇ ହେଉଛନ୍ତି ସବୁଠୁ ହାଇପ୍ରୋଫାଇଲ ଚେହେରା। ପ୍ରଥମେ ଗତ ଅଗଷ୍ଟ ୧୦ରେ ଜିମିଙ୍କ ମିଡିଆ କମ୍ପାନୀ ଅଫିସଗୁଡ଼ିକ ଉପରେ ପୋଲିସ ଚଢ଼ାଉ କରି ଗିରଫ କରିଥିଲା। କିନ୍ତୁ ସେ ଜାମିନରେ ମୁକୁଳିଥିଲେ। ଜାମିନ ସର୍ତ୍ତ ଅନୁସାରେ ଡିସେମ୍ବର ୨ ରାତିରେ ସେ ଏକ ଥାନାରେ ହାଜିରା ଦେଉଥିବାବେଳେ ତାଙ୍କୁ ପୁଣିଥରେ ହାଜତକୁ ନିଆଯାଇଥିଲା। ଜିମି ଲାଇଙ୍କ ଟୁଇଟର୍ ଆକାଉଣ୍ଟରୁ କରାଯାଇଥିବା ୧୦୦୦ରୁ ଅଧିକ ପୋଷ୍ଟକୁ ନେଇ ପୋଲିସ ତନାଘନା କରୁଛି। ଦୋଷୀ ସାବ୍ୟସ୍ତ ହେଲେ ତାଙ୍କୁ ଆଜୀବନ ଜେଲ୍‌ରେ ବିତାଇବାକୁ ପଡ଼ିପାରେ। ୨୦୨୧ ଏପ୍ରିଲରେ ଜିମିଙ୍କ ମାମଲାର ପରବର୍ତ୍ତୀ ଶୁଣାଣି ହେବ। ବ୍ରିଟେନର ବହିର୍ବ୍ୟାପାର ସଚିବ ଡୋମିନିକ୍ ରାବ୍ ଡିସେମ୍ବର ୧୪ରେ କହିଛନ୍ତି, ହଂକଂ କର୍ତ୍ତୃପକ୍ଷ ଜିମି ଲାଇଙ୍କୁ ଟାର୍ଗେଟ କରିବା ବନ୍ଦ କରନ୍ତୁ। ଏହି ଜାତୀୟ ନିରାପତ୍ତା ଆଇନ ଅନ୍ତର୍ଜାତୀୟ ସ୍ତରରେ ମାନ୍ୟ ମିଳିତ ଘୋଷଣାନାମାକୁ ଉଲ୍ଲଂଘନ କରୁଛି। ଏହାର ଦୁରୁପଯୋଗ କରି ଗଣତନ୍ତ୍ର ସପକ୍ଷବାଦୀଙ୍କ ସ୍ୱରକୁ ଚପାଇ ଦିଆଯାଇପାରିବ ନାହିଁ।




ମିଡିଆ ଟାଇକୁନ୍ ଜିମି ଲାଇଙ୍କୁ କୋର୍ଟରେ ହାଜର ପାଇଁ ନିଆଯାଉଛି।

**ଆଣ୍ଟି ପ୍ରଫିଟିୟରିଂ ତଦନ୍ତ ଅବଧି ବଢ଼ିଲା**

ନୂଆଦିଲ୍ଲୀ: ସାମଗ୍ରୀ ଓ ସେବା ଟିକସ (ଜିଏସ୍‌ଟି) ବ୍ୟବସ୍ଥାରେ ଆଣ୍ଟି ପ୍ରଫିଟିୟରିଂ ତଦନ୍ତ ଲାଗି ରହିଥିବା ସମୟ ଅବଧିକୁ ସରକାର ମଙ୍ଗଳବାର ବଢ଼ାଇଛନ୍ତି। ଚଳିତ ବର୍ଷ ନଭେମ୍ବର ଯାଏ ମାମଲାଗୁଡ଼ିକର ତଦନ୍ତ ସାରିବାକୁ ସମୟ ଧାର୍ଯ୍ୟ କରାଯାଇଥିଲା। ହେଲେ ବର୍ଦ୍ଧିତ ସମୟସୀମାକୁ ଏବେ ୨୦୨୧ ମାର୍ଚ୍ଚ ୩୧ ଯାଏ ବଢ଼ାଯାଇଥିବା କେନ୍ଦ୍ରୀୟ ପରୋକ୍ଷ ଟିକସ ଏବଂ ସୀମା ଶୁଳ୍କ ବୋର୍ଡ ପକ୍ଷରୁ ଏ ନେଇ ସ୍ପଷ୍ଟ କରାଯାଇଛି।

# କୃଷକ ଧର୍ମଘଟରୁ ଦୈନିକ ୩,୫୦୦ କୋଟି କ୍ଷତି

**ଉଡୁପି,୧୫।୧୨**



ନୂଆ କୃଷି ଆଇନକୁ ନେଇ କୃଷକମାନେ ଗତ ୨୦ ଦିନ ହେବ ଆନ୍ଦୋଳନ ଜାରି ରଖିଛନ୍ତି। ଏହାଦ୍ୱାରା ଦୈନିକ ପ୍ରାୟ ୩,୫୦୦ କୋଟି ଟଙ୍କା କ୍ଷତି ହେଉଥିବା ଶିଳ୍ପ ସଂଘ ଆସୋଚାମ ପକ୍ଷରୁ ଏକ ରିପୋର୍ଟ ପ୍ରକାଶ ପାଇଛି। କୃଷକଙ୍କ ଧର୍ମଘଟ ଯୋଗୁ ପରସ୍ପର ନିର୍ଭରଶୀଳ ରାଜ୍ୟଗୁଡ଼ିକ କ୍ଷତିଗ୍ରସ୍ତ ହେଉଛନ୍ତି। ପଞ୍ଜାବ,ହରିୟାଣା ଏବଂ ହିମାଞ୍ଚଳ ପ୍ରଦେଶ ସହ ଦେଶର ଅର୍ଥ ବ୍ୟବସ୍ଥା ପ୍ରଭାବିତ ହେଉଥିବା ଜଣାପଡ଼ିଛି। ସମସ୍ୟା ସମାଧାନ କରିବା ଲାଗି ସରକାର ଏବଂ କୃଷକ ସଙ୍ଗଠନ ଯତ୍ନବାନ ହେବାକୁ ରିପୋର୍ଟରେ ପରାମର୍ଶ ଦିଆଯାଇଛି। ବିଶେଷକରି ଏହି ରାଜ୍ୟଗୁଡ଼ିକର ଅର୍ଥ ବ୍ୟବସ୍ଥା କୃଷି ଏବଂ ଉଦ୍ୟାନ କୃଷି ଉପରେ ନିର୍ଭରଶୀଳ। ସେହିଭଳି ଖାଦ୍ୟ ପ୍ରକ୍ରିୟାକରଣ, ବୟନ, ଅଟୋମୋବାଇଲ,ଫାର୍ମ ମେଶିନାରି ଭଳି ଶିଳ୍ପ ମଧ୍ୟ ଏହା ସହ ସଂଯୋଗ ରଖୁଛି। ଏହାବାଦ୍ ପର୍ଯ୍ୟଟନ, ବାଣିଜ୍ୟ ଏବଂ ପରିବହନ ଭଳି କ୍ଷେତ୍ରକୁ ମଧ୍ୟ ବିଚାରକୁ ନିଆଯାଇପାରେ।

ଆସୋଚାମ ଦ୍ୱାରା ହୋଇଥିବା ଆକଳନ ମୁତାବକ ପଞ୍ଜାବ, ହରିୟାଣା, ହିମାଚଳ ପ୍ରଦେଶ ଏବଂ ଜମ୍ମୁ ଏବଂ କଶ୍ମୀର ଅର୍ଥ ବ୍ୟବସ୍ଥାର ଆକାର ପ୍ରାୟ ୧୮ ଲକ୍ଷ କୋଟି ଟଙ୍କା ରହିଛି। କୃଷକ ଆନ୍ଦୋଳନ ଯୋଗୁ ଏହି ରାଜ୍ୟଗୁଡ଼ିକରେ ଅର୍ଥ ବ୍ୟବସ୍ଥାକୁ କ୍ଷତି ପହଞ୍ଚୁଥିବା ଆସୋଚାମ ସଭାପତି ନିରଞ୍ଜନ ହୀରାନନ୍ଦିନୀ ସୂଚନା ଦେଇଛନ୍ତି। ସେହିଭଳି ଯୋଗାଣ ଚେନ୍ ପ୍ରଭାବିତ ହେବା ଯୋଗୁ ଏହାଦ୍ୱାରା ସାମଗ୍ରୀର ଦରଦାମ ବୃଦ୍ଧି ଉପରେ ପ୍ରଭାବ ପକାଉଥିବା ଆସୋଚାମ ମହାସଚିବ ଦୀପକ ସୁଦ୍ କହିଛନ୍ତି। କରୋନା ମହାମାରୀ ଯୋଗୁ ଅର୍ଥ ବ୍ୟବସ୍ଥା କ୍ଷତିଗ୍ରସ୍ତ ହୋଇ ରହିଛି। ଏଭଳି ସ୍ଥିତି କୃଷକଙ୍କ ଆନ୍ଦୋଳନ ମଧ୍ୟ ବଜାର ଉପରେ ପ୍ରଭାବ ପକାଉଥିବା ସେ ମତ ରଖିଛନ୍ତି। ଅର୍ଥ ବ୍ୟବସ୍ଥାକୁ ଧ୍ୟାନରେ ରଖି ସରକାର ଏବଂ ଅଂଶୀଦାରମାନେ ଏହାକୁ ବିଚାର କରିବା ସହ ସମାଧାନ ପନ୍ଥା ବାହାର କରିବା ଲାଗି ସଂଘ ପକ୍ଷରୁ ନିବେଦନ କରାଯାଇଛି।

**୫ ହଜାର କୋଟିର କାରବାର ପ୍ରଭାବିତ**

କୃଷକ ଧର୍ମଘଟ ଯୋଗୁ ବାଣିଜ୍ୟ ଏବଂ ଆର୍ଥିକ କାରବାର ବାବଦକୁ ୫ ହଜାର କୋଟି ଟଙ୍କା ପ୍ରଭାବ ପଡ଼ିଥିବା ସର୍ବଭାରତୀୟ ବ୍ୟବସାୟୀ ମହାସଂଘ ପକ୍ଷରୁ ଏକ ରିପୋର୍ଟ ପ୍ରକାଶ ପାଇଛି। ଦିଲ୍ଲୀକୁ ଆସୁଥିବା ୩୦ରୁ ୪୦% ସାମଗ୍ରୀ ଏବେ ପ୍ରଭାବିତ ହେଉଛି। କୃଷି କ୍ଷେତ୍ର ସହ ଜଡ଼ିତ ବିଭିନ୍ନ ଅଂଶୀଦାରଙ୍କ ସହ ସିଏଆଇଟି ଆଲୋଚନା କରିଛି। ସେମାନଙ୍କ ସମସ୍ୟା ଶୀଘ୍ର ସମାଧାନ କରିବା ଲାଗି ଆଲୋଚନା କରିବାକୁ ମଧ୍ୟ ପରାମର୍ଶ ଦିଆଯାଇଛି। ସେହିଭଳି ସରକାର କୃଷକଙ୍କ ବିଭିନ୍ନ ସମସ୍ୟାର ସମାଧାନ ଲାଗି ବିଚାର କରିବାକୁ ସଂଘ ନିବେଦନ କରିଛି।

# ଏଲ୍‌ପିଜି ଦର ୫୦ ଟଙ୍କା ବୃଦ୍ଧି

**ଭୁବନେଶ୍ୱର,୧୫।୧୨**



ଅତ୍ୟାବଶ୍ୟକ ସାମଗ୍ରୀଠାରୁ ଆରମ୍ଭ କରି ତେଲ ଓ ରନ୍ଧନ ଗ୍ୟାସ୍ ଦରବୃଦ୍ଧିକୁ ନେଇ ଖାଉଟିଙ୍କ ମଧ୍ୟରେ ଅସନ୍ତୋଷ ବଢୁଛି। ଗତ ୨ ସପ୍ତାହ ମଧ୍ୟରେ ଅଣ ସବ୍‌ସିଡି ଏଲ୍‌ପିଜି ଦର ୧୦୦ଟଙ୍କା ବଢ଼ିଛି। ଭୁବନେଶ୍ୱରରେ ମଙ୍ଗଳବାର ଅଣସବ୍‌ସିଡି ଏଲ୍‌ପିଜି ଦର ୫୦ ବୃଦ୍ଧି ପାଇ ୭୨୦ ଟଙ୍କାରେ ପହଞ୍ଚିଛି। ଗତ ୧୦ ଦିନରେ ୨ଥର ଦର ବଢ଼ିବାରୁ ଏହା ୬୨୦ ରୁ ବଢ଼ି ୭୨୦ରେ ପହଞ୍ଚିଛି। ଚଳିତ ମାସ ପ୍ରଥମ ସପ୍ତାହରେ ଦର ୫୦ଟଙ୍କା ବଢ଼ି ୬୨୦ରୁ ୬୭୦ ଟଙ୍କା ରହିଥିବା ବେଳେ ବର୍ତ୍ତମାନର ଏହି ଦର ବୃଦ୍ଧି ଯୋଗୁ ଏହା ୭୨୦ ଟଙ୍କା ଛୁଇଁଥିବା ତୈଳ ବିପଣନ କମ୍ପାନୀଗୁଡ଼ିକ ସୂଚନା ଦେଇଛନ୍ତି। ସୂଚନା ଅନୁସାରେ, ବିଭିନ୍ନ ବର୍ଗର ଗ୍ୟାସ୍ ସିଲିଣ୍ଡର ଉପରେ ଦର ବୃଦ୍ଧି ପାଇଛି। ପ୍ରତି ୫ କେଜି ଗ୍ୟାସ୍ ସିଲିଣ୍ଡର ଉପରେ ଦର ୧୮ଟଙ୍କା ବୃଦ୍ଧି ପାଇଥିବା ବେଳେ ୧୪.୨ କେଜି ଗ୍ୟାସ୍ ସିଲିଣ୍ଡର ଉପରେ ୫୦ ଟଙ୍କା ଏବଂ ୧୯ କେଜି ଗ୍ୟାସ୍ ସିଲିଣ୍ଡର ଉପରେ ମଧ୍ୟ ୩୬.୫୦ ଟଙ୍କା ବଢ଼ିଛି। ନୂଆଦିଲ୍ଲୀ ସମେତ କୋଲକାତା, ମୁମ୍ବାଇ ଏବଂ ଚେନ୍ନାଇରେ ଅଣସବ୍‌ସିଡି (୧୪.୨କେଜି) ଦର ଯଥାକ୍ରମେ ୬୯୪ ଟଙ୍କା, ୭୨୦.୫୦ଟଙ୍କା, ୬୯୪ ଟଙ୍କା ଏବଂ ୬୬୦ ଟଙ୍କା ଛୁଇଁଛି। ସେହିଭଳି ଭୁବନେଶ୍ୱରରେ ୧୯ କେଜି ବିଶିଷ୍ଟ ଅଣ ସବ୍‌ସିଡି ଏଲ୍‌ପିଜି ସିଲିଣ୍ଡର ଦର ୧୩୮୬ ଟଙ୍କା ରହିଛି। ସେହିଭଳି ଦିଲ୍ଲୀ, କୋଲକାତା, ମୁମ୍ବାଇ ଓ ଚେନ୍ନାଇ ଭଳି ମେଟ୍ରୋ ସହରରେ ୧୯ କିଲୋ ସିଲିଣ୍ଡରର ମୂଲ୍ୟ ଯଥାକ୍ରମେ ୧୨୯୬ଟଙ୍କା, ୧୩୫୧.୫୦ଟଙ୍କା, ୧୨୪୪ ଟଙ୍କା ଏବଂ ୧୪୧୦.୫୦ ଟଙ୍କାରେ ପହଞ୍ଚିଛି। ୫କେଜି ଗ୍ୟାସ୍ ସିଲିଣ୍ଡରର ଦର ଉପରେ ୧୮ ଟଙ୍କା ବଢ଼ି ୨୦୨ ଟଙ୍କାରେ ରହିଥିବା ଜଣାପଡ଼ିଛି।

## ଇଣ୍ଡିଆ ପୋଷ୍ଟ, ଆଇପିପିବି ଗ୍ରାହକଙ୍କ ଲାଗି ଡାକ ପେ ଆପ୍




ନୂଆଦିଲ୍ଲୀ,୧୫।୧୨: ଇଣ୍ଡିଆ ପୋଷ୍ଟ ଏବଂ ଇଣ୍ଡିଆ ପୋଷ୍ଟ ପେମେଣ୍ଟ ବ୍ୟାଙ୍କ(ଆଇପିପିବି) ଗ୍ରାହକଙ୍କ ଲାଗି ଡାକ ପେ ଆପ୍ଲିକେଶନ ଶୁଭାରମ୍ଭ ହୋଇଛି। ଏହି ଆପ୍ ଜରିଆରେ ଗ୍ରାହକ ବ୍ୟାଙ୍କ ସେବା ଲାଭ କରିପାରିବେ। ଯୋଗାଯୋଗ ଏବଂ ସୂଚନା ପ୍ରଯୁକ୍ତି ମନ୍ତ୍ରୀ ରବିଶଙ୍କର ପ୍ରସାଦ ମଙ୍ଗଳବାର ଏହାର ଉନ୍ମୋଚନ କରିଛନ୍ତି। ଡାକ ବିଭାଗ ଏବଂ ଆଇପିପିବିର ସାରା ଦେଶରେ ରହିଥିବା ନେଟ୍‌ୱର୍କରେ ଡିଜିଟାଲ ଫାଇନାନ୍ସିଆଲ ଏବଂ ବ୍ୟାଙ୍କିଙ୍ଗ୍ ସେବା ଯୋଗାଣ ଦିଗରେ ଏହି ଆପ୍ ସହାୟକ ହେବ ବୋଲି ଆଶା କରାଯାଉଛି। ଉକ୍ତ ଆପ୍ ବ୍ୟବହାର ଦ୍ୱାରା ଗ୍ରାହକ ଟଙ୍କା ପଠାଇବା, କ୍ୟୁଆର୍ କୋଡ୍ ସ୍କାନିଂ, ସର୍ଭିସ ଲାଗି ପେମେଣ୍ଟ ଡିଜିଟାଲ ଉପାୟରେ କରାଯାଇପାରିବ। ଏହାଦ୍ୱାରା ଦେଶର ଯେକୌଣସି ବ୍ୟାଙ୍କ ସହ ଇଣ୍ଟର ଅପରେବଲ ବ୍ୟାଙ୍କ ସେବା ଲାଭ କରିହେବ। ସେବା ଯୋଗାଣ ଦିଗରେ ଭାରତୀୟ ଡାକ ଏକ ଗୌରବମୟ ଇତିହାସ ରହି ଆସିଛି। ନୂଆ ଡାକ ପେ ସୁବିଧା ଏହି ଧାରାକୁ ଆଗକୁ ବଢ଼ାଇବା ଦିଗରେ ସହାୟକ ହେବ। ଏହା ପ୍ରତି ଭାରତୀୟଙ୍କ ଘରେ ପହଞ୍ଚିବ ବୋଲି ପ୍ରଶାଦ ମତ ପ୍ରକାଶ କରିଛନ୍ତି। ଏହା ଦ୍ୱାରା ଲୋକଙ୍କ ଘରେ ପୋଷ୍ଟାଲ ଡାକ ସେବାକୁ ପହଞ୍ଚାଇବାରେ ବିଶେଷ ଯୋଗଦାନ ରଖିବ ବୋଲି ପ୍ରସାଦ ଆଶାବାଦୀ ରହିଛନ୍ତି। ଡାକ ବିଭାଗ ସଚିବ ଏବଂ ଆଇପିପିବି ଅଧ୍ୟକ୍ଷ ପ୍ରଦୀପ୍ତ କୁମାର ବିଶୋଇ କହିଛନ୍ତି, ଡାକ ପେ ସରଳୀକୃତ ପେମେଣ୍ଟ ସମାଧାନ ପ୍ରଦାନ କରିବ। ପ୍ରତି ଭାରତୀୟଙ୍କ ଆର୍ଥିକ ଆବଶ୍ୟକତାକୁ ନଜରରେ ରଖି ଏହାକୁ ବିକଶିତ କରାଯାଇଥିବା ସେ ମତ ପ୍ରକାଶ କରିଛନ୍ତି।

## କ୍ଷୁଦ୍ର ବାଣିଜ୍ୟର ଉନ୍ନତିକୁ ପ୍ରାଥମିକତା: ଜୁକରବର୍ଗ

**ନୂଆଦିଲ୍ଲୀ,୧୫।୧୨**



ଭାରତର କ୍ଷୁଦ୍ର ବାଣିଜ୍ୟକୁ ସହାୟତା କରିବା ଦିଗରେ ଯୋଗଦାନ ଜାରି ରହିବ ବୋଲି ଫେସ୍‌ବୁକ୍ ମଙ୍ଗଳବାର କହିଛି। ଭାରତରେ କମ୍ପାନୀ ଏହାର ନୂଆ ଫିଚର ଶୁଭାରମ୍ଭ କରିଛି। ଭାରତର ଅର୍ଥନୈତିକ ଏବଂ ସାମାଜିକ ଅଭିବୃଦ୍ଧିରେ ନିରନ୍ତର ଯୋଗଦାନ ରଖିବାକୁ କମ୍ପାନୀ ଆଶାବାଦୀ ରହିଛି। ଏହି ସୋସିଆଲ ନେଟ୍‌ୱାର୍କି ପ୍ଲାଟ୍‌ଫର୍ମ ନୟି ସୁରୁଆତ୍ ଅଭିଯାନ ଆରମ୍ଭ କରିଛି। ଫୁଏଲ ଫର୍ ଇଣ୍ଡିଆ କାର୍ଯ୍ୟକ୍ରମ ଅବସରରେ ଏହାକୁ ଆରମ୍ଭ କରାଯାଇଥିବା କମ୍ପାନୀ ସୂଚନା ଦେଇଛି। କ୍ଷୁଦ୍ର ବାଣିଜ୍ୟର ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ଲାଗି ଏକ ଦୃଢ଼ ଇକୋସିଷ୍ଟମ ଉପରେ କମ୍ପାନୀ ବର୍ତ୍ତମାନ କାମ କରୁଛି। ଏଥିଲାଗି ପ୍ରମୁଖ ଅଂଶୀଦାରଙ୍କ ସହ ଏହା ମିଳିତ ହୋଇଛି। ବୁଷ୍ଟ ୱିଥ୍ ଫେସ୍‌ବୁକ୍ ଭଳି ସ୍କିଲ କାର୍ଯ୍ୟକ୍ରମରେ କମ୍ପାନୀ ନିବେଶ ଜାରି ରଖିଛି। ଏହି କାର୍ଯ୍ୟକ୍ରମକୁ ରୂପରେଖ ପ୍ରଦାନ କରିବା ଲାଗି କମ୍ପାନୀ ଭେଞ୍ଚର କ୍ୟାପିଟାଲ ଫଣ୍ଡ, ଭିସି ବ୍ରାଣ୍ଡ ଇନ୍‌କ୍ୟୁବେଟର ପ୍ରୋଗ୍ରାମ ଭଳି ସହଭାଗିତାରେ ସାମିଲ ହୋଇଛି। ଅଭିନବ ଢଙ୍ଗରେ ନୂଆ ବାଣିଜ୍ୟ ମଡେଲ ତିଆରି କରିବା, ଟେକ୍ନୋଲୋଜି ଏବଂ ସ୍ଥାନୀୟ କ୍ଷମତା ବିକାଶ ସହ ଡିଜିଟାଲ ଆର୍ଥିକ ଅନ୍ତର୍ଭୁକ୍ତି ଦିଗରେ କାର୍ଯ୍ୟକ୍ରମ ଜାରି ରହିଥିବା ଜୁକରବର୍ଗ ଏକ ଭର୍ଚୁଆଲ କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରି ଏହା କହିଛନ୍ତି।

ଟେକ୍ନୋଲୋଜି ଦ୍ୱାରା ନୂଆ ଆର୍ଥିକ ସୁଯୋଗ ସୃଷ୍ଟି ଏବଂ ଲୋକଙ୍କ ଜୀବନ ଧାରଣ ମାନରେ ଉନ୍ନତି ଆଣିବା ଉପରେ କମ୍ପାନୀ ଏବେ ଫୋକସ କରିଥିବା ସେ ମତ ରଖିଛନ୍ତି। ଏହି କମ୍ପାନୀ ନିକଟରେ ହିନ୍ଦୀ ଏବଂ ଇଂଲିଶରେ କ୍ଷୁଦ୍ର ଏବଂ ମଧ୍ୟମ ବାଣିଜ୍ୟ ଗାଇଡ ଉନ୍ମୋଚନ କରିଥିଲା। ଏହାଦ୍ୱାରା ୯୦ ଲକ୍ଷ କ୍ଷୁଦ୍ର ବାଣିଜ୍ୟ ଉପକୃତ ହୋଇଛନ୍ତି। ସେ ପୁଣି କହିଛନ୍ତି, ଫେସ୍‌ବୁକ୍ ଏବଂ ଇନ୍‌ଷ୍ଟାଗ୍ରାମର ସବୁଠାରୁ ବଡ କମ୍ୟୁନିଟି ଭାରତରେ ରହିଛନ୍ତି।

## ଭାରତ ହେବ ତୃତୀୟ ବୃହତ୍ ଅର୍ଥ ବ୍ୟବସ୍ଥା: ମୁକେଶ

**ନୂଆଦିଲ୍ଲୀ,୧୫।୧୨**



ଭାରତ ଆଗାମୀ ୨ ଦଶନ୍ଧିରେ ବିଶ୍ୱର ତୃତୀୟ ବୃହତ୍ ଅର୍ଥ ବ୍ୟବସ୍ଥା ହେବ। ଏହି ସମୟ ଅବଧିରେ ଲୋକଙ୍କ ମୁଣ୍ଡ ପିଛା ଆୟ ଦୁଇ ଗୁଣରୁ ଅଧିକ ହେବ ବୋଲି ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ଅଧ୍ୟକ୍ଷ ମୁକେଶ ଅମ୍ବାନୀ ମଙ୍ଗଳବାର କହିଛନ୍ତି। ମୁକେଶ ଫେସ୍‌ବୁକ୍ ପ୍ରତିଷ୍ଠାତା ମାର୍କ ଜୁକରବର୍ଗଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ମଙ୍ଗଳବାର ଆଲୋଚନା କରିଥିଲେ। ଦେଶର ମୋଟ ପରିବାରଙ୍କ ମଧ୍ୟରୁ ୫୦%ରୁ ଊର୍ଦ୍ଧ୍ୱ ମଧ୍ୟବିତ୍ତ ବର୍ଗର ହୋଇଥିବା ବେଳେ ୩ରୁ ୪% ହାରରେ ଅଭିବୃଦ୍ଧି ହାସଲ କରିବେ। ସବୁଠାରୁ ବଡ କଥା ହେଲା ଭାରତ ଏକ ପ୍ରମୁଖ ଡିଜିଟାଲ ସୋସାଇଟି ହେବ। ଦେଶର ଯୁବବର୍ଗ ଏହି ଧାରାକୁ ଆଗକୁ ବଢ଼ାଇବା ଦିଗରେ ଏକ ପ୍ରମୁଖ ସ୍ଥାନରେ ରହିବେ। କୋଭିଡ୍-୧୯ ଭାକ୍ସିନ ଡ୍ରାଇଭ୍‌ରେ ଟେକ୍ନୋଲୋଜି ଟୁଲ୍ ଯୋଗାଣ ଉପରେ ସହାୟତା ଯୋଗାଇଦେବାକୁ ସେ ସ୍ପଷ୍ଟ କରିଛନ୍ତି।

## ୭୦୦ କୋଟିର ଟିକସ ଠକେଇ ଠାବ

**ନୂଆଦିଲ୍ଲୀ,୧୫।୧୨**

ଆୟକର ବିଭାଗ ନିକଟରେ ହୋଇଥିବା ଏକ ଚଢ଼ାଉରୁ ୭୦୦ କୋଟି ଟଙ୍କାର ଟିକସ ଠକେଇର ପତ୍ତା ଲଗାଇବାକୁ ସକ୍ଷମ ହୋଇଛି। ଚେନ୍ନାଇ ଭିତ୍ତିକ ଚେଟିନାଡ ଗ୍ରୁପ୍ ସହ ଜଡ଼ିତ ବିଭିନ୍ନ ସ୍ଥାନ ଉପରେ ବିଭାଗ ମଙ୍ଗଳବାର ଚଢ଼ାଉ କରିଥିଲା। କେନ୍ଦ୍ରୀୟ ପ୍ରତ୍ୟକ୍ଷ ଟିକସ ବୋର୍ଡ(ସିବିଡିଟି) ପକ୍ଷରୁ କୁହାଯାଇଛି ଯେ, ବିଭିନ୍ନ ସ୍ଥାନରେ ଚଢ଼ାଉ ଫଳରେ ପ୍ରାୟ ୨୩ କୋଟି ଟଙ୍କାର ନଗଦ ଅର୍ଥ ଠାବ କରାଯାଇଛି। ସଦ୍ୟତମ ଆକଳନ ଅନୁସାରେ ଟିକସ ଠକେଇ ପରିମାଣ ୭୦୦ କୋଟି ଟଙ୍କା ହେବ। ସେହିଭଳି ସ୍ଥାୟୀ ଜମା ଭାବେ ୧୧୦ କୋଟି ଟଙ୍କାର ବିଦେଶୀ ଜମା ରହିଛି। ଏହାକୁ ମଧ୍ୟ କମ୍ପାନୀ ଘୋଷଣା କରିନାହିଁ।

## ଜିଡିପି ଅନୁମାନ ବଦଳାଇଲା ଏସ୍ ଆଣ୍ଡ ପି

**-୭.୭% ଖସିବ ଜିଡିପି**

**ନୂଆଦିଲ୍ଲୀ,୧୫।୧୨**

ଚଳିତ ଆର୍ଥିକ ବର୍ଷରେ ଭାରତୀୟ ଅର୍ଥ ବ୍ୟବସ୍ଥା ପ୍ରଭାବିତ ହୋଇ ରହିଛି। ଜିଡିପି ଋଣାତ୍ମକ ହେବ ବୋଲି ଅଧିକାଂଶ ବିଶ୍ୱସ୍ତରୀୟ ରେଟିଂ ଏଜେନ୍ସି ରିପୋର୍ଟ ପ୍ରକାଶ କରିଛନ୍ତି। ଏଭଳି ସ୍ଥିତିରେ ଭାରତୀୟ ଅର୍ଥ ବ୍ୟବସ୍ଥାର ମୋଟ ଘରୋଇ ଉତ୍ପାଦ(ଜିଡିପି) ଆକଳନକୁ ଷ୍ଟାଣ୍ଡାର୍ଡ ଆଣ୍ଡ ପୁଅର୍ସ(ଏସ୍ ଆଣ୍ଡ ପି) ପୂର୍ବପେକ୍ଷା ଉନ୍ନତ କରିଛି। ଜିଡିପି -୯% ରହିବ ବୋଲି ଏହା ପୂର୍ବରୁ ଅନୁମାନ କରିଥିଲା। ହେଲେ ବର୍ତ୍ତମାନ ଏଥିରେ ପରିବର୍ତ୍ତନ କରିଥିବା ଜଣାପଡ଼ିଛି। ଭାରତୀୟ ଅର୍ଥ ବ୍ୟବସ୍ଥାର ଚଳିତ ଆର୍ଥିକ ବର୍ଷ -୭.୭% ଖସିବ ବୋଲି ଏହା ନିକଟରେ ପ୍ରକାଶିତ ରିପୋର୍ଟରେ କହିଛି। କୋଭିଡ୍-୧୯ ଯୋଗୁ ଅର୍ଥ ବ୍ୟବସ୍ଥା ସଙ୍କଟରେ ରହିଛି। ମାତ୍ର ବର୍ତ୍ତମାନ ଚାହିଦା ପ୍ରତ୍ୟାବର୍ତ୍ତନ କରୁଥିବାରୁ ଜିଡିପିକୁ ନେଇ ଏହା ପରିବର୍ତ୍ତିତ ଆକଳନ ଜାରି ରଖିଛି। ଭାରତୀୟ ଅର୍ଥ ବ୍ୟବସ୍ଥାର ସୁଧାର ଆଶାଠାରୁ ଉନ୍ନତ ବୋଲି ଏହା ପ୍ରକାଶ କରିଛି। ଆସନ୍ତା ଆର୍ଥିକ ବର୍ଷରେ ଜିଡିପି ୧୦% ଛୁଇଁପାରେ ବୋଲି ଏହା ରିପୋର୍ଟରେ କହିଛି। ସୂଚନାଯୋଗ୍ୟ, ଚଳିତ ଆର୍ଥିକ ବର୍ଷ ପ୍ରଥମ ତ୍ରୈମାସରେ ଜିଡିପି ୨୩.୯% ଖସିଛି। ଦ୍ୱିତୀୟ ତ୍ରୈମାସରେ ଜିଡିପି ୭.୫% ଖସିଥିବା ଜଣାପଡ଼ିଛି।

## ଏସ୍‌ବିଆଇ ଜେନେରାଲ-ମହିନ୍ଦ୍ରା ଇନ୍‌ସ୍ୟୁରାନ୍ସ ଚୁକ୍ତି

ନୂଆଦିଲ୍ଲୀ,୧୫।୧୨:ଏସ୍‌ବିଆଇ ଜେନେରାଲ ଇନ୍‌ସ୍ୟୁରାନ୍ସ ରବିବାର ମହିନ୍ଦ୍ରା ଇନ୍‌ସ୍ୟୁରାନ୍ସ ବ୍ରୋକର୍ସ ଲି (ଏମ୍‌ଆଇବିଏଲ୍) ସହିତ ସାଝେଦାରି ପ୍ରୋଗ୍ରାମ ଜରିଆରେ କୌଶଳଗତ ସହଭାଗିତା ଘୋଷଣା କରିଛି। ଏହାଦ୍ୱାରା ଟିୟର ୨ଓ ୩ ସହରରେ ବୀମାକୁ ଅଧିକ ବ୍ୟାପକ କରାଯାଇପାରିବ। ଏହି ସହଭାଗିତା ଫଳରେ ଏସ୍‌ବିଆଇ ଜେନେରାଲ ଏହାର ଲକ୍ଷ୍ୟ ପୂରଣ କରିବା ସହିତ ଭାରତର ଏକ ବିଶ୍ୱସନୀୟ ସାଧାରଣ ବୀମା ପ୍ରଦାନକାରୀ ସଂସ୍ଥା ଭାବରେ ନିଜକୁ ଉପସ୍ଥାପିତ କରିପାରିବ। ଏସ୍‌ବିଆଇ ଜେନେରାଲ ମଧ୍ୟ ନୂତନ କାର, ବାଣିଜ୍ୟିକ ଯାନ, ଟ୍ରାକ୍ଟର ଓ ବ୍ୟବହୃତ କାରଗୁଡ଼ିକ ପାଇଁ ମଧ୍ୟ ଏମ୍‌ବିଆଇବିଏଲ୍ ସହିତ ସହଭାଗିତା ସ୍ଥାପନ କରିଛି।


**ନିଲାମ ସୂଚନା**

No. MM-108:- ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ବନଖଣ୍ଡ ଅଧିକାରୀ, କଟକ ବନଖଣ୍ଡ ଅଧୀନରେ ଥିବା କାଜୁ ଜଙ୍ଗଲର କାଜୁବାଦାମ ସଂଗ୍ରହ କରିବା ପାଇଁ ନିମ୍ନଲିଖିତ ତାରିଖ, ସ୍ଥାନ ଓ ସମୟ ଅନୁସାରେ ପ୍ରକାଶ୍ୟ ଭାବେ ନିଲାମ କରାଯିବ । ନିଲାମ ଶେଷ ହେବାପରେ ଦ୍ରବ୍ୟ ଓ ଏରିଆ ଇତ୍ୟାଦି ଉପରେ କୌଣସି ଆପତ୍ତି ଅଭିଯୋଗ ଗ୍ରହଣ କରାଯିବ ନାହିଁ ।
ନିଲାମ ସମ୍ବନ୍ଧୀୟ ସବିଶେଷ ବିବରଣୀ କଟକ ବନଖଣ୍ଡ କାର୍ଯ୍ୟାଳୟରୁ ଯେକୌଣସି କାର୍ଯ୍ୟଦିବସରେ ଦିବା ୧୧ ଘଟିକାଠାରୁ ଅପରାହ୍ନ ୪ ଘଟିକା ମଧ୍ୟରେ ମିଳିପାରିବ ।

| ନିଲାମ ତାରିଖ | ନିଲାମ ସ୍ଥାନ | କେଉଁ ଅଞ୍ଚଳର ଦ୍ରବ୍ୟ | ସମୟ |
|---|---|---|---|
| ୧୧.୦୧.୨୦୨୧ | ବନଖଣ୍ଡ ଅଧିକାରୀ, କଟକ ବନଖଣ୍ଡଙ୍କ କାର୍ଯ୍ୟାଳୟ | ଆଗ୍ରାହାଟ୍, ଚଣ୍ଡିଖୋଲ, କାଳିଅମ୍ବା, ଜଲୁକା | ଦିବା୧୧ ଘଟିକା |

ତା୧୧.୦୧.୨୦୨୧ରିଖ ନିଲାମ ଫଳପ୍ରଦ ନ ହେଲେ ପୁନଃ ନିଲାମ ତା୧୮.୦୧.୨୦୨୧ରିଖ ଉପରୋକ୍ତ ନିଲାମ ସ୍ଥାନ/ସମୟରେ ଅନୁଷ୍ଠିତ ହେବ ।
ସ୍ୱା./- ବନଖଣ୍ଡ ଅଧିକାରୀ, କଟକ ବନଖଣ୍ଡ, କଟକ
OIPR-08025/11/0004/2021



**THE ODISHA MINING CORPORATION LIMITED** OMC ODISHA NEW OPPORTUNITIES
OMC House, Bhubaneswar-751001,Odisha
CIN: U13100OR1956SGC000313, www.omcltd.in

**E-auction Notice (21.12.2020 – 81st E-auction)**
**Sub Grade Iron Ore Fines**

No. CAD-913:- The Odisha Mining Corporation Ltd. intends to sell Sub Grade Iron Ore Fines produced at Khandadhar Iron Ore Mines, Koira Region in Sundargarh District, Odisha through e-auction which will be conducted by MSTC Ltd. The e-auction shall be held from **11.00 AM to 2.00PM on 21.12.2020.**
For details, please visit the website of MSTC i.e. **www.mstcecommerce.com**
OIPR-30005/11/0128/2021 DGM (S&M)



**GOVT. OF ODISHA**
**OFFICE OF THE EXECUTIVE ENGINEER**
**MAHANADI SOUTH DIVISION NO. I**
**CANTONMENT ROAD, CUTTACK-1, PHONE NO-0671 -2414425**
**"e" Procurement Notice**
**E Mail id:- www.tenderodisha.gov.in**
**BID IDENTIFICATION IFB NO.04 M.S.D./ (On –line) 2020-21**

**No. A-366:-** Bid documents consisting of work, estimated cost, cost of tender paper, EMD, time of completion, class of contractor, the set of terms & conditions of contract and other necessary documents can be seen in e-procurement portal **www.tenderodisha.gov.in**
1. Name of the work :- Civil construction work
2. No of works :- 16 Nos
3. Estimated cost:- varies Approximately from **Rs.7.36 lakh to Rs.66.28 lakhs**
4. Period of completion:- One month to Three Months
5. Date & time of availability of bid documents in the portal:- **From 18.12.2020 (10.00 AM) to 28.12.2020 (05.00 P.M)**
6. Last date & time for receipt of bids in the portal:- **28.12.2020 (5.00 P.M.)**
7. Date of opening of bid:- **29.12.2020 at 11.00 A.M. onwards**
8. Date, time & place of lottery if required:- **08.01.2021** at **11.00 A.M** in the Office of the Executive Engineer, Mahanadi South Division No.I Cuttack.
9. Name of the officer inviting Bid:- Executive Engineer, Mahanadi South Division No.I Cuttack.

Further details can be seen from the e-procurement portal **www.tenderodisha.gov.in**
**Executive Engineer, Mahanadi South Division No.I, Cuttack**
OIPR-32024/11/0003/2021



**ଓଡ଼ିଶା ସେତୁ ଓ ନିର୍ମାଣ ନିଗମ ଲିଃ**
(ଓଡ଼ିଶା ସରକାରଙ୍କ ଏକ ଉଦ୍ୟୋଗ)
**ODISHA BRIDGE & CONSTRUCTION CORPORATION LIMITED**
(A Government of Odisha Undertaking)
No.: 7527 File: SMT-1701 Date: 14.12.2020
**NOTICE INVITING TENDER**
**Bid Identification: 40/Tender/OBCC/2020-21** No.CAD-913:-

| Sl. No. | Name of Work |
|---|---|
| 1 | Restoration of damaged CCTV and Wi-Fi Systems of Shree Jagannath Temple, Puri |
| 2 | Installation of Dust Extraction System for Swargadwara, Puri (Air Capacity: 1,40,000 Cum/Hr). |

1. Date and time of availability of bid document in the eProcurement portal: **4.00 P.M. of 18.12.2020.**
2. Last date/time for receipt of online bid: **05.01.2021 till 5.00 PM.**
3. Further details can be seen from the e-Procurement portal **"https://www.tendersodisha.gov.in"**.
4. The authority reserves the right to cancel any or all bids without assigning any reason thereof.

**Sd./- General Manager, Projects-I O.B.& C.C. Ltd.**
OIPR-34106/11/0040/2021



**ଆଠମଲ୍ଲିକ ଉପଖଣ୍ଡର ସମସ୍ତ ଚାଷୀଭାଇ ଓ ଭଉଣୀମାନଙ୍କ ନିମନ୍ତେ ଜରୁରୀ ସୂଚନା**
**ନିୟନ୍ତ୍ରିତ ବଜାର କମିଟି, ଆଠମଲ୍ଲିକ**

ଏତଦ୍ୱାରା ଆଠମଲ୍ଲିକ ଉପଖଣ୍ଡର ସମସ୍ତ ଚାଷୀ ଭାଇଭଉଣୀମାନଙ୍କୁ ଜଣାଇ ଦିଆଯାଉଅଛି ଯେ, ଚଳିତ ୨୦୨୦-୨୧ ଖରିଫ ବର୍ଷରେ ନିମ୍ନଲିଖିତ ମୋଟ ୨୩ ଗୋଟି ସେବା ସମବାୟ ସମିତି ମାଧ୍ୟମରେ ତା୧୬।୧୨।୨୦୨୦ରିଖଠାରୁ ଧାନ କ୍ରୟ ହେବାର ବ୍ୟବସ୍ଥା କରାଯାଇଅଛି। ଧାନର ସର୍ବନିମ୍ନ ସମର୍ଥନ ମୂଲ୍ୟ ନିମ୍ନରେ ପ୍ରଦତ୍ତ କରାଗଲା।

**୨୦୨୦-୨୧ ଖରିଫ ବର୍ଷ ପାଇଁ ଏଫ୍.ଏ.କ୍ୟୁ. ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ।**

| କ୍ର.ନଂ. | ଧାନ କିସମ | କୁଇଣ୍ଟାଲ ପିଛା ସର୍ବନିମ୍ନ ସମର୍ଥନ ମୂଲ୍ୟ |
|---|---|---|
| ୦୧ | ମୋଟା ଧାନ (Common Paddy) | ଟ୧୮୬୮/- |
| ୦୨ | ସରୁ ଧାନ (Grade A Paddy) | ଟ୧୮୮୮/- |

| କ୍ର.ନଂ. | ସେବା ସମବାୟ ସମିତିର ନାମ | ଧାନ କେନ୍ଦ୍ର ସହିତ ସଂଲଗ୍ନ ହୋଇଥିବା ଗ୍ରାମପଞ୍ଚାୟତର ନାମ | ଧାର୍ଯ୍ୟ ଦିନ |
|---|---|---|---|
| ୧) | ଅଏଡା | ଅଏଡା, ଜାମୁଡୋଳି, ଲୁହାସିଙ୍ଗା | ସୋମବାର |
| ୨) | ବସୁଆକଟା | ନଅଗାଁ ଓ ଅଏଡା (ଆଂଶିକ) | ବୁଧବାର |
| ୩) | କଇଁତ୍ରାଗଡ | ଆଠମଲ୍ଲିକ ବିଜ୍ଞାପିତ ଅଞ୍ଚଳ ପରିଷଦ ଓ ନଅଗାଁ (ଆଂଶିକ) | ଶୁକ୍ରବାର |
| ୪) | ମାଳିପଦର | ପୁରୁଣା ମାଣତ୍ରୀ (ଆଂଶିକ) | ଶନିବାର |
| ୫) | ମାଧପୁର | ମାଧପୁର, ଲୁଣହାଣ୍ଡି, କମ୍ପଲା ଏବଂ କୁଦଗାଁ (ଆଂଶିକ) | ସୋମବାର ଓ ମଙ୍ଗଳବାର |
| ୬) | କମ୍ପଲା | କମ୍ପଲା, ଲୁଣହାଣ୍ଡି (ଆଂଶିକ) | ବୁଧବାର |
| ୭) | କନ୍ଧପଡା | କନ୍ଧପଡା, ବାସୁଦେବପୁର, ମାଧପୁର (ଆଂଶିକ) | ମଙ୍ଗଳବାର ଓ ଶନିବାର |
| ୮) | ସାନହୁଲା | ସାନହୁଲା, ପେଡିପଥର, କୁରୁମଟାପ, ଠାକୁରଗଡ (ଆଂଶିକ) | ଗୁରୁବାର ଓ ଶନିବାର |
| ୯) | ପାଇକସାହି | ପାଇକସାହି, ଟାପଡୋଳ, ସାପଘରା | ସୋମବାର |
| ୧୦) | କନ୍ତପଡା | କନ୍ତପଡା, ମଇମୁରା (ଆଂଶିକ) | ମଙ୍ଗଳବାର |
| ୧୧) | ଠାକୁରଗଡ | ଠାକୁରଗଡ, ମଇମୁରା, ଆମ୍ବସରମୁଣ୍ଡା (ଆଂଶିକ) | ସୋମବାର |
| ୧୨) | ଆମ୍ବସରମୁଣ୍ଡା | ଆମ୍ବସରମୁଣ୍ଡା | ବୁଧବାର |
| ୧୩) | କିଆକଟା | କିଆକଟା, ଟୁସର ଓ ବାସୁଦେବପୁର (ଆଂଶିକ) | ମଙ୍ଗଳବାର ଓ ବୁଧବାର |
| ୧୪) | କୃତ୍ତିବାସପୁର | କୃତ୍ତିବାସପୁର ଓ ଠାକୁର (ଆଂଶିକ) | ସୋମବାର |
| ୧୫) | ପୁରୁଣାମାଣତ୍ରୀ | କୁଦଗାଁ ଓ ପୁରୁଣାମାଣତ୍ରୀ (ଆଂଶିକ) | ଶନିବାର |
| ୧୬) | ଲୁହାମୁଣ୍ଡା | ଲୁହାମୁଣ୍ଡା, ଚୁନକାପଶି, ଜାମୁନାଳି, ଗାଁ ବଇଣ୍ଡା, କଣ୍ଢେଇକୁଳିଆ ଓ ବିଲେଇନାଳି, ପେଡିପଥର (ଆଂଶିକ) | ମଙ୍ଗଳବାର ଓ ବୁଧବାର |
| ୧୭) | ହଣ୍ଡପା | ହଣ୍ଡପା, ବିଲେଇନାଳି, କଟରଙ୍ଗା ଓ କଣ୍ଢେଇକୁଳିଆ, ଲୁହାମୁଣ୍ଡା (ଆଂଶିକ) | ମଙ୍ଗଳବାର ଓ ଶନିବାର |
| ୧୮) | ଉରୁକୁଳା | ଉରୁକୁଳା, ନାକ୍ଟି, ଠେଲକନାଳି ଓ କଟରଙ୍ଗା (ଆଂଶିକ) | ମଙ୍ଗଳବାର ଓ ଶନିବାର |
| ୧୯) | ଅଙ୍ଗପଡା | ଅଙ୍ଗପଡା, ଧଡରପାଳ ଓ ଝାରବରେଣୀ (ଆଂଶିକ) | ବୁଧବାର |
| ୨୦) | ହିମିତିରା | ହିମିତିରା, ସଞ୍ଜାମୁରା ଓ ଝାରବରେଣୀ (ଆଂଶିକ) | ଶୁକ୍ରବାର |
| ୨୧) | ବାମୁର | ବାମୁର, ଓସ୍କାପାଲି, ଆମ୍ବପାଳ | ମଙ୍ଗଳବାର |
| ୨୨) | ଧଉରାପାଲି | ଧଉରାପାଲି, ଜୟରାଟ ଓ ଓସ୍କାପାଲି | ଶନିବାର |
| ୨୩) | ରଣିଆକଟା | ରଣିଆକଟା ଓ କଦଳିମୁଣ୍ଡା | ଶୁକ୍ରବାର |

ଚାଷୀ ଭାଇ ଓ ଭଉଣୀମାନଙ୍କୁ ଅନୁରୋଧ ସେମାନେ ଶୃଙ୍ଖଳା, ପରିଷ୍କାର, ସମରଙ୍ଗୀ, ସମଆକାର ଏବଂ ଏକ କିସମର ଧାନ (ଦୁର୍ଗନ୍ଧମୁକ୍ତ ଏବଂ ବିଷାକ୍ତମୁକ୍ତ) ଏବଂ ନିମ୍ନବର୍ଣ୍ଣିତ ଏଫ୍.ଏ.କ୍ୟୁ. ମାନର ଧାନ ବିକ୍ରୟ ନିମନ୍ତେ ଆଣନ୍ତୁ ଏବଂ ସମର୍ଥନ ମୂଲ୍ୟ ପାଇ ଉପକୃତ ହୁଅନ୍ତୁ।

**ନିମ୍ନରେ ଏଫ୍.ଏ.କ୍ୟୁ. ଧାନର ମାନ ପ୍ରଦତ୍ତ କରାଗଲା**

| କ୍ର.ନଂ. | ଧାନରେ ମିଶ୍ରିତ ପଦାର୍ଥ | ସର୍ବୋଚ୍ଚ ସୀମା |
|---|---|---|
| କ) | ବାଲି, ମାଟି, ଗୋଡ଼ି, ପଥର ବା ଧୂଳି ଇତ୍ୟାଦି ଅଜୈବିକ ପଦାର୍ଥ | ୧ ପ୍ରତିଶତ |
| ଖ) | କାଠି, କୁଟା, ଧୂଷ, ଅଗାଡି ବା ପୋଲ ଇତ୍ୟାଦି ଜୈବିକ ପଦାର୍ଥ | ୧ ପ୍ରତିଶତ |
| ଗ) | ଖରାପ, ବେରଙ୍ଗୀ, ପାଣିଫୁଲା ବା ପୋକ ଇତ୍ୟାଦି (ଖରାପ, ପାଣିଫୁଲା ଓ ପୋକମିଶା ୪%ରୁ ଅଧିକ ହୋଇ ନ ଥିବ) | ୫ ପ୍ରତିଶତ |
| ଘ) | ଅପରିପକ୍ୱ, କଞ୍ଚା, ସବୁଜ, ବଙ୍କା ବା ସଙ୍କୁଚିତ ଇତ୍ୟାଦି | ୩ ପ୍ରତିଶତ |
| ଙ) | ସରୁଧାନରେ ମିଶ୍ରିତ ମୋଟା ଧାନ (କେବଳ ଗ୍ରେଡ୍ ଏ ପାଇଁ) | ୬ ପ୍ରତିଶତ |
| ଚ) | ଆର୍ଦ୍ରତା ବା ଜଳୀୟ ଅଂଶ | ୧୭ ପ୍ରତିଶତ |

ସ୍ୱା./- ଉପଜିଲ୍ଲାପାଳ ତଥା ଅଧ୍ୟକ୍ଷ
ନିୟନ୍ତ୍ରିତ ବଜାର କମିଟି, ଆଠମଲ୍ଲିକ



**ODISHA STATE MEDICAL CORPORATION LIMITED (OSMC)**
Infront of Ram Mandir, Convent Square, Unit - III, Bhubaneswar - 751 001
Tel.: (0674) 2380608, Website: www.osmcl.nic.in, E-mail: proc.osmcl.od@nic.in
Assuring Quality, Saving Lives Notification No. 14568/EQP-OSMCL/2020 Date: 14.12.2020

**NOTICE INVITING E-TENDER FOR SUPPLY & INSTALLATION OF LABORATORY EQUIPMENT FOR STATE FOOD TESTING LABORATORY, BHUBANESWAR**

No.CAD-910: **Online Bids** through e-Tender portal **(https://tendersodisha.gov.in)** are invited from eligible bidders for supply, installation & commissioning of equipments as per the particulars mentioned below:

| Sl. No. | Bid Reference No. | Item Name | Bid Document Cost inclusive of GST (Rs.) |
|---|---|---|---|
| 1 | OSMCL/2020-21/ EQP-SFTL/07 | SUPPLY & INSTALLATION OF LABORATORY EQUIPMENT FOR STATE FOOD TESTING LABORATORY, BHUBANESWAR | 5,600/- |

| Sl. No. | Particulars | Date and time | |
|---|---|---|---|
| 1. | Date & time of release of Bid | **15.12.2020, 3 P.M.** | |
| 2 | Date & time of Pre-bid meeting | **22.12.2020, 11 A.M.** Venue: Conference Hall Odisha State Medical Corporation Ltd., Convent Square, Unit - III, Bhubaneswar | |
| 3. | Date & time of Online Bid Submission | Start Date & Time **29.12.2020, 3 P.M.** | End Date & Time **13.01.2021, 5 P.M.** |
| 4. | Date & time of Online Technical Bid Opening | **18.01.2021, 11 A.M.** | |
| 5. | Date of Demonstration of Equipment (if required by the Tender inviting authority for some equipments) | To be informed to those bidders whose bids are found to be technically responsive based on documents furnished in technical bid | |
| 6. | Date of opening of Price Bid | To be informed to the qualified bidders | |

The bid document with all information relating to the bidding process including cost of bid document, EMDs, Prequalification criteria and terms & conditions are available in the website: **www.osmcl.nic.in** and **https://tendersodisha.gov.in**. The authority reserves the right to accept/reject any part thereof or all the bids without assigning any reason thereof.
**Sd./- Managing Director, OSMC Ltd., Odisha**
OIPR-10112/11/0039/2021



No. C-248
**WATCO**
**OFFICE OF THE MANAGING DIRECTOR, WATCO**
Ground Floor, Unnati Bhawan, H.B. Colony, Satyanagar, Bhubaneswar - 751007, Odisha, India, Telefax: +91-674-2391444
E-mail: mail@watcoodisha.in, md@watcoodisha.in

**INVITATION FOR BID (IFB)**
**Bid Identification No. WATCO(W) - 14/2020-21 Dtd.15.12.2020**
**WATCO No. 4192** **Date: 15.12.2020**

1. Name of the Work : Improvement of Water supply to the residence of Hon'ble Judges of Orissa High Court with some adjoining areas 24 × 7 with Drink from Tap quality at Cantonment road, Cuttack.
2. Estimated Cost : Rs.152.80 lakh
3. Period of Completion : 3 (Three) months
4. Date & time of availability of bid document in the portal : From 11.00 A.M. of Dt.23.12.2020 to 5.00 P.M. of 06.01.2021
5. Last date/time of receipt of bids in the portal : 5.00 P.M. of 06.01.2021
6. Date & time of opening of Technical Bids : 12.30 P.M. of 07.01.2021
7. Name and address of the Officer Inviting Bid : Managing Director, WATCO Telefax: 0674-2391444 E-mail: **mail@watcoodisha.in** **md@watcoodisha.in**
8. The bidders have to participate in ONLINE bidding only.

Further details can be seen from the website **www.tendersodisha.gov.in.**
**Sd./- (Managing Director), WATCO**
**OIPR-13083/11/0016/2021**

# ମଜୁରି ବିଳମ୍ବ କଲେ କାର୍ଯ୍ୟାନୁଷ୍ଠାନ

ଭୁବନେଶ୍ୱର,୧୫।୧୨(ବ୍ୟୁରୋ)

- ଜୀବିକା ସମୀକ୍ଷା
- ଜିଲାପାଳଙ୍କୁ ସତର୍କ କଲେ ମୁଖ୍ୟମନ୍ତ୍ରୀ
- ଗରିବ ଲୋକଙ୍କୁ ସୁନିଶ୍ଚିତ ରୋଜଗାର ସରକାରଙ୍କ ପ୍ରାଥମିକତା
- କାମ ଅନ୍ୱେଷଣରେ ଯାଉଥିବା ଜିଲାର ଲୋକଙ୍କ ପାଇଁ ଅଧିକ ୧୦୦ ଦିନ କାମ

କୋଭିଡ୍ ମହାମାରୀ ଗତ ମାର୍ଚ୍ଚରୁ ସମସ୍ତଙ୍କ ପାଇଁ ଆହ୍ୱାନ ସୃଷ୍ଟି କରିଛି। ବିଶ୍ୱର ଆର୍ଥିକ ଅଭିବୃଦ୍ଧି ନିମ୍ନଗାମୀ ହୋଇଛି। ଏହାଦ୍ୱାରା ଗରିବ ଲୋକ ହିଁ ଅଧିକ କ୍ଷତିଗ୍ରସ୍ତ ହୋଇଛନ୍ତି। ଏହି ଦୁଃସମୟରେ ସେମାନଙ୍କ ପାଇଁ ରୋଜଗାର ସୁନିଶ୍ଚିତ କରିବା ସରକାରଙ୍କ ପ୍ରାଥମିକତା। ରୋଜଗାର ଅଭାବରୁ ଯେପରି ଗୋଟିଏ ଗରିବ ପରିବାର କଷ୍ଟ ନ ପାଏ ସେଥିପ୍ରତି ଧ୍ୟାନ ଦେବାକୁ ଜିଲାପାଳଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସତର୍କ କରାଇ ଦେଇଛନ୍ତି। ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ସହିତ ରାଜ୍ୟ ସରକାରଙ୍କ ନିଜସ୍ୱ ଯୋଜନା ସହରାଞ୍ଚଳ ରୋଜଗାର ଯୋଜନା ଜରିଆରେ ଗରିବ ଲୋକଙ୍କୁ ବ୍ୟାପକ ନିଯୁକ୍ତି ସୁଯୋଗ ଯୋଗାଇ ଦେବା ପାଇଁ ରାଜ୍ୟ ସରକାର ପଦକ୍ଷେପ ନେଇଛନ୍ତି।

ଉକ୍ତ ଦୁଇ କାର୍ଯ୍ୟକ୍ରମ ଜରିଆରେ ଚଳିତ ଆର୍ଥିକ ବର୍ଷ ଶେଷ ସୁଦ୍ଧା ୨୦ କୋଟି ମାନବ ଦିବସ ସୃଷ୍ଟି ପାଇଁ ଲକ୍ଷ୍ୟ ରଖାଯାଇଛି। ଏହି ଦୁଇ ଯୋଜନା ଜରିଆରେ ଜୀବିକା ଅର୍ଜନ କରୁଥିବା ଗରିବ ଲୋକମାନଙ୍କ ମଜୁରୀ ପାଇବାରେ ବିଳମ୍ବ ହେଲେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଜିଲାପାଳଙ୍କୁ ସତର୍କ କରାଇ ଦେଇଛନ୍ତି। ହିତାଧିକାରୀମାନେ ଯେପରି ସେମାନଙ୍କ ମଜୁରୀ ଠିକ୍ ସମୟରେ ପାଇପାରିବେ ତାହା ଉପରେ ଗୁରୁତ୍ୱ ଦେବା ସହିତ ମୋ ସରକାର ପ୍ଲାଟଫର୍ମ ଜରିଆରେ ହିତାଧିକାରୀମାନଙ୍କୁ ନିୟମିତ ଫୋନ କରି ମଜୁରୀ ବିଷୟ ତଦାରଖ କରିବାକୁ ଜିଲାପାଳଙ୍କୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

ମଙ୍ଗଳବାର ମୁଖ୍ୟମନ୍ତ୍ରୀ ଭିଡିଓ କନଫରେନ୍ସ ଜରିଆରେ ସବୁ ଜିଲାରେ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ଏବଂ ସହରାଞ୍ଚଳ ରୋଜଗାର ଯୋଜନା କାର୍ଯ୍ୟକାରୀତା ସମ୍ପର୍କରେ ସମୀକ୍ଷା କରିଛନ୍ତି। ୨୦୨୧ ଜାନୁୟାରୀ ପହିଲାରୁ ପ୍ରତି ଜିଲାରେ ରୋଜଗାର ଯୋଜନା ସମ୍ପର୍କରେ ଫିଡ୍‌ବ୍ୟାକ୍ ପାଇଁ ସ୍ୱତନ୍ତ୍ର ଭାବେ ମୋ ସରକାର ସେଲ୍ କାର୍ଯ୍ୟ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଲକ୍ଷ୍ୟ ପୂରଣ ଦିଗରେ ଯାଜପୁର, କୋରାପୁଟ, ସୋନପୁର ଜିଲା ବହୁତ ଭଲ କରିଥିବାରୁ ମୁଖ୍ୟମନ୍ତ୍ରୀ ସମ୍ପୃକ୍ତ ଜିଲାର ଜିଲାପାଳମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଯେଉଁ ଜିଲାଗୁଡିକରେ ଲୋକମାନେ ଅନ୍ୟ ରାଜ୍ୟକୁ କାମ ପାଇଁ ଯାଉଛନ୍ତି ସେହି ସବୁ ଜିଲା ଉପରେ ସ୍ୱତନ୍ତ୍ର ଫୋକସ୍ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହିସବୁ ଜିଲାରେ ପରିବାର ପିଛା ଅଧିକ ୧୦୦ ଦିନ ଓ ଅତିରିକ୍ତ ମଜୁରି ଦିଆଯିବା ବିଷୟ ସମ୍ପର୍କରେ ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିଥିଲେ।

## ମାର୍ଚ୍ଚ ପୂର୍ବରୁ ୧ ହଜାର ମିଶନ ଶକ୍ତି ଗୃହ ନିର୍ମାଣ

ଆଗାମୀ ମାର୍ଚ୍ଚ ପୂର୍ବରୁ ୧ ହଜାର ମିଶନ ଶକ୍ତି ଗୃହ ଏବଂ ଜାନୁୟାରୀ ସୁଦ୍ଧା ଗୋଟିଏ ଲେଖାଏ ପରିଚୟ ଗୃହର ନିର୍ମାଣ କାର୍ଯ୍ୟ ଶେଷ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଯେଉଁ ଜିଲାରେ ଅଧିକ ମା' ଓ ମିଶନ ଶକ୍ତି ଗୋଷ୍ଠୀଙ୍କୁ ରୋଜଗାର ଯୋଜନା ତଦାରଖରେ ନିୟୋଜିତ କରାଯିବ, ସେହି ଜିଲାଗୁଡିକୁ ଉତ୍ସାହିତ କରାଯିବ। ସେହିପରି ସହରାଞ୍ଚଳ ରୋଜଗାର ଯୋଜନାରେ ଗରିବ ଲୋକମାନଙ୍କୁ ଗୋଷ୍ଠୀ ସଂଘ ଓ ମିଶନ ଶକ୍ତି ଜରିଆରେ କାମ ଦିଆଯାଉଛି। ଏ ଦିଗରେ ଢେଙ୍କାନାଳ, ଜଗତସିଂହପୁର ଓ ମୟୂରଭଞ୍ଜ ଜିଲା ଭଲ କାମ କରିଥିବାରୁ ମୁଖ୍ୟମନ୍ତ୍ରୀ ସେହିସବୁ ଜିଲାର ଜିଲାପାଳଙ୍କୁ ଧନ୍ୟବାଦ ଦେଇଛନ୍ତି। ଏହି ଯୋଜନାରେ ଦିଆଯାଇଥିବା ଅର୍ଥକୁ ଆର୍ଥିକ ବର୍ଷ ଶେଷ ସୁଦ୍ଧା ସମ୍ପୂର୍ଣ୍ଣ ଭାବେ ବିନିଯୋଗ କରିବା ପାଇଁ ମୁଖ୍ୟମନ୍ତ୍ରୀ ଜିଲାପାଳଙ୍କୁ ପରାମର୍ଶ ଦେଇଛନ୍ତି।

## ଚଳିତବର୍ଷ ଦିଆଯାଇଛି ୭.୨୭ ଲକ୍ଷ ଜବ୍‌କାର୍ଡ

ମୁଖ୍ୟ ଶାସନ ସଚିବ ଅସୀତ କୁମାର ତ୍ରିପାଠୀ କହିଥିଲେ, ରାଜ୍ୟରେ ୨୦ କୋଟି ମାନବ ଦିବସ ସୃଷ୍ଟି କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକୁ ପ୍ରଶାସନ ଗୁରୁତ୍ୱ ଦେଇ କାର୍ଯ୍ୟ କରୁଛି। ଗ୍ରାମାଞ୍ଚଳରେ ୫୦ ଲକ୍ଷ ନାମମାତ୍ର ଚାଷୀ ଓ ଭୂମିହୀନ କୃଷି ଶ୍ରମିକଙ୍କ ପାଇଁ ଅଧିକ ଜୀବନ ଜୀବିକା ସୃଷ୍ଟି କରିବା କାର୍ଯ୍ୟକ୍ରମ ଗ୍ରହଣ କରାଯାଇଛି। ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ସମ୍ପର୍କରେ ସୂଚନା ଦେଇ ପଞ୍ଚାୟତିରାଜ ବିଭାଗ ସଚିବ ଦେଓରଞ୍ଜନ କୁମାର ସିଂହ କହିଥିଲେ, ଏହି କାର୍ଯ୍ୟକ୍ରମରେ ଗତବର୍ଷ ମାତ୍ର ୨.୯୬ ଲକ୍ଷ ଜବ୍‌କାର୍ଡ ଦିଆଯାଇଥିବା ବେଳେ ଚଳିତ ବର୍ଷ ୭.୨୭ ଲକ୍ଷ ଜବ୍‌କାର୍ଡ ଦିଆଯାଇଛି। ଏବେ ସୁଦ୍ଧା ୧୪.୫୦ କୋଟି ମାନବ ଦିବସ ସୃଷ୍ଟି କରାଯାଇ ସାରିଛି। ୩୧ ଲକ୍ଷ ପରିବାର ଓ ୫୧ ଲକ୍ଷ ଲୋକଙ୍କୁ ରୋଜଗାର ଯୋଗାଇ ଦିଆଯାଇଛି। ଚଳିତ ବର୍ଷ ଦୈନିକ ହରାହାରି ୧୦.୨୩ ଲକ୍ଷ ଲୋକଙ୍କୁ ଶ୍ରମଭିତ୍ତିକ ରୋଜଗାର ଯୋଗାଇ ଦିଆଯାଇଛି ବୋଲି ଦେଓରଞ୍ଜନ ସୂଚନା ଦେଇଥିଲେ। ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ସଚିବ ଜି. ମାଥିଭାଥନନ କହିଥିଲେ, ୧୧୪ ପୌରାଞ୍ଚଳରେ ୮ ହଜାର ପ୍ରକଳ୍ପ ହାତକୁ ନିଆଯାଇଛି। ସେଥିରୁ ୫ ହଜାର ପ୍ରକଳ୍ପ କାର୍ଯ୍ୟ ଶେଷ ହୋଇଛି। ବର୍ତ୍ତମାନ ସୁଦ୍ଧା ୧୧.୬ ଲକ୍ଷ ମାନବ ଦିବସ ସୃଷ୍ଟି ହୋଇଛି। ଏଥିସହିତ ମହାନଗର ନିଗମ ଗୁଡିକରେ ୩.୩ ଲକ୍ଷ ମାନବ ଦିବସ ସୃଷ୍ଟି କରାଯାଇ ପାରିଛି ବୋଲି ସେ ସୂଚନା ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭି. କେ. ପାଣ୍ଡିଆନ ମିଶନ ଶକ୍ତିର ମା' ମାନଙ୍କୁ ତଦାରଖ କାର୍ଯ୍ୟରେ ସକ୍ରିୟ ଭାବେ ନିୟୋଜିତ କରାଯିବା ସହିତ ସେମାନଙ୍କ ତଦାରଖ ପ୍ରାପ୍ୟ ତୁରନ୍ତ ଦେବାକୁ ଜିଲାପାଳଙ୍କୁ ପରାମର୍ଶ ଦେଇଥିଲେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢ଼ମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ବୋହୂ ସୁନ୍ଦର ବୋଲି ପୂରିଛି ମହୀ**
**କେହି ନ ଜାଣେ ତା'ର ଭିତର ଗଇ।**

ଆକୃତି ଦେଖି ପ୍ରକୃତି ବିଷୟରେ ଅନ୍ଦାଜ ଲଗାଇବା କଷ୍ଟକର। ପ୍ରକୃତରେ କିଏ ଭଲ, କିଏ ଭେଲ ତାହା ସହଜରେ ଜାଣି ହୋଇ ନ ଥାଏ। ସୁନ୍ଦର ଚେହେରା ଭିତରେ ଯେ ବିକୃତ ମାନସିକତା ଲୁଚି ନ ରହିଛି, ତାହା ଠଉରେଇବା ସାଧ ବାହାରେ। ଉପରକୁ ସୁନ୍ଦର ତଥା ସ୍ୱଚ୍ଛ ନିର୍ମଳ ଭାବମୂର୍ତ୍ତି ପ୍ରଦର୍ଶନ କରୁଥିବା ବ୍ୟକ୍ତିର ଅସଲ ସ୍ୱରୂପ ବା ସ୍ୱଭାବ ବିଷୟରେ ଅନ୍ଦାଜ ଲଗାଇବା କଷ୍ଟକର ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ବାହା କାହାର ସାହା କାହାର**
**ଢୋଲ ବାଜୁଛି ଖଟି ବାହାର।**

ବିବାହ ଏକ ସାମାଜିକ ବନ୍ଧନ। ଅଜଣା ଅଦେଖା ଦୁଇ ପୁରୁଷ ଓ ନାରୀ ସାରା ଜୀବନ ପାଇଁ ଏକ ସୂତ୍ରରେ ବାନ୍ଧି ହୋଇଥାନ୍ତି। ସଂସାର ପ୍ରତି ଘରର ଝିଅପୁଅ ବୈବାହିକ ରୀତିରେ ଜୀବନ ନିର୍ବାହ କରିଥାନ୍ତି। ଝିଅପୁଅ ଛନ୍ଦି ହେବା ଉପଲକ୍ଷେ ଯେଉଁ ସମାରୋହ ସୃଷ୍ଟି ହୁଏ ତା'ର ରୂପରେଖ ଏଠାରେ ବର୍ଣ୍ଣନା କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ୍ ପବ୍ଲିଶର୍ସ

## ଏଣ୍ଡୁଅ, ହାତୀ ଦାନ୍ତ, ହରିଣ ଶିଙ୍ଗ ଜବତ



ଯାଜପୁର ଅଫିସ/ କଳିଙ୍ଗନଗର,୧୫।୧୨(ଡି.ଏନ.ଏ.)

**ମୁଖ୍ୟ ଅଭିଯୁକ୍ତ ଫେରାର, ୨ ଅଟକ**

ଯାଜପୁର ରୋଡ ଫରେଷ୍ଟ ରେଞ୍ଜ ଅଧୀନ ରସୁଲପୁର ବ୍ଲକ ଲକ୍ଷ୍ମୀନଗର ପଞ୍ଚାୟତ ଭିକିପୁର ଆକାଶିବଣରୁ ମଙ୍ଗଳବାର ୧ ହାତୀଦାନ୍ତ, ୫ ହରିଣ ଶିଙ୍ଗ ସହ ଏକ ଏଣ୍ଡୁଅ ଜବତ ହୋଇଛି। ଏଥିରେ ସମ୍ପୃକ୍ତ ୨ ଜଣ ଅଭିଯୁକ୍ତଙ୍କୁ ଅଟକ ରଖାଯାଇଥିବାବେଳେ ଅନ୍ୟ ୨ଜଣ ଅଭିଯୁକ୍ତ ଫେରାର ହେବାରେ ସଫଳ ହୋଇଛନ୍ତି। ତେବେ ଏହି ତସ୍କରି କାରବାରରେ ମୁଖ୍ୟ ଅଭିଯୁକ୍ତଙ୍କୁ ଧରିବାରେ ବନ ବିଭାଗର କ୍ରାଇମବ୍ରାଞ୍ଚ ବିଫଳ ହୋଇଛି।

ବନ ବିଭାଗ ସୂଚନା ଅନୁସାରେ, ଏକ ଆନ୍ତଃ ରାଜ୍ୟ ତସ୍କର ଦଳ ଦ୍ୱାରା ବନ୍ୟଜନ୍ତୁ ସାମଗ୍ରୀର ବିକ୍ରି ନିମନ୍ତେ ମୂଲଚାଲ ହେଉଥିବା ନେଇ ବନ ବିଭାଗର କ୍ରାଇମବ୍ରାଞ୍ଚ ପାଖରେ ଖବର ପହଞ୍ଚିଥିଲା। ଯାଜପୁରରୋଡ ରେଞ୍ଜର ଦେବେନ୍ଦ୍ର କୁମାର ପଟ୍ଟନାୟକଙ୍କୁ ଖବର ଦେଇ କ୍ରାଇମବ୍ରାଞ୍ଚ ନିଜ ଟିମ୍ ସହିତ ଘଟଣାସ୍ଥଳରେ ପହଞ୍ଚିଥିଲା। ରେଞ୍ଜର ପଟ୍ଟନାୟକ ସହଯୋଗୀଙ୍କୁ ଗ୍ରାହକ ସଜାଇ ଆକଶିବଣକୁ ବନ୍ୟଜନ୍ତୁଙ୍କ ଦାନ୍ତ, ଶିଙ୍ଗ ଆଦି କିଣିବାକୁ ପଠାଇଥିଲେ। ସେଠାରେ ମୂଲଚାଲ କରିବା ସହ ନିକଟରେ ଛପି ରହିଥିବା ଟିମ୍‌କୁ ଖବର ଦେଇଥିଲେ। କ୍ରାଇମବ୍ରାଞ୍ଚ ଦଳ ଖବର ପାଇଁ ତୁରନ୍ତ ମୂଲଚାଲ ସ୍ଥାନରେ ଚଢାଉ କରିଥିଲେ। ତେବେ ଏହି କାରବାରରେ ସମ୍ପୃକ୍ତ ବ୍ୟବସାୟୀମାନେ ଖସି ଯାଉଥିବାବେଳେ ଯାଜପୁର ବନାଞ୍ଚଳ ଟିମ୍ ସେମାନଙ୍କୁ ପିଛା କରି ୨ଜଣଙ୍କୁ କାବୁ କରିଥିଲା। ଅନ୍ୟ ୨ ମୁଖ୍ୟ ଅଭିଯୁକ୍ତ ବନ୍ଧୁକ ଦେଖାଇ ସେଠାରୁ ଖସିଯିବାରେ ସକ୍ଷମ ହୋଇଥିଲେ। ସେହି ସ୍ଥାନରେ ଛାନ୍‌ଭିନ୍ କରିବାରୁ ବୁଦା ମଧ୍ୟରୁ ଏକ ବିରଳ ପ୍ରଜାତିର ଏଣ୍ଡୁଅ, ୧ ହାତୀ ଦାନ୍ତ, ୫ ଟି ହରିଣ ଶିଙ୍ଗ ଜବତ କରାଯାଇଛି। ଯାହାର ଆନୁମାନିକ ମୂଲ୍ୟ ୧୦ ଲକ୍ଷ ଟଙ୍କା ହେବ। ଅଟକ ଦୁଇଜଣଙ୍କୁ ପଚରାଉଚରା ଜାରିରହିଛି ବୋଲି ରେଞ୍ଜର ପଟ୍ଟନାୟକ ସୂଚନା ଦେଇଛନ୍ତି। ବାଲେଶ୍ୱର ଜିଲା ଶିମିଳିପାଳ କୋଲିଡିହା ଅଞ୍ଚଳରୁ ଏହି ସାମଗ୍ରୀ ଆସିଥିବା ସନ୍ଦେହ କରାଯାଉଛି।





ବିନା ନୋଟିସରେ ତିନିଘରିଆ ତାଳଦଣ୍ଡା କେନାଲ ରୋଡ୍‌ର ବାସିନ୍ଦାଙ୍କୁ ଉଚ୍ଛେଦ ବିରୋଧରେ ବସ୍ତିବାସିନ୍ଦାଙ୍କ ମିଳିତ ମଞ୍ଚ ପକ୍ଷରୁ ଜିଲାପାଳଙ୍କ ଅଫିସ ନିକଟରେ ବିକ୍ଷୋଭ ପ୍ରଦର୍ଶନ।

## ସହକାରୀ ଶିକ୍ଷକଙ୍କ ଘରେ ଭିଜିଲାନ୍ସ ଚଢ଼ାଉ

ପାରଳାଖେମୁଣ୍ଡି, ୧୫।୧୨(ଡି.ଏନ୍.ଏ.)

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଗଜପତି ଜିଲା ଗୋଷାଣୀ ବ୍ଲକ ଲାବଣ୍ୟଗଡ ପଞ୍ଚାୟତ ଏସ୍.ରାଉତପୁର ସ୍କୁଲର ସହକାରୀ ଶିକ୍ଷକ ଦୁଷ୍ମନ୍ତ ନାୟକଙ୍କ ଘରେ ମଙ୍ଗଳବାର ଭିଜିଲାନ୍ସ ଚଢାଉ କରିଛି। ଶିକ୍ଷକଙ୍କ ପାରଳାଖେମୁଣ୍ଡି ଏରଦଳାସାହି ବାସଭବନ ସମେତ ୧୧ଗୋଟି ସ୍ଥାନରେ ମଙ୍ଗଳବାର ସକାଳୁ ବ୍ରହ୍ମପୁର ଓ ପାରଳାଖେମୁଣ୍ଡି ଭିଜିଲାନ୍ସ ଟିମ୍ ମିଳିତ ଭାବେ ଚଢାଉ କରିଥିଲେ। ପାରଳାଖେମୁଣ୍ଡି ମୁର୍ଦ୍ଦଙ୍ଗୀ ସାହି, ଷ୍ଟାଡିୟମ୍ ନିକଟ ଓ କାଚରା ସାହି ଆଦିରେ ଥିବା ୮ଟି ଘର ସମେତ ପୈତୃକ ଘର ଜଙ୍ଗଲପାଡୁ, ଶିକ୍ଷକତା କରୁଥିବା ଏସ୍.ରାଉତପୁର ବିଦ୍ୟାଳୟ ଓ ରାୟଗଡା ଜିଲା ଗୁଣୁପୁରସ୍ଥିତ ଦୁଷ୍ମନ୍ତଙ୍କ ଶଶୁର ଘରେ ଭିଜିଲାନ୍ସ ଟିମ୍ ଚଢାଉ କରିଥିଲା।

## ତାରବାଡ଼ ଚିହ୍ନଟ କାର୍ଯ୍ୟ ଆରମ୍ଭକଲା ଆନ୍ଧ୍ର ପ୍ରଶାସନ

ପଟ୍ଟାଙ୍ଗୀ,୧୫।୧୨(ଡି.ଏନ.ଏ.)

**ଆନ୍ଧ୍ର ନୀରବ ରହିବାରୁ ପ୍ରଥମେ କାର୍ଯ୍ୟ ସାରିଥିଲା ଓଡ଼ିଶା**

କୋରାପୁଟ ଜିଲା ପଟ୍ଟାଙ୍ଗୀ ବ୍ଲକ ଅନ୍ତର୍ଗତ ତଥା ଆନ୍ଧ୍ର ସୀମାନ୍ତ ସମ୍ବାଇ ପଞ୍ଚାୟତର ସୁନାବେଡ଼ା ଗ୍ରାମବାସୀଙ୍କ ସହ ଆନ୍ଧ୍ର ସୀମାନ୍ତର ୫ଟି ଗ୍ରାମର ବାସିନ୍ଦାଙ୍କ ମଧ୍ୟରେ ଆରମ୍ଭ ହୋଇଥିବା ବିବାଦ ଘଟଣାରେ ପ୍ରଥମେ ସହଯୋଗ କରୁ ନ ଥିବା ଆନ୍ଧ୍ର ଏବେ ବାଧ୍ୟ ହୋଇ ସହଯୋଗ କରିବା ଆରମ୍ଭ କରିଛି। ପ୍ରଥମେ ସୀମା ଚିହ୍ନଟ କରି ତାରବାଡ଼ କାର୍ଯ୍ୟ ଓଡ଼ିଶା ସାରିଥିବା ବେଳେ ଏବେ ଆନ୍ଧ୍ର ପ୍ରଶାସନ ସୀମାନ୍ତରେ ତାରବାଡ ଚିହ୍ନଟ କାର୍ଯ୍ୟ ଆରମ୍ଭ କରିଛି।

ଖବରରୁ ଜଣାପଡିଛି ଆନ୍ଧ୍ର ସୀମାନ୍ତ ଗ୍ରାମବାସୀ ଓଡ଼ିଶାର ସୁନାବେଡ଼ା ଗ୍ରାମବାସୀଙ୍କ ଚାଷଜମି ଜବରଦଖଲ କରିବାକୁ ନେଇ ଉଭୟ ରାଜ୍ୟ ମଧ୍ୟରେ ବିବାଦ ଆରମ୍ଭ ହୋଇଥିଲା। ଓଡ଼ିଶା ସୀମାରେ ଥିବା ବୋର୍ଡକୁ ଆନ୍ଧ୍ରର ଗ୍ରାମବାସୀ ଘୁଞ୍ଚାଇ ଦେଇଥିଲେ। ବିବାଦ ଜଟିଳ ହେବାରୁ ଉଭୟ ରାଜ୍ୟର ଜିଲା ପ୍ରଶାସନ ପକ୍ଷରୁ ଆଲୋଚନା ହୋଇଥିଲା। ଏଥିରେ ସୀମା ଚିହ୍ନଟ କରିବାକୁ ନିଷ୍ପତ୍ତି ହୋଇଥିଲା। ଉଭୟ ରାଜ୍ୟର ଜିଲା ପ୍ରଶାସନ ସହଯୋଗ କରିବାକୁ ସହମତି ପ୍ରକାଶ ପାଇଥିଲା। ତେବେ ଆନ୍ଧ୍ର ପ୍ରଶାସନ ଓଡ଼ିଶା ପ୍ରଶାସନକୁ ସହଯୋଗକରି ନ ଥିଲା। ଏହା ସତ୍ତ୍ୱେ ଓଡ଼ିଶାର କୋରାପୁଟ ଜିଲା ପ୍ରଶାସନ ଅଟକି ନ ଯାଇ ଚିହ୍ନଟ କାର୍ଯ୍ୟ ଜାରି ରଖିଥିଲା। ଡେପୁଟି କଲେକ୍ଟର ଅର୍ଚ୍ଚନା ଦାସଙ୍କ ନେତୃତ୍ୱରେ ୧୯୬୩ର ଓଡ଼ିଶା ପ୍ରେସିଡେନ୍ସି ସେଟେଲମେଣ୍ଟ ସର୍ଭେକୁ ଆଧାରକରି ୩ରୁ ସୀମା ଚିହ୍ନଟ କାର୍ଯ୍ୟ ଆରମ୍ଭକରି ଶେଷ କରିଥିଲେ। ଉଭୟ ରାଜ୍ୟର ସୀମାନ୍ତ ଗ୍ରାମବାସୀଙ୍କ ମଧ୍ୟରେ ଲାଗି ରହିଥିବା ବିବାଦ ସମାଧାନ ଲାଗି ପ୍ରଥମେ ଜିଲାସ୍ତରୀୟ ଅଧିକାରୀମାନଙ୍କ ମଧ୍ୟରେ ଆଲୋଚନା ହୋଇଥିଲା। ସୀମା ଚିହ୍ନଟରେ ଉଭୟ ରାଜ୍ୟର ଜିଲା ପ୍ରଶାସନ ସହଯୋଗ କରିବାକୁ ରାଜି ହୋଇଥିଲେ। ମାତ୍ର ପରେ ଆନ୍ଧ୍ରର ବିଶାଖାପାଟଣା ଜିଲା ପ୍ରଶାସନ ଏଥିରେ କୌଣସି ସହଯୋଗ କରି ନ ଥିଲା। କୋରାପୁଟ ଜିଲା ପ୍ରଶାସନ ଆନ୍ଧ୍ର ପ୍ରଶାସନକୁ ଏନେଇ ଅବଗତ କରାଇଥିଲେ ମଧ୍ୟ ଆନ୍ଧ୍ର ନୀରବ ରହିଥିଲା। ତେବେ ଓଡ଼ିଶା ପ୍ରଶାସନ ସୀମା ଚିହ୍ନଟ କାର୍ଯ୍ୟ ବନ୍ଦ ନ ରଖି ଜାରି ରଖିଥିଲା। ଏଥିରେ ଡେପୁଟି କଲେକ୍ଟର ଦାସଙ୍କ ସମେତ ପଟ୍ଟାଙ୍ଗୀ ତହସିଲଦାର ହରିପଦ ମଣ୍ଡଳ, ଅତିରିକ୍ତ ତହସିଲଦାର ମହାଦେବ ଭଦ୍ରା, ଥାନା ଅଧିକାରୀ ବିଜୟରାଜ ମାଝି,ରାଜସ୍ୱ ନିରୀକ୍ଷକ ଶୋଭା ହରିଜନ ପ୍ରମୁଖ ସାମିଲ ହୋଇଥିଲେ। ନୂଆଁଗୁଡା, ଜାମୁଗୁଡ଼ା ଓ ସୁନାବେଡ଼ା ତିନି ଗ୍ରାମର ପାହାଡ଼ ଉପରେ ଥିବା ୮ଟି ଚାରିକୋଣିଆ ପଥର ଏବଂ ୨ଟି ତିନିକୋଣିଆ ପଥର ଚିହ୍ନଟ କାର୍ଯ୍ୟ ସାରିଥିଲେ। ଚିହ୍ନଟ ବେଳେ ଆନ୍ଧ୍ର ଓ ସୀମାନ୍ତ ଗ୍ରାମବାସୀ ଓଡ଼ିଶାର ଜଙ୍ଗଲ ଜମିକୁ ୨୪୦ ମିଟର, ଜାମୁଗୁଡ଼ା ପାହାଡ଼ ଉପରେ ୨୦ରୁ ୨୪ ଚେନ ଏବଂ ସୁନାବେଡ଼ା ଗ୍ରାମ ପାହାଡ଼ ଉପରେ ୧୨ ଚେନ ଜାଗା ମାଡି ବସିଥିବା ସ୍ପଷ୍ଟ ହୋଇଥିଲା। ପ୍ରଥମରୁ ନୀରବ ରହିଥିବା ଆନ୍ଧ୍ର ଏବେ ସୀମା ଚିହ୍ନଟ କାର୍ଯ୍ୟ ଆରମ୍ଭ କରିଛି।

## ଲୁଟ୍ ଘଟଣାର ପର୍ଦ୍ଦାଫାଶ
## ଶିକ୍ଷକଙ୍କ ସହ ୯ ଗିରଫ: ଟଙ୍କା, ବାଇକ୍ ଜବତ

ଜୟପାଟଣା, ୧୫।୧୨ (ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୟପାଟଣା ଥାନା ଅଧୀନ ମହୁଲପାଟଣା ଘାଟି ରାସ୍ତାରେ ଘଟିଥିବା ଲୁଟ ଘଟଣାର ପର୍ଦ୍ଦାଫାଶ କରିଛି ପୋଲିସ। ଏହି ଘଟଣାରେ ଜଣେ ଶିକ୍ଷକଙ୍କ ସହ ୮ ଜଣଙ୍କୁ ଗିରଫ କରାଯାଇଛି। ଲୁଟ ଟଙ୍କାରୁ ୨ଲକ୍ଷ ୬୯ ହଜାର ୮୦୦ ଟଙ୍କା ଜବତ ହୋଇଛି। ଲୁଟରେ ବ୍ୟବହାର ୪ଟି ବାଇକ୍, ୧୧ଟି ମୋବାଇଲ, ଦୁଇଟି ଛୁରି ଓ ୨ଟି ଠେଙ୍ଗା ଜବତ ହୋଇଛି। ମଙ୍ଗଳବାର ଜୟପାଟଣା ଥାନାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଧର୍ମଗଡ ଏସ୍‌ଡିପିଓ ନାରାୟଣ ନାଏକ ଏହି ସୂଚନା ଦେଇଛନ୍ତି। ଏସ୍‌ଡିପିଓ ନାଏକ କହିଛନ୍ତି, ୧୦ ତାରିଖ ସକାଳେ ରାୟଗଡା ଜିଲା ବରାଗୁଡା ଥାନା ଅନ୍ତର୍ଗତ ଡି.କରଲ ଗାଁରୁ ଜୟପାଟଣା ଆର୍‌ଏମ୍‌ସି ବଜାରକୁ ଗୋରୁ କିଣିବା ପାଇଁ ୪ଜଣ ବେପାରୀ ବୋଲେରୋ (ନଂ.ଓଆର୍୦୮ଏ-୮୮୨୬) ଯୋଗେ ଆସୁଥିଲେ। ଗାଡ଼ିକୁ ଅଟକାଇ ମାରଣାସ୍ତ୍ର ଦେଖାଇ ତାଙ୍କଠାରୁ ୫ ଲକ୍ଷ ୨୨ ହଜାର ଟଙ୍କା ଲୁଟି ନେଇଥିଲେ। ଏ ନେଇ ଜୟପାଟଣା ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୋଗକୁ ଭିତ୍ତିକରି ଜୟପାଟଣା ଥାନାରେ ଏକ ମାମଲା (ନଂ.୩୬୪/୨୦) ରୁଜୁ ହୋଇଥିଲା।

## ଜଗନ୍ନାଥ ମନ୍ଦିର ନିଯୋଗକୁ କୋଟିଏ ଟଙ୍କାର ଘର ଦାନ

ନବରଙ୍ଗପୁର,୧୫।୧୨(ବି.ପ୍ର.)

ସାଧାରଣତଃ ମଣିଷ ମୃତ୍ୟୁ ପୂର୍ବରୁ ନିଜର ସମସ୍ତ ସମ୍ପତ୍ତି ପରିବାର ଅଥବା ବନ୍ଧୁଙ୍କୁ ଦାନ କରିଥାନ୍ତି। କିନ୍ତୁ ନବରଙ୍ଗପୁର ସହର ଭଗବତୀ ସାହି ବାସିନ୍ଦା ଭବାନୀ ସାହୁଙ୍କ ସ୍ତ୍ରୀ ବୈଜୟନ୍ତୀ ନିଜର କୋଟିଏ ଟଙ୍କାର ଘରକୁ ସ୍ଥାନୀୟ ଜଗନ୍ନାଥ ମନ୍ଦିରର ନୀତି ପରିଚାଳନା ନିଯୋଗକୁ ଦାନ କରିଛନ୍ତି। ମଙ୍ଗଳବାର ତାଙ୍କ ପରିବାର ପକ୍ଷରୁ ଏହି ସୂଚନା ଦିଆଯାଇଛି। ଜିଲାରେ ଏଭଳି ଘଟଣା ପ୍ରଥମ। ବୈଜୟନ୍ତୀଙ୍କ ଏତାଦୃଶ କାମ ପାଇଁ ସମସ୍ତେ ତାଙ୍କୁ ସାଧୁବାଦ ଦେଉଛନ୍ତି।

ବୈଜୟନ୍ତୀଙ୍କ ସ୍ୱାମୀ ଭବାନୀ ଜଣେ ପକ୍ଷାଘାତ ରୋଗୀ। ସେମାନଙ୍କର ୩ ଝିଅ (ପୁଷ୍ପାଞ୍ଜଳି, ଗୀତାଞ୍ଜଳି ଓ ଶ୍ରଦ୍ଧାଞ୍ଜଳି) ଅଛନ୍ତି। ସମସ୍ତ ଝିଅ ବିବାହ କରି ସାରିଛନ୍ତି। ବୈଜୟନ୍ତୀ ଜଣେ ଜଗନ୍ନାଥ ଭକ୍ତ ଥିଲେ। ସେ କ୍ୟାନ୍‌ସରରେ ପୀଡିତ ଥିବା କିଛିମାସ ଆଗରୁ ଜଣାପଡିଥିଲା। ମୃତ୍ୟୁ ପୂର୍ବରୁ ନିଜ ଘରକୁ ସ୍ଥାନୀୟ ଜଗନ୍ନାଥ ମନ୍ଦିର ନୀତି ପରିଚାଳନା ନିଯୋଗକୁ ଦାନ କରିବାକୁ ଚାହୁଁଥିବା ନେଇ ଝିଅ କ୍ୱାଇଁଙ୍କୁ ଜଣାଇଥିଲେ। ନଭେମ୍ବର ୨୬ରେ ମନ୍ଦିର ନୀତି ପରିଚାଳନା କମିଟିକୁ କୋଟିଏ ଟଙ୍କାର ଘରକୁ ବୈଜୟନ୍ତୀ ଦାନ କରିଥିଲେ ବୋଲି ବଡ଼ଝିଅ ପୁଷ୍ପାଞ୍ଜଳି କହିଛନ୍ତି। ଡିସେମ୍ବର ୨ରେ ବୈଜୟନ୍ତୀଙ୍କ ମୃତ୍ୟୁ ପରେ ସ୍ଥାନୀୟ ଜଗନ୍ନାଥ ମନ୍ଦିର ନୀତି ପରିଚାଳନା ନିଯୋଗ ପକ୍ଷରୁ ପୁରୀ ସ୍ୱର୍ଗଦ୍ୱାରରେ ମୃତଦେହ ସତ୍କାର ପାଇଁ ସମସ୍ତ ବ୍ୟବସ୍ଥା କରାଯାଇଥିଲା ବୋଲି ମଙ୍ଗଳବାର ତାଙ୍କ ପରିବାର ପକ୍ଷରୁ ସୂଚନା ଦିଆଯାଇଛି। ଏହି ସମୟରେ ରାଜପୁରୋହିତ ନରସିଂହ ତ୍ରିପାଠୀ, ଜଗନ୍ନାଥ ନୀତି ପରିଚାଳନା ନିଯୋଗ ସଭାପତି ନରେଶ ତ୍ରିପାଠୀ, ସମ୍ପାଦକ କୁନା ପାତ୍ର, ଉପସଭାପତି ଭବାନୀ ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ବୈଜୟନ୍ତୀଙ୍କ କ୍ୱାଇଁ ନରସିଂହ ଚୌଧୁରୀ, ଅଜୟ ଶତପଥୀ ଓ ହରି ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

## ଆଜିଠୁ ସୂର୍ଯ୍ୟମନ୍ଦିରରେ ଲାଇଟ୍ ଆଣ୍ଡ ସାଉଣ୍ଡ ଶୋ

କୋଣାର୍କ,୧୫।୧୨(ଡି.ଏନ.ଏ)

ସୂର୍ଯ୍ୟମନ୍ଦିରରେ ବୁଧବାରଠାରୁ ଲାଇଟ୍ ଆଣ୍ଡ ସାଉଣ୍ଡ ଶୋ ଆରମ୍ଭ ହେଉଛି। କରୋନା କଟକଣା ଯୋଗୁ ଗତ ୯ମାସ ହେଲା ଏହି ଶୋ' ବନ୍ଦ ଥିଲା। ଏବେ କୋଭିଡ୍ ଗାଇଡ୍‌ଲାଇନ୍ ଅନୁଯାୟୀ ସୂର୍ଯ୍ୟମନ୍ଦିର ଲାଇଟ୍ ଆଣ୍ଡ ସାଉଣ୍ଡ ଶୋ ଚାଲିବ ବୋଲି ପର୍ଯ୍ୟଟନ ଅଧିକାରୀ ସରୋଜକାନ୍ତ ପ୍ରଧାନ ସୂଚନା ଦେଇଛନ୍ତି। ମଙ୍ଗଳବାର ପରୀକ୍ଷାମୂଳକ ଭାବେ ଶୋ ପ୍ରଦର୍ଶିତ ହୋଇଥିଲା। ପ୍ରୋଜେକ୍ଟର, ବ୍ୟାଟେରି,ହେଡ୍‌ଫୋନ ଆଦି ମରାମତି କାର୍ଯ୍ୟ ଶେଷ ହୋଇଛି। ଶୋ ନିମନ୍ତେ ଟିକେଟ ମୂଲ୍ୟ ୫୦ଟଙ୍କା ରଖାଯାଇଛି। ଦୈନିକ ୨୦୦ ପର୍ଯ୍ୟଟକଙ୍କୁ ଅନୁମତି ମିଳିବ। ସନ୍ଧ୍ୟା ୬ଟା୩୦ରୁ ଏହି ଶୋ ଆରମ୍ଭ ହୋଇ ୪୦ମିନିଟ ପର୍ଯ୍ୟନ୍ତ ଚାଲିବ। ୮ଟି ଅତ୍ୟାଧୁନିକ ପ୍ରୋଜେକ୍ଟର ସାହାଯ୍ୟରେ ମୁଖଶାଳା ଓ ନାଟ୍ୟମନ୍ଦିରରେ ଚିତ୍ତାକର୍ଷକ କାହାଣୀ ଇଂଲିଶ୍, ହିନ୍ଦୀ ଓ ଓଡ଼ିଆ ଭାଷାରେ ଶୁଣିବାକୁ ମିଳିବ। ଐତିହ୍ୟ ସମ୍ପର୍କରେ ୪୦ମିନିଟର ତଥ୍ୟଭିତ୍ତିକ ବିବରଣୀ ରହିଛି।

## ପରିବାରକୁ ଭେଟିଲେ ଓଏସ୍‌ସିପିସିଆର୍ ଅଧ୍ୟକ୍ଷା

ଯାଜପୁର ଅଫିସ/ବିଞ୍ଝାରପୁର/ ବରୀ,୧୫।୧୨(ଡି.ଏନ.ଏ.)

**ଶିଶୁକନ୍ୟା ପିହୁ ଅପହରଣ ଘଟଣା**

- ତଦନ୍ତକୁ ନେଇ ଅସନ୍ତୋଷ, ତ୍ୱରାନ୍ୱିତ ପାଇଁ ନିର୍ଦ୍ଦେଶ

ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ(ଓଏସ୍‌ସିପିସିଆର)ଅଧ୍ୟକ୍ଷା ସନ୍ଧ୍ୟାବତୀ ପ୍ରଧାନ ମଙ୍ଗଳବାର ଯାଜପୁର ଗସ୍ତରେ ଆସି ନିଖୋଜ ଶିଶୁକନ୍ୟା ଶୁଭଲକ୍ଷ୍ମୀ ନାୟକ(ପିହୁ)ଙ୍କ ଉଦ୍ଧାର ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଯାଜପୁର ଭାରପ୍ରାପ୍ତ ଜିଲାପାଳ ଇନ୍ଦ୍ରମଣି ନାୟକ, ଅତିରିକ୍ତ ଜିଲାପାଳ (ରାଜସ୍ୱ) ଅକ୍ଷୟ କୁମାର ମଲ୍ଲିକ, ଉପଜିଲାପାଳ ନାରାୟଣ ଚନ୍ଦ୍ର ଧଳ, ଶିଶୁ ସୁରକ୍ଷା ଅଧିକାରୀ ନିରଞ୍ଜନ କର ପ୍ରମୁଖ ଉପସ୍ଥିତ ରହି ତାଙ୍କୁ ଜିଲା ପ୍ରଶିକ୍ଷଣ ଗୃହଠାରେ ସ୍ୱାଗତ କରିଥିଲେ। ସେଠାରେ ଆଲୋଚନା ପରେ ଅଧ୍ୟକ୍ଷା ବରୀ ବ୍ଲକ ବିଞ୍ଝାରପୁର ଥାନାର ମଧୁସୂଦନପୁର ଗ୍ରାମକୁ ଯାଇ ପିହୁଙ୍କ ମା' ମୋନାଲିସା ନାୟକଙ୍କୁ ଭେଟି ଘଟଣା ସମ୍ପର୍କରେ ବୁଝିଥିଲେ।

ଅନୁସନ୍ଧାନରୁ ଜଣାଯାଇଛି ଯେ, ଅଗଷ୍ଟ ୯ରେ ୨ ବର୍ଷର ଝିଅ ପିହୁ ତାଙ୍କ ସାଙ୍ଗମାନଙ୍କ ସହିତ ଗାଁ ଦାଣ୍ଡରେ ଖେଳୁଥିବାର ସମ୍ପର୍କୀୟ ଅଜା ଅପରାହ୍ଣ ୩ ଟାରେ ଦେଖିଥିଲେ। ପରେ ମୋନାଲିସା ଝିଅକୁ ଖାଇବା ପାଇଁ ଖୋଜିବାରୁ ଝିଅ ସେଠାରେ ନ ଥିଲା। ବହୁ ଖୋଜାଖୋଜି ପରେ ତାଙ୍କୁ ପାଇ ନ ଥିଲେ। ବିଭିନ୍ନ ଗାଡିଆ, ପୋଖରୀ ଓ ଜଳାଶୟ ମାନ ନିଜର ଭାଇମାନେ ଖୋଜିଥିଲେ। ଶେଷରେ ନିରାଶ ହୋଇ ବିଞ୍ଝାରପୁର ଥାନାରେ ଗତ ୧୪।୮।୨୦ରେ ଅଭିଯୋଗ କରିଥିଲେ। ଥାନା ଅଧିକାରୀ ନିରଞ୍ଜନ ଶବର ଆସି ଆଖପାଖ ଲୋକଙ୍କୁ ପଚରାଉଚରା କରିଥିଲେ। ତେବେ ଗତ ୪ ମାସ ହେଲା ନିଖୋଜ ପିହୁ ସମ୍ପର୍କରେ କୌଣସି ପତ୍ତା ମିଳି ପାରିନାହିଁ। ପୋଲିସ କିଛିଟା ତଦନ୍ତ କରି ବସି ପଡ଼ିଛି। ରାଜ୍ୟରେ ଦିନକୁ ଦିନ ଶିଶୁ ନିଖୋଜ ଘଟଣା ବଢୁଥିବାରୁ ଅଧ୍ୟକ୍ଷା ପ୍ରଧାନ ଉଦ୍‌ବେଗ ପ୍ରକାଶ କରି ଏଥିରେ ସମସ୍ତଙ୍କ ସହଯୋଗ ଓ ଖୋଜ ଖବର କରିବା ପାଇଁ ପରାମର୍ଶ ଦେଇଥିଲେ। ପରେ ଅଧ୍ୟକ୍ଷା ବିଞ୍ଝାରପୁର ଥାନାକୁ ଯାଇ ଟିକିନିଖି ବିବରଣୀ ଦେଖିଥିଲେ ଓ କେତେକ ଅବ୍ୟବସ୍ଥାକୁ ଦେଖି କ୍ଷୋଭ ପ୍ରକାଶ କରିଥିଲେ। ପିହୁ ନିଖୋଜ ଉପରେ ଅନୁସନ୍ଧାନକୁ ଆହୁରି ଶାଣିତ କରିବାକୁ ଉପସ୍ଥିତ ପୋଲିସ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଅବସରରେ କମିଶନ ସଦସ୍ୟା ଦିବ୍ୟା ଶାଶ୍ୱତୀ, ଏସ୍‌ଡିପିଓ ଏନ୍.ସି. ବାରିକ, ଶିଶୁ ସୁରକ୍ଷା ୟୁନିଟ୍‌ର କର୍ମକର୍ତ୍ତା ମିହିର କୁମାର ଜେନା, ବରୀ ବ୍ଲକ ସିଡିପିଓ ପ୍ରାଣେଶ୍ୱରୀ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।



ପିହୁଙ୍କ ପରିବାର ସହ ଶିଶୁ ଅଧିକାର ସୁରକ୍ଷା ଆୟୋଗ ଅଧ୍ୟକ୍ଷା ଆଲୋଚନା କରୁଛନ୍ତି।

# କଟକ 'ଏ', କେନ୍ଦ୍ରାପଡ଼ା, ବାଲେଶ୍ୱରର ବୃହତ୍ ବିଜୟ

**ଓସିଏ ଆନ୍ତଃଜିଲା ସିନିୟର ଟି୨୦ ଲିଗ୍ କ୍ରିକେଟ**

- ବିପ୍ଳବ ସାମନ୍ତରାୟ, ଗୌରବ ଚୌଧୁରୀ, ଆଦିତ୍ୟ ରାଉତଙ୍କ ଶତକ
- ମନୋଜ କାଶ୍ୟପ ଓ ଦେବାଶିଷ ଖଣ୍ଡଙ୍କୁ ୫ ଉଇକେଟ ସଫଳତା





ଆନ୍ତଃଜିଲା ସିନିୟର ପୁରୁଷ ଟି୨୦ କ୍ରିକେଟ ଲିଗ୍‌ରେ ମଙ୍ଗଳବାର ଜଗତସିଂହପୁର–ମାଲକାନଗିରି ଏବଂ ଇକୋର୍ସା– ଗଞ୍ଜାମ ମଧ୍ୟରେ ଅନୁଷ୍ଠିତ ମ୍ୟାଚ। (ଫଟୋ: ରାଜକିଶୋର ମହାନ୍ତି)।

**ଭୁବନେଶ୍ୱର, ୧୫।୧୨(କ୍ରୀଡ଼ା ପ୍ରତିନିଧି)**

ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ଆନୁକୂଲ୍ୟରେ ଭୁବନେଶ୍ୱର ଓ କଟକର ୯ଟି ଭେନ୍ୟୁରେ ଚାଲିଥିବା ଆନ୍ତଃ ଜିଲା ସିନିୟର ପୁରୁଷ ଟି୨୦ କ୍ରିକେଟ ଲିଗ୍‌ରେ ମଙ୍ଗଳବାର ୧୮ଟି ମ୍ୟାଚ ଅନୁଷ୍ଠିତ ହୋଇଛି। କଟକ-ଏ, କେନ୍ଦ୍ରାପଡ଼ା ଓ ବାଲେଶ୍ୱର ବୃହତ୍ ବିଜୟ ହାସଲ କରିଛନ୍ତି। ଡ୍ରିମ୍ସ ଗ୍ରାଉଣ୍ଡରେ ଅନୁଷ୍ଠିତ ମ୍ୟାଚରେ ବିପ୍ଳବ ସାମନ୍ତରାୟ ଅପରାଜିତ ଶତକ ହାସଲ କରିଥିବାବେଳେ କଟକ-ଏ ନୟାଗଡ଼କୁ ୧୭୧ ରନରେ ହରାଇ ଦେଇଛି। ପ୍ରଥମେ ବ୍ୟାଟିଂ କରିଥିବା କଟକ-ଏ ବିପ୍ଳବଙ୍କ ଅପରାଜିତ ୧୩୦ ରନ ସହାୟତାରେ ୨୦ ଓଭରରେ ୫ ଉଇକେଟ ହରାଇ ୨୩୮ ରନ କରିଥିବାବେଳେ ନୟାଗଡ଼ ନିର୍ଦ୍ଧାରିତ ଓଭରରେ ୯ ଉଇକେଟ ହରାଇ ମାତ୍ର ୬୭ ରନ କରିବାକୁ ସକ୍ଷମ ହୋଇଥିଲା। ବିପ୍ଳବଙ୍କ ବ୍ୟତୀତ ରାଜେଶ ଧୂପର ଦର୍ଶନୀୟ ଇନିଂସ ଖେଳି ୮୫ ରନ ସ୍କୋର କରିଥିଲେ। ସେହିପରି ଟାଉନ୍ କ୍ଲବ ପଡ଼ିଆରେ ଅନୁଷ୍ଠିତ ମ୍ୟାଚରେ କେନ୍ଦ୍ରାପଡ଼ା ୧୮୬ ରନରେ ଦେବଗଡ଼କୁ ହରାଇ ଦେଇଛି। ଗୌରବ ଚୌଧୁରୀଙ୍କ ଶତକ ସହାୟତାରେ କେନ୍ଦ୍ରାପଡ଼ା ୨୦ ଓଭରରେ ୬ ଉଇକେଟ ହରାଇ ୨୧୭ ରନ କରିଥିଲା। ଗୌରବ ୧୧୭ ରନ ସ୍କୋର କରିଥିଲେ। ଜବାବରେ ଦେବଗଡ଼ ୩୧ ରନକରି ଅଲଆଉଟ ହୋଇଯାଇଥିଲା। କେନ୍ଦ୍ରାପଡ଼ାର ମନୋଜ କାଶ୍ୟପ ମାତ୍ର ୯ ରନ ଦେଇ ୫ ଉଇକେଟ ସଫଳତା ପାଇଥିଲେ। ବାରବାଟୀ ଷ୍ଟାଡିୟମରେ ଅନୁଷ୍ଠିତ ଏକ ମ୍ୟାଚରେ ବାଲେଶ୍ୱର ୧୨୦ ରନରେ ଗଜପତିକୁ ହରାଇ ଦେଇଛି। ବାଲେଶ୍ୱର ୨୦ ଓଭରରେ ୫ ଉଇକେଟ ହରାଇ ୨୨୫ ରନ କରିଥିବାବେଳେ ଗଜପତି ୨୦ ଓଭରରେ ୩ ଉଇକେଟ ହରାଇ ୧୦୫ ରନ କରିଥିଲା। ବିଜୟୀ ଦଳର ସ୍ୱର୍ଣ୍ଣ ସୋମାନି ସର୍ବାଧିକ ୫୬ ରନ କରିଥିଲେ।

ଡ୍ରିମ୍ସରେ ଅନୁଷ୍ଠିତ ଅନ୍ୟ ଏକ ମ୍ୟାଚରେ ରାଉରକେଲା ୮ ଉଇକେଟରେ ଯାଜପୁରକୁ ହରାଇଛି। ସେହିପରି ଟାଉନ୍ କ୍ଲବ ପଡ଼ିଆରେ ଅନୁଷ୍ଠିତ ଦିବସର ଦ୍ୱିତୀୟ ମ୍ୟାଚରେ ଖୋର୍ଦ୍ଧା ରୋମାଞ୍ଚକଭାବେ ୫ ରନରେ କୋରାପୁଟକୁ ହରାଇ ଦେଇଛି। କୋରାପୁଟର ଆଦିତ୍ୟ ରାଉତ ଦ୍ରୁତ ୧୪୨ ରନର ଇନିଂସ ଖେଳିଥିଲେ ହେଁ ଦୁର୍ଭାଗ୍ୟଜନକଭାବେ ଦଳକୁ ଜିତାଇ ପାରି ନ ଥିଲେ। ଖୋର୍ଦ୍ଧା ପକ୍ଷରୁ ରଞ୍ଜିତ ପାଇକରାୟ ୮୩ ରନ କରି ଅପରାଜିତ ରହିଥିଲେ। ବାରବାଟୀ ଷ୍ଟାଡିୟମରେ ଅନୁଷ୍ଠିତ ଦ୍ୱିତୀୟ ମ୍ୟାଚରେ ମାଲକାନଗିରି ୩ ଉଇକେଟରେ ଜଗତ୍‌ସିଂହପୁରକୁ ପରାସ୍ତ କରିଛି। ବିଜୟୀ ଦଳର ସୁବିର ସର୍ଦ୍ଦାର ସର୍ବାଧିକ ୫୯ ରନ ସ୍କୋର କରିଥିଲେ। ରେଭେନ୍ସା ଗ୍ରାଉଣ୍ଡ ମ୍ୟାଚରେ ଢେଙ୍କାନାଳ ୩୮ ରନରେ ଅନୁଗୋଳକୁ ଏବଂ ଇକୋର୍ସା ୯ ଉଇକେଟରେ ଗଞ୍ଜାମକୁ ହରାଇ ଦେଇଛି। ସେହିପରି କିଟ୍‌ରେ ଅନୁଷ୍ଠିତ ୨ଟି ମ୍ୟାଚରେ ଯଥାକ୍ରମେ ନବରଙ୍ଗପୁର ୯୬ ରନରେ ପାରାଦୀପକୁ ଏବଂ କଳାହାଣ୍ଡି ୬ ଉଇକେଟରେ ରାୟଗଡ଼ାକୁ ପରାସ୍ତ କରିଛି। ନବରଙ୍ଗପୁରର ପୂର୍ଣ୍ଣ ମାଝି ୮୪ ଓ ସୁକେଶ ହୀରା ୬୨ ରନ ସ୍କୋର କରିଥିଲେ। କଳାହାଣ୍ଡିର ଦୀନେଶ ମାଝି ୫୪ ଓ ଉତ୍ସବ ଭୋଇ ୫୧ ରନ କରି ଦଳର ବିଜୟକୁ ସହଜ କରିଥିଲେ।

ନିମପୁର ଗ୍ରାଉଣ୍ଡରେ ଅନୁଷ୍ଠିତ ୨ଟି ମ୍ୟାଚରେ ଭଦ୍ରକ ୮ ଉଇକେଟରେ ମୟୂରଭଞ୍ଜକୁ ଏବଂ କେନ୍ଦୁଝର ୬ ଉଇକେଟରେ ସୋନପୁରକୁ ହରାଇ ଦେଇଛି। କେନ୍ଦୁଝରର ଶୁଭ୍ରାଂଶୁ ସେନାପତି ୫୭ ରନ କରି ଅପରାଜିତ ରହିଥିଲେ। ସେଞ୍ଚୁରିଅନ ଗ୍ରାଉଣ୍ଡରେ ଅନୁଷ୍ଠିତ ମ୍ୟାଚରେ ଭୁବନେଶ୍ୱର-ବି ସୁପରଓଭରରେ ବରଗଡ଼କୁ ହରାଇଛି। ନିର୍ଦ୍ଧାରିତ ୨୦ ଓଭରରେ ଉଭୟ ଦଳ ୧୨୭ ରନ ସ୍କୋର କରିଥିଲେ। ବରଗଡ଼ର ପ୍ରବୀଣ ଲୁହା ୫୭ ରନରେ ଅପରାଜିତ ଥିଲେ। ଭୁବନେଶ୍ୱର-ଏ ୭୧ ରନରେ କିଟ୍‌କୁ ପରାସ୍ତ କରିଛି। ବିଜୟୀ ଦଳର ସନ୍ଦୀପ ପଟ୍ଟନାୟକ ସର୍ବାଧିକ ୬୫ ରନ କରିଥିଲେ। ବିଡ଼ାନାସୀ ପଡ଼ିଆରେ ଆୟୋଜିତ ମ୍ୟାଚରେ ଝାରସୁଗୁଡ଼ା ୭୧ ରନରେ ନୂଆପଡ଼ାକୁ ହରାଇଛି। ନୂଆପଡ଼ାର ଗୌରବ ରାଉତ ୫୫ ରନ କରିଥିଲେ। ଅନ୍ୟଏକ ମ୍ୟାଚରେ ସୁନ୍ଦରଗଡ଼ ୬୬ ରନରେ ପୁରୀକୁ ପରାସ୍ତ କରିଛି। ବିଜୟୀ ଦଳର ସୁନୀଲ ଦୋରା ସର୍ବାଧିକ ୬୧ ରନ କରିଥିଲେ। ବିକାଶ ଗ୍ରାଉଣ୍ଡରେ ଅନୁଷ୍ଠିତ ୨ଟି ମ୍ୟାଚରେ ଯଥାକ୍ରମେ ବଲାଙ୍ଗୀର ୪ ଉଇକେଟରେ କନ୍ଧମାଳକୁ ଏବଂ ସମ୍ବଲପୁର ୧୩ ରନରେ ବୌଦ୍ଧକୁ ହରାଇ ଦେଇଛି। ବଲାଙ୍ଗୀରର ଦେବାଶିଷ ଖଣ୍ଡ ୧୧ ରନ ଦେଇ ୫ ଉଇକେଟ ସଫଳତା ପାଇଥିଲେ। ସମ୍ବଲପୁରର ଆୟୁଷ ନାୟକ ସର୍ବାଧିକ ୭୪ ଏବଂ ବୌଦ୍ଧର ବିଭୂତି ମଲିକ ୫୩* ରନ ସ୍କୋର କରିଥିଲେ।



ଆଡିଲେଡ୍ ଓଭାଲରେ ମଙ୍ଗଳବାର ଟିମ୍ ଇଣ୍ଡିଆ ଅଧିନାୟକ ବିରାଟ କୋହଲି ଓ ଲୋକେଶ ରାହୁଲଙ୍କ ଅଭ୍ୟାସ।

## ଈଶାନ୍ତଙ୍କ ଅନୁପସ୍ଥିତି ଅନୁଭୂତ ହେବ: ରାହାନେ

**ଆଡିଲେଡ, ୧୫।୧୨(ପି.ଟି.)**

ଅଷ୍ଟ୍ରେଲିଆ ବିପକ୍ଷ ଆଗାମୀ ଟେଷ୍ଟ ସିରିଜରେ ଦ୍ରୁତ ବୋଲର ଈଶାନ୍ତ ଶର୍ମାଙ୍କ ଅନୁପସ୍ଥିତି ଅନୁଭୂତ ହେବ ବୋଲି ପ୍ରକାଶ କରିଛନ୍ତି ଭାରତୀୟ କ୍ରିକେଟ ଦଳର ଉପଅଧିନାୟକ ଅଜିଙ୍କ୍ୟ ରାହାନେ। ପ୍ରଥମଟେଷ୍ଟ ପରେ ବିରାଟ କୋହଲି ପିତୃତ୍ୱ ଛୁଟିରେ ଯିବାପରେ ରାହାନେ ଅବଶିଷ୍ଟ ୩ଟି ଟେଷ୍ଟରେ ଭାରତୀୟ ଦଳର ନେତୃତ୍ୱ ନେବା ସମ୍ଭାବନା ରହିଛି। ଟିମ୍ କମ୍ବିନେଶନ ନେଇ ଏପର୍ଯ୍ୟନ୍ତ କିଛି ଚୂଡ଼ାନ୍ତ ହୋଇନାହିଁ। ଦିବାରାତ୍ର ମ୍ୟାଚରେ ଗୋଧୂଳି ସମୟର ୪୦-୫୦ ମିନିଟ ପ୍ରତି ବ୍ୟାଟ୍ସମ୍ୟାନଙ୍କ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିବ ବୋଲି ସେ ମତବ୍ୟକ୍ତ କରିଛନ୍ତି। ''ଦଳର ବୋଲିଂ ଆକ୍ରମଣ ଭଲ ଅଛି, ତେବେ ସିନିୟର ଫାଷ୍ଟ ବୋଲର ହୋଇଥିବାରୁ ଆମେ ନିଶ୍ଚିତ ଈଶାନ୍ତଙ୍କୁ ମିସ୍ କରିବୁ'' ବୋଲି ଏକ ଭର୍ଚୁଆଲ ଖବରଦାତା ସମ୍ମିଳନୀରେ ରାହାନେ କହିଛନ୍ତି। ଗତ ଆଇପିଏଲ ଅବସରରେ ଈଶାନ୍ତ ପଞ୍ଜରାରେ ଆଘାତ ହୋଇଥିଲେ। ଏବେ ସେ ସୁସ୍ଥ ପଥରେ ଅଛନ୍ତି। ତେବେ ତାଙ୍କ ଅନୁପସ୍ଥିତିରେ ଯଶପ୍ରୀତ୍ ବୁମରା ଓ ମହମ୍ମଦ ସାମିଙ୍କ ସହିତ ଉମେଶ ଯାଦବ, ନବଦୀପ ସଇନୀ ଓ ମହମ୍ମଦ ସିରାଜ ଅଷ୍ଟ୍ରେଲୀୟ ବ୍ୟାଟ୍ସମ୍ୟାନଙ୍କ ଅସୁବିଧାରେ ପକାଇପାରିବେ ବୋଲି ରାହାନେ କହିଛନ୍ତି। ଭାରତୀୟ ଦଳର ଓପନିଂ ସ୍ଥାନକୁ ନେଇ ମୟଙ୍କ ଅଗ୍ରୱାଲ, ପୃଥ୍ୱୀ ଶ', ଶୁବମନ ଗିଲ ଓ ଲୋକେଶ ରାହୁଲଙ୍କ ନାମ ଚର୍ଚ୍ଚାରେ ରହିଛି। ସେହିପରି ଉଇକେଟ କିପରଭାବେ ରିଦ୍ଧିମାନ ଶାହା ଓ ରିଷଭ ପନ୍ତଙ୍କ ମଧ୍ୟରୁ କିଏ ଖେଳିବେ ତାହାକୁ ନେଇ ଉତ୍ସୁକତା ରହିଛି। ତେବେ ବର୍ତ୍ତମାନ ସୁଦ୍ଧା କିଛି ସ୍ଥିର ହୋଇନାହିଁ। ବୁଧବାର ବୈଠକ ପରେ ଟିମ୍ କମ୍ବିନେଶନ ସମ୍ପର୍କରେ ନିଷ୍ପତ୍ତି ନିଆଯିବ ବୋଲି ରାହାନେ ପ୍ରକାଶ କରିଛନ୍ତି।

## କ୍ରିସ୍ ଲିନ୍, ଡାନ୍ ଲରେନ୍ସଙ୍କୁ ଜରିମାନା



କ୍ରିସ୍ ଲିନ୍ (ଡାହାଣ) ଓ ଡାନ୍ ଲରେନ୍ସ।

**ମେଲବୋର୍ନ, ୧୫।୧୨**

**ବିଗ୍ ବାଶ୍ ଲିଗ୍**

ବିଗ୍ ବାଶ୍ ଟି୨୦ ଲିଗ୍ ବେଳେ କରୋନା ଭାଇରସ୍ ପ୍ରୋଟୋକଲ ଭଙ୍ଗ କରିଥିବାରୁ ବ୍ରିସ୍‌ବେନ୍ ହିଟ୍‌ର କ୍ରିସ୍ ଲିନ୍ ଓ ଡାନ୍ ଲରେନ୍ସଙ୍କୁ ୧୦,୦୦୦ ଅଷ୍ଟ୍ରେଲୀୟ ଡଲାର(୫,୬୪୦ ପାଉଣ୍ଡ) ଜରିମାନା ହୋଇଛି। ଉଭୟେ ଜଣେ ପ୍ରଶଂସକଙ୍କ ସହ ଫଟୋଗ୍ରାଫ୍ ପାଇଁ ପୋଜ୍ ଦେଇଥିଲେ। ନିୟମ ଉଲ୍ଲଂଘନ ପରେ ସିଡ୍‌ନୀ ଥଣ୍ଡର ଦ୍ୱାରା ବିଗ୍ ବାଶ ପରାଜୟ ବେଳେ ଏହି ଦୁଇଜଣଙ୍କୁ ସେମାନଙ୍କ ଟିମ୍‌ମେଟ୍‌ଠାରୁ ଦୂରତା ରଖିବାକୁ ପଡ଼ିଥିଲା। ଲିନ୍ ଓ ଲରେନ୍ସଙ୍କୁ ଗତ ସପ୍ତାହରେ ଇଂଲଣ୍ଡ ଟେଷ୍ଟ ଦଳରେ ସାମିଲ କରାଯାଇଥିଲା। ଉଭୟେ ଦଣ୍ଡକୁ ଗ୍ରହଣ କରିଛନ୍ତି। କ୍ରିକେଟ ଅଷ୍ଟ୍ରେଲିଆ ଦ୍ୱାରା ଏକ ତଦନ୍ତ ପରେ ବ୍ରିସ୍‌ବେନ୍ ହିଟ୍ ଦଳକୁ ମଧ୍ୟ ୫୦,୦୦୦ ଆମେରିକୀୟ ଡଲାର ଜରିମାନା ହୋଇଥିଲା। ଦାୟିତ୍ୱହୀନତା ପାଇଁ ଲିନ୍ ଓ ଲରେନ୍ସଙ୍କୁ ପ୍ରବଳ ଭର୍ତ୍ସନା ମଧ୍ୟ କରାଯାଇଛି।

## କେରଳ ସମ୍ଭାବ୍ୟ ଦଳରେ ଶ୍ରୀସନ୍ଥ

**ଥିରୁଭାନନ୍ତପୁରମ, ୧୫।୧୨(ପି.ଟି.)**

ପୂର୍ବତନ ଭାରତୀୟ ଫାଷ୍ଟ ବୋଲର ଏସ୍. ଶ୍ରୀସନ୍ଥ ପ୍ରତିଦ୍ୱନ୍ଦ୍ୱିତାମୂଳକ କ୍ରିକେଟକୁ ଫେରିବାର ନିକଟତର ହୋଇଛନ୍ତି। ଆଗାମୀ ସୟଦ ମୁସ୍ତାକ ଅଲୀ ଟି୨୦ ଟୁର୍ନାମେଣ୍ଟ ପାଇଁ ମଙ୍ଗଳବାର ଘୋଷିତ ୨୬ ଜଣିଆ କେରଳ ସମ୍ଭାବ୍ୟ ଦଳରେ ସେ ସ୍ଥାନ ପାଇଛନ୍ତି। ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ) ସ୍ପଟ୍‌ଫିକ୍ସିଂରେ ଅନ୍ତର୍ଭୁକ୍ତ ଅଭିଯୋଗରେ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ପକ୍ଷରୁ ବାସନ୍ଦ ହୋଇଥିବା ଶ୍ରୀସନ୍ଥଙ୍କ ବ୍ୟତୀତ କେରଳ ସମ୍ଭାବ୍ୟ ଦଳରେ ସଞ୍ଜୁ ସାମ୍‌ସନ, ସଚିନ ବାବି, ଜଲଜ ସକ୍ସେନା, ରବିନ ଉଥପ୍ପା ଓ ବାସିଲ ଥାମ୍ପି ପ୍ରମୁଖ ରହିଛନ୍ତି। ଶ୍ରୀସନ୍ଥଙ୍କ ବାସନ୍ଦ ଅବଧି ଜାନୁୟାରୀ ୨ରେ ଶେଷ ହୋଇଥିଲା। ଜାନୁୟାରୀ ୨ରୁ ସୟଦ ମୁସ୍ତାକ ଅଲୀ ଟି୨୦ ଆରମ୍ଭ ହେବ। ଶେଷଥରପାଇଁ ୨୦୧୧ରେ ଭାରତ ପକ୍ଷରୁ ଖେଳିଥିବା ଶ୍ରୀସନ୍ଥ ଚଳିତ ମାସ ୨୦ରୁ ୩୦ ପର୍ଯ୍ୟନ୍ତ ଏଠାରେ ହେବାକୁଥିବା ପ୍ରସ୍ତୁତି ଶିବିରରେ ଯୋଗଦେବେ। ପ୍ରକାଶ ଯୋଗ୍ୟ ଯେ, ୨୦୦୭ ଟି୨୦ ବିଶ୍ୱକପ ଏବଂ ୨୦୧୧ ବିଶ୍ୱକପରେ ଚାମ୍ପିୟନ ଭାରତୀୟ ଦଳର ସଦସ୍ୟ ଥିଲେ ଶ୍ରୀସନ୍ଥ।



ଏସ୍.ଶ୍ରୀସନ୍ଥ

## କୋହଲି ଦ୍ୱିତୀୟ ସ୍ଥାନକୁ ଉନ୍ନୀତ

**ଦୁବାଇ, ୧୫।୧୨ (ପି.ଟି.)**

**ଆଇସିସି ଟେଷ୍ଟ ର୍‍ୟାଙ୍କିଂ**

ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ଟେଷ୍ଟ ର୍‍ୟାଙ୍କିଂ ଖେଳାଳି ତାଲିକା ପ୍ରକାଶ ପାଇଛି। ଭାରତୀୟ ଅଧିନାୟକ ବିରାଟ କୋହଲି ଗୋଟିଏ ସ୍ଥାନ ଉପରକୁ ଉଠି ଦ୍ୱିତୀୟ ସ୍ଥାନରେ ରହିଥିବାବେଳେ ଚେତେଶ୍ୱର ପୂଜାରା ଓ ଅଜିଙ୍କ୍ୟ ରାହାନେ ଯଥାକ୍ରମେ ୭ମ ଓ ୧୦ମ ସ୍ଥାନ ଅଧିକାର କରିଛନ୍ତି। ବ୍ୟାଟ୍ସମ୍ୟାନ ତାଲିକାରେ ୯୧୧ ପଏଣ୍ଟ ସହ ଅଷ୍ଟ୍ରେଲିଆର ଷ୍ଟିଭ୍ ସ୍ମିଥ୍ (୯୧୧ପଏଣ୍ଟ) ପ୍ରଥମ ସ୍ଥାନରେ ରହିଥିବାବେଳେ ୮୮୬ ରେଟିଂ ପଏଣ୍ଟ ସହ କୋହଲି ତାଙ୍କ ପଛରେ ରହିଛନ୍ତି। ନ୍ୟୁଜିଲାଣ୍ଡ ଅଧିନାୟକ କେନ୍ ୱିଲିୟମ୍ସ ଗୋଟିଏ ସ୍ଥାନ ତଳକୁ ଖସି ତୃତୀୟରେ ରହିଛନ୍ତି। ତାଙ୍କ ପଛକୁ ଯଥାକ୍ରମେ ରହିଛନ୍ତି ଅଷ୍ଟ୍ରେଲିଆରେ ବ୍ୟାଟିଂ ସେନ୍‌ସେସନ ମାର୍ନସ ଲାବୁସ୍କେନ୍, ପାକିସ୍ତାନର ବାବର ଆଜାମ ଓ ବର୍ତ୍ତମାନ ଆଘାତପ୍ରାପ୍ତ ଡେଭିଡ ୱାର୍ନର। ପୂଜାରା ୭୬୬ ପଏଣ୍ଟ ସହ ତାଲିକାର ୭ମ ସ୍ଥାନରେ ରହିଥିବାବେଳେ ତାଙ୍କ ପଛକୁ ଟପ୍ ୧୦ରେ ଯଥାକ୍ରମେ ରହିଛନ୍ତି ବେନ୍ ଷ୍ଟୋକ୍ସ (୭୬୦), ଜୋ ରୁଟ୍ (୭୩୮) ଏବଂ ଭାରତର ଟେଷ୍ଟ ଉପଅଧିନାୟକ ରାହାନେ (୭୨୬)। ଆଇସିସି ଟେଷ୍ଟ ବୋଲର ର୍‍ୟାଙ୍କିଂର ଟପ୍ ୧୦ରେ ଭାରତର ଦୁଇଜଣ ପେସ୍ ବୋଲର ଯଶପ୍ରୀତ ବୁମ୍‌ରା (୭୭୯) ଏବଂ ଭେଟେରାନ ଅଫ୍ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ (୭୫୬) ସ୍ଥାନ ପାଇଛନ୍ତି। ଏହି ତାଲିକାର ଶୀର୍ଷରେ ରହିଛନ୍ତି ଅଷ୍ଟ୍ରେଲିଆର ପ୍ୟାଟ୍ କୁମିନ୍ସ (୯୦୪)। ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଛନ୍ତି ଇଂଲଣ୍ଡର ଷ୍ଟୁଆର୍ଟ ବ୍ରଡ୍ ଓ ନ୍ୟୁଜିଲାଣ୍ଡର ନିଲ୍ ୱାଗନର। ଭାରତର ଅନ୍ୟ ଦୁଇଜଣ କ୍ରିକେଟର। ରବୀନ୍ଦ୍ର ଜାଡେଜା ଓ ଅଶ୍ୱିନ ଆଇସିସି ଟେଷ୍ଟ ର୍‍ୟାଙ୍କିଂ ଅଲରାଉଣ୍ଡର ତାଲିକାର ଶ୍ରେଷ୍ଠ ୧୦ଜଣଙ୍କ ମଧ୍ୟରେ ସ୍ଥାନ ପାଇଛନ୍ତି। ଏଥିରେ ଷ୍ଟୋକ୍ସ ସବୁଠାରୁ ଆଗରେ ରହିଛନ୍ତି। ୱେଷ୍ଟଇଣ୍ଡିଜର ଜାସନ ହୋଲ୍ଡରଙ୍କ ପଛକୁ ଜାଡେଜା ୩୯୭ ପଏଣ୍ଟ ସହ ତାଲିକାର ତୃତୀୟ ସ୍ଥାନରେ ଅଛନ୍ତି। ୨୮୧ ରେଟିଂ ପଏଣ୍ଟ ସହ ଅଶ୍ୱିନ ୬ଷ୍ଠ ସ୍ଥାନରେ ଅଛନ୍ତି। ଆଇସିସି ଟେଷ୍ଟ ର୍‍ୟାଙ୍କିଂରେ ଭାରତ ବର୍ତ୍ତମାନ ତୃତୀୟ ସ୍ଥାନରେ ରହିଛି। ୱେଷ୍ଟଇଣ୍ଡିଜ ବିପକ୍ଷରେ ୨-୦ ସିରିଜ ବିଜୟ ପରେ ନ୍ୟୁଜିଲାଣ୍ଡ ଦ୍ୱିତୀୟ ସ୍ଥାନ ଅଧିକାର କରିନେଇଛି। ନ୍ୟୁଜିଲାଣ୍ଡଠାରୁ ୨ ପଏଣ୍ଟ କମ୍ ରଖିଥିବା ଭାରତର ରେଟିଂ ପଏଣ୍ଟ ୧୧୪ ରହିଛି।

# କ୍ୱାଲିଫାୟର ବିପକ୍ଷରୁ ଭାରତର ଅଭିଯାନ




୨୦୨୨ ମହିଳା କ୍ରିକେଟ ବିଶ୍ୱକପ କାର୍ଯ୍ୟସୂଚୀ ଘୋଷଣା ଅବସରରେ ଦୁଇ ନ୍ୟୁଜିଲାଣ୍ଡ ଖେଳାଳି ଆମି ସାଟର୍ଥୱେଟ(ବାମ) ଓ ଲି ଟାହୁହୁ(ଡାହାଣ)ଙ୍କ ସହ କିମ୍ବଦନ୍ତୀ ଖେଳାଳି ରିଚାର୍ଡ ହାଡ୍‌ଲୀ।

**ଦୁବାଇ, ୧୫।୧୨(ପି.ଟି.)**

**୨୦୨୨ ମହିଳା କ୍ରିକେଟ ବିଶ୍ୱକପ ପାଇଁ କାର୍ଯ୍ୟସୂଚୀ ଘୋଷିତ**

ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ (ଆଇସିସି) ପକ୍ଷରୁ ୨୦୨୨ ମହିଳା କ୍ରିକେଟ ବିଶ୍ୱକପ ପାଇଁ ମଙ୍ଗଳବାର କାର୍ଯ୍ୟସୂଚୀ ଘୋଷଣା କରାଯାଇଛି। ଏହି ପ୍ରତିଯୋଗିତା ନ୍ୟୁଜିଲାଣ୍ଡରେ ଅନୁଷ୍ଠିତ ହେବ। ପୁନଃନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁସାରେ ମାର୍ଚ୍ଚ ୬ରେ ଟୌରଙ୍ଗାର ବେ ଓଭାଲ ଗ୍ରାଉଣ୍ଡରେ ଏକ କ୍ୱାଲିଫାୟର ଦଳ ବିପକ୍ଷରେ ଖେଳି ଭାରତ ଏହାର ଅଭିଯାନ ଆରମ୍ଭ କରିବ। ପରେ ମାର୍ଚ୍ଚ ୧୨ ଓ ୨୨ରେ ମଧ୍ୟ ଭାରତ ହାମିଲଟନର ସେଡନ ପାର୍କରେ ଅନ୍ୟ ଦୁଇ କ୍ୱାଲିଫାୟର ଦଳ ବିପକ୍ଷରେ ମ୍ୟାଚ ଖେଳିବ। ରାଉଣ୍ଡ ରବିନ ଭିତ୍ତିରେ ଖେଳାଯିବାକୁଥିବା ଟୁର୍ନାମେଣ୍ଟରେ ଭାରତ ମାର୍ଚ୍ଚ ୧୬ରେ ଇଂଲଣ୍ଡକୁ ଭେଟିବ। ଏହି ମ୍ୟାଚ ଲର୍ଡ୍ସରେ ୨୦୧୭ ମହିଳା ବିଶ୍ୱକପ ଫାଇନାଲର ରିମ୍ୟାଚ ସଦୃଶ ହେବ। ଏହାପରେ ଭାରତ ୧୯ରେ ଅକ୍‌ଲାଣ୍ଡର ଇଡେନ ପାର୍କରେ ଅଷ୍ଟ୍ରେଲିଆ ଏବଂ ୨୭ରେ ଖ୍ରୀଷ୍ଟଚର୍ଚ୍ଚର ହାଗ୍‌ଲେ ଓଭାଲରେ ଦକ୍ଷିଣ ଆଫ୍ରିକା ସହିତ ମୁକାବିଲା କରିବ। ଏହି ମେଗା ପ୍ରତିଯୋଗିତା ପ୍ରକୃତରେ ୨୦୨୧ ଫେବୃୟାରୀ-ମାର୍ଚ୍ଚ ମଧ୍ୟରେ ହେବାର ଥିଲା। ମାତ୍ର କୋଭିଡ୍-୧୯ ମହାମାରୀ ଯୋଗୁ ଏହାକୁ ସ୍ଥଗିତ ରଖା ଯାଇଥିଲା। ପୁନଃନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁସାରେ ଏହି ପ୍ରତିଯୋଗିତା ୨୦୨୨ ମାର୍ଚ୍ଚ ୪ରୁ ଏପ୍ରିଲ ୩ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ୬ଟି ଆୟୋଜକ ସହର ଓ ଭେନ୍ୟୁକୁ ଅପରିବର୍ତ୍ତିତ ରଖାଯାଇଛି। ବିଶ୍ୱର ଶ୍ରେଷ୍ଠ ୮ଟି ଦଳ ଅକ୍‌ଲାଣ୍ଡ, ଟୌରଙ୍ଗା, ହାମିଲଟନ, ୱେଲିଂଟନ, ଖ୍ରୀଷ୍ଟଚର୍ଚ୍ଚ ଓ ଡୁନେଡିନ୍‌ରେ ଖେଳିବେ।

କାର୍ଯ୍ୟସୂଚୀ ଅନୁସାରେ ମାର୍ଚ୍ଚ ୪ରେ ନ୍ୟୁଜିଲାଣ୍ଡ ଉଦ୍‌ଘାଟନୀ ମ୍ୟାଚରେ ଏକ କ୍ୱାଲିଫାୟର ଦଳକୁ ଭେଟି ଅଭିଯାନ ଆରମ୍ଭ କରିବ। ୱେଲିଂଟନର ବେସିନ ରିଜର୍ଭ ଏବଂ ଖ୍ରୀଷ୍ଟଚର୍ଚ୍ଚର ହାଗ୍‌ଲେ ଓଭାଲ ସେମିଫାଇନାଲ ଆୟୋଜନ କରିବେ। ଖ୍ରୀଷ୍ଟଚର୍ଚ୍ଚରେ ଫାଇନାଲ ଏପ୍ରିଲ ୨ରେ ଖେଳାଯିବ। ଭାରତ ବ୍ୟତୀତ ବିଶ୍ୱକପ ପାଇଁ ନ୍ୟୁଜିଲାଣ୍ଡ, ଅଷ୍ଟ୍ରେଲିଆ, ଇଂଲଣ୍ଡ ଓ ଦକ୍ଷିଣ ଆଫ୍ରିକା କ୍ୱାଲିଫାଏ କରିଛନ୍ତି। ଅନ୍ୟ ୩ଟି ଦଳ ଆଇସିସି କ୍ୱାଲିଫାୟର ଟୁର୍ନାମେଣ୍ଟରୁ ଆସିବେ। ଏହି ପ୍ରତିଯୋଗିତା ଆସନ୍ତାବର୍ଷ ଶ୍ରୀଲଙ୍କାରେ ଜୁନ୍ ୨୬ରୁ ଜୁଲାଇ ୧୦ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ବିଶ୍ୱକପ ପାଇଁ ପୁରସ୍କାର ରାଶି ୫.୫ ମିଲିୟନ ନ୍ୟୁଜିଲାଣ୍ଡ ଡଲାର ରଖା ଯାଇଛି। ଯାହାକି ୨୦୧୭ ବିଶ୍ୱକପ ତୁଳନାରେ ୬୦ ପ୍ରତିଶତ ଏବଂ ୨୦୧୩ ତୁଳନାରେ ୧୦୦୦ ପ୍ରତିଶତ ଅଧିକ। ଦିନିକିଆ ହେଉ କିମ୍ବା ଟି୨୦, ଗତ ୩-୪ ବର୍ଷ ଧରି ଭାରତ ଆଇସିସି ଟୁର୍ନାମେଣ୍ଟଗୁଡ଼ିକରେ ଭଲ ପ୍ରଦର୍ଶନ କରିଆସୁଛି। ଆମେ ଯଦି ୨୦୨୨ରେ ବିଶ୍ୱକପ ଜିତିବାକୁ ସକ୍ଷମ ହେଉ ତେବେ ପରବର୍ତ୍ତୀ ପିଢ଼ିର ବାଳିକାଙ୍କ ପାଇଁ ବଡ଼ ପ୍ରେରଣା ସଦୃଶ ହେବ ବୋଲି ଭାରତୀୟ ଅଧିନାୟିକା ମିଥାଲି ରାଜ ପ୍ରକାଶ କରିଛନ୍ତି।

ଧରିତ୍ରୀ
DHARITRI
ବୁଧବାର, ୧୬ ଡିସେମ୍ବର, ୨୦୨୦

**ଛାତ୍ରଙ୍କୁ ୨.୫ କୋଟିର ବୃତ୍ତି**

ବିବାହାର ୧୯ ବର୍ଷୀୟ ଛାତ୍ର ହ୍ରିତିକ ରାଜ ୨.୫ କୋଟି ଟଙ୍କାର ବୃତ୍ତି ପାଇଛନ୍ତି। ଅଧ୍ୟୟନ ପ୍ରତି ହ୍ରିତିକଙ୍କ ପ୍ରବଳ ଆଗ୍ରହ ଦେଖି ଆମେରିକାର ରାଜଧାନୀ ୱାଶିଂଟନ ଡିସିର ଜର୍ଜେଟାଉନ ୟୁନିଭରସିଟି ତାଙ୍କୁ ଏହି ବୃତ୍ତି ପ୍ରଦାନ କରିଛି। ଏହାଦ୍ୱାରା ହ୍ରିତିକ ରାଜ ବିଶ୍ୱରେ ଭାରତର ନାମକୁ ଆଲୋକିତ କରିଛନ୍ତି। ପାଟଣାର ବାସିନ୍ଦା ହ୍ରିତିକ ରାଜ, ରେଡିଏଣ୍ଟ ସ୍କୁଲର ଦ୍ୱାଦଶ ଛାତ୍ର। ହ୍ରିତିକ ପାଟନା ସହରର ଗୋଲା ରୋଡରେ ରହୁଥିବାବେଳେ ସେ ପାଟନା ଜିଲା ମଖଦୁମପୁର ଗାଁର ବାସିନ୍ଦା। ୱାଶିଂଟନ ଡିସିର ଜର୍ଜେଟାଉନ ୟୁନିଭରସିଟି ହ୍ରିତିକଙ୍କ ୪ ବର୍ଷ ଶିକ୍ଷା ଏବଂ ରହିବା ଖର୍ଚ୍ଚ ବହନ କରିବ।



# ବିଶ୍ୱର ପ୍ରଥମ ବିଶ୍ୱବିଦ୍ୟାଳୟ 'ତକ୍ଷଶିଳା'

**ପୃଥିବୀର ପ୍ରଥମ ବିଶ୍ୱବିଦ୍ୟାଳୟ 'ତକ୍ଷଶିଳା'। ଅଖଣ୍ଡ ଭାରତବର୍ଷର ଶିକ୍ଷାର ପ୍ରତୀକ ଭାବେ ପରିଚିତ ଏହି ଭବ୍ୟ ଶିକ୍ଷାନୁଷ୍ଠାନ ଏବେ ଇତିହାସ। ବିଦ୍ୱାନଙ୍କ ଅମରାବତି ଭାବେ ଜଣାଶୁଣା ଉକ୍ତ ପ୍ରାଚୀନ ଶିକ୍ଷାଳୟରେ ୬୪ ବିଷୟରେ ଶିକ୍ଷାଦାନ କରାଯାଉଥିଲା। ରାଜନୀତିରୁ ସମାଜ ବିଜ୍ଞାନ, ରାଜଧର୍ମଠାରୁ ଯୁଦ୍ଧଶାସ୍ତ୍ର ସବୁକିଛି ବିଷୟ ପଢ଼ିବାର ସୁଯୋଗ ପାଉଥିଲେ ବିଦ୍ୟାର୍ଥୀ। ନିକଟରେ ପାକ୍ ରାଜଦୂତ କମର ଆଜ୍ୱାସ ଖୋଖର ଏହି ବିଶ୍ୱବିଦ୍ୟାଳୟକୁ ପାକିସ୍ତାନ ଭବ୍ୟତାର ପ୍ରତୀକ ଭାବେ ଟିପ୍ପଣୀ ଦେଇଛନ୍ତି, ଯାହାକୁ ନେଇ ପୁଣିଥରେ ଚର୍ଚ୍ଚାର ପରିସରକୁ ଆସିଛି 'ତକ୍ଷଶିଳା'।**



**ନୂଆଦିଲ୍ଲୀ:** ପୃଥିବୀର ସର୍ବପୁରାତନ ବିଶ୍ୱବିଦ୍ୟାଳୟ ଭିତରୁ ଗୋଟିଏ ତକ୍ଷଶିଳା। ପାକ୍ କୂଟନୀତିଜ୍ଞ କମର ଆଜ୍ୱାସ ଖୋଖର ଭିଏତନାମ ଗସ୍ତ ସମୟରେ ଏହି ୟୁନିଭର୍ସିଟିକୁ ନେଇ ଟୁଇଟରରେ ଏକ ଟିପ୍ପଣୀ ଦେଇଛନ୍ତି। ତକ୍ଷଶିଳା ବିଶ୍ୱବିଦ୍ୟାଳୟ ଭାରତ ନୁହେଁ, ବରଂ ପାକିସ୍ତାନର କୀର୍ତ୍ତି। ଆଜ୍ୱାସଙ୍କ ଏହି ମନ୍ତବ୍ୟ ପାକିସ୍ତାନକୁ ପୁଣିଥରେ ବିଶ୍ୱ ଦରବାରରେ ଲଜ୍ଜିତ କରିଛି। ସୋସିଆଲ ମିଡିଆ ବ୍ୟବହାରକାରୀ ଏହାକୁ ଆଜ୍ୱାସଙ୍କ ପିଲାଳିଆମି ମନ୍ତବ୍ୟ ବୋଲି କହିବାକୁ ପଛଘୁଞ୍ଚା ଦେଇନାହାନ୍ତି। ୧୯୪୭ରେ ଭାରତର ବିଭାଜନ ପରେ ଧର୍ମଭିତ୍ତିକ ଦେଶର ମାନ୍ୟତା ପାଇଥିଲା ପାକିସ୍ତାନ। ହେଲେ ତକ୍ଷଶିଳାର ଇତିହାସ ୨୭୦୦ ବର୍ଷ ପୁରୁଣା। ତେଣୁ ଏହା କିପରି ପାକିସ୍ତାନର ଅବଦାନ ବୋଲି ଅନେକେ ତାଚ୍ଛଲ୍ୟ କରିଛନ୍ତି। ଏପରି କି ଇତିହାସକୁ ଭଲଭାବେ ପଢ଼ି ମତ ରଖିବାକୁ ପରାମର୍ଶ ଦେଇଛନ୍ତି।

ତକ୍ଷଶିଳାକୁ ଦୁନିଆର ପ୍ରଥମ ବିଶ୍ୱବିଦ୍ୟାଳୟ ବୋଲି ଗବେଷକମାନେ ମତ ଦିଅନ୍ତି। ପ୍ରାଚୀନ ଭାରତର ଗାନ୍ଧାର ଜନପଦର ରାଜଧାନୀ ତକ୍ଷଶିଳା ସହରରେ ଏହାକୁ ନିର୍ମାଣ କରାଯାଇଥିଲା। ଏସିଆ ମହାଦେଶର ଶିକ୍ଷାର ପ୍ରମୁଖ କେନ୍ଦ୍ରସ୍ଥଳ ତକ୍ଷଶିଳା ବିଶ୍ୱବିଦ୍ୟାଳୟକୁ ଖ୍ରୀଷ୍ଟପୂର୍ବ ୬ଷ୍ଠରୁ ୭ମ ଶତାବ୍ଦୀ ମଧ୍ୟରେ ନିର୍ମାଣ କରାଯାଇଥିଲା। ଏଠାକୁ ଭାରତ ସମେତ ସମଗ୍ର ଏସିଆ ମହାଦେଶର ବିଦ୍ୱାନମାନେ ପଢ଼ିବାକୁ ଆସୁଥିଲେ। ଦେଶ ବିଭାଜନ ପରେ ଏହା ପାକିସ୍ତାନର ପଞ୍ଜାବ ପ୍ରଦେଶ ଅନ୍ତର୍ଗତ ରାଓଲପିଣ୍ଡି ଜିଲାରେ ରହିଛି। ଇସ୍‌ଲାମାବାଦ୍‌ଠାରୁ ଏହାର ଦୂରତା ୩୫ କିଲୋମିଟର।

ଏହି ବିଶ୍ୱବିଦ୍ୟାଳୟ ସମ୍ପର୍କରେ ପୁରାଣଶାସ୍ତ୍ରରେ ମଧ୍ୟ ଉଲ୍ଲେଖ ରହିଛି। ମହାପ୍ରଭୁ ଶ୍ରୀରାମଙ୍କ ଭାଇ ଭରତ ନିଜ ପୁଅ ତକ୍ଷଙ୍କ ନାମରେ ଏହି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରିଥିଲେ। ପରବର୍ତ୍ତୀ ସମୟରେ ଗାନ୍ଧାର ଜନପଦକୁ ଅନେକ ଶାସକ ଶାସନ କରିଥିଲେ ଏବଂ ତକ୍ଷଶିଳା ରାଜକୀୟ ପୃଷ୍ଠପୋଷକତା ଲାଭ କରିଥିଲା। ଗୁରୁକୁଳ ଢାଞ୍ଚାରେ ଆରମ୍ଭ ହୋଇଥିବା ଏହି ଶିକ୍ଷାନୁଷ୍ଠାନର ପରବର୍ତ୍ତୀ ସମୟରେ ସାଧାରଣ ଲୋକଙ୍କ ଲାଗି ଉନ୍ମୁକ୍ତ କରିଦିଆଯାଇଥିଲା। ୧୮୬୩ରେ ପ୍ରତ୍ନତାତ୍ତ୍ୱିକ ଖନନ ସମୟରେ ତକ୍ଷଶିଳା ବିଶ୍ୱବିଦ୍ୟାଳୟର ଧ୍ୱଂସାବଶେଷ ଲୋକଲୋଚନକୁ ଆସିଥିଲା। ଗବେଷଣା ପରେ ଏହାର ଭବ୍ୟତାକୁ ଜାଣିଥିଲେ ବିଶ୍ୱବାସୀ।

ଏଠାରେ ବିଦ୍ୟାର୍ଥୀଙ୍କୁ ବେଦ, ଉପନିଷେଦ, ଗଣିତ, ବ୍ୟାକରଣ, ଯୁଦ୍ଧବିଦ୍ୟା ସମେତ ୬୪ ବିଷୟରେ ଶିକ୍ଷାଦାନ କରାଯାଉଥିଲା। ଜ୍ୟୋତିଷ ଶାସ୍ତ୍ର ଏଠାକାର ପ୍ରମୁଖ ବିଷୟ ମଧ୍ୟରୁ ଗୋଟିଏ ଥିଲା। ପଞ୍ଚମ ଶତାବ୍ଦୀରେ ଚାଇନା ପରିବ୍ରାଜକ ଫାହିୟାନ ଏଠାକୁ ଆସିଥିଲେ। ସେ ନିଜ ପୁସ୍ତକରେ ଏହାର ଭବ୍ୟତା ସମ୍ପର୍କରେ ଦର୍ଶାଇଛନ୍ତି। ତେବେ ୭ମ ଶତାବ୍ଦୀ ବେଳକୁ ଅନ୍ୟ ଜଣେ ବୌଦ୍ଧ ଭିକ୍ଷୁ ଶ୍ୟାନଜାଙ୍ଗ ଏଠାକୁ ଆସିଥିଲେ, ତେବେ ସେତେବେଳକୁ ଏହା ଧ୍ୱଂସସ୍ତୂପରେ ପରିଣତ ହୋଇସାରିଥିଲା। ପରବର୍ତ୍ତୀ ସମୟରେ ବିଦେଶୀ ଶକ୍ତିର ଅଭ୍ୟୁଦୟ ଏବଂ ଘନଘନ ଆକ୍ରମଣରେ ଏହି ବିଶ୍ୱବିଦ୍ୟାଳୟ ଧରାଶାୟୀ ହୋଇଯାଇଥିଲା। ତେବେ ଏହାକୁ ନେଇ ଐତିହାସିକମାନେ ଭିନ୍ନ ଭିନ୍ନ ମତ ପୋଷଣ କରିଥାନ୍ତି। କେତେ ଜଣଙ୍କ ମତରେ ମଧ୍ୟ ଏସିଆର ଏକ ହିଂସ୍ର ଜନଜାତି ତକ୍ଷଶିଳା ଉପରେ ଆକ୍ରମଣ କରି ଏହାକୁ ଧ୍ୱଂସ କରିଦେଇଥିଲେ। ଅନ୍ୟ ଏକ ତଥ୍ୟ ଅନୁଯାୟୀ, ଏହା ପଛରେ ଶକ ଏବଂ ହୁନଙ୍କ ମନ୍ଦ ଉଦ୍ଦେଶ୍ୟ ଥିଲା। ହେଲେ କେତେଜଣ ଗବେଷକ ଏହି ତଥ୍ୟକୁ ଖଣ୍ଡନ କରିଛନ୍ତି। ସେମାନେ କହିଛନ୍ତି, ଶକ ଏବଂ ହୁନମାନେ କେବଳ ଭାରତବର୍ଷକୁ ଲୁଣ୍ଠନ କରିବାକୁ ଆସିଥିଲେ। ସେମାନଙ୍କ ଉଦ୍ଦେଶ୍ୟ କୀର୍ତ୍ତିରାଜି ଧ୍ୱଂସ କରିବା ନ ଥିଲା। ଆରବୀୟ ଏବଂ ତୁର୍କୀଙ୍କ କୂଟନୀତି ତକ୍ଷଶିଳା ବିଶ୍ୱବିଦ୍ୟାଳୟକୁ ଧରାଶାୟୀ କରିଦେଇଥିଲା। ସେମାନେ ଚାହୁଁ ନ ଥିଲେ ତକ୍ଷଶିଳାରୁ ବିଦ୍ୱାନ ସୃଷ୍ଟି ହୁଅନ୍ତୁ। ୬ଷ୍ଠ ଶତାବ୍ଦୀ ଶେଷ ଆଡ଼କୁ ଆରବ, ତୁର୍କୀ ଶାସକମାନେ ସହର ଉପରେ ଘନଘନ ଆକ୍ରମଣ ଆରମ୍ଭ କରିଦେଇଥିଲେ। ଆଜି ବି ଏଠାରୁ ବୌଦ୍ଧ ପ୍ରତିମା, ପୁରୁଣା ମୂର୍ତ୍ତିର ଅବଶେଷ ମିଳିବା ଏହାର ପରିବ୍ୟାପ୍ତି ସମ୍ପର୍କରେ ଧାରଣା ଦିଏ। ୧୯୮୦ରେ ୟୁନେସ୍କୋ ପକ୍ଷରୁ ଏହାକୁ ବିଶ୍ୱ ଐତିହ୍ୟ ତାଲିକାରେ ସାମିଲ କରାଯିବା ପରେ ଏଠାକୁ ବହୁସଂଖ୍ୟାରେ ପର୍ଯ୍ୟଟକଙ୍କ ସମାଗମ ହେଉଛି।

# ଫିଟ୍‌ନେସ୍‌କୁ ନେଇ ଚର୍ଚ୍ଚାରେ ଜ୍ୟାକ୍‌ଲିନ



**ମୁମ୍ବାଇ:** ବଲିଉଡ ନାୟିକା ଜ୍ୟାକଲିନ ଫର୍ନାଡିଜ କୌଣସି ନା କୌଣସି କାରଣକୁ ନେଇ ସବୁବେଳେ ଚର୍ଚ୍ଚାରେ ଥାଆନ୍ତି। ନିକଟରେ ସେ ତାଙ୍କ ଆଗାମୀ ଫିଲ୍ମ 'ଭୁତ ପୋଲିସ' ଓ 'ବଚ୍ଚନ ପାଣ୍ଡେ'କୁ ନେଇ ଚର୍ଚ୍ଚାରେ ଥିବା ବେଳେ ଏବେ କିନ୍ତୁ ଏକ ଫଟୋକୁ ନେଇ ସେ ପ୍ରଶଂସକଙ୍କ ନିକଟତର ହୋଇଛନ୍ତି। ଯେଉଁଥିରେ ସେ ତାଙ୍କର ଫିଟନେସକୁ ନେଇ ଖୁବ ପ୍ରଶଂସା ସାଉଁଟିଛନ୍ତି। ଏମିତିରେ ବି ଜ୍ୟାକଲିନ ନିଜ ଫିଟସେନକୁ ନେଇ ବେଶ ସଚେତନ। ଡାଏଟିଂରୁ ଆରମ୍ଭ କରି ସେ ତାଙ୍କ ଫିଟନେସ ଉପରେ ଖୁବ ଧ୍ୟାନ ଦେଇଥାଆନ୍ତି । ନିକଟରେ ଜ୍ୟାକଲିନ ତାଙ୍କ ଜିମ ଲୁକର ଏକ ଫଟୋ ଶେୟାର କରିଛନ୍ତି। ଯାହା ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି । ଏହା ଏକ ମିରର ସେଲ୍ଫି ହୋଇଥିବା ବେଳେ ଏଥିରେ ଅଭିନେତ୍ରୀ ବ୍ଲାକ କଲର ସ୍ପୋର୍ଟସ ଇନର୍ ସହ ବ୍ଲାକ କଲର ପ୍ୟାଣ୍ଟରେ ନଜର ଆସିଛନ୍ତି। ଏହାକୁ ପ୍ରଶଂସକମାନେ ବହୁତ ପସନ୍ଦ କରିଛନ୍ତି । ଏହି ଫଟୋ ସହ ସେ ଲେଖିଛନ୍ତି ଆପଣ ଯେମିତି ଅଛନ୍ତି ସେମିତି ଥାଆନ୍ତୁ। ଜ୍ୟାକଲିନଙ୍କ ଏହି କ୍ୟାପଶନ ସହ ଫଟୋ ତାଙ୍କ ପ୍ରଶଂସକଙ୍କୁ ଭଲ ଲାଗିଛି । ଜଣେ ୟୁଜର କମେଣ୍ଟରେ ଲେଖିଛନ୍ତି ଆପଣ ଯେମିତି ଅଛନ୍ତି ସେମିତି ଥାଆନ୍ତୁ। ଏହାସହ ଜ୍ୟାକଲିନଙ୍କ ଫିଟନେସ୍‌କୁ କମେଣ୍ଟ ବକ୍ସରେ ବହୁ ପ୍ରଶଂସା ମିଳିଛି ।

# ପତ୍ରରେ ସୋନୁ ସୁଦ୍

**ମୁମ୍ବାଇ:** କରୋନା ଲକ୍‌ଡାଉନ୍ ସମୟରେ ଅସହାୟ ପ୍ରବାସୀ ଶ୍ରମିକଙ୍କୁ ସାହାଯ୍ୟ କରି ହେଉ କି ଚାକିରି କିମ୍ବା ଅନ୍ୟ ସାହାଯ୍ୟ ଚାହୁଁଥିବା ସାଧାରଣ ଲୋକଙ୍କୁ ସହଯୋଗ କରି ବଲିଉଡ୍ ଷ୍ଟାର୍ ସୋନୁ ସୁଦ୍ ଘରେ ଘରେ ସୁପର୍‌ହିରୋଭାବେ ପରିଚିତ ହୋଇପାରିଛନ୍ତି। ଏଥିପାଇଁ ତାଙ୍କ ଫ୍ୟାନ୍‌ଙ୍କ ସଂଖ୍ୟା ମଧ୍ୟ ବଢ଼ିଯାଇଛି। ମଙ୍ଗଳବାର ଜଣେ ଫ୍ୟାନ୍ ଏକ ପତ୍ରରେ ସୋନୁଙ୍କ ମୁହଁକୁ ଖୋଦେଇ ଟୁଇଟରରେ ଶେୟାର କରିଛନ୍ତି। ଏଥିରେ ସେ ସୋନୁଙ୍କୁ ସୁପର୍‌ହିରୋ ଅଭିହିତ କରିଛନ୍ତି। ଫ୍ୟାନ୍ ଜଣଙ୍କ ଅତି ସୁନ୍ଦରଭାବେ ସୋନୁଙ୍କ ମୁହଁକୁ ଖୋଦେଇଥିବା ଦେଖିବାକୁ ମିଳିଛି। ଏହା ସୋନୁଙ୍କୁ ବେଶ୍ ପସନ୍ଦ ଆସିଥିବାବେଳେ ସେ ଫଟୋଟିକୁ ରିଟୁଇଟ୍ କରି ଲେଖିଛନ୍ତି, 'ପତ୍ତେ ପତ୍ତେ ପେ ଲିଖା ହେ ଛପ୍‌ନେ ବାଲେ କା ନାମ୍'। ଏହି ରିଟୁଇଟ୍‌କୁ ୧୦ହଜାରରୁ ଊର୍ଦ୍ଧ୍ୱ ଲୋକ ପସନ୍ଦ କରିଛନ୍ତି।



# ସମୁଦ୍ର ଉପରେ ଗାଁ

**ନୂଆଦିଲ୍ଲୀ:** ଚାଇନାର ଫୁଜିଆନ ପ୍ରଦେଶର ନିଙ୍ଗଡେ ସହର ନିକଟରେ ଥିବା ଏକ ଗାଁ ଅତ୍ୟନ୍ତ ଅଦ୍ଭୁତ। ଶହ ଶହ ବର୍ଷ ପୂର୍ବେ ଉତ୍ପତି ହୋଇଥିବା ଏହି ଗାଁ ଭାସମାନ ଡଙ୍ଗା ଉପରେ ଅବସ୍ଥିତ। ଗାଁରେ ୨୦୦୦ ରୁ ଅଧିକ ଘର ସମୁଦ୍ର ଉପରେ ସ୍ଥାପିତ ହୋଇଛି। ପ୍ରାୟ ୧୩୦୦ ବର୍ଷ ପୂର୍ବେ ଏହି ବସ୍ତି ସ୍ଥାପିତ ହୋଇଥିଲାବେଳେ ବର୍ତ୍ତମାନ ସେଠାରେ ପ୍ରାୟ ଅଢ଼େଇ ହଜାର ଲୋକ ବାସ କରୁଛନ୍ତି। ଏଠାକାର ଲୋକମାନେ ମାଛ ମାରି ରୋଜଗାର କରନ୍ତି। ସେଠାରେ କାଠ ନିର୍ମିତ ପ୍ଲାଟଫର୍ମରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥାଏ। ଏଠାକାର ଲୋକଙ୍କୁ ଟାଙ୍କା କୁହାଯାଏ। ଇତିହାସ ଅନୁସାରେ ଏହି ମତ୍ସ୍ୟଜୀବୀଙ୍କ ପୂର୍ବପୁରୁଷମାନେ ଶାସକଙ୍କ ଦ୍ୱାରା ନିର୍ଯାତିତ ହୋଇଥିଲେ। ଫଳରେ ସେମାନେ ସମୁଦ୍ର ମଧ୍ୟରେ ରହିବାକୁ ଚାଲିଆସିଥିଲେ।



# କରିନାଙ୍କ ପସନ୍ଦ ଥିଲେ ରାହୁଲ



**ନୂଆଦିଲ୍ଲୀ:** ରାଜୀବ ଗାନ୍ଧୀଙ୍କ ବିବାହ ରାଜ କପୁରଙ୍କ ଝିଅ ରିତୁ କପୁରଙ୍କ ସହିତ କରାଇବା ପାଇଁ ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଚାହୁଁଥିଲେ। ଗଣମାଧ୍ୟମ ପ୍ରତିନିଧି ରଶିଦ କିଦୱାଇଙ୍କ ଦ୍ୱାରା ରଚିତ ପୁସ୍ତକ 'ନେତା ଅଭିନେତା: ବଲିଉଡ ଷ୍ଟାର ଇନ ଇଣ୍ଡିଆନ ପଲିଟିକ୍ସ'ରେ ଏହା ଦର୍ଶାଯାଇଛି। ପୂର୍ବତନ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁଙ୍କ ସହିତ ପୃଥ୍ୱୀରାଜ କପୁରଙ୍କର ଭଲ ସମ୍ପର୍କ ଥିଲା। ରାଜୀବ ଗାନ୍ଧୀ ବ୍ରିଟେନ୍ର କେମ୍ବ୍ରିଜ ବିଶ୍ୱବିଦ୍ୟାଳୟରେ ପଢ଼ିବା ପାଇଁ ଯାଇଥିବାବେଳେ ସେଠାରେ ସୋନିଆ ମାୟନୋ (ସୋନିଆ ଗାନ୍ଧୀ)ଙ୍କ ସହିତ ତାଙ୍କର ଭେଟ ହୋଇଥିଲା। ସେମାନେ ପରସ୍ପରକୁ ଭଲ ପାଇ ୧୯୬୮ରେ ବିବାହ କରିଥିଲେ। ଫଳରେ ଇନ୍ଦିରାଙ୍କ ଆଶା ସଫଳ ହୋଇପାରି ନ ଥିଲା। ଗାନ୍ଧୀ ପରିବାର ଏବଂ କପୁର ପରିବାର ମଧ୍ୟରେ ଥିବା ସମ୍ପର୍କକୁ ନେଇ ୨୦୦୨ରେ ପୁଣି ଚର୍ଚ୍ଚା ଆରମ୍ଭ ହୋଇଥିଲା। ଏକ ଟିଭି କାର୍ଯ୍ୟକ୍ରମରେ କରିନା କପୁର ଏକ ପ୍ରଶ୍ନର ଉତ୍ତରରେ ରାହୁଲ ଗାନ୍ଧୀଙ୍କ ସହିତ ଡେଟ୍‌ରେ ଯିବାକୁ ପସନ୍ଦ କରିଥିବା କହିଥିଲେ । ତେବେ କରିନା ୨୦୦୯ରେ ସେହି ସମାନ ପ୍ରଶ୍ନରେ ରାହୁଲଙ୍କୁ ଅତିଥି ଭାବେ ଦେଖିବାକୁ ପସନ୍ଦ କରିବେ ବୋଲି ଉତ୍ତର ଦେଇଥିଲେ। ପରେ ୨୦୧୨ରେ କରିନାଙ୍କ ବିବାହ ଶୈଫ ଅଲ୍ଲୀ ଖାଁଙ୍କ ସହିତ ହୋଇଥିଲା।
























# ମୃତ୍ତିକା ସଂରଚନା ଓ ଫସଲ





ପ୍ର. ସୁବୋଧ କୁମାର ସାହୁ

"ମାଟିର ସଂରଚନା ପରୋକ୍ଷ ଭାବେ ଫସଲ ଉତ୍ପାଦନରେ ସାହାଯ୍ୟ କରିଥାଏ । ସଂରଚନା ଦ୍ୱାରା ମାଟିର ବାୟୁ ଚଳାଚଳ, ଜଳଧାରଣ ଶକ୍ତି, ଜଳସେଚନ, ଜଳ ନିଷ୍କାସନ, ଉତ୍ତାପ ଧାରଣ, ମଞ୍ଜି ଗଜା ହେବା , ମଞ୍ଜି ବୁଣା, କର୍ଷଣ ସମୟ ଏବଂ ଏହାର ଯନ୍ତ୍ରପାତିର ବ୍ୟବହାର ସମ୍ବନ୍ଧରେ ଜଣାପଡେ..."

ବାଲି, ପଟୁ ଓ କର୍ଦ୍ଦମ ତିନିଗୋଟି ମାଟିର ମୁଖ୍ୟ ଉପାଦାନ। ଏଥିମଧ୍ୟରୁ ବାଲି ସମୟେ ସମୟେ ମୁକ୍ତ ଅବସ୍ଥାରେ ଥାଏ ଅଥବା ପଟୁ ଓ କର୍ଦ୍ଦମ ସହ ସଂଲଗନ ହୋଇ ରହିଥାଏ। ଉକ୍ତ ତିନିଗୋଟି ଉପାଦାନକୁ ମାଟିରେ ଥିବା ଚୂନ, ଲୁହା ଏବଂ ଜୈବ ଅଂଶ ବାନ୍ଧି ରଖେ। ଏହାଦ୍ୱାରା ମାଟିର ଆକୃତି, ଗଠନ ଏବଂ ଆକାରରେ ବିଭିନ୍ନ ପରିବର୍ତ୍ତନ ଘଟେ। ଏହାକୁ ମାଟିର ସଂରଚନା ବା ସାଜସଜ୍ଜା କହନ୍ତି। ବାଲିର କୌଣସି ସଂରଚନା ନ ଥାଏ। କର୍ଦ୍ଦମ ପଟୁ ସହ ବାଲି ମିଶିଲେ ମାଟିର ସଂରଚନା ସୃଷ୍ଟି ହୁଏ।

ମାଟିର ସଂରଚନା ପରୋକ୍ଷ ଭାବେ ଫସଲ ଉତ୍ପାଦନରେ ସାହାଯ୍ୟ କରିଥାଏ। ସଂରଚନା ଦ୍ୱାରା ମାଟିର ବାୟୁ ଚଳାଚଳ, ଜଳଧାରଣ ଶକ୍ତି, ଜଳସେଚନ, ଜଳ ନିଷ୍କାସନ, ଉତ୍ତାପ ଧାରଣ, ମଞ୍ଜି ଗଜା ହେବା, ମଞ୍ଜି ବୁଣା, କର୍ଷଣ ସମୟ ଏବଂ ଏହାର ଯନ୍ତ୍ରପାତିର ବ୍ୟବହାର ସମ୍ବନ୍ଧରେ ଜଣାପଡ଼େ।

ମାଟିର ସଂରଚନା ମୁଖ୍ୟତଃ ଚାରି ପ୍ରକାରର। ଫଳକାକୃତି, ପ୍ରିଜମ୍ ବା ତ୍ରିଧାରକୃତି, ଘନାକୃତି ଏବଂ ବର୍ତ୍ତୁଳା ବା ଗୋଲାକୃତି। ନିମ୍ନରେ ବିଭିନ୍ନ ସଂରଚନା ଏବଂ ଫସଲ ଚାଷ ସହ ଏହାର ଉପଯୋଗିତା ବିଷୟରେ ଆଲୋଚନା କରାଗଲା।

**ଫଳକାକୃତି** : ପ୍ରଥମ ହଳପରେ ଚାଷୀ ନିଜର କ୍ଷେତକୁ ଗଲେ ମାଟିର ଦାନାସବୁ ଛୋଟ ବଡ ପ୍ଲେଟ ସଦୃଶ ତଳ ଉପର ହୋଇ ରହିଥିବାର ଦେଖିପାରିବେ। ଦାନାର ଏପରି ସଜାକୁ ଫଳକାକୃତି କୁହାଯାଏ। ଫଳକର ଦାନାଗୁଡିକର ମୋଟେଇ ପତଳା ଏବଂ ଲମ୍ବ ; ପ୍ରସ୍ଥଠାରୁ ଅଧିକ। ଏଥିରେ ବାଲି ଭାଗ କମ ଏବଂ କର୍ଦ୍ଦମ ଅଂଶ ବେଶି ଥାଏ। ମାଟି ଓଦା ହେଲେ ଫଳକଗୁଡିକ ଫୁଲିଯାଏ। ହଳ କଲେ ଫାଳରେ କାଦୁଅ ଲାଗେ। ଏଣୁ ମାଟିର ପାଗ ଦେଖି ହଳ କରିବା ଉଚିତ। ମାଟି ଶୁଖିଗଲେ ଫଳକ ଦାନୀଗୁଡିକ ଟାଣ ହୁଏ। ବୁଣା ଯାଇଥିବା ମଞ୍ଜି ଗଜା ହେବାରେ ବାଧା ସୃଷ୍ଟି ହୁଏ। ବାୟୁ ଚଳାଚଳ ଠିକ୍ ହୋଇ ପାରେନାହିଁ। ଏଣୁ ମାଟିକୁ ଖୁସାଇ ଫଳକକୁ ଭାଙ୍ଗିବା ଉଚିତ। ମଞ୍ଜି ବୁଣାର ବର୍ଷା ପରେ ମଧ ଏପରି ପରିସ୍ଥିତି ସୃଷ୍ଟି ହୁଏ। ଲାଲ ଏବଂ ଲାଟେରାଇଟ କିସମ ଢିପ ଜମିରେ ଏପରି ଅବସ୍ଥା ହୋଇଥାଏ। ଢିପ କିସମ ଜମିରେ ଯଥେଷ୍ଟ ଖତ ପ୍ରୟୋଗ କରି ମୁଗ, ବିରି, ହରଡ, ମାଣ୍ଡିଆ, ସୁଆଁ ଆଦି ବୁଣା ଯାଇପାରେ। ଅତି ଢିପ ଜମିରେ ଆମ୍ବ, ପଣସ, ସପେଟା ଫଳ ଗଛ ଭଲ ହୁଏ ।

**ପ୍ରିଜମ୍ ବା ତ୍ରିଧାରକୃତି** : ଏ ପ୍ରକାର ସଂରଚନା ମାଟିର ଦାନାର ଲମ୍ବ, ଓସାରଠାରୁ ଅଧିକ। ମୋଟେଇ ଏବଂ ଧାର ଖୁବ ସରୁ। ଦାନାର ଉପର ଭାଗ ଗୋଲାକାର ଅବା ଚଟକା ହୋଇଥାଏ କିନ୍ତୁ ନିମ୍ନ ଭାଗ ଗୋଲାକାର।

ପ୍ରିଜମାକୃତି ଲୁଣା କିସମ ମାଟିରେ ଦେଖାଯାଏ। ଫଳକାକୃତି ପରି ପ୍ରିଜମାକୃତିରେ କର୍ଦ୍ଦମ ଅଂଶ ବାଲି ଏବଂ ପଟୁଠାରୁ ଅଧିକ ଥାଏ। ତେଣୁ ଅଧିକ ବର୍ଷା ବା ଜଳସେଚନ କଲେ ପ୍ରିଜମ୍‌ଗୁଡିକ ମିଳେଇ ଯାଏ। ମାଟି ଶୁଖିଗଲେ ମାଟି ଟାଣ ହୁଏ ଏବଂ ହଳପରେ ପ୍ରିଜମାକୃତି ସ୍ପଷ୍ଟ ଦେଖାଯାଏ। ଉପଯୁକ୍ତ ଜଳୀୟ ଅଂଶ ଦେଖି କ୍ଷେତକୁ ହଳ କରିବା ଉଚିତ। ଖାଲ ଓ ମଧ୍ୟମ କିସମ ଜମିରେ ରୁଆ ଧାନ ଭଲ ହୁଏ। ମଧ୍ୟମ କିସମ ଜମିରେ ବିଭିନ୍ନ ପନିପରିବା ଯଥା ବିଲାତି ବାଇଗଣ ସବୁ ପ୍ରକାର କୋବି ଜାତୀୟ ଫସଲ, ବିଟ୍, ଗାଜର, କଲରା ଏବଂ ପୋଇ ଭଲ ଲାଭଜନକ ଫସଲ। ପ୍ରିଜମ୍ ସଂରଚନା ମାଟିରେ ଫସଫେଟ ସାର ପ୍ରୟୋଗ କରି ନୀଳହରିତ ଶୈବାଳକୁ ଜୈବିକ ସାର ଭାବେ ବ୍ୟବହାର କଲେ ୧୦ ରୁ ୧୫ କିଲୋ ପର୍ଯ୍ୟନ୍ତ ଯବକ୍ଷାରଜାନ ମିଳିଥାଏ।

**ଘନାକୃତି** : ଜମି ହଳ ପରେ ମାଟି ଶୁଖିଗଲେ ବଡ ବଡ ଢେଲାମାନ ଦେଖାଯାଏ। ଉକ୍ତ ଢେଲାର ଲମ୍ବ, ପ୍ରସ୍ଥ ଓ ଉଚ୍ଚତା ପ୍ରାୟ ସମାନ। ଏହାକୁ ଘନାକୃତି ସଂରଚନା କୁହାଯାଏ। ଘନାକୃତି ଦାନାର ଧାରଗୁଡିକ ସିଧା ଏବଂ ସାଉଁଳିଆ ହେଲେ ଏଥିରେ କୋଣମାନ ଦେଖାଯାଏ। ଏହାକୁ ଘନକୋଣାକୃତି କୁହାଯାଏ। କେତେକ ଢେଲାର ଧାର ଧାରୁଆ ଏବଂ ଅଙ୍କା ବଙ୍କା ହେଲେ ଏଥିରେ ଅନେକ ଛୋଟ ଛୋଟ କୋଣମାନ ଦେଖାଯାଏ। ଏହାକୁ ଉପକୋଣ ଘନାକୃତି କୁହାଯାଏ। ଉଭୟ ଘନାକୃତି ଦାନା ମଧ୍ୟର ଛୋଟ ବଡ ଅନେକ ଫାଙ୍କମାନ ଦେଖାଯାଏ। ଏହା ଦ୍ୱାରା ମାଟିରେ ବାୟୁ ଚଳାଚଳ ଭଲ ହୁଏ। ବର୍ଷା ଜଳ ଫାଙ୍କ ମଧ୍ୟରେ ଭୂଗର୍ଭକୁ ପ୍ରବେଶ କରି ମାଟିର ଜଳଧାରଣ ଶକ୍ତି ବଢେ। ଘନାକୃତି ସଂରଚନା ଜମିରେ ମଞ୍ଜି ବୁଣିଲେ ମଞ୍ଜିଗୁଡିକ ଗଭୀରକୁ ଯାଇ ଗଜା ହେବାରେ ବିଳମ୍ବ ହୁଏ। ସମୟେ ସମୟେ ଗଜାଗୁଡିକ ମଧ୍ୟ ଢେଲା ତଳେ ରହି ନଷ୍ଟ ହୁଏ। ଘନାକୃତି ମାଟିରେ କର୍ଦ୍ଦମ ଅଧିକ ଥିବାରୁ ହଳ ପରେ ମଇ ଦେଇ କିମ୍ବା କାଠ ପିଟଣାରେ ଆଘାତ କରି ଢେଲାକୁ ଭାଙ୍ଗିବା ଉଚିତ। ଘନାକୃତି ସଂରଚନା ଜମିରେ ମାଟିକୁ ଅଧିକ କାଦୁଅ କରି ଧାନ ରୋଇବା ଅନୁଚିତ। ଏହାଦ୍ୱାରା ଚାରାର ନୂଆ ଚେର ଆସିବାରେ ଡେରି ହୁଏ। ବାୟୁ ଚଳାଚଳ ଏବଂ ଜଳ ନିଷ୍କାସନରେ ବାଧା ସୃଷ୍ଟି ହୁଏ। ବୁଣା ଫସଲ ଯଥା ଗହମ, ମକା, ବାଜରା ଓ ମୁଗ ବିରି ଆଦିକୁ ହାଲକା ଜଳସେଚନ କରିବା ଉଚିତ୍।

–ଶୈଳଶ୍ରୀ ବିହାର, ଭୁବନେଶ୍ୱର
ମୋ : ୯୫୫୬୨୬୬୦୮୫

## ବର୍ତ୍ତୁଳା ବା ଗୋଲାକୃତି

ଜମି ଚାଷ ପରେ ମାଟିର ଦାନା ସବୁର ଆକୃତି କ୍ଷୁଦ୍ର ଗୋଲାକାର । ଗୋଲେଇ ସବୁ ଛିଦ୍ରାଳୁ । ଛୋଟ ଗୋଲେଇ ଦାନାରେ ଜୈବ ଅଂଶ ଅଧିକ ଥାଏ । ଗୋଲାକୃତି ସଂରଚନା ମାଟିରେ ବାଲି, ପଟୁ ଓ କର୍ଦ୍ଦମ ପ୍ରାୟ ସମାନ ପରିମାଣରେ ଥାଏ । ମାଟିର ବର୍ତ୍ତୁଳାକାର ସଂରଚନା ଅନ୍ୟ ତିନିଗୋଟି ସଂରଚନାଠାରୁ ଉତ୍କୃଷ୍ଟ। ଏପ୍ରକାର ସଂରଚନା ମାଟିର ଉତ୍ତାପ ଏବଂ ବାୟୁ ପ୍ରବେଶ ସବୁଠାରୁ ଭଲ । ଏହାର ଜଳଧାରଣ ଶକ୍ତି ଅଧିକ । ଏଥିରେ ଠିକ୍ ସମୟରେ ଏବଂ ପ୍ରାୟ ଶତପ୍ରତିଶତ ମଞ୍ଜି ଗଜା ହୁଏ । ଲଙ୍ଗଳ ସିଆରରେ ମାଟି ଲାଗେ ନାହିଁ । ମାଟିର ଜଳଧାରଣ ଶକ୍ତି ଓ ଉତ୍ତାପ ଠିକ୍ ଅନୁପାତରେ ଥିବାରୁ ଏଥିରେ ଉପକାରୀ ଅଣୁ ଜୀବାଣୁ ବହୁତ ଥାଆନ୍ତି । ବର୍ତ୍ତୁଳାକୃତି ସଂରଚନା ଥିବା ମାଟି ଉର୍ବର । ଏହି ମାଟି ସବୁ ପ୍ରକାର ଫସଲ ଚାଷ ପାଇଁ ଉପଯୁକ୍ତ । ନଦୀକୂଳବର୍ତ୍ତି ପଠାଜମିରେ ଉକ୍ତ ସଂରଚନା ଦେଖାଯାଏ । ଚାଷୀ ନିଜ ଅନୁଭୂତିରୁ ଜମିର ସଂରଚନା ଜାଣିପାରିବେ । ପ୍ରଥମ ତିନିଗୋଟି ସଂରଚନା ଥିବା ମାଟିର ଉର୍ବରତା ଆଣିବା ପାଇଁ ଜମିରେ ଅଧିକ ଜୈବ ଖତ ପ୍ରୟୋଗ ସହ ସବୁଜସାର ଚାଷ କରିବା ଉଚିତ୍ ।



## ଆଶା ବଢ଼ାଇଛି କନ୍ଦମୂଳ ଚାଷ

ସୁଚିନ୍ତିତ ଯୋଜନା ସହ ପରିଶ୍ରମକୁ ପାଥେୟ କରି ସେ ନିଜ ଲକ୍ଷ୍ୟ ପଥରେ ଅଗ୍ରସର ହୋଇଥିଲେ। ଶେଷରେ ସ୍ଥାନୀୟ ଅଞ୍ଚଳରେ ନିଜକୁ ଜଣେ ସଫଳ ଚାଷୀ ଭାବରେ ପରିଚିତ କରାଇବାରେ ହୋଇଛନ୍ତି ସକ୍ଷମ। ସେ ହେଲେ ସତ୍ୟବାନ୍ ନାଏକ। କେନ୍ଦୁଝର ଜିଲା ଚମ୍ପୁଆ ଏନ.ଏ.ସି.ରେ ବର୍ଷର ବିଭିନ୍ନ ସମୟରେ ସୋଲା, ମକା, ବାଇଗଣ ଚାଷରେ ସର୍ବଦା ଆଗରେ ରହୁଥିବା ୱାର୍ଡ ନଂ-୧ ଗୋଧୂଳି ଗ୍ରାମ ଏବେ କନ୍ଦମୂଳ ଚାଷ ପାଇଁ ଚର୍ଚ୍ଚିତ ହୋଇଛି। ଶିକ୍ଷା



ସଫଳ ଚାଷୀ
ସତ୍ୟବାନ ନାଏକ

ସମାପ୍ତ ପରେ ଚାକିରି ଅନ୍ୱେଷଣରେ ବେଶ୍ କିଛି ବର୍ଷ ବିତିଯାଇଥିଲା। ସେଥିରେ ବିଫଳ ହେବାପରେ ଚାଷ ଆଡ଼କୁ ମନବଳାଇଥିଲେ ମେଘୁନାଥ ନାଏକ ଏବଂ ଫିଲିଙ୍ଗା ନାଏକଙ୍କ ପୁତ୍ର ସତ୍ୟବାନ (ମୋ : ୬୩୭୦୦୩୪୮୩୨)। "ପ୍ରଥମେ ଅଳ୍ପ ଜମିରେ କନ୍ଦମୂଳ ଚାଷ ଆରମ୍ଭ କରିଥିଲି। ସେଥିରେ ପ୍ରାରମ୍ଭିକ ସଫଳତା ମୋ ଉତ୍ସାହକୁ ବଢାଇଦେଲା। ଏହା ପରେ ଚାଷକୁ ସାହାରା କରି ଆଗକୁ ଆଗେଇବାକୁ ଚାହିଁଥିଲି। ମଟାଳ ମାଟି ହେତୁ ଗୋଧୂଳି ଗ୍ରାମରେ କନ୍ଦମୂଳ ଚାଷ ବେଶ୍ ଲାଭପ୍ରଦ ହୋଇପାରିଥିଲା। ଚଳିତବର୍ଷ ଦେଢ ଏକର ଜାଗାରେ କନ୍ଦମୂଳ ଚାଷ କରିଛି। ମୁଁ ସବୁବେଳେ ନିଜ ଦ୍ୱାରା ସଂଗୃହୀତ ବିହନରେ ଚାଷ କରିଥାଏ ଏବଂ ସେଥିରୁ ଭଲ ଲାଭ ମଧ୍ୟ ମିଳେ। ଏହି ଚାଷ ପାଇଁ ରଜରୁ ପ୍ରସ୍ତୁତି ପର୍ବ ଆରମ୍ଭ ହୋଇଯାଇଥାଏ। ଅଗଷ୍ଟଠାରୁ କନ୍ଦମୂଳ ଚାଷ ଜମିରେ ପୋତା ଯାଇଥାଏ। ୯୦ ଦିନ ପରେ ଏହା ଅମଳକ୍ଷମ ହୋଇଯାଇଥାଏ। ଚମ୍ପୁଆ, ଯୋଡା, ଝୁମ୍ପୁରା ଓ ମୟୂରଭଞ୍ଜ ଏବଂ ଝାଡଖଣ୍ଡର ଅନେକ ସ୍ଥାନରେ ଏହାର ଚାହିଦା ରହିଥିବାରୁ ସାପ୍ତାହିକ ହାଟଗୁଡିକରେ ବିକ୍ରି କରିଥାଏ। ନୂଆ ଅମଳ ସମୟରେ କିଲୋପ୍ରତି ୫୦ ରୁ ୬୦ ଟଙ୍କା ଓ ପରେ ଏହା ୪୦ ଟଙ୍କାରେ ବିକ୍ରି ହେଉଥିବାରୁ ଏହା ଏକ ଲାଭଦାୟକ ବ୍ୟବସାୟ ଭାବେ ପରିଗଣିତ ହୋଇପାରିଛି ବୋଲି କହନ୍ତି ଏହି ସଫଳ ଚାଷୀ। ସତ୍ୟବାନ ଦେଢ ଏକର ଚାଷ ପାଇଁ ୨୫ ରୁ ୩୦ ହଜାର ଟଙ୍କା ଖର୍ଚ୍ଚ କରିଥିବା ବେଳେ ଅମଳ ପରେ ଏକ ଲକ୍ଷରୁ ଏକ ଲକ୍ଷ କୋଡିଏ ହଜାର ଟଙ୍କା ପର୍ଯ୍ୟନ୍ତ ବିକ୍ରି ହୋଇଥାଏ ବୋଲି ସେ କୁହନ୍ତି।

– ମହେଶ୍ୱର ଦାସ



## ଗହମରେ କାଳିଗୁଣ୍ଡି ଲାଗୁଥିଲେ...

ଗହମ ଫସଲରେ କାଳିଗୁଣ୍ଡି ରୋଗ ହୋଇଥିଲେ, ଏହାର ଦମନ ସକାଶେ ଆକ୍ରାନ୍ତ ଗଛଗୁଡିକୁ ମାଟିରେ ପୋତି ଦିଅନ୍ତୁ କିମ୍ବା ପୋଡି ଦିଅନ୍ତୁ ଏବଂ ଏକର ପ୍ରତି ୨୦୦ଗ୍ରାମ୍ କାର୍ବେଣ୍ଡାଜିମ୍ ୨୦୦ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ସଅଳ ଲଗାଯାଇଥିବା ଫସଲରେ ଶସ୍ୟତ୍ୟାଗ ରୋଗ ଲାଗିବାର ଆଶଙ୍କା ଅଛି। ଏହାର ଦମନ ପାଇଁ ଏକର ପ୍ରତି ୬୦୦ଗ୍ରାମ୍ ମାଙ୍କୋଜେବ୍ ୨୦୦ଲିଟର ପାଣିରେ ସିଞ୍ଚନ କରନ୍ତୁ। ବର୍ଷା ନ ଥିଲେ ଫସଲରେ ଜଳସେଚନର ଆବଶ୍ୟକତା ବଢ଼ିଯାଇଥାଏ, ଫୁଲ ଓ କ୍ଷୀର ଢ଼ୋକିବା ଅବସ୍ଥାରେ ଜଳସେଚନ ପ୍ରତି ଧ୍ୟାନ ଦିଅନ୍ତୁ।



## ହଳଦୀର ଉନ୍ନତ କିସମ

ରୋମା ,ସୁରମା, ରଙ୍ଗ, ରଶ୍ମୀ, ନାମରେ ଚାରୋଟି ହଳଦୀ କିସମ ଆମ ରାଜ୍ୟ ପାଇଁ ଉପଯୁକ୍ତ। ଏକ ଏକର ଜମିପାଇଁ ୮-୧୦କୁଇଣ୍ଟାଲ ହଳଦୀ ଦରକାର ହୁଏ। ଏହି ଖଣ୍ଡ ଗୁଡିକୁ ୨-୩ଯି ଆଖି ଥାଇ ୨୦ରୁ ୨୫ଗ୍ରାମ ଓଜନର ହଳଦୀ ମୁଣ୍ଡା ଓ ଏଥିରୁ ବାହାରିଥିବା ପ୍ରଥମ ପୁଆ ବିହନ ଆକାରରେ ଲଗାନ୍ତୁ। ଜମିକୁ ଗୁଣ୍ଡ ଚାଷ କରି ଏକ ମିଟର ଓସାର ,୧୫ସେ.ମି ଉଚ୍ଚା ଓ ସୁବିଧା ଅନୁସାରେ ଲମ୍ବା ରଖି ପଟାଳୀମାନ କରନ୍ତୁ। ଲଗାଇବା ପୂର୍ବରୁ ପ୍ରତି ୧୦ ଲିଟର ପାଣିରେ ୪୦ଗ୍ରାମ ମାଙ୍କୋଜେବ୍ ଗୁଣ୍ଡ,୧୦ଗ୍ରାମ୍ କାର୍ବେଣ୍ଡାଜିମ୍ ଗୁଣ୍ଡ ଓ ୫ ମିଲି ମାଲାଥିଅନ୍ ଗୋଳାଇ ଏଥିରେ ପ୍ରାୟ ୫୦କି.ଗ୍ରା ହଳଦୀକୁ ବିଶୋଧନ କରନ୍ତୁ। ଏହାପରେ ବିହନକୁ ଛାଇରେ ଶୁଖାନ୍ତୁ। ଶେଷ ଓଡ ଚାଷ ବେଳେ ଏକର ପ୍ରତି ୧୦ଗାଡି (୫ଟନ) ଓ ହଳଦୀ ଲଗାହେବା ପରେ ସିଆର ଓ ପଟାଳୀରେ ୧୦ଗାଡି ଗୋବର ଖତ ଦିଅନ୍ତୁ। ଏକର ପ୍ରତି ୨୪କି.ଗ୍ରା ଯବକ୍ଷାରଜାନ ,୧୨କି.ଗ୍ରା ଫସଫରସ,୩୬କି.ଗ୍ରା ପଟାସ ତିନିଥରରେ ଦିଅନ୍ତୁ। ପ୍ରଥମ ଥର ସମୁଦାୟ ସୁପର ଫସଫେଟ ଓ ଅଧା ମ୍ୟୁରିଏଟ ଅଫ୍ ପଟାସ ଦେଇ ହଳଦୀ ଲଗାନ୍ତୁ।



## ଆଳୁ ଚାଷରେ ପତ୍ରପୋଡ଼ା ରୋଗ ଦମନ



ଆଳୁ ଫସଲ ୨-୩ ସପ୍ତାହର ହୋଇଯାଇଥିଲେ ପ୍ରଥମ କୋଡ଼ାଖୁସା କରି ହୁଡ଼ା ଟେକି ଦିଅନ୍ତୁ। ଏହି ସମୟରେ ୫୦ କି.ଗ୍ରା. ଯବକ୍ଷାରଜାନ, ୬୦ କି.ଗ୍ରା. ପଟାସ୍ ଆଳୁ ଗଛରେ ଧାଡ଼ିର ଦୁଇପାଖରେ ୭-୧୦ ସେ.ମି. ଦୂରତାରେ ୨-୩ ସେ.ମି. ଗଭୀରରେ ପ୍ରୟୋଗ କରନ୍ତୁ। ଆଳୁ ଫସଲରେ ସଅଳ ପତ୍ରପୋଡ଼ା ରୋଗରୁ ରକ୍ଷା ପାଇବା ପାଇଁ ହେକ୍ଟର ପ୍ରତି ୧.୫ କି.ଗ୍ରା. ମାଙ୍କୋଜେବ୍‌କୁ ୫୦୦ ଲିଟର ପାଣିରେ ମିଶାଇ ଆଗତୁରା ଆଳୁଗଛରେ ଭଲଭାବରେ ସିଞ୍ଚନ କରନ୍ତୁ। ସିଞ୍ଚନ ବେଳେ ଏହାର ପତ୍ରର ଉପର ଓ ତଳପାଖରେ ପଡ଼ିବା ଆବଶ୍ୟକ। ପିଆଜ ଫସଲରେ ଗଛ ରୋଇବାର ୩ ଦିନ ପୂର୍ବରୁ ହେକ୍ଟର ପ୍ରତି ୧୦୦୦ ମି.ଲି. ବାସାଲିନ୍‌କୁ ୫୦୦ ଲିଟର ପାଣିରେ ମିଶାଇ ପ୍ରୟୋଗ କରନ୍ତୁ କିମ୍ବା ତଳି ରୋଇବାର ୩ ଦିନ ପରେ ହେକ୍ଟର ପ୍ରତି ୩.୫ ଲିଟର ଷ୍ଟମ୍ପ୍ ବା ୧୫୦୦ ମି.ଲି. ଟ୍ରିବୁଲିନ୍ ୫୦୦ ଲିଟର ପାଣିରେ ମିଶାଇ ପ୍ରୟୋଗ କରନ୍ତୁ। ଏହାଦ୍ୱାରା ଅନାବନା ଘାସ ଦାଉରୁ ରକ୍ଷା ମିଳିଥାଏ। କୋବି ଜାତୀୟ ଫସଲରେ ବନ୍ଧାକୋବିର ବିନ୍ଧାପୋକ, ଠିକିରିପିଠିଆ ପୋକ, କରତିଆ ମାଛି ଆଦି କୀଟର ନିୟନ୍ତ୍ରଣ ପାଇଁ ହେକ୍ଟର ପ୍ରତି ୧ଲିଟର ଫିପ୍ରୋନିଲ୍ କିମ୍ବା ୨୦୦ ଗ୍ରାମ୍ ଇମାମେକ୍ଟିନ୍ ବେନ୍‌ଜଏଟ୍ ବା ୫୦୦ ଗ୍ରାମ୍ ଫିପ୍ରୋନିଲ୍ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ଶୀତ ଦିନରେ ଭଲଭାବରେ ବଢୁଥିବା



ପୋଦିନା, ଧନିଆ, ମେଥି, କୋଶଳା, ପାଳଙ୍ଗ ଆଦି ଶାଗ ଚାଷ କରନ୍ତୁ। ମଝିଆଳି କିସମ ଫୁଲକୋବିରେ ଲିଟର ପ୍ରତି ୩ ଗ୍ରାମ୍ ହିସାବରେ ବୋରନ୍ ସିଞ୍ଚନ କରନ୍ତୁ।

## ଶୀତଦିନେ ପ୍ରାଣୀଙ୍କ ଯତ୍ନ

(ଶେଷ ଭାଗ)

**ବାସଗୃହ:** ଗୋରୁ ଗୁହାଳ, ଛେଳିମେଣ୍ଢାଙ୍କ ଘର, କୁକୁଡ଼ା ଘର ସର୍ବଦା ଶୁଖିଲା ଓ ସଫା ସୁତୁରା ରହିବା ଆବଶ୍ୟକ। ଶୀତଦିନେ ଅଧିକ ଶୀତ ହେବା ଫଳରେ ଶ୍ୱାସନଳୀ ଜନିତ ସଂକ୍ରମଣ ଯୋଗୁ ଛେଳିମେଣ୍ଢା ନିମୋନିଆ ରୋଗରେ ଶିକାର ହୁଅନ୍ତି। ତେଣୁ ଛେଳିମେଣ୍ଢା ରହୁଥିବା ଘରେ ରାତ୍ରରେ ଘରର ଉତ୍ତାପ ବଢ଼ାଇବା ପାଇଁ ରୁମ୍ ହିଟର ବ୍ୟବସ୍ଥା ରହିଲେ ଭଲ। ଶୀତଦିନେ ଛେଳିମେଣ୍ଢାଙ୍କୁ ଭାଡି ଉପରେ କିମ୍ବା ବାଲିଗୁହାଳେ ରଖିଲେ ଭଲ। ଗୋରୁ ଗୁହାଳ ଭିତର ଓ ବାହାର ସର୍ବଦା ପରିଷ୍କାର ପରିଚ୍ଛନ୍ନ ରଖନ୍ତୁ। ଗୁହାଳ ଘରେ ଅଳିଆ ଆବର୍ଜନା ରଖିଲେ ଟିଙ୍କ ଓ ଉକୁଣି ହେବାର ଆଶଙ୍କା ଅଧିକ ଥାଏ। ଗୁହାଳେ ଆଲୋକ ଓ ବାୟୁ ଚଳାଚଳ ଠିକ୍ ରହିବା ଦରକାର ଏବଂ ଏହା ଅନ୍ଧାରିଆ ରହିବା ଉଚିତ ନୁହେଁ। ଗୁହାଳେ ଗୋରୁଙ୍କୁ ଗହଳିରେ ନ ରଖି ଆବଶ୍ୟକ ସଂଖ୍ୟକ ରଖନ୍ତୁ। ନଚେତ ଏହି ଗହଳି ଯୋଗୁ ଟିଙ୍କ ଉକୁଣିଙ୍କ ସଂଖ୍ୟା ବୃଦ୍ଧି ହେବା ସଙ୍ଗେ ସଙ୍ଗେ ବିଭିନ୍ନ ଏକକୋଷୀ ପ୍ରାଣୀ ରୋଗ ଯଥା- ଥେଇଲେରିଆ, ରକ୍ତ ପରିସ୍ରା, ସରା ଆଦି ରୋଗ ହେବାର ଆଶଙ୍କାସହିତ ବିଭିନ୍ନ ଜୀବାଣୁଜନିତ ରୋଗ, ଯଥା- ସାହାଣା ରୋଗ, ଆନ୍ଥ୍ରାକ୍ସ ରୋଗ ; ଭୂତାଣୁଜନିତ ଅଢେଇଆ ରୋଗ ଦେଖା ଦେବାର ଆଶଙ୍କା ରହିଥାଏ। ଅଧିକ ଉତ୍ପାଦନକ୍ଷମ ସଙ୍କର ଗାଈ ପାଇଁ ଗୁହାଳର ଚଟାଣ ସିମେଣ୍ଟ କଂକ୍ରିଟ ହେବା ସହିତ ଅଳ୍ପ ଢାଲୁ ଓ ଖଦଖଦଡିଆ ହେବା ଦରକାର। କୁକୁଡା ଘର ଚଟାଣ ମଧ ସିମେଣ୍ଟରେ ନିର୍ମିତ ହେବା ଆବଶ୍ୟକ।

**ଖାଦ୍ୟ :** ଶୀତଦିନେ ପ୍ରାତଃସକାଳେ କୁହୁଡି ସହିତ ଘାସ ପତ୍ରରେ ପଡିଥିବା କାକର ଗୋରୁଙ୍କ ପାଇଁ ବହୁରୋଗର କାରଣ ହୋଇଥାଏ। ସୂର୍ଯ୍ୟୋଦୟ ପୂର୍ବରୁ କୌଣସିମତେ ଗୋରୁଙ୍କୁ ବାହାରକୁ ଚରିବାକୁ ଛାଡନ୍ତୁ ନାହିଁ। ଶୀତଦିନେ ଗୋରୁଙ୍କଠାରେ ଖାଦ୍ୟାଭାବ ଜନିତ ଲକ୍ଷଣ ପ୍ରକାଶ ପାଇଥାଏ ଏବଂ ଏହି ଖାଦ୍ୟାଭାବରେ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ହ୍ରାସ ପାଇବା ଯୋଗୁ ବିଭିନ୍ନ ରୋଗ ଧରିବାର ଆଶଙ୍କା ଥାଏ। ଶୀତଦିନେ ଗୋରୁଙ୍କୁ ଉତ୍ତାପ ଶକ୍ତି ପ୍ରଦାୟକ ଜାତୀୟ ଖାଦ୍ୟ ଯଥା- ଘାସ, ନଡ଼ା, ପାଳ, କୁଣ୍ଡା, ଚୋକଡ଼, ତାଳପତ୍ର, ମକାଗଛ ପତ୍ର ଓ କାଣ୍ଡ ଇତ୍ୟାଦି ଖାଇବାକୁ ଦେବା ଜରୁରୀ। କୁକୁଡାଙ୍କୁ ଫିମ୍ପିମରା ବା ଗମ୍ବୁ ମାରିଥିବା ପୁରୁଣାଦାନା ନ ଦେଇ ସର୍ବଦା ସଦ୍ୟ ପ୍ରସ୍ତୁତ (୧୫ ଦିନ ମଧ୍ୟରେ ପ୍ରସ୍ତୁତ) ଦାନା ଖାଇବାକୁ ଦେବା ଭଲ। ଗୋରୁ, ଛେଳିମେଣ୍ଢାଙ୍କ ଖାଦ୍ୟରେ ଧାତବଲବଣ ମିଶ୍ରିତ ଭିଟାମିନ୍ ଖାଇବାକୁ ଦିଅନ୍ତୁ। ଶୀତଦିନେ ଆଜୋଲା ଚାଷ କରି ଗୋରୁ, ଛେଳିମେଣ୍ଢା, ଘୁଷୁରି ଓ କୁକୁଡାକୁ ଖାଇବାକୁ ଦେଲେ ବେଶ୍ ଉପକାର ମିଳିଥାଏ। ସେହିପରି ଶୀତଦିନେ ନଡାକୁ ଛୋଟଛୋଟ ଖଣ୍ଡ କରି ପାଣିରେ ଧୋଇ ଗୋରୁକୁ ଖାଇବାକୁ ଦେଲେ ସେଥିରେ ଥିବା ଅକ୍‌ଜାଲିକ୍ ଏସିଡ୍ ବାହାରିଯିବା ଯୋଗୁ ନଡାର ଖାଦ୍ୟଗୁଣ ବଢ଼ିଥାଏ।

**ପ୍ରଜନନ :** ଶୀତଦିନେ ଗାଈ ବା ଛଡା ତୃଣଜାତୀୟ ଖାଦ୍ୟ ପାଇଁ ଅଧିକ ସଂଖ୍ୟକ ଗରମକୁ ଆସିବା ସହିତ ଗର୍ଭବତୀ ହୋଇଥାଆନ୍ତି ଏବଂ ଅଧିକ ସଂଖ୍ୟକ ଗାଈ ଓ ମଇଁଷି ବାଛୁରି ପ୍ରସବ କରନ୍ତି। ଶୀତଦିନେ ଗାଈ ବା ଛଡା ଠିକ୍ ସମୟରେ ଯଦି ଗରମକୁ ନ ଆସନ୍ତି ତେବେ ସେମାନଙ୍କୁ ଡାକ୍ତରଙ୍କ ଦ୍ୱାରା ପରୀକ୍ଷା କରାଇ ଚିକିତ୍ସା କରାନ୍ତୁ। ଗାଈ ଗରମ ହେବାର ୧୨ ଘଣ୍ଟାର ୧୮ ଘଣ୍ଟା ମଧ୍ୟରେ କୃତ୍ରିମ ପ୍ରଜନନ କରାଇନେବାର ହେଉଛି ପ୍ରକୃଷ୍ଟ ସମୟ। ଗାଈ ବା ଛଡା ଗରମ ନ ଆସିଲେ, ଗାଈଙ୍କ କୃମି ପରୀକ୍ଷା ଓ ଜନନେନ୍ଦ୍ରିୟ ପରୀକ୍ଷା ସହ ଧାତବଲବଣ ମିଶ୍ରିତ ଭିଟାମିନ୍ ଓ ଅନ୍ୟାନ୍ୟ ଔଷଧ ଡାକ୍ତରଙ୍କ ପରାମର୍ଶକ୍ରମେ ଦେବା ପ୍ରୟୋଜନ। ଗାଈ ବାରମ୍ବାର ଲେଉଟାଉଥିଲେ ଏହା ଜୀବାଣୁ ସଂକ୍ରମଣ ଜନିତ କି ଡିମ୍ବାଶୟର ଅପରିପକ୍ୱତା ବା ନିମ୍ନ ମାନର ଗଠନ ସହ ଡିମ୍ବାଣୁ ଡିମ୍ବାଶୟରୁ ସ୍ଖଳନ ନ ହେବା ଯୋଗୁ ଘଟୁଛି, ତାହା ନିର୍ଣ୍ଣୟ କରିବା ଏକାନ୍ତ ଆବଶ୍ୟକ ଏବଂ ତଦନୁଯାୟୀ ଚିକିତ୍ସା ମଧ କରିବା ଜରୁରୀ। ଯଦି ଫୁଲ ପ୍ରସବ କରିବାର ୧୨ ଘଣ୍ଟା ମଧ୍ୟରେ ନ ପଡ଼େ, ତେବେ ଚିକିତ୍ସକଙ୍କ ସାହାଯ୍ୟ ନେଇ ଫୁଲ କାଢିବା ଉଚିତ ବା ଚିକିତ୍ସା କରିବା ଦରକାର।



–ଡା. ବୀରକିଶୋର ପରିଡ଼ା
ମୋ : ୯୪୩୭୬୦୭୩୧୨

# ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/18-20. ବୁଧବାର, ଡିସେମ୍ବର ୧୬/୨୦୨୦ Wednesday, December 16/ 2020




ଇଣ୍ଡିଆନ ସୁପରଲିଗ୍‌ର ମଙ୍ଗଳବାର ଅନୁଷ୍ଠିତ ମ୍ୟାଚରେ ବ୍ୟକ୍ତିଗତ ଦ୍ୱିତୀୟ ଗୋଲ ସ୍କୋର କରିବା ଅବସରରେ ହାଇଦ୍ରାବାଦର ଆରିଡେନ୍ ସାଣ୍ଟାନା (ବାମରୁ ଦ୍ୱିତୀୟ)।

# ହାଇଦ୍ରାବାଦ ୩, ଇଷ୍ଟବେଙ୍ଗଲ ୨

**ଭାସ୍କୋ, ୧୫।୧୨**

ସ୍ଥାନୀୟ ତିଳକ ମଇଦାନରେ ମଙ୍ଗଳବାର ଅନୁଷ୍ଠିତ ଏକ ସଂଘର୍ଷପୂର୍ଣ୍ଣ ଇଣ୍ଡିଆନ ସୁପରଲିଗ୍ (ଆଇଏସ୍‌ଏଲ) ମ୍ୟାଚରେ ହାଇଦ୍ରାବାଦ ଏଫସି ୩-୨ ଗୋଲରେ ଇଷ୍ଟବେଙ୍ଗଲକୁ ପରାସ୍ତ କରିଛି। ଫଳରେ ଏକଦା ଅଗ୍ରଣୀ ହାସଲ ସତ୍ତ୍ୱେ ଇଷ୍ଟବେଙ୍ଗଲ ପୁଣି ପରାଜୟ ସ୍ୱାଦ ଚାଖିଛି। ୫ ମ୍ୟାଚରୁ ୪ର୍ଥ ପରାଜୟ ସହ ଇଷ୍ଟବେଙ୍ଗଲ ମାତ୍ର ୧ ପଏଣ୍ଟ ପାଇ ଟେବୁଲର ୧୧ତମ ସ୍ଥାନରେ ଅପରିବର୍ତ୍ତିତ ରହିଛି। ଅନ୍ୟପକ୍ଷରେ ହାଇଦ୍ରାବାଦର ଅପରାଜେୟ ଧାରା ଜାରି ରହିଛି। ଦଳ ୫ ମ୍ୟାଚରୁ ୨ ବିଜୟ ଓ ୩ ଡ୍ର ସହ ୯ ପଏଣ୍ଟ ପାଇ ୫ମ ସ୍ଥାନକୁ ଉନ୍ନୀତ ହୋଇଛି।

ପୂର୍ବ ୪ଟି ମ୍ୟାଚରେ ଗୋଟିଏ ହେଲେ ଗୋଲ ଦେଇପାରି

## ଇଣ୍ଡିଆନ ସୁପରଲିଗ୍

ନ ଥିବା ଇଷ୍ଟବେଙ୍ଗଲ ଏଠାରେ ଆକ୍ରମଣାତ୍ମକ ରଣନୀତିରେ ଖେଳିଥିଲା। ପ୍ରାରମ୍ଭରେ ଏହାର ଫାଇଦା ମଧ୍ୟ ମିଳିଥିଲା। ୨୬ତମ ମିନିଟରେ ଜ୍ୟାକ୍ସ ମାଘୋମା ଏକ ଗୋଲ ଦେଇ ଇଷ୍ଟବେଙ୍ଗଲକୁ ଅଗ୍ରଣୀ କରାଇଥିଲେ। ଆଇଏସ୍‌ଏଲ ପ୍ରଥମଥର ପାଇଁ ଭାଗ ନେଉଥିବା ଇଷ୍ଟବେଙ୍ଗଲର ପ୍ରଥମ ଗୋଲ। ପୂର୍ବ ୪ ମ୍ୟାଚରେ ଦଳ ୭ ଗୋଲ ବରଣ କରିଥିଲେ ହେଁ ଥରେ ହେଲେ ପ୍ରତିପକ୍ଷ ନେଟ୍ ସ୍ପର୍ଶ କରିପାରି ନ ଥିଲା। ହାଇଦ୍ରାବାଦ ଗୋଲପୋଷ୍ଟ ବକ୍ସ ଏରିଆର ନିକଟରେ ଥିବା ମ୍ୟାଟ ଷ୍ଟେଇନ୍‌ମ୍ୟାନଙ୍କ ନିକଟକୁ ଚମତ୍କାରଭାବେ ବଲ୍ ଥ୍ରୋ କରିଥିଲେ ଆଣ୍ଟୋନୀ ପିଲ୍‌କିଙ୍ଗଟନ। ବକ୍ସ ମଧ୍ୟରେ ଥିବା ମାଘୋମାଙ୍କ ନିକଟକୁ ଷ୍ଟେଇନ୍‌ମ୍ୟାନ ବଲ୍‌କୁ ବଢ଼ାଇ ଦେଇଥିଲେ। ମାଘୋମା ଶକ୍ତିଶାଳୀ ଶଟ୍ ମାଧ୍ୟମରେ ଏହାକୁ ଗୋଲରେ ପରିଣତ କରିଥିଲେ। ଗୋଲକିପର ସୁବ୍ରତ ପଲ୍‌ଙ୍କ ହାତରେ ବାଜିଥିଲେ ହେଁ ବଲ୍ ଅଟକି ନ ଥିଲା। ଇଷ୍ଟବେଙ୍ଗଲ ପାଇଁ ଏହି ଗୋଲ ସ୍ୱତନ୍ତ୍ର ମୁହୂର୍ତ୍ତ ଆଣିଥିଲା। ପ୍ରଥମାର୍ଦ୍ଧର ଠିକ୍ ପୂର୍ବରୁ ଗୋଲ ପରିଶୋଧ ପାଇଁ ହାଇଦ୍ରାବାଦ ନିକଟରେ ସୁବର୍ଣ୍ଣ ସୁଯୋଗ ପହଞ୍ଚିଥିଲା। ମାତ୍ର ପେନାଲ୍ଟି ମିସ୍ କରିଥିଲେ ଦଳର ତାରକା ଷ୍ଟ୍ରାଇକର ଆରିଡେନ୍ ସାଣ୍ଟାନା। ଫଳରେ ପ୍ରଥମାର୍ଦ୍ଧ ଶେଷସୁଦ୍ଧା ଇଷ୍ଟବେଙ୍ଗଲ ୧-୦ ଗୋଲରେ ଅଗ୍ରଣୀ ରହିଥିଲା।



ଇଷ୍ଟବେଙ୍ଗଲ ପକ୍ଷରୁ ଡବଲ ଗୋଲ ସ୍କୋରର ଜ୍ୟାକ୍ସ ମାଘୋମା।

ଦ୍ୱିତୀୟାର୍ଦ୍ଧ କିନ୍ତୁ ସାଣ୍ଟାନା ଓ ହାଇଦ୍ରାବାଦ ନାମରେ ରହିଥିଲା। ୫୬ତମ ମିନିଟରେ ମହମ୍ମଦ ୟାସିରଙ୍କଠାରୁ ପାଇଥିବା ପାସ୍‌କୁ ଗୋଲରେ ପରିଣତ କରି ସାଣ୍ଟାନା ମ୍ୟାଚକୁ ସମାନ ସ୍ତରକୁ ନେଇ ଆସିଥିଲେ। ସେଇ ୧ ମିନିଟ ମଧ୍ୟରେ ଲିଷ୍ଟନ କୋଲାକୋଙ୍କଠାରୁ ପାସ୍ ପାଇ ତାହାକୁ ଗୋଲ କରିବା ସହ ସାଣ୍ଟାନା ହାଇଦ୍ରାବାଦକୁ ପ୍ରତୀକ୍ଷିତ ଅଗ୍ରଣୀ କରାଇଥିଲେ। ୬୮ତମ ମିନିଟରେ ହାଲିଚରନ ନାର୍ଜାରେ ଆଉ ଏକ ଗୋଲ ଦେଇ ହାଇଦ୍ରାବାଦ ଅଗ୍ରଣୀକୁ ଆଗକୁ ବଢ଼ାଇଥିଲେ। ଏଥର ମଧ୍ୟ ନାର୍ଜାରେଙ୍କୁ କୋଲାକୋ ପାସ୍ ଦେଇଥିଲେ। କ୍ରମେ ହାଇଦ୍ରାବାଦ ପ୍ରାଧାନ୍ୟ ବିସ୍ତାର କରିଥିବାବେଳେ ୮୧ତମ ମିନିଟରେ ମାଘୋମା ବ୍ୟକ୍ତିଗତ ଦ୍ୱିତୀୟ ଗୋଲ ସ୍କୋର କରି ଇଷ୍ଟବେଙ୍ଗଲ ପାଇଁ ପ୍ରତ୍ୟାବର୍ତ୍ତନ ସୁଯୋଗ ସୃଷ୍ଟି କରିଥିଲେ। ଏଥର ମଧ୍ୟ ପିଲକିଙ୍ଗଟନ ତାଙ୍କୁ ସହଯୋଗ କରିଥିଲେ। ମାତ୍ର ଅବଶିଷ୍ଟ ସମୟ ହାଇଦ୍ରାବାଦ ସତର୍କତାର ସହ ଖେଳିବାରୁ ଇଷ୍ଟବେଙ୍ଗଲ ଆଶା ଅଧୁରା ରହି ଯାଇଥିଲା। ହାଇଦ୍ରାବାଦର କୋଲାକୋ ପାସ୍ ଅଫ୍ ଦି ମ୍ୟାଚ ଏବଂ ସାଣ୍ଟାନା ହିରୋ ଅଫ୍ ଦି ମ୍ୟାଚ ପୁରସ୍କାର ପାଇଛନ୍ତି।

# ମାର୍ଚ୍ଚ ୨୫ରୁ ଅଲିମ୍ପିକ ମଶାଲ ରିଲେ

**ଟୋକିଓ, ୧୫।୧୨ (ଏପି)**

କରୋନା ମହାମାରୀ ବେଳେ ସଫଳତାର ସହ ଅଲିମ୍ପିକ୍ସ ଆୟୋଜନ ହୋଇ ପାରିବ କି ନା ତାହା ଏବେବି ଅସ୍ପଷ୍ଟ। ଏହାସତ୍ତ୍ୱେ ସ୍ଥଗିତ ରହିଥିବା ଟୋକିଓ ଅଲିମ୍ପିକ୍ସର ଆୟୋଜନ ପାଇଁ ପ୍ରସ୍ତୁତି କାର୍ଯ୍ୟ ଚାଲିଛି। ୩ମାସ ପରେ ଅର୍ଥାତ୍ ମାର୍ଚ୍ଚ ୧୫ରୁ ଜାପାନ ସହର ଫୁକୁଶିମାଠାରୁ ମଶାଲ ରିଲେ ଆରମ୍ଭ ହେବ ବୋଲି ଆୟୋଜକଗଣ ମଙ୍ଗଳବାର ସୂଚନା ଦେଇଛନ୍ତି। ମଶାଲ ରିଲେ ସମଗ୍ର ଜାପାନ ପରିକ୍ରମା କରିବ। ଏଥିରେ ୧୦,୦୦୦ ଧାବକ ଏବଂ ସମାନ ସଂଖ୍ୟକ ଅଫିସିଆଲ ଭାଗ ନେବେ। ଏଥିରେ ସ୍ଥାନୀୟ ବାସିନ୍ଦାଙ୍କୁ ସାମିଲ କରାଯାଇ ନାହିଁ। ରିଲେ ପାଇଁ କେତେକ କୋଭିଡ୍ କଟକଣା ଜାରି କରାଯାଇଥିବା ଟୋକିଓ ଅଲିମ୍ପିକ ଆୟୋଜକ କମିଟି ଉପମହାନିର୍ଦ୍ଦେଶକ ୟୁକିହିକୋ ନୁନୋମୁରା କହିଛନ୍ତି। ଅଲିମ୍ପିକର ଦୁଇ ହେଭିଓ୍ୱେଟ୍ ପ୍ରାୟୋଜକ ଟୋୟୋଟା ଏବଂ କୋକାକୋଲା ରିଲେର ପ୍ରାୟୋଜକ ହୋଇଛନ୍ତି। ଖର୍ଚ୍ଚ ଓ ସୁରକ୍ଷା ଦୃଷ୍ଟିରୁ ପ୍ରଥମେ ଏହି ଇଭେଣ୍ଟକୁ ଏଥର ନ କରିବା ଲାଗି ବିଚାର ହୋଇଥିଲା। ପରବର୍ତ୍ତୀ ମୁହୂର୍ତ୍ତରେ ନିଷ୍ପତ୍ତିରେ ପରିବର୍ତ୍ତନ କରାଯାଇଥିଲା। ମଶାଲ ରିଲେ ୧୨୧ ଦିନ ଧରି ଅନୁଷ୍ଠିତ ହେବ। ଏହା ୮୫୯ ମ୍ୟୁନିସିପାଲିଟି ମଧ୍ୟ ଦେଇ ଅତିକ୍ରମ କରିବ। କାର୍ଯ୍ୟକ୍ରମକୁ ସହଜ ଓ ସରଳ କରିବା ଲାଗି ଯୋଜନା ହୋଇଛି। ଦର୍ଶକ ଓ ଯାନବାହନ ସଂଖ୍ୟାକୁ ସୀମିତ କରାଯାଇଥିବା ନୁନୋମୁରା କହିଛନ୍ତି। ୧୦୦ଦିନ ପରେ ରିଲେ ଆରମ୍ଭ ହେବା ପର୍ଯ୍ୟନ୍ତ ଜାପାନର ସର୍ବୋଚ୍ଚ ଟାୱାର ଦି ଟୋକିଓ ସ୍କାଏଟ୍ରିକୁ ମଙ୍ଗଳବାରଠାରୁ ସ୍ୱର୍ଣ୍ଣାଲୋକରେ ସଜ୍ଜିତ କରାଯାଇଛି। ସ୍ଥଗିତ ରଖାଯାଇଥିବା ଟୋକିଓ ଅଲିମ୍ପିକ୍ସ ୨୦୨୧ ଜୁଲାଇ ୨୩ରୁ ଆରମ୍ଭ ହେବ। ଏଥିରେ ପ୍ରାୟ ୧୧,୦୦୦ ଆଥଲେଟ ଅଂଶଗ୍ରହଣ କରିବେ। ଏହାଛଡ଼ା ପାରା ଅଲିମ୍ପିକ୍ସରେ ଆହୁରି ୪,୪୦୦ ଅଧିକ ଅଂଶଗ୍ରହଣ କରିବେ। ଆସନ୍ତାବର୍ଷ ପ୍ରାରମ୍ଭରେ କରୋନା ଭାଇରସ ପାଇଁ କି କି ପ୍ରତିଷେଧମୂଳକ ପଦକ୍ଷେପ ନିଆଯାଉଛି ତାହାକୁ ମଶାଲ ରିଲେ କାର୍ଯ୍ୟକ୍ରମ ଓ ଅଲିମ୍ପିକ୍ସ ଆୟୋଜକ ଅପେକ୍ଷା କରି ରହିଛନ୍ତି। କରୋନା ଚିକିତ୍ସା ପାଇଁ କେତୋଟି ଭ୍ୟାକ୍ସିନ ବାହାରିବା ପରେ ସେମାନେ ଉତ୍ସାହିତ ହୋଇପଡ଼ିଛନ୍ତି। ଜାପାନରେ ଗତ କିଛି ସପ୍ତାହ ହେଲା ନୂଆ କରୋନା ସଂକ୍ରମିତ ଦେଖିବାକୁ ମିଳିଛି। ଶନିବାର ମୋଟ ନୂଆ ରୋଗୀ ସଂଖ୍ୟା ୩,୦୪୧ରେ ପହଞ୍ଚିଛି। ପ୍ରଥମ ଥର ଏହା ୩,୦୦୦ ଅତିକ୍ରମ କରିଛି। ଜାପାନର ଲୋକସଂଖ୍ୟା ପ୍ରାୟ ୧୨୫ ନିୟୁତ। ଦେଶରେ ମହାମାରୀକୁ ନିୟନ୍ତ୍ରଣରେ ରଖାଯାଇ ପାରିଛି। ଦେଶରେ କରୋନାରେ ଏପର୍ଯ୍ୟନ୍ତ ୨,୫୦୦ ଲୋକ ମୃତ୍ୟୁ ବରଣ କରିସାରିଛନ୍ତି।



ଅଲିମ୍ପିକ ଟର୍ଚ୍ଚ ରିଲେର ୧୦୦ ଦିନ ପୂର୍ବରୁ ଜାପାନର ସର୍ବୋଚ୍ଚ ଟାୱାର 'ଦି ଟୋକିଓ ସ୍କାଏଟ୍ରି'କୁ ମଙ୍ଗଳବାରଠାରୁ ଆଲୋକିତ କରାଯାଇଛି।

# ମୁଡି ସନରାଇଜର୍ସର କ୍ରିକେଟ ନିର୍ଦ୍ଦେଶକ

**ନୂଆଦିଲ୍ଲୀ, ୧୫।୧୨ (ପି.ଟି.):** କ୍ରିକେଟରରୁ କୋଚ୍ ହୋଇଥିବା ଅଷ୍ଟ୍ରେଲିଆର ଟମ୍ ମୁଡି ମଙ୍ଗଳବାର ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ଫ୍ରାଞ୍ଚାଇଜ୍ ସନରାଇଜର୍ସ ହାଇଦ୍ରାବାଦର କ୍ରିକେଟ ନିର୍ଦ୍ଦେଶକ ଭାବେ ନିଯୁକ୍ତି ପାଇଛନ୍ତି। ଏହି ୫୫ ବର୍ଷୀୟ ଅଷ୍ଟ୍ରେଲୀୟ ୨୦୧୯ ପର୍ଯ୍ୟନ୍ତ ୭ବର୍ଷ ଧରି ସନରାଇଜର୍ସର ଦାୟିତ୍ୱରେ ରହିଛନ୍ତି। ତାଙ୍କ ତତ୍ତ୍ୱାବଧାନରେ ଦଳ ୨୦୧୯ରେ ଟାଇଟଲ ବିଜୟୀ ହୋଇପାରିଥିଲା। ଗତବର୍ଷ ଜୁଲାଇରେ ଇଂଲଣ୍ଡର ବିଶ୍ୱକପ୍ ବିଜୟୀ କୋଚ୍ ଟ୍ରେଭର ବେଲିସ୍ କୋଚ୍ ଦାୟିତ୍ୱ ଗ୍ରହଣ କରିଥିଲେ। ମୁଡିଙ୍କ ୭ ବର୍ଷ କାର୍ଯ୍ୟକାଳରେ ସନରାଇଜର୍ସ ୫ଥର ଆଇପିଏଲ୍ କ୍ୱାଲିଫାୟର୍ସରେ ପହଞ୍ଚିପାରିଛି। ଚଳିତ ବର୍ଷର ଆଇପିଏ୍ଲ ସଂଯୁକ୍ତ ଆରବ ଏମିରେଟ୍ସରେ ଖେଳାଯାଇଥିଲା। ସନରାଇଜର୍ସ ତୃତୀୟ ଦଳ ଭାବେ ପ୍ଲେ-ଅଫ୍‌କୁ ଉନ୍ନୀତ ହୋଇଥିଲା। ଆବୁଧାବିର ଶେଖ ଜାୟେଦ କ୍ରିକେଟ ଷ୍ଟାଡିୟମରେ ଅନୁଷ୍ଠିତ କ୍ୱାଲିଫାୟର ୨ରେ ସେମାନେ ପରାଜିତ ହୋଇଯାଇଥିଲେ।

# ପଞ୍ଜାବ ସମ୍ଭାବ୍ୟ ଦଳରେ ଯୁବରାଜ ସିଂ

## ସୟଦ ମୁସ୍ତାକ ଅଲି ଟି୨୦



**ନୂଆଦିଲ୍ଲୀ, ୧୫।୧୨ (ପି.ଟି.)**

ଅବସରରୁ ଫେରିବା ଲାଗି ସମ୍ଭବତଃ ପ୍ରୟାସ କରୁଛନ୍ତି ବିଶ୍ୱକପ୍ ବିଜୟୀ ଭାରତର ପୂର୍ବତନ ଅଲରାଉଣ୍ଡର ଯୁବରାଜ ସିଂ। ସେ ପୁଣି ଘରୋଇ କ୍ରିକେଟ ଖେଳିବେ। ଆସନ୍ତା ମାସରେ ହେବାକୁଥିବା ସୟଦ ମୁସ୍ତାକ ଅଲି ଟି୨୦ ଟୁର୍ନାମେଣ୍ଟ ପାଇଁ ପଞ୍ଜାବର ୩୦ ଜଣିଆ ସମ୍ଭାବ୍ୟ ଖେଳାଳି ତାଲିକାରେ ତାଙ୍କ ନାମ ପ୍ରକାଶ ପାଇଛି। ୨୦୧୧ ବିଶ୍ୱକପ୍ ବିଜୟ ଅଭିଯାନରେ ଯୁବରାଜ ଥିଲେ ଭାରତର ଷ୍ଟାର ଖେଳାଳି। ଜୁନ୍‌ରେ ସେ ଅବସର ନେଇଥିଲେ। କିନ୍ତୁ ପଞ୍ଜାବ କ୍ରିକେଟ ଆସୋସିଏଶନ(ପିସିଏ) ସମ୍ପାଦକ ପୁନିତ ବାଲିଙ୍କ ଅନୁରୋଧ କ୍ରମେ ସେ ପୁଣି ନିଜ ରାଜ୍ୟ ତରଫରୁ ଖେଳିବାକୁ ଯାଉଛନ୍ତି। ୩୯ ବର୍ଷୀୟ ଏହି ବାମହାତୀ ବ୍ୟାଟ୍ସମ୍ୟାନ ଭାରତ ତରଫରୁ ୪୦ ଟେଷ୍ଟ ୩୦୪ ଅନ୍ତର୍ଜାତୀୟ ଦିନିକିଆ ଏବଂ ୫୮ ଅନ୍ତର୍ଜାତୀୟ ଟି୨୦ ଖେଳିଛନ୍ତି। ବର୍ତ୍ତମାନ ସେ ମୋହାଲିସ୍ଥିତ ପିସିଏ ଷ୍ଟାଡିୟମରେ ଅଭ୍ୟାସ ଚଳାଇଛନ୍ତି। ସେ ତାଙ୍କ ପ୍ରସ୍ତୁତି କାର୍ଯ୍ୟର ଏକ ଭିଡିଓ ସୋସିଆଲ ମିଡିଆରେ ପୋଷ୍ଟ କରିଛନ୍ତି। ଅବସର ନେବାପରେ ଯୁବରାଜ କାନାଡାରେ ଅନୁଷ୍ଠିତ ଗ୍ଲୋବାଲ ଟି୨୦ ଲିଗ୍‌ରେ ଭାଗ ନେଇଥିଲେ। ଘରୋଇ କ୍ରିକେଟ ଖେଳିବା ଲାଗି ସେ ଏବେ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର କ୍ଲିୟରାନ୍ସକୁ ଅପେକ୍ଷା କରି ରହିଛନ୍ତି।












3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ